# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୧୨/୨୦୧୯ (୧୬ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, October 12 / 2019 ★★

୧୫ଶ ଭାଗ ୨୯୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ବିକ୍ରି ହେଲା ଦୀପିକାଙ୍କ ଡ୍ରେସ୍**

ବଲିଉଡ୍ ମସ୍ତାନୀ ଦୀପିକା ପାଦୁକୋନ୍ ନିଜର ସବୁ ଡ୍ରେସ୍ ଫ୍ୟାନ୍ସଙ୍କୁ ବିକ୍ରି କରିବାକୁ ନିଜ ୱେବସାଇଟ୍‌ରେ ସମସ୍ତ ଟ୍ରେଣ୍ଡି କଲେକ୍ସନ୍‌ର ବିକ୍ରି ଆରମ୍ଭ କରିଛନ୍ତି। **୧୦**

**୧୫** **ଦ୍ୟୁତୀ ଭାଙ୍ଗିଲେ ଜାତୀୟ ରେକର୍ଡ**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦ୍ୟୁତୀ ଚାନ୍ଦ ମହିଳା ୧୦୦ ମିଟର ଇଭେଣ୍ଟରେ ୧୧.୨୨ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି।







*ନିୟମ ଓ ସର୍ତ୍ତାବଳୀ ଲାଗୁ

Contact Number - 9748164499, 7328829029, 7337254400

Authorised Dealer

CONSORTIUM AUTOMOBILES Khorda, Puri, Nayagarh, Kandhmal, Ganjam, Gajpati 7375087787

TRUPTI AUTOMOTIVES Angul, Jajpur, Dhenkanal, Cuttack, Jagatsinghpur, Kendrapada 7381040341, 9583040310

PAL MOVERS Balasore, Bhadrak, Mayurbhanj Keonjhar 9938619212, 8984368595

JALAN AUTOMOBILES Sambalpur, Deogarh, Jharsuguda, Sundergarh, Rourkela 7381020008, 7381062295

LAXMI SALES AND SERVICE Bargarh, Balangir, Sonepur, Boudh, Nuapda 8144917704, 8144917701

KALINGA AUTO SYNDICATE Koraput, Nabarangpur, Malkangiri, Kalahandi, Rayagada 9937167720, 7682826345


# ପରିଷଦ ଦିଅ, ରାଜ୍ୟ ସଭା ନିଅ

**ସୁନୀତ୍ ମିଶ୍ର**

ଭୁବନେଶ୍ୱର, ୧୧ ।୧୦

ଓଡ଼ିଶାରେ ବିଧାନ ପରିଷଦ ଗଠନ କରିବା ସକାଶେ ଶାସକ ବିଜେଡି ସବୁ ପ୍ରକାର ପ୍ରସ୍ତୁତି ଶେଷ କରିସାରିଛି। ଏ ସମ୍ପର୍କିତ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିସାରିଥିବା ବେଳେ ଗତବର୍ଷ ସେପ୍ଟେମ୍ବର ୬ ତାରିଖରେ ଏ ନେଇ ଏକ ସଂକଳ୍ପ ବିଧାନସଭାରେ ଗୃହୀତ ହୋଇଥିଲା। ଉକ୍ତ ସଂକଳ୍ପ କେନ୍ଦ୍ର ସରକାରଙ୍କ ନିକଟକୁ ମଧ୍ୟ ପଠାଇ ଦିଆଯାଇ ସାରିଛି। ଏହି ବିଲ୍ ପ୍ରଥମେ ଲୋକ ସଭା ଏବଂ ରାଜ୍ୟ ସଭାରେ ଗୃହୀତ ହେବାପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିଲେ ରାଜ୍ୟରେ ବିଧାନ ପରିଷଦ ଗଠନ ସମ୍ଭବ ହୋଇପାରିବ। ବିଧାନ ପରିଷଦ ଗଠନ ହେଲେ ଏଥିରେ ବିଧାନସଭା ସଦସ୍ୟଙ୍କ ସଂଖ୍ୟାର ଏକ ତୃତୀୟାଂଶ ସଭ୍ୟ ରହିବେ। ତେଣୁ ଯଦି ବିଧାନ ପରିଷଦ ଗଠନ ହୁଏ ତେବେ ହିସାବ ଅନୁଯାୟୀ ୪୯ଜଣ ସଦସ୍ୟ ଥଇଥାନ ହୋଇପାରିବେ, ଯାହା ବର୍ତ୍ତମାନ ବିଜେଡି ପାଇଁ ଏକ ପ୍ରକାର ନିତାନ୍ତ ଆବଶ୍ୟକ ହୋଇପଡିଛି। ଏହାକୁ ସମ୍ଭବ କରିବା ଲାଗି ଅର୍ଥାତ୍ ଲୋକ ସଭା ଏବଂ ରାଜ୍ୟ ସଭାରେ ଏହି ବିଲ୍ ପାରିତ କରାଇବା ପାଇଁ ବିଜେଡି ଓ ଭାଜପା ମଧ୍ୟରେ ଭିତିରି ବୁଝାମଣା ଶେଷ ହୋଇଥିବା ଚର୍ଚ୍ଚା ଆରମ୍ଭ ହୋଇଛି। ଆସନ୍ତା ବର୍ଷ ଏପ୍ରିଲ ଆରମ୍ଭରୁ ରାଜ୍ୟର ୪ଟି ରାଜ୍ୟ ସଭା ଆସନ ଖାଲି ହେବ। ଏଠାରେ ସୂଚନାଯୋଗ୍ୟ ଯେ, ଖାଲି ହେବାକୁ ଥିବା ଏହି ୪ଟି ରାଜ୍ୟ ସଭା ଆସନରେ କଂଗ୍ରେସର ରଞ୍ଜୀବ ବିଶ୍ୱାଳ, ବିଜେଡିର ନରେନ୍ଦ୍ର କୁମାର ସ୍ୱାଇଁ, ସରୋଜିନୀ ହେମ୍ବ୍ରମ ଏବଂ ନିକଟରେ ଇସ୍ତଫା ଦେଇଥିବା ଅନୁଭବ ମହାନ୍ତି ଅଛନ୍ତି। ଏହି ସମସ୍ତ ଆସନ ବିଧାନସଭାର ସଂଖ୍ୟା ଦୃଷ୍ଟିରୁ ବିଜେଡି ଖାତାକୁ ଯିବା ଏକ ପ୍ରକାର ନିଶ୍ଚିତ। ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନର ୪ଟି ଆସନ ମଧ୍ୟରୁ ଭାଜପା ୫୦ ପ୍ରତିଶତ ଅର୍ଥାତ୍ ୨ଟି ଆସନ ମାଗୁଛି। ଭାଜପାର ସମସ୍ୟା ହେଉଛି ରାଜ୍ୟ ସଭାରେ ସେମାନେ ସଂଖ୍ୟାଲଘୁ ଭାବେ ଅନ୍ୟ କ୍ଷୁଦ୍ର ଦଳ ଠାରୁ ସମର୍ଥନ ମାଗିବାକୁ ବାଧ୍ୟ ହେଉଛନ୍ତି। ସେଥିଲାଗି ରାଜ୍ୟ ସଭାରେ ୨ଟି ଆସନ ବୃଦ୍ଧି ମଧ୍ୟ ଭାଜପା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାଜପାର ଏହି ଲୋଭ ଦେଖି ବିଜେଡି ମଧ୍ୟ ନିଜର ରାଜନୈତିକ ଗୋଟି ଚାଳନା ଆରମ୍ଭ କରିଛି। ୨ଟି ଆସନ ଦେବା ପାଇଁ ପ୍ରସ୍ତୁତ ହୋଇଥିବା ବିଜେଡି ଏକ ପାଲଟା ପ୍ରସ୍ତାବ ଉପସ୍ଥାପନ କରିଛି। ବିଜେଡିର ଦାବି ହେଉଛି ପାର୍ଲାମେଣ୍ଟରେ ବିଧାନ ପରିଷଦ ବିଲ୍ ଗୃହୀତ କରାଇ ରାଷ୍ଟ୍ରପତିଙ୍କ ଅନୁମୋଦନ ଦିଆଇବାର ଦାୟିତ୍ୱ ଭାଜପା ନେଉ। ଆସନ୍ତା ନଭେମ୍ବର ଅଧା ବେଳକୁ ବସିବାକୁ ଥିବା ଶୀତକାଳୀନ ଅଧିବେଶନରେ ଏହା ପ୍ରଥମେ କରାଇବା ପାଇଁ ବିଜେଡି ଜିଦ୍ ଧରି ବସିଛି। ବିଜେଡି ରାଜ୍ୟରେ ୫ମ ଥର ସରକାର ଗଢିବା ପରେ ଟିକେଟରୁ ବଞ୍ଚିତ ହୋଇଥିବା ବହୁ ଅସନ୍ତୁଷ୍ଟ ନେତାଙ୍କୁ ବିଭିନ୍ନ ନିଗମ ଏବଂ ବିଭାଗୀୟ ଉପଦେଷ୍ଟା ପଦରେ ଥଇଥାନ କରିସାରିଛି। ତଥାପି ଏଥର ନିର୍ବାଚନରେ ହାରିଯାଇଥିବା ବହୁ ଟାଣୁଆ ନେତାଙ୍କ ସହିତ ଆଉ କିଛି ଟିକେଟରୁ ବଞ୍ଚିତ ଅସନ୍ତୁଷ୍ଟ ଥଇଥାନ ହୋଇପାରି ନାହାନ୍ତି। ଯେଉଁମାନଙ୍କୁ ଥଇଥାନ କରାଇବା ପାଇଁ ବିଜେଡି ପାଖରେ ଏକ ପ୍ରକାର ଭଲ ସୁଯୋଗ ଆସି ପହଞ୍ଚିଛି। ତେବେ ଥଇଥାନ ହୋଇପାରି ନ ଥିବା ନେତାଙ୍କ ମଧ୍ୟରେ ପୁଷ୍ପେନ୍ଦ୍ର ସିଂ ଦେଓ, ମହେଶ୍ୱର ମହାନ୍ତି, ସଞ୍ଜୟ କୁମାର ଦାସବର୍ମା, ରବି ନନ୍ଦ, ରବୀନ୍ଦ୍ର ଜେନା, କଳିକେଶ ନାରାୟଣ ସିଂଦେଓ, ଦେବାଶିଷ ସାମନ୍ତରାୟ, ନଳିନୀ ପ୍ରଧାନ, ଜୀବନ ପ୍ରଦୀପ ଦାସ, ଲାଲ ବିହାରୀ ହିମିରିକା, ଟିକେଟରୁ ବଞ୍ଚିତ ଥିବା ପ୍ରଭାସ ସିଂ, ଝିନ୍ନ ହିକକା, ସାନନ୍ଦ ମାରାଣ୍ଡି, କିଶୋର ତରାଇ ଏବଂ ସିପ୍ରା ମଲ୍ଲିକ ପ୍ରମୁଖ ରହିଛନ୍ତି। ଏହିସବୁ ନେତାଙ୍କୁ ଥଇଥାନ କରିବା ସକାଶେ ବିଜେଡି ଚିନ୍ତା କରୁଥିବା ବେଳେ ଭାଜପାର ପ୍ରସ୍ତାବ ଶାସକ ଦଳକୁ ଅଧିକ ସୁହାଇଛି। ଓଡ଼ିଶାରୁ ମୋଟ ୧୦ଟି ରାଜ୍ୟ ସଭା ଆସନ ରହିଛି। ସେଥିରୁ ୯ଟି ଆସନରେ ସଦସ୍ୟ ଥିବାବେଳେ ଗୋଟିଏ ଆସନ ଖାଲି ରହିଛି। ☞ପୃଷ୍ଠା-୪

# କୋହଲିଙ୍କ କରିସ୍ମା

- ଟେଷ୍ଟ ଦ୍ୱିଶତକ: ୭
- ଅନ୍ତର୍ଜାତୀୟ ଶତକ: ୬୯
- ଟେଷ୍ଟ ରନ: ୭୦୫୪
- ଅଧିନାୟକଭାବେ ଟେଷ୍ଟ ଶତକ: ୧୯



**ପୁଣେ, ୧୧।୧୦(ପି.ଟି.)**

ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଦ୍ୱିଶତକ ହାସଲ କରି ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ୩୩୬ ବଲ୍‌ରୁ ୩୩ ଚୌକା ଓ ୨ ଛକା ସହ ☞ପୃଷ୍ଠା-୪

## ଇଥିଓପିଆ ପ୍ରଧାନମନ୍ତ୍ରୀଙ୍କୁ ନୋବେଲ ଶାନ୍ତି ପୁରସ୍କାର



ଓସ୍‌ଲୋ, ୧୧।୧୦(ଏଏଫ୍‌ପି)

ଇଥିଓପିଆ ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ଅଲି ଚଳିତବର୍ଷର ନୋବେଲ ଶାନ୍ତି ପୁରସ୍କାର ପାଇବେ। ପଡ଼ୋଶୀ ରାଷ୍ଟ୍ର ଇରିଟ୍ରିଆ ସହିତ ଦୀର୍ଘଦିନର ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କରିବାରେ ଏହି ଦୂରଦର୍ଶୀ ତଥା ସଂସ୍କାରବାଦୀ ନେତାଙ୍କର ଉଲ୍ଲେଖନୀୟ ଅବଦାନ ଲାଗି ତାଙ୍କୁ ସର୍ବଶ୍ରେଷ୍ଠ ପୁରସ୍କାର ପାଇଁ ମନୋନୀତ କରାଯାଇଥିବା ନୋବେଲ କମିଟି ପକ୍ଷରୁ କୁହାଯାଇଛି। ଆସନ୍ତାବର୍ଷ ମେ'ରେ ☞ପୃଷ୍ଠା-୪

## ଆଜିର ସମ୍ପାଦକୀୟ

ଆମୂଳ ପରିବର୍ତ୍ତନ ସମ୍ଭାବନା

## ଆଜିର ମନ୍ତବ୍ୟ

ରାଫାଲ ଜେଟ୍ ପୂଜାବେଳେ ଚକା ତଳେ ଲେମ୍ବୁ ବ୍ୟବହାର କରାଯିବା ହେଉଛି ଭାରତୀୟ ସଂସ୍କୃତି।

**-ନିର୍ମଳା ସୀତାରାମନ୍, କେନ୍ଦ୍ର ଅର୍ଥମନ୍ତ୍ରୀ**

## କିଛି ତଥ୍ୟ

ଅକ୍ଟୋବର ୪ ସୁଦ୍ଧା ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୪.୨୪ ବିଲିୟନ ଡଲାର ବୃଦ୍ଧି ଘଟି ରେକର୍ଡ ଉଚ୍ଚ ସ୍ତର ୪୩୭.୮୩ ବିଲିୟନ ଡଲାର ଛୁଇଁଛି

**– ରିଜର୍ଭ ବ୍ୟାଙ୍କ**


Venky's CHICKEN

11.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 67 | 115 | 125 |
| CTC | 66 | 114 | 124 |
| DKL | 66 | 114 | 124 |
| BDK | 66 | 114 | 124 |
| BLS | 68 | 116 | 126 |
| ANG | 67 | 115 | 125 |
| BHM | 64 | 111 | 121 |

*Conditions Apply

Issued in the Interest of Consumers






DISTRIBUTOR:- KWALITY TRADERS, BHAVANI PATNA, 94370-70894





ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ



# ଆବଶ୍ୟକ ଅନୁଯାୟୀ ପୂରଣ ହେଉନି ଅଣ୍ଡା ଉତ୍ପାଦନ

**ଦୈନିକ ୮୫ଲକ୍ଷ ଅଣ୍ଡା ଆବଶ୍ୟକ, ଉତ୍ପାଦନ ହେଉଛି ୬୫ ଲକ୍ଷ**


ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ବିଶ୍ୱରେ ଚାଇନା ସର୍ବାଧିକ ଅଣ୍ଡା ଉତ୍ପାଦନ କରୁଥିବାବେଳେ ଭାରତ ତୃତୀୟ ସ୍ଥାନରେ ରହିଛି। ତେବେ ଅଣ୍ଡା ଉତ୍ପାଦନରେ ଆମ ରାଜ୍ୟ ଦେଶରେ ୧୧ତମ ସ୍ଥାନରେ ରହିଛି। ରାଜ୍ୟରେ ଦୈନିକ ଅଣ୍ଡା ଉତ୍ପାଦନ ୨୦୧୪-୧୫ ମସିହାରେ ୫୨ ଲକ୍ଷରୁ ବୃଦ୍ଧି ପାଇ ବର୍ତ୍ତମାନ ୬୫ ଲକ୍ଷରେ ପହଞ୍ଚିଛି। ତଥାପି ଅଣ୍ଡା ଆବଶ୍ୟକତା ମେଣ୍ଟାଇବାରେ ଓଡ଼ିଶା ଅସଫଳ ହୋଇଛି। ରାଜ୍ୟରେ ଦୈନିକ ୮୫ଲକ୍ଷ ଅଣ୍ଡା ଆବଶ୍ୟକତା ଥିବାବେଳେ ଓଡ଼ିଶାରୁ ୬୫ଲକ୍ଷ ଅଣ୍ଡା ଉତ୍ପାଦନ ହୋଇପାରୁଛି। ବାକି ୨୦ଲକ୍ଷ ଅଣ୍ଡା ପାଇଁ ଓଡ଼ିଶା ଏବେ ବି ଆନ୍ଧ୍ର ଉପରେ ନିର୍ଭର କରୁଛି। ଦେଶରେ ମୁଣ୍ଡପିଛା ବାର୍ଷିକ ୬୯ଟି ଅଣ୍ଡା ରହୁଥିବା ବେଳେ ଓଡ଼ିଶାରେ ୪୮ଟି ଅଣ୍ଡା ରହୁଛି। ଏହି ପରିସ୍ଥିତିରେ ଖୁବଶୀଘ୍ର ପରିବର୍ତ୍ତନ ଆସିବ ଏବଂ ଆଗାମୀ ବର୍ଷ ରାଜ୍ୟ ଏହାର ସମସ୍ତ ଆବଶ୍ୟକତା ମେଣ୍ଟାଇବ ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ଭେଟେରିନାରୀ ମହାବିଦ୍ୟାଳୟରେ ଶୁକ୍ରବାର ବିଶ୍ୱ ଅଣ୍ଡା ଦିବସ ପାଳନ ଅବସରରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସୂଚନାଯୋଗ୍ୟ, ଅଣ୍ଡା ଖାଇବାରେ ଭାରତ ବହୁତ ପଛରେ ପଡ଼ିଛି। ମେକ୍ସିକୋବାସୀ ବାର୍ଷିକ ୩୭୦ଟି ଅଣ୍ଡା ଖାଉଥିବାବେଳେ ଭାରତୀୟମାନେ ବାର୍ଷିକ ହାରାହାରି ୭୪ଟି ଅଣ୍ଡା ଖାଇଥାନ୍ତି। ଓଡ଼ିଶାବାସୀ ବାର୍ଷିକ ମାତ୍ର ୫୨ରୁ ୫୫ ଅଣ୍ଡା ଖାଇଥାନ୍ତି।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ, ଅଲ୍ ଓଡ଼ିଶା ପୋଲଟ୍ରି ଫାର୍ମର୍ସ ଆସୋସିଏଶନ୍ ଏବଂ ଅଲ୍ ଓଡ଼ିଶା ଲେୟର ଫାର୍ମର୍ସ ଆସୋସିଏଶନ୍‌ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଅଲ୍ ଓଡ଼ିଶା ଲେୟର ଫାର୍ମର୍ସ ଆସୋସିଏଶନ୍‌ର ଅଧ୍ୟକ୍ଷ ମାନସ ରଞ୍ଜନ ମଙ୍ଗରାଜ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଣ୍ଡା ଉତ୍ପାଦନ ବୃଦ୍ଧି ଏବଂ ଅଧିକ କୁକୁଡ଼ା ଫାର୍ମ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ କହିଥିଲେ, ରାଜ୍ୟରେ ବର୍ତ୍ତମାନ ୧୩୮ଟି ବ୍ୟବସାୟିକ ଲେୟର କୁକୁଡ଼ା ଫାର୍ମ ରହିଛି। ଆଗାମୀ ଦିନରେ ଆହୁରି ୧୦୦ଟି ଫାର୍ମ ପ୍ରତିଷ୍ଠା କରାଯିବ। ଉତ୍ସବରେ ଓୟୁଏଟି କୁଳପତି ଡ. ପବନ କୁମାର ଅଗ୍ରୱାଲ୍, ପ୍ରାଣୀସମ୍ପଦ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ରତ୍ନାକର ରାଉତ ପ୍ରମୁଖ ଯୋଗଦେଇଥିଲେ। ସଫଳ କୁକୁଡ଼ା ଉଦ୍ୟୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶା ପୋଲଟ୍ରି ଫାର୍ମର୍ସ ସଂଘ ସଭାପତି ଜ୍ୟୋତିକାନ୍ତ ମହାପାତ୍ର, ଉପଦେଷ୍ଟା ଅଶୋକ ପ୍ରଧାନ, ସମ୍ପାଦକ ପ୍ରଦ୍ୟୁମ୍ନ ପରିଡ଼ା, ଅଲ୍ ଓଡ଼ିଶା ଲେୟର ଫାର୍ମର୍ସ ଆସୋସିଏଶନ୍‌ର ସଭାପତି ବି. ବି. ଚୌହାନ ଓ ସମ୍ପାଦକ ଏଲ୍. ସରୋଜ ପାତ୍ର ଉପସ୍ଥିତ ଥିଲେ।

# ଶିଶୁ ଝୁଲଣ କେନ୍ଦ୍ରରୁ ଶିଶୁକନ୍ୟା ଉଦ୍ଧାର

**ସମ୍ବଲପୁର,୧୧।୧୦(ବ୍ୟୁରୋ):** ରାଜ୍ୟ ସରକାରଙ୍କ ଶିଶୁ ଝୁଲଣ ଯୋଜନା ସମ୍ବଲପୁର ଜିଲା ସଦର ଡାକ୍ତରଖାନାରେ ସଫଳ ରୂପାୟନ ନେଇଛି। ବର୍ଷକ ପୂର୍ବରୁ ଉଦ୍‌ଘାଟିତ ଏହି କେନ୍ଦ୍ରରୁ ଶୁକ୍ରବାର ଏକ ନବଜାତ ଶିଶୁ କନ୍ୟାକୁ ଉଦ୍ଧାର କରାଯାଇଛି। କେନ୍ଦ୍ର ଦାୟିତ୍ୱରେ ଥିବା ନର୍ସଙ୍କଠାରୁ ଖବର ପାଇ ଜିଲା ଶିଶୁ ସୁରକ୍ଷା ବିଭାଗ ନବଜାତକଙ୍କୁ ଉଦ୍ଧାର କରିଛି । ସମସ୍ତ ପ୍ରକ୍ରିୟା ଶେଷ କରି ଧମା ନିକଟସ୍ଥ ରୁକ୍ମିଣୀ ଲାଠ ବାଳ ନିକେତନରେ ଶିଶୁଟିକୁ ଲାଳନପାଳନ ପାଇଁ ରଖାଯାଇଛି। ଜିଲା ସଦର ଡାକ୍ତରଖାନର ଶିଶୁ ଝୁଲଣ କେନ୍ଦ୍ରରେ ଲାଗିଥିବା ଝୁଲଣରେ ଏକ ଶିଶୁ କନ୍ୟା ଥିବା ନେଇ ଜିଲା ଶିଶୁ ସୁରକ୍ଷା ବିଭାଗ ପାଖକୁ ସୂଚନା ଆସିଥିଲା। ଜିଲାପାଳ ଶୁଭମ୍ ସକ୍‌ସେନାଙ୍କୁ ବିଭାଗ ପକ୍ଷରୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଏହାପରେ ବିଭାଗ ପକ୍ଷରୁ ଉତ୍ତମ ପ୍ରଧାନ ଓ ବବିତା କର କେନ୍ଦ୍ରରେ ପହଞ୍ଚି ଶିଶୁକୁ ଉଦ୍ଧାର କରିଥିଲେ। ଶିଶୁ ବିଶେଷଜ୍ଞ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ତାକୁ ବାଳ ନିକେତନକୁ ପଠାଇ ଦିଆଯାଇଛି। ଶିଶୁଟି ଦିନେ ଦୁଇଦିନ ଭିତରେ ଜନ୍ମ ନେଇଥିବା ଅନୁମାନ କରାଯାଉଛି। ଜଣେ ଅଧିକାରୀ କହିଛନ୍ତି ଯେ, ସମାଜରେ କୁମାରୀ ମାତୃତ୍ୱ ସଂଖ୍ୟା ବଢୁଛି। ଅବୈଧ ସମ୍ପର୍କ ହେତୁ କେହି କୁମାରୀ ସନ୍ତାନ ପ୍ରସବ କଲେ ସାମାଜିକ ଭୟରେ ଏଣେତେଣେ ନବଜାତକଟିକୁ ଫିଙ୍ଗି ଦେବାକୁ ବାଧ ହୁଏ। ନିଜ ପରିବାର ବି ଗ୍ରହଣ କରେନି। ସେହିଭଳି ମାନସିକ ଭାରସାମ୍ୟ ହରାଇ ରାସ୍ତାକଡରେ ବୁଲୁଥିବା ମହିଳା ବି ସନ୍ତାନ ଜନ୍ମ ଦେବାର ଉଦାହରଣ ରହିଛି। ଏହାସହ ଗରିବୀ ଯୋଗୁ ଅନେକ ମହିଳା ନିଜ ନବ ଜାତକକୁ ରାସ୍ତାକଡ, ଜଙ୍ଗଲ, ବୁଦାମୂଳରେ ଫିଙ୍ଗି ଦେବା ଗଣମାଧ୍ୟମରେ ଲୋକଲୋଚନକୁ ଆସେ। ଏ ସବୁ ନବଜାତକର ଜୀବନ ବଞ୍ଚି ପାରେନି। ଅମୂଲ୍ୟ ଜୀବନ ଚାଲିଯାଏ। କାଉ, କୁକୁର ଝୁଣି ଖାଇଯାଆନ୍ତି। ଏଣୁ ଏଭଳି ନିଷ୍ପାପ ଶିଶୁଙ୍କ ସୁରକ୍ଷା ପାଇଁ ସରକାର ଶିଶୁ ଝୁଲଣ କେନ୍ଦ୍ର ଖୋଲିଛନ୍ତି। ସମ୍ବଲପୁର ଜିଲାର ପ୍ରାୟ ୧୦ଟି ସ୍ୱାସ୍ଥ୍ୟ କେନ୍ଦ୍ରରେ ଏଭଳି କେନ୍ଦ୍ର ରହିଛି। ଏଭଳି ନବଜାତକଙ୍କୁ କେହି ବି ପାଇଲେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ କେନ୍ଦ୍ରରେ ଥିବା ଝୁଲଣ କେନ୍ଦ୍ରର ଝୁଲଣରେ ବିନା ସଙ୍କୋଚ ଓ ବିନା ଭୟରେ ରଖି ଦେଇ ଯାଇପାରିବେ। ଫଳରେ ନବଜାତକର ଜୀବନ ବଞ୍ଚିଯିବ। କେନ୍ଦ୍ର ଦାୟିତ୍ୱରେ ଥିବା କର୍ମଚାରୀ ଶିଶୁଟିର ଆବଶ୍ୟକ ପରୀକ୍ଷା ନୀରିକ୍ଷା କରାଇ ଶିଶୁଟିକୁ ଶିଶୁଯତ୍ନଗୃହରେ ରଖିବାର ବ୍ୟବସ୍ଥା କରିବେ। ସେଠାରୁ କେହି ତାଙ୍କୁ ପୌଷ୍ୟ ସନ୍ତାନ ଭାବେ ଚାହିଁଲେ ସରକାରୀ ବ୍ୟବସ୍ଥା ଅନୁସାରେ ଗ୍ରହଣ କରିପାରିବେ।




ନର୍ସ ନୀହାରିକା ହତ୍ୟା ମାମଲାରେ ଓଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

# ଡିସିପି, ଏସ୍‌ପି ତଦନ୍ତ କରି ରିପୋର୍ଟ ଦିଅନ୍ତୁ

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)



ନର୍ସ ନୀହାରିକା ପାତ୍ର ହତ୍ୟା ଘଟଣାକୁ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଗୁରୁତ୍ୱର ସହ ନେଇଛନ୍ତି। ଏହି ମାମଲାର ଶୁଣାଣି ପାଇଁ କମିଶନ କଟକ ଡିସିପି ଏବଂ ଜଗତସିଂହପୁର ଏସ୍‌ପିଙ୍କୁ ବ୍ୟକ୍ତିଗତ ଭାବେ ତଦନ୍ତ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅକ୍ଟୋବର ୨୮ତାରିଖ ସୁଦ୍ଧା ଏହି ମାମଲାର କେସ୍ ଡାଏରୀ ଏବଂ ଅନ୍ୟ ଆନୁଷଙ୍ଗିକ ରିପୋର୍ଟ ଜଣେ ଅଭିଜ୍ଞ ଅଫିସରଙ୍କ ହାତରେ କମିଶନଙ୍କ କାର୍ଯ୍ୟାଳୟକୁ ପଠାଇବା ପାଇଁ କୁହାଯାଇଛି। ଓଏଚ୍‌ଆର୍‌ସିର ଅଧ୍ୟକ୍ଷ ବିମଳ ପ୍ରସାଦ ଦାଶ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କ ଖଣ୍ଡପୀଠ ଏହି ମାମଲାର ବିଚାର କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ରିପୋର୍ଟ ମିଳିବା ପରେ ମାମଲାର ପରବର୍ତ୍ତୀ ଶୁଣାଣି ଚାଲିବ ବୋଲି ଜଣାପଡ଼ିଛି। ଏହି ହତ୍ୟା ଘଟଣାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଦାବି କରି ମାନବିକ ଅଧିକାର କର୍ମୀ ପ୍ରଦୀପ୍ତ ନାୟକ ଗତ ୪ ତାରିଖରେ ଓଏଚ୍‌ଆର୍‌ସିଙ୍କ କାର୍ଯ୍ୟାଳୟରେ ଏକ ପିଟିଶନ ଦାୟର କରିଥିଲେ। ଉକ୍ତ ଘଟଣାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ଏବଂ ନୀହାରିକାଙ୍କୁ ଗଣବଳାତ୍କାର କରାଯାଇ ହତ୍ୟା କରାଯାଇଥିବା ସେ ଅଭିଯୋଗ କରିଥିଲେ। ଏହାର କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କଲେ ସତ ପଦାକୁ ଆସିବ ବୋଲି ସେ ଦର୍ଶାଇଥିଲେ। ଏପରିକି, ନୀହାରିକାଙ୍କ ମା' ଓ ବାପା କମିଶନଙ୍କ କାର୍ଯ୍ୟାଳୟରେ ଅଭିଯୋଗ ଦେବା ଦିନ ସେମାନଙ୍କୁ ନ୍ୟାୟ ଦରକାର ବୋଲି କହିଥିଲେ।

ସୂଚନାଯୋଗ୍ୟ, ନୀହାରିକାଙ୍କୁ ଅଭିଯୁକ୍ତ ତଥା ହାଜିପୁରର କିଶୋର ଚନ୍ଦ୍ର ଆଞ୍ଚଲ ଭଲ ପାଉଥିଲେ। କିଶୋର ବେକାର ଥିବାରୁ ନୀହାରିକା ତାଙ୍କୁ ବିବାହ କରିବାକୁ ଚାହୁଁ ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗୁଥିଲା। ତେଣୁ ନୀହାରିକାଙ୍କୁ ରାସ୍ତାରୁ ହଟାଇବା ପାଇଁ କିଶୋର ଯୋଜନା କରିଥିଲେ। ସେ ଗତମାସ ୮ତାରିଖରେ ତାଙ୍କ ତଣ୍ଟି ଚିପି ହତ୍ୟା କରି ବସ୍ତାରେ ବାନ୍ଧି ବିରିଡ଼ିର ବିଲୁଆଖାଇ ନଦୀପଠାରେ ଫିଙ୍ଗି ଦେଇଥିଲେ।

# ଲିପିକାଙ୍କ ଲକ୍ଷ୍ୟ ଏଭରେଷ୍ଟ ଆରୋହଣ

**ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଡାଳବ ଗାଁର ଝିଅ ଲିପିକା ସେଟ୍‌। ବୟସ ୨୪ ବର୍ଷ। ମା ଅନସୂୟା ଓ ବାପା ଲକ୍ଷ୍ମଣଙ୍କ ଝିଅ ଲିପିକା ଜଣେ ପର୍ବାତାରୋହୀ ଭାବେ କେବଳ ଜିଲା କିମ୍ବା ରାଜ୍ୟ ନୁହେଁ, ସାରା ଦେଶରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଆଫ୍ରିକା ମହାଦେଶର ସର୍ବୋଚ୍ଚ ଶୃଙ୍ଗ କିଲିମାଞ୍ଜାରୋ (୫୮୯୫ ମିଟର)କୁ ସଫଳତାର ସହିତ ଆରୋହଣ କରିବା ପରେ ଗତ ୫ତାରିଖରେ ଋଷିଆର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁସ (୫୬୪୨ମିଟର) ଉପରକୁ ଆରୋହଣ କରିବା ସହିତ ସେଠାରେ ତ୍ରିରଙ୍ଗା ପତାକା ଉଡ଼ାଇ ଶୁକ୍ରବାର ଓଡ଼ିଶା ଫେରିଛନ୍ତି। ପର୍ବତାରୋହଣ ସମ୍ପର୍କରେ ଲିପିକାଙ୍କୁ ଆମେ କିଛି ପ୍ରଶ୍ନ ପଚାରିଥିଲୁ। ସେ ଯାହା କହିଲେ, ତାକୁ ନେଇ ଏକ ଉପସ୍ଥାପନା।**



ମା ଓ ଶୁଭେଚ୍ଛୁଙ୍କ ଗହଣରେ ଲିପିକା।

**▸ ପିଲାବେଳୁ ଆପଣଙ୍କ ଲକ୍ଷ୍ୟ କଣ ଥିଲା ?**

● ସେନାବାହିନୀ(ଡିଫେନ୍ସ)ରେ ଯୋଗଦେବି ଏବଂ ଦେଶସେବା କରିବି । ଏହା ପିଲାବେଳୁ ମୋର ଲକ୍ଷ୍ୟ ରହିଥିଲା।

**▸ ପର୍ବତାରୋହଣ ପ୍ରତି କିଭଳି ଆଗ୍ରହ ହେଲା ?**

● ୨୦୧୩ରେ ଏକ ଏନସିସି କ୍ୟାମ୍ପରେ ଅଂଶଗ୍ରହଣ କରିଥିଲି। ସେହି ସମୟରୁ ଜଣେ ପର୍ବତାରୋହୀ ହେବାକୁ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା।

**▸ ଏଲବ୍ରୁସ ଶୃଙ୍ଗ ଆରୋହଣରେ ସଫଳ ହେବା ପରେ କେମିତି ଲାଗୁଛି ?**

● ବହୁତ ଖୁସି ଲାଗୁଛି, ସମସ୍ତଙ୍କଠାରୁ ପ୍ରଥମ ହେଲି।

**▸ ଏଲବ୍ରୁସ ଶୃଙ୍ଗ ଆରୋହଣ ସମୟର କିଛି ଅନୁଭୂତି ?**

● ପର୍ବତାରୋହଣ ବେଳେ ପାଖରେ ଖାଇବା, ପିଇବା ପାଇଁ କିଛି ନ ଥିଲା। ଫଳରେ ମୋତେ ତଳକୁ ଯିବାକୁ କୁହାଯାଇଥିଲା । କିନ୍ତୁ ମୋର କିଛି ହେବ ନାହିଁ ବୋଲି ମୁଁ ଦୃଢ଼ୋକ୍ତି କରିଥିଲି ଏବଂ ନିଜକୁ ଚ୍ୟାଲେଞ୍ଜ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲି।

**▸ ଆପଣଙ୍କ ଏହି ସଫଳତାରେ ଆଦର୍ଶ କିଏ ?**

● ମା, ବାପା ଓ ମାଉସୀ। ସେହିପରି ମୋର ଅନେକ ଶୁଭେଚ୍ଛୁ ସବୁବେଳେ ମୋତେ ଉତ୍ସାହ ଦେଇ ଆସିଛନ୍ତି ।

**▸ ପର୍ବତାରୋହଣ ପାଇଁ ରାଜ୍ୟରେ ପ୍ରଶିକ୍ଷଣ କେନ୍ଦ୍ର ନାହିଁ, କଣ କହିବେ ?**

● ମୁଁ ତ କାଶ୍ମୀରରେ ପ୍ରଶିକ୍ଷଣ ନେଇଥିଲି। ଆମ ରାଜ୍ୟରେ ମଧ୍ୟ ଏଭଳି ପ୍ରଶିକ୍ଷଣ କେନ୍ଦ୍ର ହେବା କଥା। ଏହା ହେଲେ ଆଗକୁ ଏ କ୍ଷେତ୍ରରେ ଅନେକ ପ୍ରତିଭା ସଫଳତା ହାସଲ କରିପାରିବେ।

**▸ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ କଣ କରାଯିବା ଦରକାର ?**

● କ୍ରୀଡ଼ା ପାଇଁ ଅନେକ କାର୍ଯ୍ୟକ୍ରମ ରହିଛି। ହେଲେ ଦୁଃସାହିତ କ୍ରୀଡ଼ା ପାଇଁ ଏଠାରେ କିଛି ନାହିଁ । ସରକାର ତାକୁ ଯଥେଷ୍ଟ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

**▸ ଆଗକୁ ଆପଣଙ୍କର ଆଉ କିଛି ଲକ୍ଷ୍ୟ ରହିଛି?**

● ମାଉଣ୍ଟ ଏଭରେଷ୍ଟ ଏବଂ ଆମେରିକାର ଆକାଙ୍କାଗୋ ଶୃଙ୍ଗ ଆରୋହଣ କରିବି ବୋଲି ଲକ୍ଷ୍ୟ ରଖିଛି।

ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍




# ବଣାଇ ବିଇଓ ନିଲମ୍ବିତ

- ପିଲା ଡାଲମା ଭାତ, ବିଇଓ ଭଜା ଓ ମାଂସ ଭାତ ଖାଇବା ଘଟଣା
- ଭିଡିଓ ଭାଇରାଲ ପରେ ଚର୍ଚ୍ଚା, ଜିଲାପାଳଙ୍କ କାର୍ଯ୍ୟାନୁଷ୍ଠାନ

ବଣାଇ, ୧୧।୧୦(ସ୍ୱ.ପ୍ର.)

ସୁନ୍ଦରଗଡ଼ ଜିଲା ବଣାଇ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ବିନୟ ପ୍ରକାଶ ସଏ ପିଲାଙ୍କ ସହିତ ବସି ମଧ୍ୟାହ୍ନଭୋଜନ ଖାଉଥିବାର ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି। ପିଲା ଡାଲମା ଭାତ, ବିଇଓ ବିଭିନ୍ନ ଭଜା ଓ ଚିକେନ୍ ଭାତ ଖାଉଥିବାରୁ ଏହା ସବୁଠି ଚର୍ଚ୍ଚା ହୋଇଛି। ବିଇଓଙ୍କ ଏଭଳି ଖାଇବା ଶୈଳୀକୁ ନିନ୍ଦା କରାଯାଇଛି। ମଧ୍ୟାହ୍ନଭୋଜନ ତାଲିକା ବାହାର ଖାଦ୍ୟ ଖାଇଥିବାରୁ ବିଇଓଙ୍କୁ ସୁନ୍ଦରଗଡ଼ ଜିଲାପାଳ ଶୁକ୍ରବାର କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଚିଠିର ନକଲ ପଠାଯାଇଛି।

ଗତ ୩ ତାରିଖରେ ବିଇଓ ସଏ ପିଠାଚୋରା ପଞ୍ଚାୟତର ତିଲେଇମାଲ ବିଦ୍ୟାଳୟକୁ ପରିଦର୍ଶନ କରିବାକୁ ଯାଇଥିଲେ। ସେଠାରେ ପରିଦର୍ଶନ କାର୍ଯ୍ୟ ସମାପ୍ତ କରିବା ପରେ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମଧ୍ୟାହ୍ନଭୋଜନ ଖାଦ୍ୟକୁ ପରଖିଥିଲେ। ସେ ତଳେ ବସି ଛାତ୍ରୀଛାତ୍ରଙ୍କ ସହିତ ଖାଇଥିଲେ। ପିଲାଙ୍କ ଥାଳିରେ କେବଳ ଡାଲମା ଭାତ ରହିଥିଲା। ମାତ୍ର ଶିକ୍ଷା ଅଧିକାରୀଙ୍କ ଖାଇବା ଥାଳିରେ ଭାତ ସହିତ ଚିକେନ୍ ଏବଂ ବିଭିନ୍ନ ଭଜା ଖାଦ୍ୟ ରହିଥିଲା। ସେ ଏହାକୁ ଖାଇବା ସମୟରେ କେହି ଜଣେ ଫଟୋ ଉଠାଇ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଭାଇରାଲ ପରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏ ବିଷୟରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ସେ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପରଖିଥିଲେ, ମାତ୍ର ସେଠାରେ ଚିକେନ କିମ୍ବା ମଟନ ତାଙ୍କ ଥାଳିରେ ନ ଥିବା ପ୍ରକାଶ କରିଛନ୍ତି। ତାଙ୍କ କହିବା ମୁତାବକ କେବଳ ଭାତ ଡାଲି ସହିତ ବିଭିନ୍ନ ପ୍ରକାର ଭଜା ଖାଦ୍ୟ ରହିଥିଲା। ଏହାକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଘରୁ ରୋଷେଇ କରି ଆଣି ତାଙ୍କୁ ଖାଇବାକୁ ଦେଇଥିବା ସେ କହିଛନ୍ତି। ତେବେ ତାଙ୍କ କାର୍ଯ୍ୟାଳୟର ଦୁଇଜଣ କିରାଣିଙ୍କ ଦରମା ବନ୍ଦ କରିବାରୁ ସେମାନେ ଆକ୍ରୋଶମୂଳକ ଭାବେ ତାଙ୍କୁ ବଦନାମ କରିବା ପାଇଁ ଏଭଳି ଷଡ଼ଯନ୍ତ୍ର ରଚିଥିବା କହିଛନ୍ତି। ଯେକୌଣସି ତଦନ୍ତକୁ ସ୍ୱାଗତ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ମତାମତ ମିଳିପାରି ନାହିଁ।



ବଣାଇ ବିଇଓ ପିଲାଙ୍କ ସହିତ ବସି ମଧ୍ୟାହ୍ନଭୋଜନ ଖାଉଛନ୍ତି।

# ଆଇଆର୍‌ଆର୍‌ଆଇ ଯିବେ ଓୟୁଏଟିର ୫ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ଉଚ୍ଚତର ଜ୍ଞାନ ଆହରଣ ନିମନ୍ତେ ଶନିବାର ପ୍ରଥମ ଥର ପାଇଁ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ୫ ଛାତ୍ରୀଛାତ୍ର ଫିଲିପାଇନ୍ସସ୍ଥିତ ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର(ଆଇଆର୍‌ଆର୍‌ଆଇ) ଯିବେ। ସେଠାରେ ୧୫ଦିନ ଧରି ଛାତ୍ରୀଛାତ୍ରମାନେ ଧାନ ଚାଷରେ ଯାନ୍ତ୍ରିକୀକରଣ, ଫସଲ ଅମଳ ପରବର୍ତ୍ତୀ ପ୍ରଯୁକ୍ତି ବିଦ୍ୟା ଉପରେ ଜ୍ଞାନ ଆହରଣ କରିବେ। ସେଠାରୁ ଫେରିବା ପରେ ଆହରଣ କରିଥିବା ଜ୍ଞାନ ଓ ଅନୁଭୂତିକୁ ଛାତ୍ରୀଛାତ୍ରମାନେ ଆଇସିଏଆର୍ ମୁଖ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ସେମିନାରରେ ଉପସ୍ଥାପନା କରିବେ। ସୂଚନାଯୋଗ୍ୟ, ଓୟୁଏଟିର ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ରାଷ୍ଟ୍ରୀୟ ଉଚ୍ଚତର କୃଷି ଶିକ୍ଷା ପ୍ରକଳ୍ପ ଅଧୀନରେ ଅତ୍ୟାଧୁନିକ ତାଲିମ୍ ଓ ଶିକ୍ଷା ପାଇଁ ବିଦେଶ ପଠାଯିବାର ବ୍ୟବସ୍ଥା କରାଯାଇଛି। ଏହି ପ୍ରକଳ୍ପ ଅଧୀନରେ ପ୍ରତି ବର୍ଷ ୨୫ ଛାତ୍ରୀଛାତ୍ର ଓ ୨୫ ଅଧ୍ୟାପକଙ୍କୁ ବିଦେଶ ପଠାଯିବ। ଏନେଇ ଭାରତ ସରକାର ଓ ବିଶ୍ୱ ବ୍ୟାଙ୍କ୍ ତରଫରୁ ଓୟୁଏଟି ସମେତ ଭାରତର ୮ କୃଷି ବିଶ୍ୱବିଦ୍ୟାଳୟକୁ ସହାୟତା ଯୋଗାଇ ଦିଆଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କ ଅତ୍ୟାଧୁନିକ ଶିକ୍ଷା ଓ ତାଲିମ୍ ପାଇଁ ୫ କୋଟି ୪୨ ଲକ୍ଷ ଟଙ୍କାର ଖର୍ଚ୍ଚ ଧାର୍ଯ୍ୟ କରାଯାଇଛି। ତେବେ ପ୍ରଥମ ପର୍ଯ୍ୟାୟରେ ଓୟୁଏଟିର ୨ ଛାତ୍ରୀ ଓ ୩ ଛାତ୍ର ଫିଲିପାଇନ୍ସ ଯାଉଛନ୍ତି। ଏହି କ୍ରମରେ ଆସନ୍ତା ତିନି ବର୍ଷ ମଧ୍ୟରେ ୭୫ ଅଧ୍ୟାପକ ଓ ୭୫ ଛାତ୍ରୀଛାତ୍ରଙ୍କୁ ଉଚ୍ଚତର ଜ୍ଞାନ ଆହରଣ ନିମନ୍ତେ ବିଦେଶ ପଠାଯିବ। ଶୁକ୍ରବାର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।










# କେଆଇଏଫ୍‌ଏଫ୍‌ରେ ପ୍ରଦର୍ଶିତ ହେବ 'ପାଟଣାଗଡ଼'

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣା ଉପରେ ନିର୍ମିତ ବହୁଭାଷୀ ଫିଲ୍ମ 'ପାଟଣାଗଡ଼' ଆସନ୍ତା ନଭେମ୍ବର ୮ରେ ସମଗ୍ର ବିଶ୍ୱରେ ରିଲିଜ ହେବ। ଏହାସହ ଫିଲ୍ମଟି ଆସନ୍ତା ନଭେମ୍ବର ୮ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୨୫ତମ କୋଲକାତା ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ(କେଆଇଏଫ୍‌ଏଫ୍)ରେ ପ୍ରଦର୍ଶିତ ହେବାକୁ ମନୋନୀତ ହୋଇଛି। ଓଡ଼ିଆ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ

**ନଭେମ୍ବର ୮ରେ ବିଶ୍ୱସ୍ତରରେ ରିଲିଜ ହେବ ଫିଲ୍ମ**

ରିଲିଜ ହେବାକୁ ଥିବା ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ବଲିଉଡ୍ ଅଭିନେତା ଅତୁଲ୍ କୁଲକର୍ଣ୍ଣୀ, ଯଶପାଲ ଶର୍ମା, ଓଡ଼ିଆ ଅଭିନେତା ମନୋଜ ମିଶ୍ର, ପୁଷ୍ପା ପଣ୍ଡା, ଅନୁ ଚୌଧୁରୀ, ତେଲୁଗୁ ଅଭିନେତା ଥନିକେଲ୍ଲା ଭାରାଣୀ ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ୨୦୧୮ ଫେବୃୟାରୀ ୨୩ରେ ପାଟଣାଗଡ଼ର ବହୁଚର୍ଚ୍ଚିତ ପାର୍ସଲ ବୋମା ଘଟଣା ଉପରେ ଫିଲ୍ମର କାହାଣୀ ଆଧାରିତ। ଘଟଣାର ମୁଖ୍ୟ ଅପରାଧୀ ପୁଞ୍ଜିଲାଲ ମେହେର ଭୂମିକାରେ ନଜରକୁ ଆସିବେ ଲୋକପ୍ରିୟ ଅଭିନେତା ମନୋଜ ମିଶ୍ର। ସେହିପରି ସେତେବେଳେ ମାମଲାର ତଦନ୍ତକାରୀ ଅଧିକାରୀ ଥିବା ଓଡ଼ିଶା କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରାଙ୍କ ଭୂମିକାରେ ଅଭିନୟ କରିଛନ୍ତି ଲୋକପ୍ରିୟ ବଲିଉଡ୍ ଅଭିନେତା ଅତୁଲ୍ କୁଲକର୍ଣ୍ଣୀ। ତଦନ୍ତ କରି ବୋଥ୍ରା କିପରି ଘଟଣାର ପର୍ଦ୍ଦାଫାଶ କରିଥିଲେ ଏବଂ ପାର୍ସଲ ବୋମା ପଠାଇଥିବା ଅପରାଧୀକୁ ଖୋଜି ବାହାର କରିଥିଲେ ତାହାକୁ ନିଜ ଦମ୍‌ଦାର ଅଭିନୟ ମାଧ୍ୟମରେ ଉପସ୍ଥାପନ କରିବେ ଅତୁଲ୍। ପୂର୍ବରୁ ସେ କ୍ରାଇମ୍ ପାଟ୍ରୋଲ ଓ ସାବଧାନ ଇଣ୍ଡିଆ ଭଳି ଶୋ'ରେ ପୋଲିସର ଭୂମିକାରେ ଅଭିନୟ କରି ବେଶ୍ ଲୋକପ୍ରିୟତା ଅର୍ଜନ କରିଛନ୍ତି। ଫିଲ୍ମର ପ୍ରଯୋଜନା ଶ୍ରୀଧର ମାର୍ଥା କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ରାଜେଶ ଟଚରିଭର୍। 'ପାଟଣାଗଡ଼' ଫିଲ୍ମର ସିନେମାଟୋଗ୍ରାଫି ସହ କାହାଣୀ ଦମ୍‌ଦାର ହୋଇଥିବାରୁ ଏହା କେବଳ ଓଡ଼ିଶାରେ ନୁହେଁ, ରାଜ୍ୟ ବାହାରେ ମଧ୍ୟ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶକ୍ତି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ଗୀତିଦର୍ଶନୀ ପାଣିଗ୍ରାହୀ



ସଞ୍ଜୟ କୁମାର ପଣ୍ଡା

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଲୋକ ସଭା ବାଚସ୍ପତିଙ୍କ ଦ୍ୱାରା ଗଠିତ କମିଟିରେ ସୂର୍ଯ୍ୟ

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

ଲୋକ ସଭା ବାଚସ୍ପତି ତଥା ଅଖିଳ ଭାରତ ବାଚସ୍ପତିମାନଙ୍କ ସମ୍ମିଳନୀର ଅଧ୍ୟକ୍ଷ ଓମ୍ ବିର୍ଲା ଦେଶର ୭ଟି ବିଧାନସଭାର ବାଚସ୍ପତିଙ୍କୁ ନେଇ ଏକ କମିଟି ଗଠନ କରିଛନ୍ତି। ଏହି କମିଟିରେ ଓଡ଼ିଶା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ବ୍ୟତୀତ ଆସାମ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ପୁଡୁଚେରୀ ବିଧାନସଭାର ବାଚସ୍ପତିମାନେ ମଧ୍ୟ ଏହାର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି କମିଟି ବିଧାନସଭାଗୁଡିକର କାର୍ଯ୍ୟ ପରିଚାଳନାରେ ବ୍ୟବହୃତ ହେଉଥିବା କମ୍ପ୍ୟୁଟର ଓ ସୂଚନା ପ୍ରଯୁକ୍ତିର ମୂଲ୍ୟାୟନ କରିବେ। ଏ ଦିଗରେ ଆଗାମୀ ପଦକ୍ଷେପ ସମ୍ପର୍କରେ ପ୍ରସ୍ତାବ ଦେବେ।

## ପ୍ରଥମ ପୃଷ୍ଠାରୁ...

### କୋହଲିଙ୍କ ...

୨୫୪ ରନରେ ଅପରାଜିତ ରହିଥିବା ସର୍ବାଧିକ ଦ୍ୱିଶତକ ହାସଲ କରିବାରେ ବିରାଟ କିମ୍ବଦନ୍ତୀ ଖେଳାଳି ସଚିନ ତେନ୍ଦୁଲକର ଓ ବୀରେନ୍ଦ୍ର ସେହ୍ୱାଗଙ୍କ ରେକର୍ଡ ଭାଙ୍ଗିଛନ୍ତି। ଭାରତୀୟ କ୍ରିକେଟ ଇତିହାସରେ ସେ ପ୍ରଥମ ଖେଳାଳି ଭାବେ ୭ଟି ଦ୍ୱିଶତକ ହାସଲ କରିଛନ୍ତି। ଅନ୍ତର୍ଜାତୀୟ କ୍ରିକେଟରେ ବିରାଟଙ୍କ ଶତକ ସଂଖ୍ୟା ୬୯(ଟେଷ୍ଟରେ ୨୬, ଦିନିକିଆରେ ୪୩)ରେ ପହଞ୍ଚିଛି। ଦ୍ୱିଶତକ ହାସଲ କରିବା ପୂର୍ବରୁ ସେ କିଛି ସମୟ ପାଇଁ କିମ୍ବଦନ୍ତୀ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ଡନ୍ ବ୍ରାଡ୍‌ମ୍ୟାନଙ୍କ ରେକର୍ଡ ମଧ୍ୟ ଭାଙ୍ଗିଥିଲେ। ବ୍ରାଡ୍‌ମ୍ୟାନ ୮ ଥର ୧୫୦ରୁ ୧୯୯ ମଧ୍ୟରେ ରନ କରିଥିବାବେଳେ କୋହଲି ୯ମ ଥରପାଇଁ ଏହି ସଂଖ୍ୟା ଅତିକ୍ରମ କରିଥିଲେ। ତେବେ ଦ୍ୱିଶତକ ହାସଲ କ୍ଷେତ୍ରରେ ବ୍ରାଡ୍‌ମ୍ୟାନ(୧୨ଟି)ଙ୍କଠାରୁ ଅନେକ ପଛରେ ରହିଛନ୍ତି ଭାରତୀୟ ଅଧିନାୟକ ବିରାଟ(୭ଟି)। ଶ୍ରୀଲଙ୍କାର କୁମାର ସଙ୍ଗକାରା ୧୧ ଏବଂ ୱେଷ୍ଟଇଣ୍ଡିଜର ବ୍ରାଏନ ଲାରା ୯ ଦ୍ୱିଶତକ ହାସଲ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ୭ ଦ୍ୱିଶତକ ସହ କୋହଲି ଇଂଲଣ୍ଡର ୱାଲି ହାମଣ୍ଡ ଓ ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନେଙ୍କ ସମକକ୍ଷ ହୋଇ ମିଳିତଭାବେ ୪ର୍ଥ ସ୍ଥାନରେ ରହିଛନ୍ତି। ସର୍ବାଧିକ ଟେଷ୍ଟ ରନ ସଂଗ୍ରହ କ୍ଷେତ୍ରରେ ବ୍ରାଡ୍‌ମ୍ୟାନଙ୍କୁ ପଛରେ ପକାଇ ଦେଇଛନ୍ତି ବିରାଟ। ବ୍ରାଡ୍‌ମ୍ୟାନ ଟେଷ୍ଟରେ ୬,୯୯୬ ରନ କରିଥିବାବେଳେ କୋହଲି ୭୦୦୦ ରନ ଅତିକ୍ରମ କରି ଯାଇଛନ୍ତି। ଏଥିସହ ୩୦ ବର୍ଷୀୟ କୋହଲି ଟେଷ୍ଟରେ ସର୍ବାଧିକ ରନ ସ୍କୋର କରିଥିବା ଟପ୍-୫୦ ଖେଳାଳି ତାଲିକାରେ ପ୍ରବେଶ କରିଛନ୍ତି। ୧୫,୯୨୧ ରନ ସହ ତେନ୍ଦୁଲକର ଏହି ତାଲିକାର ଶୀର୍ଷରେ ଅଛନ୍ତି। ଦ୍ୱିଶତକ ହାସଲ ପଥରେ କୋହଲି ଟେଷ୍ଟ ଅଧିନାୟକ ଭାବେ ସର୍ବାଧିକ ଶତକ ହାସଲ କରିବାରେ ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ ରିକି ପଣ୍ଟିଂଙ୍କ ସମକକ୍ଷ ହୋଇଛନ୍ତି। ଉଭୟ କୋହଲି ଓ ପଣ୍ଟିଂ ଅଧିନାୟକ ଭାବେ ୧୯ଟି ଲେଖାଏ ଶତକ ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ଗ୍ରେମ୍ ସ୍ମିଥ ୨୫ଶତକ ସହ ଏହି ତାଲିକାର ଶୀର୍ଷରେ ରହିଛନ୍ତି।

### ଇଥିଓପିଆ ପ୍ରଧାନମନ୍ତ୍ରୀଙ୍କୁ ...

ଇଥିଓପିଆ ପାର୍ଲାମେଣ୍ଟ ନିର୍ବାଚନ ଥିଲାବେଳେ ସାମ୍ପ୍ରଦାୟିକ ହିଂସାକୁ ନେଇ ଚିନ୍ତିତ ଥିବା ଏହି ସର୍ବକନିଷ୍ଠ ଆଫ୍ରିକୀୟ ନେତାଙ୍କ ପାଇଁ ନୋବେଲ ପୁରସ୍କାର ଏକ ବଡ଼ ସଫଳତା। ନୋବେଲ ପୁରସ୍କାର ପାଇଁ ମନୋନୀତ ହୋଇଥିବା ଖବର ଶୁଣି ସେ ଅତ୍ୟନ୍ତ ଆନନ୍ଦିତ। ଏହି ପୁରସ୍କାର ଇଥିଓପିଆ ଓ ସମଗ୍ର ଆଫ୍ରିକା ପାଇଁ ବୋଲି ଅବି କହିବା ସହିତ ଅନ୍ୟ ଆଫ୍ରିକୀୟ ନେତାମାନଙ୍କୁ ଶାନ୍ତି ପ୍ରତିଷ୍ଠା ଦିଗରେ କାର୍ଯ୍ୟ କରିବା ଲାଗି ଏହା ଅନୁପ୍ରାଣିତ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଅବି ଅହମ୍ମଦଙ୍କ ଦେଶ ଭାବେ ଇଥିଓପିଆ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ୨୦୧୮ ଏପ୍ରିଲରେ କ୍ଷମତାକୁ ଆସିବା ପରେ ୪୩ ବର୍ଷୀୟ ଅବି ଅହମ୍ମଦ ଦୀର୍ଘବର୍ଷ ଧରି ଲାଗିରହିଥିବା ଅଶାନ୍ତି ଓ ସୀମା ବିବାଦର ସମାଧାନ ଲାଗି କେତେକ ନୂତନ ନୀତି ଆପଣାଇଥିଲେ। ସେହିବର୍ଷ ଜୁଲାଇ ୯ରେ ଇରିଟ୍ରିଆ ରାଜଧାନୀ ଆସ୍‌ମାରାରେ ସେଠାକାର ରାଷ୍ଟ୍ରପତି ଇସାଇଆସ୍ ଆଫୱେର୍କିଙ୍କ ସହ ଏକ ଐତିହାସିକ ବୈଠକ ହୋଇଥିଲା। ଏଥିରେ ଦୁଇଦେଶ ମଧ୍ୟରେ ଥିବା ୨୦ ବର୍ଷର ସୀମାବିବାଦର ପରିସମାପ୍ତି ହୋଇଥିଲା। ଜେଲ୍‌ରେ ଥିବା ବିରୋଧୀମାନଙ୍କୁ ଅବି ତୁରନ୍ତ ମୁକ୍ତ କରିଦେବା ସହ ଦେଶରେ ଦେଖାଦେଇଥିବା ହିଂସାକାଣ୍ଡ ଲାଗି କ୍ଷମା ମାଗିଥିଲେ ଓ ନିର୍ବାସିତ ସଶସ୍ତ୍ର ଗୋଷ୍ଠୀକୁ ସ୍ୱାଗତ କରିଥିଲେ। ତାଙ୍କର ଏହି କାର୍ଯ୍ୟ ହିଂସାପ୍ରବଣ ଆଫ୍ରିକୀୟ ଅଞ୍ଚଳରେ ଶାନ୍ତି ସ୍ଥାପନ ଦିଗରେ ଆଶା ସଞ୍ଚାର କରିଥିଲା।

### ପରିଷଦ ଦିଅ, ...

ଅନୁଭବ ମହାନ୍ତି କେନ୍ଦ୍ରାପଡା ଲୋକ ସଭା ଆସନରୁ ଲଢି ବିଜୟୀ ହେବା ପରେ ସେ ରାଜ୍ୟ ସଭାରୁ ଇସ୍ତଫା ଦେଇସାରିଛନ୍ତି। ଯେହେତୁ ତାଙ୍କ କାର୍ଯ୍ୟକାଳ ବର୍ଷକରୁ କମ୍ ସମୟ ଥିଲା ସେଥିଲାଗି ଏହି ଆସନରେ ନିର୍ବାଚନ କରାଯାଇନାହିଁ। ୨୦୨୦ ଏପ୍ରିଲ ୨ରେ ଓଡ଼ିଶାରୁ ୪ଟି ରାଜ୍ୟ ସଭା ଆସନ ଖାଲି ହେବ। ସରୋଜିନୀ ହେମ୍ବ୍ରମ, ରଞ୍ଜୀବ ବିଶ୍ୱାଳ, ନରେନ୍ଦ୍ର କୁମାର ସ୍ୱାଇଁ ଏବଂ ଅନୁଭବ ମହାନ୍ତିଙ୍କ କାର୍ଯ୍ୟାକାଳ ଏହି ସମୟରେ ସରିବ। ତେଣୁ ଏହି ୪ଟି ପଦ ପାଇଁ ନିର୍ବାଚନ ହେବ। ରାଜ୍ୟ ସଭା ଭୋଟ ଫର୍ମୁଲା ଅନୁଯାୟୀ, ଓଡ଼ିଶାରେ ହେବାକୁ ଥିବା ରାଜ୍ୟ ସଭା ନିର୍ବାଚନ ସମୟରେ ଗୋଟିଏ ପ୍ରାର୍ଥୀ ଲାଗି ୩୦ଟି ଲେଖାଏ ଭୋଟର ଆବଶ୍ୟକତା ରହିଛି। ଅର୍ଥାତ୍ ଖାଲି ହେବାକୁ ଥିବା ୪ଟି ଆସନ ମଧ୍ୟରୁ ୩ଟିରେ ବିଜେଡି ସୁବିଧାରେ ବିଜୟୀ ହୋଇଯିବ। ଆଉ ଗୋଟିଏ ଆସନ ଲାଗି ଭାଜପା ପାଖରେ ୨୩ ସଂଖ୍ୟା ଥିଲେ ମଧ୍ୟ ଏହି ଆସନଟି ବିଜେଡି ହାତେଇବା ଲାଗି ବହୁ ବାଟ ରହିଛି। ଏଭଳି ଘଟଣା କିଛି ନୂଆ ନୁହେଁ। ଗତଥର ୩ଟି ରାଜ୍ୟ ସଭା ଆସନ ହାତେଇବାର ସକ୍ଷମତା ଥାଇ ସୁଦ୍ଧା ଗୋଟିଏ ଆସନ ଭାଜପା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ଛାଡିଥିଲା। ଆସନ୍ତା ୨୧ରେ ହରିୟାଣା ଏବଂ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଆସନ୍ତା ୨୭ ତାରିଖ ସୁଦ୍ଧା ଏହି ଦୁଇ ରାଜ୍ୟ ସହିତ ଅନ୍ୟ କେତେଗୁଡିଏ ରାଜ୍ୟର ଖାଲିଥିବା ଆସନ ପାଇଁ ଉପନିର୍ବାଚନର ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ବାଚନ କମିଶନ ଘୋଷଣା କରିଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ ସଂସଦର ଶୀତକାଳୀନ ଅଧିବେଶନ ନଭେମ୍ବର ଅଧାରୁ ଆରମ୍ଭ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ଏହି ସମୟରେ ଓଡ଼ିଶାର ବିଧାନ ପରିଷଦ ବିଲ୍ ପାରିତ କରାଇବାକୁ ବିଜେଡି ଜିଦ୍ ଧରି ବସିଛି। ସଂସଦର ଶୀତକାଳୀନ ଅଧିବେଶନ ପରେ ବଜେଟ୍ ଅଧିବେଶନ ଅନୁଷ୍ଠିତ ହେବ। ଏହା ଭାଜପା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ରହିବ। ଏହିସବୁ ଅଧିବେଶନରେ ଆଞ୍ଚଳିକ ଦଳଗୁଡିକର ସମର୍ଥନ ବାରମ୍ବାର ଲୋଡିବା ଅପେକ୍ଷା ବିଜେଡିର ବିଧାନ ପରିଷଦ ବିଲ୍ ପାରିତ ନେଇ ଆସିଥିବା ପ୍ରସ୍ତାବକୁ ସମର୍ଥନ କରି ଦୁଇଟି ରାଜ୍ୟ ସଭା ଆସନ ହାତେଇବାକୁ ଭାଜପା ଅଧିକ ପସନ୍ଦ କରୁଥିବା ଜଣାପଡିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଦ୍ୱାଦଶଚନ୍ଦ୍ର ହେତୁ ଦୂରଯାତ୍ରା କରିପାରନ୍ତି, କିନ୍ତୁ ଆପଣ ଭୁଲ୍ ନିଷ୍ପତ୍ତି ନେଇ ପଶ୍ଚାତ୍ତେ ଅନୁତାପ କରିବେ। ଅବଶ୍ୟ ସାମାନ୍ୟ ବିଳମ୍ବିତ ସମୟରେ ଚେଷ୍ଟା କରୁଥିବା ଦିଗରୁ ଧନ ପାଇ ଖୁସି ହୋଇପାରନ୍ତି। ପରିବାର, ଯାନବାହନ, ପରିବହନ ଏବଂ ବାଣିଜ୍ୟ, ଶିଳ୍ପକ୍ଷେତ୍ରରେ ମଧ୍ୟ ଶିଥିଳତା ଦେଖାଦେଇପାରେ। ପରିବାରର ବିଗତ ଦିନର ସମସ୍ୟାଗୁଡ଼ିକର ସମାଧାନ ପାଇଁ ଚେଷ୍ଟା କରିବେ।

**ବୃଷ** ଶୁଭଗ୍ରହ ପ୍ରଭାବରେ ଆଦୌ ଆଶା କରି ନ ଥିବା କୌଣସି ଜିନିଷ କିମ୍ବା ଖବର ପାଇ ଖୁସି ହୋଇଯିବେ। କିନ୍ତୁ ଅନ୍ୟଦ୍ୱାରା ପ୍ରଭାବିତ ହେଲେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ହାତକୁ ନେଇଥିବା ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ କଠୋର ଶ୍ରମ କରିବାକୁ ପଡ଼ିପାରେ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ର ମନ୍ଦ ହେବନି।

**ମିଥୁନ** ଆଜିର ଯାତ୍ରା ସମୟରେ କୌଣସି ଅପରିଚିତଙ୍କ କଥାକୁ ବିଶ୍ୱାସକରି ହଇରାଣରେ ପଡ଼ିଯାଇପାରନ୍ତି। ପାରିବାରିକ କ୍ଷେତ୍ରରେ ଗତକାଲିର କଳି ତକରାଳ ବିଷୟର ପର୍ଯ୍ୟାଲୋଚନା କରି ଅନ୍ୟମନସ୍କ ରହିବେ। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ ସିନା ଶୁଭଫଳ ପାଇପାରିବେ ନାହିଁ। ଅପରାହ୍ନେ ଦୀର୍ଘଦିନର ଆଶା ଫଳବତୀ ହେବ।

**କର୍କଟ** ଚନ୍ଦ୍ରଙ୍କ ପ୍ରଭାବରେ ଚେଷ୍ଟା କରୁଥିବା କାର୍ଯ୍ୟ ସାଧନରେ ନିଜର ଲୋକମାନଙ୍କ ତରଫରୁ ସହଯୋଗ ପାଇବେନି। ଯାନବାହନ, ବ୍ୟବସାୟ ଓ ବାଣିଜ୍ୟରୁ ଲାଭବାନ୍ ହେବେ ଓ ପରିସ୍ଥିତି ବଦଳିଯିବାରୁ ଏକପ୍ରକାର ଖୁସି ଅନୁଭବ କରିବେ। ନିର୍ମାଣାଧୀନ ଗୃହ, ରାସ୍ତାକାମ ହଠାତ୍ କିଛିଦିନ ସକାଶେ ଅଟକି ରହିଯାଇପାରେ।

**ସିଂହ** କର୍ମକ୍ଷେତ୍ରରେ ଅଟକି ରହିଥିବା କାମଗୁଡ଼ିକ ଆଜି ହିଁ ଶେଷ କରିବାକୁ ମନସ୍ଥକରି ସଫଳତା ହାସଲ କରିପାରିବେ। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ମନ ଏକ ପ୍ରକାର ହାଲୁକା ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିଶେଷ ଉନ୍ନତି କରି କେତେକାଂଶରେ ଋଣମୁକ୍ତ ହେବା ସୂଚନା ରହିଛି।

**କନ୍ୟା** ପାପଗ୍ରହଜନିତ ବିଭିନ୍ନ ପ୍ରକାର କାମରେ ଅନୁପ୍ରବେଶ କରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କର୍ମକ୍ଷେତ୍ରରେ ଏକ ସାଧାରଣ ଘଟଣାରେ ଉଚ୍ଚବାଚ ଓ ବିତର୍କ ଘଟିପାରେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିବେ, କିନ୍ତୁ କୌଣସି ଉପାୟ ପାଇବେ ନାହିଁ। ରୋଗ, ଋଣ ଓ ଶତ୍ରୁତା ବିଷୟ ଚିନ୍ତନରେ ସମୟ କାଟିବେ।

**ତୁଳା** ଆପଣ ଅନ୍ୟମାନଙ୍କ ସକାଶେ ଯେତିକି ସହଜ ଓ ସୁବିଧାରେ କାମଟିଏ ସମ୍ପନ୍ନ କରିପାରିବେ ନିଜ ପାଇଁ ସେତିକି କରିପାରିବେ ନାହିଁ। ଆଶା କରୁଥିବା ଦିଗରୁ ଅର୍ଥ ପାଇବେ, କିନ୍ତୁ ଏଥିପାଇଁ ଆପଣଙ୍କୁ ସାମାନ୍ୟ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଆବଶ୍ୟକତା ପୂରଣ କରିବା ସକାଶେ ପର ପାଖରେ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ।

**ବିଛା** ଦୂରଯାତ୍ରା ଜନିତ ଆଜି କର୍ମବ୍ୟସ୍ତତା ମଧ୍ୟରେ ଦିନସାରା ଟେନ୍‌ସନ ଲାଗିରହିବା କାରଣରୁ ମାନସିକ ସ୍ଥିତି ଠିକ୍ ରହିବନାହିଁ। ବ୍ୟବସାୟିକ କାରବାର ବୃଦ୍ଧି ହେତୁ ଆର୍ଥିକ ସ୍ୱଚ୍ଛଳତା ଫେରି ଆସିବା କାରଣରୁ ସାମୟିକ ଆତ୍ମତୃପ୍ତି ଲାଭକରିବେ। ପଡ଼ୋଶୀଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବାର ସୁଯୋଗ ପାଇବେ।

**ଧନୁ** ଆକସ୍ମିକ କଚେରି ମାମଲାର ଟେନ୍‌ସନ ଓ କର୍ମକ୍ଷେତ୍ରରେ ଅସ୍ଥିରତା ମାନସିକ ଅଶାନ୍ତିର କାରଣ ହୋଇପାରେ। ସଭାସମିତିରେ ଏପରି କିଛି ପ୍ରସ୍ତାବ ମାନ ଦେବେ ଯାହାକି ବନ୍ଧୁମାନଙ୍କ ମନକୁ ବେଶ୍ ପାଇବ। ପ୍ରଶାସନ, ପ୍ରକାଶନ, ଏଜେନ୍ସିପ୍, ଗଣମାଧ୍ୟମ, ବେତାର, ଆଇନ ଅଦାଲତ କ୍ଷେତ୍ରରେ ଶୁଭଫଳ ପାଇପାରନ୍ତି।

**ମକର** ଯେତେ ପ୍ରକାର ଭଲ କାମ କଲେ ମଧ୍ୟ ଅସୁସ୍ଥତା ଓ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତାରେ ମନ ଭାରାକ୍ରାନ୍ତ ରହିବ। ଲୋକସମ୍ପର୍କ ବୃଦ୍ଧି ସକାଶେ ନୂତନ ଉପାୟ ଖୋଜି ବାହାର କରିବାରେ ସମର୍ଥ ହେବେ। ପ୍ରତୀକ୍ଷା କରିଥିବା କୌଣସି ଖବର ମଧ୍ୟାହ୍ନ ପରେ ପାଇ ଖୁସି ହୋଇପାରନ୍ତି। ପାରିବାରିକ ସମସ୍ୟା ଭିତରେ ପିଲାଙ୍କ ବିଷୟ ନେଇ ବ୍ୟସ୍ତତା ବଢ଼ିବ ।

**କୁମ୍ଭ** ଆଜି ଅନୁକୂଳ ବାତାବରଣ ମଧ୍ୟରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେବେ ଓ ପାରିବେ ମଧ୍ୟ। ଆନୁଷ୍ଠାନିକ କାମରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ପରିବାରରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହେବା ସମ୍ଭାବନାକୁ ଏଡ଼ିହେବ ନାହିଁ।

**ମୀନ** ଆଜି ପରିବାର କଥା ନେଇ ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଲୋଚନାକରି ସମାଧାନରେ ଉପନୀତ ହୋଇପାରନ୍ତି। ବ୍ୟବସାୟ ଏବଂ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ମଧ୍ୟ ଦୂରହୋଇଯିବ। ବନ୍ଧୁମିଳନରୁ ଆନନ୍ଦିତ ହେବେ ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିବେ। ଆତ୍ମୀୟଙ୍କ ସହ ଜମିଜମାକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

ଆଜି ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀ ଶନିବାର, ଅକ୍ଟୋବର ୧୨ ତାରିଖ, ରାଶି ନକ୍ଷତ୍ର-ଉତ୍ତରଭାଦ୍ରପଦ/ମୀନ, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ଦିବା ଘ୬।୩୦ମି. ମଧ୍ୟେ ଘ୭।୦୬ମି. ଗତେ, ଘ୯।୩୬ମି. ମଧ୍ୟେ ଘ୧୧।୫୪ମି. ଗତେ, ଘ୨।୫୮ମି. ମଧ୍ୟେ ଅମୃତବେଳା। ଦିବା ଘ୭।୧୧ମି. ଗତେ ଘ୮।୩୮ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ୮।୩୮ମି. ଗତେ ଘ୧୦।୦୬ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

**Gharabari boundary plot Infocity-2 near 200ft. road side. Direct owner- 8144391451.** D-66786

ଭୁବନେଶ୍ୱର ଉତ୍ତରା KEC କଲେଜ ପାଖରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-14666

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-14430

Yellowzone plots Badagada Canal road 1600/-, Simplex Tankapani Road 27,40,000/-, Simplex BJEM-(2) 15,80,000/, plots available at Jharapada, Pipili 7735738102. D-14732

**Fully developed Gated community boundarywall plot sale near Uttara Gudiapokhari also 3BHK flat available Hanspal- 9238902929, 7992736330.** D- 66789

Dec. 2019 handover 2/3BHK flats at Bhubaneswar, Jagannath Nagar Lane: 9078263828. D-14737

**ଭୁବନେଶ୍ୱର ପାତ୍ରପଡ଼ା NH side Amber ପଛପଟେ 3200 sqft. gharabari yellowzone plot boundary ଥାଇ sqft. 2650/-ରେ ମିଳୁଅଛି। 7894207092.** D-66794

4BHK duplex with gated community at Balianta (land-1400, construction- 2200@ 55lakhs/ 2600@ 65lakhs) Mplanets: 9938219397, 9861022055. D-14645

**Gated plotting project near Sum Hospital and Janla Infovally square. 7008818121.** D-66796

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14726

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14725

**ଭୁବନେଶ୍ୱର Patia Railway Stationରୁ 1.5k.m ବାସୋପଯୋଗୀ plot 50x30=1500sqft. 6,75,000/- immediate registration/ possession. 9937032327, 9583328312.** D-66788




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14724




Two BHK house for rent at Uttara, 8875004555. D-14731

2 Bedroom house with drawing, puja, kitchen near Khandagiri, Bhubaneswar. Contact: 9437051142. D-14733

Open space 12000sqft for rent at Puri bypass, 7500 RCC godown at canal road Hanspal, 9437002484, 9348236615. D- 14635

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ
କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ)
ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




India's No.1 Packers- Leo Packers & Movers since 1975, Nationwide Network- 9438133699. D-14664




Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Monalisa Massage Club: All types body massage with hiprofile smart lady rooms service available- 9708545108. D-14703

Newly open full body massage by ladies, gents therapist. 8018656899 D-60842

Ayurvedic full body massage by ladies, gents therapist. 7008773793 D-60843

Full body herbal massage with refreshment expert therapist. 7381239385, 06742540855. D-68128

Experience full body massage with us (expert). Call: 7377048581, 06742597822. D-68129

Herbal full body massage by smart / expert therapist. Contact: 8338067247. D-68130

Summer special mesmerizing offer expert therapeutic refreshing massage appointment. 9668374480. D-68131

Refresh your mind and soul with best therapy at Orchid Salon/ Spa. 9937287222. D-66977

Ayurvedic herbal body massage trend therapist. Mob: 8018246332. D-66978




ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14633

## AFFIDAVIT

The names Rekha Gupta and Parbati Gupta refers to the same person, W/o- Mahendra Kumar Gupta R/o- Nuakhairpali, Bargarh, Odisha. D-14728

By virtue of an affidavit before Notary, Mathhura, Uttar Pradesh, I Sradhanjali Mohanty D.O.B- 22.02.1994 has changed my name Sradhanjali Mahanty to Sradhanjali Mohanty for all purposes. D-61063

By virtue an affidavit in the court of Executive Magistrate, Kuarmunda, I Sonia Rajak (44), W/o- Sanjaya Kumar Ram Vill- Kuarmunda, P.S- Biramitrapur, Dist- Sundargarh do hereby solemnly affirm that after marriage my name in my Bank A/c and LIC policy has been mentioned as Sonia Ram instead of Sonia Rajak. Both the names stands for same person i.e. myself. D-14736

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ପାରିବାରିକ କଳହରୁ ଛୁରା ମାଡ଼

ଛେଣ୍ଡିପଦା,୧୧।୧୦(ସ୍ୱ.ପ୍ର.)- ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ହାଟପଦା ପଡିଆ ନିକଟରେ ପାରିବାରିକ କଳହକୁ ନେଇ ଛୁରାମାଡ଼ରେ ଶୁକ୍ରବାର ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ହାଟପଦା ପଡିଆରେ ରହୁଥିବା ଭିକୁ ମାଝି। ପୋଲିସ ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ଭିକୁ ଓ ସ୍ତ୍ରୀ ସୁନିଁଆ ମାଝିଙ୍କ ମଧରେ ଗୁରୁବାର ଝଗଡା ହୋଇଥିଲା। ସୁନିଁଆଙ୍କ ଭାଇ ଅର୍ଜୁନ ମାଝି ଓ ସମ୍ପର୍କୀୟ ଭିଣୋଇ ନରି ମାଝି ବୁଝାଶୁଝା ପାଇଁ ସେଠାରେ ପହଞ୍ଚିଥିଲେ ହେଁ ବିବାଦ ଉଗ୍ରରୂପ ନେଇଥିଲା। ନରି ଓ ଅର୍ଜୁନ ଭିକୁଙ୍କ ଛାତିରେ ଛୁରା ମାଡ଼ କରିଥିବା ନେଇ ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଅର୍ଜୁନ ଓ ନରି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି।










# ‘ମୁଖ୍ୟମନ୍ତ୍ରୀ ବିଜେପୁରବାସୀଙ୍କୁ ପ୍ରତାରିତ କରିଛନ୍ତି’

ବରଗଡ଼ ଅଫିସ/ଗାଇସିଲେଟ୍/ବିଜେପୁର/ବରପାଲି,୧୧।୧୦



ବରପାଲି ବ୍ଲକ ଆଗଲପୁରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟ ଭାଜପା ନେତୃବୃନ୍ଦ।

ବିଜେପୁର ନିର୍ବାଚନ ମଣ୍ଡଳୀର ବିକାଶ ଦାୟିତ୍ୱ ସେ ନିଜେ ନେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୦୧୮ ଉପନିର୍ବାଚନ ଅବ୍ୟବହିତ ପୂର୍ବରୁ କହି ଆସିଛନ୍ତି। ବିଜେପୁରବାସୀ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କଥାକୁ ଭରସା କରି ଭୋଟ୍ ଦେଇଥିଲେ। ହେଲେ ସେ ଜିତିଯିବା ପରେ ବିଜେପୁରର ବିକାଶ କୁଆଡ଼େ ଗଲା ବୋଲି ଶୁକ୍ରବାର ନିର୍ବାଚନୀ ପ୍ରଚାର ଗସ୍ତରେ ଆସି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗାଇସିଲେଟ୍ ବ୍ଲକର ତାଲପାଲି ଏବଂ ବରପାଲି ବ୍ଲକର ଆଗଲପୁରରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ଲମ୍ବା ସମୟ ଧରି ଶାସନରେ ଅଛନ୍ତି। କିନ୍ତୁ ହିଞ୍ଜିଳି ଆସନରୁ ନ ଓହରି ବିଜେପୁର ଆସନକୁ ଛାଡ଼ିଦେଲେ। ଏଭଳି ଆଉ ଏକ ନିର୍ବାଚନ ବୋଝ ଲଦି ଦେଇ ବିକାଶ ଆଳରେ ଛଳନା ତଥା ବିଜେପୁରବାସୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରତାରିତ କରିଛନ୍ତି ବୋଲି ଧର୍ମେନ୍ଦ୍ର କହିଥିଲେ।

ବିଜେପୁର ନିର୍ବାଚନ ମଣ୍ଡଳୀର ତାଲପାଲି ଗ୍ରାମରୁ ଧର୍ମେନ୍ଦ୍ର ଦଳୀୟ ପ୍ରାର୍ଥୀ ସନତ ଗଡ଼ତିଆଙ୍କ ପାଇଁ ପ୍ରଚାର ଆରମ୍ଭ କରିଥିଲେ। ସେଠାରେ ସେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରିବା ସହିତ ରାଜ୍ୟ ସରକାରଙ୍କ ମୋ ସରକାର ଯୋଜନାକୁ ମଧ୍ୟ ସମାଲୋଚନା କରିଥିଲେ। ଏହି ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ରାଜ୍ୟରେ କେଉଁ ସରକାରଙ୍କ ଶାସନ ଚାଲିଥିଲା ବୋଲି କହିବା ସହିତ ଦୁର୍ନୀତିଗ୍ରସ୍ତ, ଚିଟଫଣ୍ଡ ଚୋର ନା ଓଡ଼ିଆ ଲୋକଙ୍କୁ ଠକୁଥିବା ଲୋକଙ୍କର ସରକାର ଚାଲିଥିଲା ବୋଲି ସେ ପ୍ରଶ୍ନ କରିଥିଲେ। ମୋ ସରକାର ଯୋଜନାରେ ଯାଜପୁର ଜିଲାରେ ଏସପି ଡାକ୍ତରଖାନା ତଦାରଖ କରୁଛନ୍ତି। ତେବେ ଡାକ୍ତରଖାନା ତଦାରଖ ପାଇଁ ଜିଲାପାଳ କୁଆଡ଼େ ଗଲେ ବୋଲି ମଧ୍ୟ ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ବିଜେପୁର ନିର୍ବାଚନ ମଣ୍ଡଳୀର ବିକାଶ ଦାୟିତ୍ୱ ନିଜେ ତଦାରଖ କରିବେ ବୋଲି ବିଗତ ନିର୍ବାଚନରୁ କହି ଆସୁଛନ୍ତି। ହେଲେ ଏଠାରେ ଏବେସୁଦ୍ଧା ଲୋକଙ୍କ ଘରକୁ ପାନୀୟଜଳ ପହଞ୍ଚି ପାରି ନ ଥିବାବେଳେ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରି ନାହିଁ। ଅନ୍ୟପଟେ ଗଙ୍ଗାଧର ଜଳସେଚନ ପ୍ରକଳ୍ପ ଏପର୍ଯ୍ୟନ୍ତ ଆଗେଇ ପାରି ନାହିଁ। ଯୁବକଙ୍କୁ ରୋଜଗାର ମଧ୍ୟ ମିଳିପାରି ନ ଥିବା ଧର୍ମେନ୍ଦ୍ର କହିଥିଲେ। ଅପରପକ୍ଷେ ନରେନ୍ଦ୍ର ମୋଦି ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢ଼ଗୁଣା ବୃଦ୍ଧି କରିଥିବା ସତ୍ତ୍ୱେ ଏଠାରେ ଧାନ କୁଇଣ୍ଟାଲ ପ୍ରତି ୧୨୦୦ ଟଙ୍କାରେ ବିକ୍ରି ହେଉଛି ବୋଲି ସେ କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ବୋନସ କଥା ଘୋଷଣାରେ ରହିଯାଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ପାଖଲୋକ ଏବଂ ନେତାଙ୍କ ପାଖକୁ କାଳିଆ ଟଙ୍କା ପହଞ୍ଚିଛି ବୋଲି ଧର୍ମେନ୍ଦ୍ର କହିଥିଲେ।

ଏଭଳି ସ୍ଥିତିରେ ଯିଏ କାମ କରୁଛି, ତାକୁ ଭରସା କରିବା ଦରକାର ଏବଂ ଯିଏ ପ୍ରତାରଣା କରୁଛି, ତାକୁ ନୁହେଁ ବୋଲି କହି ଦଳୀୟ ପ୍ରାର୍ଥୀ ଗଡ଼ତିଆଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ଧର୍ମେନ୍ଦ୍ର ଉପସ୍ଥିତ ଜନତାଙ୍କୁ ନିବେଦନ କରିଥିଲେ। କେନ୍ଦ୍ରମନ୍ତ୍ରୀଙ୍କ ଏହି ନିର୍ବାଚନୀ ପ୍ରଚାର ବେଳେ ଦଳୀୟ ପ୍ରାର୍ଥୀ ଗଡ଼ତିଆଙ୍କ ସମେତ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, କେ. ଭି ସିଂଦେଓ, ରାଜ୍ୟ ଉପସଭାପତି ଅଶ୍ୱିନୀ ଷଡ଼ଙ୍ଗୀ, ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବିଜେପୁର ଲାଉମୁଣ୍ଡାରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରୋଡ୍ ଶୋ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଅଶୋକ ପାଣିଗ୍ରାହୀଙ୍କ ଅନୁପସ୍ଥିତି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

### ଆକାଂକ୍ଷା ଜିଲା ବିକାଶ ଦେଖିବେ ୧୦ ସଚିବ

## ଫୋକସ୍‌ରେ ୫ କ୍ଷେତ୍ର

ଭୁବନେଶ୍ୱର,୧୧।୧୦(ବ୍ୟୁରୋ)

ରାଜ୍ୟ ସରକାର ୧୦ଟି ଆକାଂକ୍ଷା ଜିଲାର ବିକାଶ ତଦାରଖ କରିବାକୁ ବରିଷ୍ଠ ସଚିବମାନଙ୍କୁ ମନୋନୀତ କରିଛନ୍ତି। ଏ ନେଇ ଶୁକ୍ରବାର ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ କୁମାର ମହାପାତ୍ରଙ୍କୁ ଢେଙ୍କାନାଳ ଜିଲା ଦାୟିତ୍ୱ ଦିଆଯାଇଥିବା ବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଅନୁ ଗର୍ଗଙ୍କୁ ରାୟଗଡ଼ା, କୃଷି ବିଭାଗ ସଚିବ ସୌରଭ ଗର୍ଗଙ୍କୁ କୋରାପୁଟ, ପଞ୍ଚାୟତିରାଜ ବିଭାଗ ସଚିବ ଦେଓରଞ୍ଜନ କୁମାର ସିଂଙ୍କୁ କଳାହାଣ୍ଡି, ଗୃହ ବିଭାଗ ସଚିବ ସଞ୍ଜୀବ ଚୋପ୍ରାଙ୍କୁ କନ୍ଧମାଳ ଜିଲାର ଦାୟିତ୍ୱ ଦିଆଯାଇଛି। ସେହିପରି ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମାଙ୍କୁ ନବରଙ୍ଗପୁର ଜିଲା ଦାୟିତ୍ୱ ଦିଆଯାଇଥିବା ବେଳେ ଉଚ୍ଚଶିକ୍ଷା ବିଭାଗ ସଚିବ ଶାଶ୍ୱତ କୁମାର ମିଶ୍ରଙ୍କୁ ନୂଆପଡ଼ା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ସଞ୍ଜୟ ସିଂଙ୍କୁ ଗଜପତି, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ପ୍ରମୋଦ ମେହେର୍ଦାଙ୍କୁ ବଲାଙ୍ଗୀର ଜିଲା ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ଭି.ଭି. ଯାଦବଙ୍କୁ ମାଲକାନଗିରି ଜିଲା ଦାୟିତ୍ୱ ଦିଆଯାଇଛି। ଏହି ଅଧିକାରୀମାନେ ସ୍ୱାସ୍ଥ୍ୟ ଓ ପୁଷ୍ଟି, ଶିକ୍ଷା, କୃଷି ଓ ଜଳ ସମ୍ପଦ, ଆର୍ଥିକ ଓ ଦକ୍ଷତା ବିକାଶ, ମୌଳିକ ଭିତ୍ତିଭୂମି ଯଥା ଜଳସେଚନ, ଗ୍ରାମ୍ୟ ବିଦ୍ୟୁତୀକରଣ, ପାନୀୟ ଜଳ ଏବଂ ପାଇଖାନା ଆଦି କ୍ଷେତ୍ରର ୪୫ଟି ଇଣ୍ଡିକେଟର ଉପରେ ଫୋକସ କରିବେ।

## ୨ ଝିଅଙ୍କୁ ଧରି ଟ୍ରେନ୍ ଆଗକୁ ଡେଇଁଲେ ମା’

ବ୍ରହ୍ମପୁର ଅଫିସ,୧୧।୧୦

- ପାରିବାରିକ କଳହର ପରିଣତି
- ମା’ ମୃତ, ଗୁରୁତର ୨ ଝିଅ ମେଡିକାଲରେ ଭର୍ତ୍ତି
- ବଡ଼ଗଡ଼ ଥାନାରେ ସ୍ୱାମୀ ଅଟକ

ବ୍ରହ୍ମପୁର ରେଳଷ୍ଟେଶନ ନିକଟରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହରୁ ଜଣେ ମହିଳା ତାଙ୍କ ୨ ଝିଅଙ୍କୁ ଧରି ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ। ଟ୍ରେନରେ କଟି ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତ ମହିଳା ହେଲେ ବଡ଼ଗଡ଼ ଥାନା ମଚ୍ଛାକୋଟ ଗ୍ରାମର ରମା ଭଞ୍ଜ। ଦୁଇ ଝିଅ ପ୍ରିୟା (୧୧) ଓ ରିୟା (୮)ଙ୍କୁ ଜିଆର୍‌ପି ପୋଲିସ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଅଧିକ ଚିକିତ୍ସା ପାଇଁ ପ୍ରିୟାଙ୍କୁ କଟକ ବଡ଼ ମେଡିକାଲକୁ ପଠାଯାଇଛି। ରମାଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଜିଆର୍‌ପି ଥାନାରେ ନଂ. ୪୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ଅନ୍ୟପଟେ ବଡ଼ଗଡ଼ ପୋଲିସ ରମାଙ୍କ ସ୍ୱାମୀ ଉତ୍ସବ ଭଞ୍ଜଙ୍କୁ ଅଟକ ରଖିଛି।

ଯୌତୁକ ପାଇଁ ରମାଙ୍କୁ ଉତ୍ସବ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ରମା ପୂର୍ବରୁ ବଡ଼ଗଡ଼ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ନିର୍ଯାତନା ଅସହ୍ୟ ହେବାରୁ ରମା ଗୁରୁବାର ପୁଣି ଥାନାକୁ ଯାଇଥିଲେ। ଉତ୍ସବ ଏଥିରେ ଉତକ୍ଷିପ୍ତ ହୋଇ ତାଙ୍କୁ ମାରଧର କରିଥିଲେ। ତେଣୁ ରମା ୨ ଝିଅଙ୍କୁ ନେଇ ଶୁକ୍ରବାର ସକାଳେ ବ୍ରହ୍ମପୁର ପଳାଇ ଆସିଥିଲେ। ବ୍ରହ୍ମପୁର ଷ୍ଟେଶନ ନିକଟରେ ୨ ଝିଅଙ୍କୁ ଧରି ରମା ଏକ ଟ୍ରେନ ଆଗକୁ ଡେଇଁ ପଡ଼ିଥିଲେ। ଘଟଣାସ୍ଥଳରେ ରମାଙ୍କର ମୃତ୍ୟୁ ଘଟିଥିଲା। ପ୍ରିୟାଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ରିୟାଙ୍କ ପାପୁଲି କଟିଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲା। ଗୁରୁତର ପ୍ରିୟା ଘଟଣା ସମ୍ପର୍କରେ ପୋଲିସକୁ କହିଥିଲେ। ଏ ନେଇ ଆସିକା ଏସଡିପିଓ ସୂର୍ଯ୍ୟମଣି ପ୍ରଧାନ କହିଛନ୍ତି, ଗୁରୁବାର ରମା ବଡ଼ଗଡ଼ ଥାନାକୁ ଆସି ତାଙ୍କ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଲେ। ତାହାକୁ ଆଧାର କରି ନଂ.୨୨୦/୧୯ରେ ଏକ ଯୌତୁକଜନିତ ନିର୍ଯାତନା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ସ୍ୱାମୀ ଉତ୍ସବଙ୍କୁ ଅଟକ ରଖାଯାଇ ପଚରାଉଚୁରା ଚାଲିଛି।



ସମଗ୍ର ସୃଷ୍ଟି ଭିତରେ ଭଗବାନଙ୍କର ଅନନ୍ତ କୃପା ଅଦୃଶ୍ୟରେ ରହି ପୃଥିବୀ ପୃଷ୍ଠରେ ପ୍ରତି ମୁହୂର୍ତ୍ତରେ କାର୍ଯ୍ୟ କରି ଚାଲିଛି। ତାହା ଫଳରେ ପୃଥିବୀ ବହୁ ଦୁଃଖ,ବିପଦ, ଅଜ୍ଞାନ ଓ ନିର୍ବୋଧତା କବଳରୁ ରକ୍ଷା ପାଇପାରୁଛି। -ଶ୍ରୀମା

# ଆମୂଳ ପରିବର୍ତ୍ତନ ସମ୍ଭାବନା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ତିରିଶ ବର୍ଷ ଭିତରେ ପ୍ରଥମ ଥର ପାଇଁ ସରକାର ସମସ୍ତ ସେବାର ଅଧିକାରୀମାନଙ୍କ ପୂର୍ଣ୍ଣାଙ୍ଗ ବିବରଣୀ (ପ୍ରୋଫାଇଲ) ସଂଗ୍ରହ କରିବାକୁ ଆରମ୍ଭ କରିଛନ୍ତି। ଆଇଏଏସ୍, ଆଇପିଏସ୍ ଓ ଆଇଏଫ୍ଏସ୍ ସମେତ ସମସ୍ତ କେନ୍ଦ୍ରୀୟ ସରକାରୀ ସେବାର ବ୍ୟାପକ ପୁନର୍ଗଠନ ପୂର୍ବରୁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସବୁ ମନ୍ତ୍ରଣାଳୟକୁ ଏ ସମ୍ପର୍କରେ ତଥ୍ୟ ମାଗିଛି। ଆସନ୍ତା ବର୍ଷ ଏପ୍ରିଲ ସୁଦ୍ଧା ସରକାର ଏ ପ୍ରକ୍ରିୟା ଶେଷ କରିବେ ବୋଲି ବିଶ୍ୱାସ କରାଯାଉଛି। ଉଦ୍ଦେଶ୍ୟ ହେଉଛି ସମସ୍ତ ପଦବୀ ଓ ସେବା ବିଷୟରେ ତର୍ଜମା କରି ଅନାବଶ୍ୟକ ଭାବେ ରହିଥିବା ଅତିରିକ୍ତ ପଦବୀଗୁଡ଼ିକୁ ଉଚ୍ଛେଦ କରିବା ଏବଂ ବର୍ତ୍ତମାନ ସମୟର ଆବଶ୍ୟକତା ଅନୁସାରେ ନୂଆ ପଦବୀ ସୃଷ୍ଟି କରିବା। ଅଫିସରମାନଙ୍କ ବିବରଣୀ ଛଡ଼ା ସେମାନଙ୍କ କ୍ୟାଡର ସଂରଚନା, ସେମାନଙ୍କ ନିଯୁକ୍ତି ପଦ୍ଧତି, ପଦବୀ, ଦରମା ହାର, କ୍ୟାଡରରେ ଥିବା ପଦବୀ ସଂଖ୍ୟା, ପୂର୍ବ ବ୍ୟାଚ୍ ଅଫିସରଙ୍କ ପଦୋନ୍ନତି, ଖାଲି ଥିବା ମୋଟ ପଦବୀ ସଂଖ୍ୟା ଇତ୍ୟାଦି ବିଷୟରେ ତଥ୍ୟ ସଂଗ୍ରହ କରାଯାଉଛି। ସରକାର ମଧ୍ୟ କାର୍ମିକ ଓ ପ୍ରଶିକ୍ଷଣ ବିଭାଗକୁ ଦୁଇଟି ବିଭାଗରେ ପରିଣତ କରିବାକୁ ବିଚାର କରୁଛନ୍ତି, ଯେଉଁଥିରୁ ଗୋଟିଏ ବିଭାଗ କେବଳ ସରକାରୀ ଅଫିସରମାନଙ୍କ ତାଲିମ ପାଇଁ ଉଦ୍ଦିଷ୍ଟ ରହିବ।

### ଜମ୍ମୁ-କଶ୍ମୀରରେ ୟୁଟି ବାବୁଙ୍କ ନିଯୁକ୍ତି

କେନ୍ଦ୍ର ସରକାର ୩୭୦ ଧାରା ଉଚ୍ଛେଦ କରିବା ଓ ଜମ୍ମୁ-କଶ୍ମୀରକୁ ଏକ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ପ୍ରଥମ ଥର ପାଇଁ ଏଜିଏମ୍‌ୟୁଟି କ୍ୟାଡର ଆଇପିଏସ୍ ଅଫିସର ସାଗର ସିଂ କାଲ୍‌ସିଙ୍କୁ ଜମ୍ମୁ-କଶ୍ମୀରରେ ନିଯୁକ୍ତି ଦେଇଛନ୍ତି। କାଲ୍‌ସିଙ୍କୁ ରାଜ୍ୟର ଦୁର୍ନୀତି ନିବାରଣ ବ୍ୟୁରୋରେ ବର୍ଷକ ପାଇଁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଛି। ଏବେ ସେ ଅରୁଣାଚଳ ପ୍ରଦେଶରେ କାର୍ଯ୍ୟରତ ଅଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, କାଲ୍‌ସି ଯେପରି ଜମ୍ମୁ-କଶ୍ମୀରରେ ନୂଆ ଦାୟିତ୍ୱ ଗ୍ରହଣ କରିପାରିବେ ସେଥିପାଇଁ ତାଙ୍କୁ ତୁରନ୍ତ ରିଲିଭ୍ କରିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଣ୍ଡରସେକ୍ରେଟାରୀ ଅରୁଣାଚଳ ପ୍ରଦେଶର ମୁଖ୍ୟ ଶାସନ ସଚିବଙ୍କ ପାଖକୁ ଚିଠି ଲେଖିଛନ୍ତି। ଏହା ପୂର୍ବରୁ କେବଳ ଜମ୍ମୁ-କଶ୍ମୀର କ୍ୟାଡରର ଅଫିସରମାନେ ହିଁ ଏହି ପଦବୀରେ ନିଯୁକ୍ତି ପାଉଥିଲେ ଏବଂ ତାଙ୍କୁ କେନ୍ଦ୍ରୀୟ ଡେପୁଟେଶନ ବ୍ୟତୀତ ରାଜ୍ୟ ବାହାରକୁ ଅନ୍ୟତ୍ର ବଦଳି କରାଯାଉ ନ ଥିଲା। ସେହିପରି କେନ୍ଦ୍ର ସରକାର କୌଣସି ୟୁଟି କ୍ୟାଡର ଅଫିସରଙ୍କୁ ଜମ୍ମୁ-କଶ୍ମୀରକୁ ବଦଳି କରିପାରୁ ନ ଥିଲେ। ଏଜିଏମ୍‌ୟୁଟି ଡିଭିଜନ ଦିଲ୍ଲୀ ସମେତ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ସମସ୍ତ ବୈଧାନିକ ଓ ସାମ୍ବିଧାନିକ ପ୍ରସଙ୍ଗର ତଦାରଖ କରିଥାଏ।

### ଆଇଏଏସ୍ ବୃତ୍ତି ପ୍ରତି ବିତୃଷ୍ଣା

ସମ୍ପ୍ରତି ଆଇଏଏସ୍ ମହଲରେ ଏକ ପ୍ରକାର ଅଶାନ୍ତି ଓ ନିଜ ବୃତ୍ତି ପ୍ରତି ଅନାକର୍ଷଣ ଭାବ ଖେଳିଯିବା ପରି ମନେହେଉଛି। ଏହି ବିତୃଷ୍ଣା କେବଳ କନିଷ୍ଠ ଅଫିସରଙ୍କ ଭିତରେ ନୁହେଁ ବରଂ ବରିଷ୍ଠ ଅଫିସରଙ୍କ ଭିତରେ ବି ଦେଖାଦେଇଛି। ତିନିଜଣ ଆଇଏଏସ୍ ଅଫିସର ଏକଦା ବହୁ ଆକାଂକ୍ଷିତ ଥିବା ଉକ୍ତ ସେବାରୁ ଇସ୍ତଫା ଦେଇଥିବା ବେଳେ ନିକଟରେ ଉତ୍ତରପ୍ରଦେଶ କ୍ୟାଡରର ଜଣେ ବରିଷ୍ଠ ଆଇଏଏସ୍ ଅଫିସର, ତାଙ୍କ ଚାକିରି କାଳ ଆଉ ୧୦ ବର୍ଷ ବାକି ଥାଉ ଥାଉ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ପ୍ରଥମୋକ୍ତ ତିନିଜଣ ଆଇଏଏସ୍ ଅଫିସର ସରକାରଙ୍କ ନୀତି ଦ୍ୱାରା ପ୍ରଭାବିତ ହୋଇ ନ ଥିବା ପ୍ରକାଶ କରିଥିବା ବେଳେ ଶେଷୋକ୍ତ ବାବୁ ଜଣକ କର୍ପୋରେଟ୍ ଜଗତ ପ୍ରତି ପ୍ରଲୁବ୍ଧ ହୋଇଥିବା ପରି ମନେହେଉଛି। ଅନୁମାନ କରାଯାଉଛି ଯେ, ୧୯୯୩ ବ୍ୟାଚ୍ ଅଫିସର ରାଜୀବ ଅଗ୍ରୱାଲ ଆକର୍ଷଣୀୟ ଉଚ୍ଚ ଦରମାରେ ଏକ କମ୍ପାନୀରେ ବରିଷ୍ଠ ପଦବୀରେ ଯୋଗଦେବା ପୂର୍ବରୁ ଭିଆର୍‌ଏସ୍ ପାଇଁ ଆବେଦନ କରିଛନ୍ତି। ବର୍ତ୍ତମାନ ସେ ଇଣ୍ଡଷ୍ଟ୍ରିଆଲ ପଲିସି ଆଣ୍ଡ୍ ପ୍ରମୋଶନ ବିଭାଗରେ ଯୁଗ୍ମ ସଚିବ ଅଛନ୍ତି। ଯଦି ଅଗ୍ରୱାଲଙ୍କ ଭବିଷ୍ୟତ ଯୋଜନା ଏଇଆ ହୋଇଥାଏ, ତେବେ ଆଇଏଏସ୍ ବାବୁମାନେ ଆଉ ନିଜ ବୃତ୍ତି ପ୍ରତି ଆକର୍ଷଣ ଅନୁଭବ କରୁ ନ ଥିବା ସ୍ପଷ୍ଟ ହୋଇଯାଉଛି। କର୍ପୋରେଟ୍ ସଂସ୍ଥାରେ ଚାକିରି କରିବା ନିଶ୍ଚିତ ରୂପେ ଅଧିକ ଲାଭଦାୟକ। ତେଣୁ ଅଗ୍ରୱାଲଙ୍କ ପଦାଙ୍କ ଅନୁସରଣ କରି ଆଗକୁ ଆହୁରି ଅନେକ ଆଇଏଏସ୍ ଅଫିସର ଇସ୍ତଫା ଦେଇପାରନ୍ତି।

Email: dilipcherian@gmail.com

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | E | | | | | | | | | | | |
| | 0 | 1 | | | | | | A | 6 | | | | | C |
| | | | | | | 0 | | 4 | 1 | | C | E | | B |
| E | | | 3 | | 8 | 9 | | | | 7 | 4 | 6 | | |
| | D | 2 | | | C | | | 8 | 5 | | E | | 4 | A |
| B | 8 | 0 | | 9 | 2 | | | | | | | | | 7 |
| | | | | | | | | | | | | D | | 1 |
| | | 9 | 0 | A | | | | | | 2 | | | 6 | |
| 2 | | 5 | | B | | 6 | | | | 8 | D | | E | |
| | | 4 | 1 | C | D | B | 5 | | E | | A | | | 8 |
| | 5 | 6 | B | 4 | A | | | 9 | | | | 0 | 1 | D |
| | | | | | | | 7 | E | | 4 | 6 | | | |
| | 9 | | | | E | 3 | | | A | | | | 8 | |
| | B | | | | | 1 | | | 2 | | 5 | | | |
| | A | | | | | | | 5 | | C | | B | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | E | A | 4 | 5 | 9 | C | 3 | 6 | 1 | 7 | B | D | 0 | 8 |
| 0 | 9 | 8 | C | A | 7 | B | 1 | 2 | 5 | 4 | D | E | 3 | 6 |
| 4 | B | D | 3 | 1 | E | A | 7 | 8 | 0 | 6 | 9 | C | 2 | 5 |
| 6 | C | 7 | B | 8 | D | 9 | 5 | 0 | E | 3 | 2 | 4 | A | 1 |
| 5 | 3 | 1 | 0 | 6 | 2 | E | 4 | D | C | A | 8 | 9 | 7 | B |
| C | 7 | 6 | 2 | B | 1 | 4 | A | 5 | 8 | D | E | 0 | 9 | 3 |
| D | 4 | 2 | 8 | E | 5 | 1 | 0 | 9 | B | C | 3 | 7 | 6 | A |
| 9 | 1 | B | A | 7 | 3 | 8 | D | E | 6 | 2 | 0 | 5 | C | 4 |
| 3 | A | 5 | D | 9 | 0 | 2 | 6 | C | 4 | 1 | 7 | 8 | B | E |
| E | 8 | 0 | 6 | C | 4 | 3 | B | 7 | A | 9 | 5 | 1 | D | 2 |
| A | 5 | C | 7 | 3 | B | 0 | 9 | 4 | 2 | E | 1 | 6 | 8 | D |
| 8 | 6 | E | 1 | D | A | 7 | 2 | 3 | 9 | 5 | C | B | 4 | 0 |
| 7 | 0 | 4 | E | 2 | C | D | 8 | 1 | 3 | B | 6 | A | 5 | 9 |
| 1 | 2 | 9 | 5 | 4 | 8 | 6 | C | B | D | 0 | A | 3 | E | 7 |
| B | D | 3 | 9 | 0 | 6 | 5 | E | A | 7 | 8 | 4 | 2 | 1 | C |

ଗତକାଲିର ଉତ୍ତର

# ପ୍ରେମ ପରୀକ୍ଷାର ଖେଳ



## ଚିତ୍ର-ଚରିତ୍ର

ନିରଞ୍ଜନ ପାଢ଼ୀ

ଥିଲେ ଜଣେ ପ୍ରେମିକ ପ୍ରବର। ପ୍ରେମ ହିଁ ଥିଲା ତାଙ୍କ ପୁରୁଷାର୍ଥର ପ୍ରମୁଖ ପରିଚୟ। ସେ ସବୁବେଳେ କହୁଥିଲେ, ପ୍ରେମରେ ମୋ ଜୀବନ, ପ୍ରେମରେ ହିଁ ମୋ ନିର୍ବାଣ। ଜଣେ ପ୍ରେୟସୀଙ୍କୁ ବହୁଦିନ ପ୍ରେମ କଲା ପରେ ଏ ପ୍ରେମୀ ପୁରୁଷ ଆଉ ଜଣଙ୍କୁ ପ୍ରେମ କରିବସିଲେ। ତାଙ୍କ ସହ ନିବିଡ଼ ଭାବେ ମିଶିଲେ, ମନ ଭରି ପ୍ରେମ କଲେ ଓ ସଚ୍ଚା ପ୍ରେମିକସୁଲଭ ପ୍ରତିଶ୍ରୁତି ଦେଇ କହିଲେ, ମୋତେ ତୁମେ ପ୍ରେମରେ ପୂର୍ଣ୍ଣ କରିଦିଅ। ଥରେ ପୂର୍ଣ୍ଣ ହୋଇଗଲେ ତୁମ ପାଖରେ ସବୁକିଛି ସମର୍ପଣ କରିଦେବି। ସଂସାରରେ ଏମିତି କିଛି ନାହିଁ ଯାହା ମୋ ପାଖରେ ତୁମ ପାଇଁ ଅପ୍ରାପ୍ୟ ହୋଇରହିବ। ତୁମକୁ ଅବସୋସର ସୁଯୋଗ ଦେବି ନାହିଁ। ଅଭିଯୋଗର ଅବସର ଦେବି ନାହିଁ। ଥରେ ପରୀକ୍ଷା କରି ଦେଖ। ତୁମର ପ୍ରେମାସ୍ପଦ ହେବା ପାଇଁ ତୁମ ଚାରିପଟରେ ବୁଲୁଥିବା ଅନ୍ୟମାନଙ୍କ ତୁଳନାରେ ମୋ ପ୍ରେମ କେତେ ନିବିଡ଼। ଅନ୍ୟ ପ୍ରେମିକଙ୍କ ତୁଳନାରେ ମୁଁ କେତେ ସମର୍ଥ।

ନୂଆ ପ୍ରେମିକା ଜଣକ ମୁଗ୍ଧ ହେଲେ ପ୍ରେମିକଙ୍କ ଏ ପ୍ରକାର ପ୍ରତିଶ୍ରୁତିରେ। ବହୁ ବର୍ଷ ଧରି ଏହାଙ୍କୁ ପୂର୍ଣ୍ଣପ୍ରାଣରେ ପ୍ରେମ କରୁଥିବା ତାଙ୍କ ପୁରୁଣା ପ୍ରେମିକାଙ୍କ ସମ୍ପର୍କରେ ଜାଣି ମଧ୍ୟ ସେ ବହୁବିଧ ଲୋଭନୀୟ ଉପହାରର ଲୋଭ ସମ୍ବରଣ କରି ନ ପାରି ୟାଙ୍କ ପ୍ରେମରେ ପଡ଼ିଗଲେ। ନିଜ ଚାରିପଟେ ଘୂରି ବୁଲୁଥିବା ଅନ୍ୟ ପ୍ରେମିକମାନଙ୍କୁ ହତାଦର କରି ସେ ଏହାଙ୍କୁ ହୃଦୟ ଦେଇ ବସିଲେ। ପ୍ରେମ ରାଇଜରେ ଆତଯାତ ହେଉଥିବା ସବୁ ପ୍ରେମିକଙ୍କ ମଧ୍ୟରେ ବେଶ୍ ଶକ୍ତିଶାଳୀ, ଧନଶାଳୀ ଓ ପ୍ରଭାବଶାଳୀ ଏ ପ୍ରେମିକଙ୍କ ପ୍ରେମ ଲାଭ କରିବା ତ ଶତ ସାଧନାର ଫଳ। ସୁତରାଂ, ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେଲେ ସେ।

ଏଣେ ପ୍ରଥମ ତଥା କେଇବର୍ଷର ପୁରୁଣା ପ୍ରେମିକା ବିମୁଖ ହେଲେ ପ୍ରେମିକଙ୍କ ଉପରେ। କହିଲେ ମୋ ପ୍ରେମ ଉପରେ ତୁମର କ'ଣ ଏତେ ଅନାସ୍ଥା ଯେ ଆଉ ଜଣଙ୍କ ପ୍ରେମ ଲୋଡ଼ା ପଡ଼ିଲା। ମୋ ସଙ୍ଗ କାମନା କରୁଥିବା ଅନ୍ୟ ପ୍ରେମ ପ୍ରତ୍ୟାଶୀମାନଙ୍କୁ ପ୍ରତ୍ୟାଖ୍ୟାନ କରି ବର୍ଷ ବର୍ଷ ଧରି ତୁମ ପ୍ରେମରେ ପାଗଳିନୀ ହେଲି। ଅଥଚ ମୋତେ ପର କରି କେଉଁ ଅଜଣା ପ୍ରିୟାର ସଖ୍ୟ ଲୋଡୁଛ। ପ୍ରେମିକାର ଆସ୍ଥାଭାଜନ ହେବା ପାଇଁ ଯେଉଁଠି ପ୍ରେମ ପ୍ରାର୍ଥୀମାନଙ୍କୁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଖରା ବର୍ଷାକୁ ଖାତିର ନ କରି ମାଟି କାଦୁଅର ବାଟ ପାଦରେ ଚାଲିବାକୁ ପଡୁଛି। ହାତୀ ଦେବି, ଘୋଡ଼ା ଦେବି କହି ମନ କିଣିବାର ପ୍ରୟାସ କରାଯାଉଛି। ସେଠି ନିଜ ପ୍ରେମଭାଜନ ହେବାକୁ ପ୍ରେମିକାର ଅଭିମାନ ଦେଖି ନିଜ ପ୍ରେମିକ ପଣକୁ ନିଜେ ତାରିଫ କଲେ ପ୍ରେମିକ ପ୍ରବର। କହିଲେ, ତୁମେ ଚିନ୍ତା କରନା ପ୍ରିୟେ! ମୋ ପ୍ରେମର ପରିସର ଯେମିତି ପ୍ରଶସ୍ତ, ସେମିତି ବିଶାଳ ମୋର ବହୁମୁଖୀ ବ୍ୟକ୍ତିତ୍ୱ। କେବଳ ଏ ମାଟିର ନିୟମ ଯଦି ବାଧକ ହେଉ ନ ଥାନ୍ତା ତେବେ କେବଳ ଦୁଇଜଣ କାହିଁକି, ଏକ ସଙ୍ଗେ ବହୁ ନାୟିକାଙ୍କ ନାୟକ ହେବାର ଶକ୍ତି ସାମର୍ଥ୍ୟ ମୋର ଅଛି। ତୁମେ ମୋତେ ପ୍ରେମରେ ପରିପୂର୍ଣ୍ଣ କରିଯାଅ। ମୋର ସେଇ ଦ୍ୱିତୀୟାଟିକୁ ଈର୍ଷା କରନା। ମୁଁ କଥା ଦେଉଛି, ତୁମ ଦୁହିଁଙ୍କ ମଧ୍ୟରେ ଯିଏ ମୋତେ ବେଶି ପ୍ରେମ କରିବ ତା'ର ପାଣି ଗ୍ରହଣ କରି ମୁଁ ଅନ୍ୟ ଜଣଙ୍କୁ ପରିତ୍ୟାଗ କରିବି।

ପ୍ରେମପଥରୁ ଜଣଙ୍କର ଅପସାରଣ ନିଶ୍ଚିତ ଜାଣି ଦୁଇ ପ୍ରେମିକା ଜଣେ ପ୍ରେମିକଙ୍କୁ ଆପଣାର କରିବା ପାଇଁ ପରସ୍ପର ପ୍ରତିଦ୍ୱନ୍ଦ୍ୱିତାରେ ଲାଗିପଡିଲେ। ସର୍ବଶେଷରେ ପ୍ରେମ ପରୀକ୍ଷାର ସେଇ ବିଶେଷ ବେଳା ଉପନୀତ ହେଲା। ସେଦିନର ସେଇ ପରୀକ୍ଷାରେ ପ୍ରେମର ଜୟ ପରାଜୟ ନିର୍ଦ୍ଧାରିତ ହୋଇଗଲା। ପ୍ରେମିକ ପୁଙ୍ଗବ ଦୁହିଁଙ୍କର ହୃଦୟ ଜିଣିବାର ସନନ୍ଦ ପ୍ରାପ୍ତ ହେଲା ପରେ ମାଟିର ନିୟମ ଅନୁସାରେ ଜଣଙ୍କୁ ପରିତ୍ୟାଗ କରି ଅନ୍ୟ ଜଣଙ୍କର ପାଣି ଗ୍ରହଣ କରିବାକୁ ବାଧ୍ୟ ହେଲେ। ପହିଲି ପ୍ରେମର ମାଧୁର୍ଯ୍ୟରେ ମୋହଗ୍ରସ୍ତ ପ୍ରେମିକ ପ୍ରଥମାଙ୍କୁ ସ୍ୱୀକାର କରି ଦ୍ୱିତୀୟାଙ୍କୁ ପରିତ୍ୟାଗ କଲେ। ବିଚାରୀ ପରିତ୍ୟକ୍ତା ପ୍ରେମିକା। ତାଙ୍କୁ ନିଜର କରିବାକୁ ଚାହୁଁଥିବା ବହୁ ପ୍ରତ୍ୟାଶୀଙ୍କୁ ଏଡ଼ାଇ ଦେଇ ଯାହାଙ୍କ ପ୍ରେମରେ ଦୃଢ଼ ଆସ୍ଥା ସ୍ଥାପନ କରିଥିଲେ ସେ ତାଙ୍କୁ ଅସ୍ୱୀକାର କରି ନୀରବରେ ଅନ୍ତର୍ହିତ ହୋଇଗଲେ। ପ୍ରତାରିତା ପ୍ରେମିକା ପଡିରହିଲେ ଆଉ କେଉଁ ଅବାଞ୍ଛିତ ପ୍ରେମିକର ବାଧ୍ୟ ବିଶ୍ୱାସ ହାସଲ କରିବା ପାଇଁ।

ଏ ଜଗତରେ ପ୍ରେମ ପ୍ରସଙ୍ଗର ଇତିବୃତ୍ତ ଯେତିକି ପ୍ରାଚୀନ, ସେତିକି ପୁରାତନ ମଧ୍ୟ ପ୍ରତାରଣାର ଇତିହାସ। ପ୍ରେମ ସହିତ ପ୍ରତାରଣା, ଆସ୍ଥା ସହ ଅନାସ୍ଥା ବା ବିଶ୍ୱାସ ସହ ଅବିଶ୍ୱାସ ଯେତେବେଳେ ଏକ ବ୍ୟକ୍ତିଗତ ଅନୁଭବ ହୁଏ, ସେତେବେଳେ ମୁଣ୍ଡ ଉପରେ ଅଜାଡି ହୋଇପଡ଼େ ଦୁଃଖ ଓ ହତାଶାର ପାହାଡ଼। ମାତ୍ର ଯେତେବେଳେ ଏହା ଜଣଙ୍କ ସହ ଜଣଙ୍କର ଅନୁଭବ ନ ହୋଇ ଜଣ ଓ ଗଣଙ୍କ ମଧ୍ୟରେ ସଂଘଟିତ ହୁଏ, ସେତେବେଳେ ଏକ ବୃହତ୍ତର ପରିସରରେ ବିଶ୍ୱାସର ଅପମୃତ୍ୟୁ ହୁଏ, ଆଶା ଓ ଆସ୍ଥା ନିର୍ବାସନରେ ଚାଲିଯାଏ, କେଉଁଠି ଗୁଜରାଟର ବଡ଼ୋଦରା ପରି ତ ଅନ୍ୟ କେଉଁଠି ଓଡ଼ିଶାର ବିଜେପୁର ପରି।

ଭାରତ ବଳି ବିଶ୍ୱର ବୃହତ୍ତମ ଗଣତନ୍ତ୍ରରେ ପ୍ରଚଳିତ ନିର୍ବାଚନ ବ୍ୟବସ୍ଥାକୁ ଲକ୍ଷ୍ୟ କରାଯାଉ। ବ୍ୟକ୍ତି ସ୍ୱାଧୀନତା ଅବା ରାଜନୈତିକ ବାଧ୍ୟବାଧକତାକୁ ସମ୍ମାନ ଜଣାଇ ଏଠାରେ ଜଣେ ପ୍ରାର୍ଥୀ ଏକାଧିକ ନିର୍ବାଚନମଣ୍ଡଳୀରେ ନିର୍ବାଚନ ଲୋଡିପାରନ୍ତି। ଏହା ଦ୍ୱାରା ରାଷ୍ଟ୍ରର କି କଲ୍ୟାଣ ସାଧିତ ହୁଏ, ତାହା ବୁଝାପଡୁ ନ ଥିଲେ ବି ସ୍ପଷ୍ଟଭାବେ ବୁଝି ହୁଏ ଏପରି ନିର୍ବାଚନ ଲୋଡୁଥିବା ପ୍ରାର୍ଥୀଙ୍କର ମାନସିକତା। ଏକାଧିକ ସ୍ଥାନରୁ ନିଜ ପ୍ରାର୍ଥିତ୍ୱ ଉପସ୍ଥାପିତ କରୁଥିବା ନେତାମାନେ ନିଜ ବିଜୟର ଆଶା ହରାଇ ବସିଥାନ୍ତି ଅବା ସେମାନଙ୍କ ସମର୍ଥ ନେତୃତ୍ୱର ପ୍ରମାଣ ଦେବାପାଇଁ ଏହାକୁ ଏକ ପରୀକ୍ଷା କ୍ଷେତ୍ର ବୋଲି ବିଚାରନ୍ତି। ଏକାଧିକ ନିର୍ବାଚନମଣ୍ଡଳୀର ଭୋଟରଙ୍କ ଆସ୍ଥା ଜିତିବା ପାଇଁ ସମସ୍ତଙ୍କୁ ସେଇ ଏକା କଥା କହନ୍ତି ମୋତେ ଭୋଟ ଦିଅ, ତୁମର ସର୍ବବିଧ ଉନ୍ନତି ପାଇଁ ମୁଁ ଉତ୍ତରଦାୟୀ ରହିବି। ଗଣତନ୍ତ୍ରର ପ୍ରହସନରେ ଯେତେ ଉପେକ୍ଷିତ ହେଲେ ବି ସରଳ ଭୋଟରଟିଏ ଏକଥାକୁ ବିଶ୍ୱାସ କରେ। ବିଶ୍ୱାସ ପ୍ରେମରେ ପରିଣତ ହୁଏ, ପ୍ରେମର ରୂପ ନିଏ ଭୋଟ। ଦୁଇଟି ଜାଗାରେ ପ୍ରେମ ପ୍ରାର୍ଥୀ ପ୍ରେମିକଙ୍କ ପାଖରେ ପ୍ରତାରଣାର ଯେ ସ୍ପଷ୍ଟ ସଙ୍କେତଟିଏ ଥାଏ, ଏ କଥା ଭୋଟର ଦେଖିପାରେ ନାହିଁ। ଅବଶ୍ୟ ଏଥିପାଇଁ ତା' ଆସ୍ଥା ବା ବିଶ୍ୱାସ ଅପେକ୍ଷା ବେଶି ଥାଏ ସାମୟିକ ଲାଭର ପ୍ରଲୋଭନ।

ନିଜ ସମ୍ମୋହନ ଶକ୍ତି ଓ ସାମର୍ଥ୍ୟରେ ଯେତେ ପ୍ରେମ କରୁଛ କରିପାର, ମାତ୍ର ବିବାହ କେବଳ ଜଣଙ୍କ ସହ- ଶାସ୍ତ୍ର ଓ ସମାଜର ଏ ସଂହିତା ଭଳି ଆମ ସମ୍ବିଧାନ ମଧ୍ୟ ପ୍ରାର୍ଥୀମାନଙ୍କ ପାଇଁ ଲକ୍ଷ୍ମଣଗାରଟିଏ ଟାଣିଦେଇ କହିଛି, ପ୍ରାର୍ଥିତ୍ୱ ଯେତେ ସ୍ଥାନରୁ ହେଉଛ ହେଉ। ମାତ୍ର ପ୍ରତିନିଧିତ୍ୱ କେବଳ ଗୋଟିକରୁ। ସୁତରାଂ ଦୁଇଟି ମଣ୍ଡଳୀର ଆସ୍ଥା ଜୟକରି ବିଜୟୀ ବୀରର ଗୌରବମୁକୁଟ ପିନ୍ଧୁ ପିନ୍ଧୁ ନିଷ୍ପତ୍ତି ନେବାର ବେଳ ପହଞ୍ଚିଯାଇଥାଏ। ବେଶ୍ କେଇଦିନର ସରଗରମ ନିର୍ବାଚନୀ ବାତାବରଣ, ଢେର କେଇଟି ବିନିଦ୍ର ରଜନୀ, ମାଇକ୍ରୋଫୋନ ଆଗରେ ଗଳାଫଟାଇ ଜନସମାବେଶକୁ ସମ୍ବୋଧନ, ସ୍ୱପକ୍ଷ ସମର୍ଥନ ସାଙ୍ଗକୁ ଶତ୍ରୁପକ୍ଷର ନିନ୍ଦାଗାନ, ଲକ୍ଷ ଲକ୍ଷ ଟଙ୍କାର ବ୍ୟୟ ଓ ଅପବ୍ୟୟ ମଧ୍ୟରେ ଶହ ଶହ ଛେଳିକୁକୁଡ଼ାଙ୍କ ଦୁର୍ଭାଗ୍ୟପୂର୍ଣ୍ଣ ବଳିଦାନ ଓ ଅବିଚାରିତ ମଦ୍ୟପାନ। ପୁଣି ନିର୍ବାଚନ ଫଳ ପ୍ରକାଶ ପାଇଲା ପରେ ବିଜୟ ଉତ୍ସବ ପାଳନ ମଧ୍ୟରେ ଯେତେ ଯାହା ଭୋଜିଭାତର ଆପ୍ୟାୟନ। ଅଥଚ କଲମମୁନର ଗୋଟିଏ ଧାଡିରେ ସବୁ ଶେଷ- ବଡ଼ୋଦରାକୁ ପରିତ୍ୟାଗ କରି ବାରାଣସୀର ପାଣି ଗ୍ରହଣ କଲି ବା ହିଞ୍ଜିଳିକୁ ରଖି ବିଜେପୁରକୁ ଛାଡିଲି।

ବାସ୍, ତା' ପରେ ବାଜିଉଠେ ପରିତ୍ୟକ୍ତ ନିର୍ବାଚନମଣ୍ଡଳୀ ପାଇଁ ଉପନିର୍ବାଚନର ବିଗୁଲ। ସାଧାରଣ ନିର୍ବାଚନଠାରୁ ଅଧିକ ତେଜୀୟାନ ହୋଇ ଜଳିଉଠେ ପ୍ରଚାର ଓ ଅପପ୍ରଚାରର ବହୁବିଧ ଆଲୋକମାଳା। ପ୍ରେମିକାଟିକୁ ଲାଭ କରିବାକୁ ପୁଣି ଆରମ୍ଭ ହୋଇଯାଏ ପାଗଳ ପ୍ରତିଯୋଗିତା। ହିସାବ ଅନ୍ତର୍ଗତ ଲକ୍ଷ ଲକ୍ଷ ଟଙ୍କା ଓ ହିସାବ ବହିର୍ଭୂତ କୋଟି କୋଟି ଟଙ୍କାର ପସରା ମେଲିଯାଏ ବିଭିନ୍ନ ରୂପରେ। ଶୁଖି ଆସୁଥିବା ଘା'ରୁ ବହିଚାଲେ ପୁଣି ମିଥ୍ୟା ପ୍ରତିଶ୍ରୁତିର ରକ୍ତଧାର। ସାଧାରଣ ଜନତାଙ୍କ କରଦେୟରେ ସମୃଦ୍ଧ ରାଜକୋଷରୁ ପୁଣି ଖର୍ଚ୍ଚ ହୁଏ କେଇ କୋଟି ଟଙ୍କା।


ଆଉ କେଇଦିନ ପରେ ଆମ ରାଜ୍ୟର ବିଜେପୁର ନିର୍ବାଚନମଣ୍ଡଳୀରେ ଅନୁଷ୍ଠିତ ହେବାକୁ ଯାଉଛି ସେମିତି ଏକ ଉପନିର୍ବାଚନ। କେବଳ ଏଇ ଗୋଟିଏ ନୁହେଁ, ସମଗ୍ର ଦେଶରେ ଅନ୍ୟ କେତୋଟି ମଣ୍ଡଳୀରେ ଉପନିର୍ବାଚନ ହେଉଛି, କେବଳ ଏଥିପାଇଁ ଯେ ସେଠାକାର ବିଜୟୀ ପ୍ରତିନିଧି ଦୁଇଟି ଆସନରୁ ଜିତିଥିବାରୁ ଗୋଟିକୁ ରଖି ଅନ୍ୟଟିକୁ ଛାଡିଛନ୍ତି। ଯେଉଁଠି ନେତା ହେବା ପାଇଁ ପ୍ରଚଣ୍ଡ ପ୍ରବଣତା, ପାଗଳ ପ୍ରତିଯୋଗିତା ସେଠି ଅଭିଳାଷୀମାନଙ୍କର କ'ଣ ଏତେ ଅଭାବ ଯେ ଜଣେ ନେତା ଦୁଇ ଦୁଇଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ! ଗଣତନ୍ତ୍ରରେ ନିର୍ବାଚନ ଯଦି ପ୍ରତିନିଧି ବାଛିବାର ଏକ ସ୍ୱଚ୍ଛ ପ୍ରକ୍ରିୟା, ତେବେ ଏହି ବ୍ୟବସ୍ଥାଟିକୁ ଏକ ସ୍ୱଚ୍ଛ ବ୍ୟବସ୍ଥା ବୋଲି କୁହାଯାଇ ପାରିବ କି? ପ୍ରତ୍ୟେକ ନିର୍ବାଚନ ଦେଶର କଲ୍ୟାଣ ପାଇଁ ଅଭିପ୍ରେତ। ମାତ୍ର ନିଜ ନିଜର ଲୋକପ୍ରିୟତାର ପ୍ରମାଣ ଦେବାପାଇଁ ଏକାଧିକ ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ପୁଣି ଏକ ଉପନିର୍ବାଚନ କରିବାରେ ଦେଶର କି କଲ୍ୟାଣ ସାଧିତ ହେଉଛି, ତାହା ଆମ ଗଣତନ୍ତ୍ରର ନିୟାମକମାନେ ଚିନ୍ତାକରିବା ଉଚିତ।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ-୮୮୯୫୬୭୨୪୧୦୫

# ନୋବେଲ୍ ପଦାର୍ଥ ବିଜ୍ଞାନୀ



ଡ. ଗୌରୀଶଙ୍କର ସାହୁ



ଡ. ଜେମ୍ସ ପିବ୍ଲସ, ଡ. ମାଇକେଲ୍ ମେୟର ଓ ଡ. ଡିଡିଅର୍ କ୍ୱେଲୋଜ୍

ବ୍ରହ୍ମାଣ୍ଡ ସମ୍ବନ୍ଧୀୟ ଦୁଇଟି ଯୁଗାନ୍ତକାରୀ ଗବେଷଣାକୁ ଏ ବର୍ଷ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାରରେ ସମ୍ମାନିତ କରାଯିବାକୁ ସ୍ଥିର ହୋଇଛି। ଏ ଦୁଇଟି ଗବେଷଣା ବ୍ରହ୍ମାଣ୍ଡରେ ଆମର ସ୍ଥିତି ସମ୍ବନ୍ଧରେ ନୂତନ ଦିଗନ୍ତ ଖୋଲିଦେଇଛି। ଆମେ ଦେଖୁଥିବା ଜଗତ ବ୍ରହ୍ମାଣ୍ଡର ସମୁଦାୟ ବସ୍ତୁ ଓ ଶକ୍ତିପୁଞ୍ଜର ମାତ୍ର ପାଞ୍ଚ ପ୍ରତିଶତ। ବାକି ପଞ୍ଚାନବେ ପ୍ରତିଶତ ଆମଠାରୁ ଲୁଚିରହିଛି। କାନାଡାରେ ଜନ୍ମିତ ତଥା ଆମେରିକାର ପ୍ରିନ୍ସଟନ୍ ବିଶ୍ୱବିଦ୍ୟାଳୟର ୮୪ ବର୍ଷୀୟ ପ୍ରଫେସର ଏମିରଟସ୍ ଡ. ଜେମ୍ସ ପିବ୍ଲସ ଏହି ଯୁଗାନ୍ତକାରୀ ଗବେଷଣା ପାଇଁ ପୁରସ୍କାର ରାଶିର ଅର୍ଦ୍ଧେକ ଅର୍ଥାତ୍ ପ୍ରାୟ ୫ ଲକ୍ଷ ଡଲାର, ଗୋଟିଏ ମେଡାଲ୍ ଓ ଗୋଟିଏ ଡିପ୍ଲୋମା ପାଇବେ। ଆମ ସୌରଜଗତ ବାହାରେ ପୃଥିବୀ ପରି ଆଉ ଗୋଟିଏ ଗ୍ରହ ୫୧ ପେଗାସିସ ଆବିଷ୍କାର କରିଥିବା କାରଣରୁ ପୁରସ୍କାର ରାଶିର ବାକି ଅର୍ଦ୍ଧେକ ସମାନ ଭାବରେ ବଣ୍ଟାଯିବ ସ୍ୱିଜରଲାଣ୍ଡରେ ଜନ୍ମିତ ଦୁଇଜଣ ଗବେଷକ ଡ. ମାଇକେଲ୍ ମେୟର ଓ ଡ. ଡିଡିଅର୍ କ୍ୱେଲୋଜ୍‌ଙ୍କ ମଧ୍ୟରେ। ଉଭୟ ପୁରସ୍କାର ରାଶି ସହ ମେଡାଲ ଓ ଡିପ୍ଲୋମା ଲାଭ କରିବେ। ୭୭ ବର୍ଷୀୟ ଡ. ମେୟର ସ୍ୱିଜରଲାଣ୍ଡସ୍ଥିତ ଜେନେଭା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଏମିରଟସ୍ ଅଛନ୍ତି। ୫୩ ବର୍ଷୀୟ କ୍ୱେଲେଜ୍ ଇଂଲଣ୍ଡସ୍ଥିତ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର କାଭେଣ୍ଡିସ୍ ଗବେଷଣାଗାର ଓ ଜେନେଭା ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

ଡ. ପିବ୍ଲସ ୧୯୭୧ରେ 'ଫିଜିକାଲ କସ୍‌ମୋଲୋଜି' ନାମକ ପୁସ୍ତକଟିଏ ଲେଖିଥିଲେ। ଏହା ଉଭୟ ତାତ୍ତ୍ୱିକ ଗବେଷଣା ଓ ପ୍ରୟୋଗାତ୍ମକ ବିଜ୍ଞାନକୁ ଗଭୀରଭାବେ ପ୍ରଭାବିତ କରିଆସିଛି। ବ୍ରହ୍ମାଣ୍ଡ ମହାବିସ୍ଫୋଟରୁ ଜନ୍ମଲାଭ କରି ପ୍ରସାରିତ ହେଉଛି। ପ୍ରାୟ ୪ ଲକ୍ଷ ବର୍ଷ ପରେ ଏହା ଶୀତଳ ହୋଇ ମୌଳିକ କଣିକାଗୁଡିକ ରାସାୟନିକ ବନ୍ଧ ସାହାଯ୍ୟରେ ଉଦ୍‌ଜାନ ଓ ହିଲିଅମ୍ ଗ୍ୟାସ୍‌କୁ ରୂପାନ୍ତରିତ ହେଲେ। ଫୋଟନ୍‌ଗୁଡିକ ମୁକ୍ତ ଭାବରେ ଯାତାୟାତ କଲେ।

୧୯୬୪ରେ ଦୁଇଜଣ ନୋବେଲ ବିଜେତା ଗବେଷକ ଆର୍ନୋପେନ୍‌ଜିଆନ୍ ଓ ରବର୍ଟ ୱିଲସନ ବ୍ରହ୍ମାଣ୍ଡର ଜନ୍ମ ସମୟର ଦୀପ୍ତିକୁ ସଂଯୋଗବଶତଃ ନିଜ ଆଣ୍ଟିନାରେ ଧରିଲେ। ଏହାକୁ 'ପୃଷ୍ଠତଳ ବିକିରଣ' ନାମରେ ବିଶ୍ୱବାସୀ ଜାଣିଲେ। ବ୍ରହ୍ମାଣ୍ଡ ସୃଷ୍ଟିର ୧୪୦୦ ବର୍ଷ ପରେ ଏହି ପୃଷ୍ଠତଳ ବିକିରଣ -୨୭୩ ଡିଗ୍ରୀ ସେଲସିୟସରେ ପହଞ୍ଚିଛି। ପିବ୍ଲସ ଅଙ୍କ କଷି ଦେଖାଇଲେ କିପରି ଏହି ପୃଷ୍ଠତଳ ବିକିରଣରୁ ବ୍ରହ୍ମାଣ୍ଡ ସୃଷ୍ଟି ସମୟରେ କେତେ ବସ୍ତୁ ସୃଷ୍ଟି ହୋଇଥିଲା ତାହା ଜଣାପଡିବ। ମହାଜାଗତିକ ପୃଷ୍ଠତଳ ବିକିରଣ ଆଧୁନିକ ବିଜ୍ଞାନକୁ ନୂଆ ଦିଗ ଓ ଦିଗନ୍ତ ଦେଖାଇଲା। ପିବ୍ଲସଙ୍କ ଗଣନା ଅନୁସାରେ ବ୍ରହ୍ମାଣ୍ଡ ସୃଷ୍ଟି ସମୟରେ ଯାହା ବସ୍ତୁତ୍ୱ ଥିଲା ଏବେ ତା'ର ମାତ୍ର ୫ ପ୍ରତିଶତ ଦୃଶ୍ୟମାନ, ବାକି ୯୫ ଭାଗ ଏବେ ଅଦୃଶ୍ୟ ରୂପରେ ଆତଯାତ। ପିବ୍ଲସଙ୍କ ଗବେଷଣା ଓ ପରବର୍ତ୍ତୀ ସମୟରେ ପ୍ରାୟୋଗିକ ନିଷ୍କର୍ଷରୁ ଜଣାପଡିଲା ଯେ ବ୍ରହ୍ମାଣ୍ଡର ୩୧ ପ୍ରତିଶତ ବସ୍ତୁ ଓ ୬୯ ପ୍ରତିଶତ ଶକ୍ତି। ୩୧ ପ୍ରତିଶତ ବସ୍ତୁରୁ ୫ ପ୍ରତିଶତ ଦୃଶ୍ୟମାନ ଓ ୨୬ ପ୍ରତିଶତ ଅଦୃଶ୍ୟ। ବାକି ୬୯ ପ୍ରତିଶତ ବ୍ରହ୍ମାଣ୍ଡର ଶୂନ୍ୟ ସ୍ଥାନରେ ଥିବା ଅଦୃଶ୍ୟ ଶକ୍ତି। ୧୯୯୮ରେ ସଲ୍ ପର୍ଲମୁଟର, ବ୍ରିଆନ୍ ସ୍ମିଡଟ ଓ ଆଦାମ୍ ରେସ୍ ଅଦୃଶ୍ୟ ଶକ୍ତିର ପ୍ରହେଳିକାକୁ ବୁଝାଇଥିଲେ। ସେମାନେ ୨୦୧୧ରେ ନୋବେଲ ପୁରସ୍କାର ପାଇଥିଲେ। ସେମାନେ ଅଦୃଶ୍ୟ ଶକ୍ତିକୁ ବ୍ରହ୍ମାଣ୍ଡର ଦ୍ରୁତ ପ୍ରସାରଣ ପାଇଁ ଦାୟୀ ବୋଲି ମତପ୍ରକାଶ କରିଥିଲେ। ଆଇନ୍‌ଷ୍ଟାଇନଙ୍କ ମହାଜାଗତିକ ଧ୍ରୁବାଙ୍କ ମଧ୍ୟ ଅଦୃଶ୍ୟ ଶକ୍ତିର ଉପସ୍ଥିତି ବୁଝାଇବାରେ ସକ୍ଷମ ହୋଇଛି।

ପିବ୍ଲସଙ୍କ ଗବେଷଣା ପରେ ଲୋକଲୋଚନକୁ ଆସିଥିବା ଅଦୃଶ୍ୟ ବସ୍ତୁ ଓ ଶକ୍ତି ବର୍ତ୍ତମାନ ମହାକାଶ ବିଜ୍ଞାନର ପ୍ରମୁଖ ପ୍ରହେଳିକା। ସେମାନଙ୍କୁ ଦେଖି ହୁଏନି ମାତ୍ର ସେମାନଙ୍କ ପ୍ରଭାବ ଯାହା ଅନୁଭବ କରିହୁଏ। ତେଣୁ ଆମେ ବ୍ରହ୍ମାଣ୍ଡର ଏ ଅନ୍ଧାର ପାଖ ସମ୍ବନ୍ଧରେ ବହୁତ କମ୍ କଥା ଜାଣିଛେ।

ଆମ ସୌରଜଗତରେ ଯେପରି ନବଗ୍ରହ ରହିଛି, ସେହିପରି ଆଉ କୌଣସି ସୌରଜଗତ ଓ ତା'ର ଗ୍ରହ ରହିଛି କି? ଡ. କ୍ୱେଲେଜ ଆମଠାରୁ ୫୦ ଆଲୋକବର୍ଷ ଦୂରରେ ଏହିପରି ଏକ ସୌରଜଗତ ଚିହ୍ନଟ କରିଥିଲେ, ଯେଉଁଠାରେ ଆମ ସୂର୍ଯ୍ୟ ପରି ଗୋଟିଏ ନକ୍ଷତ୍ର ଚାରିପଟେ ୧୧ ପେଗାସିସ ନାମକ ଗ୍ରହଟିଏ ପରିକ୍ରମଣ କରୁଛି। ତାଙ୍କ ଗୁରୁ ଡ. ମାଇକେଲ ମେୟର ପ୍ରଥମେ ତ ଆବିଷ୍କାରଟିକୁ ବିଶ୍ୱାସ କରି ନ ଥିଲେ। ପରେ ବାରମ୍ବାର ପର୍ଯ୍ୟବେକ୍ଷଣ ଦ୍ୱାରା ଏସମ୍ବନ୍ଧରେ ଦୃଢ ନିଶ୍ଚିତ ହେବା ପରେ ଉଭୟ ୬ ଅକ୍ଟୋବର ୧୯୯୫ରେ ଇଟାଲିର ଫ୍ଲୋରେନ୍ସଠାରେ ଏକ ସମ୍ମିଳନୀରେ ନିଜ ଆବିଷ୍କାରକୁ ଲୋକଲୋଚନକୁ ଆଣିଥିଲେ।

ଆଲୋଚ୍ୟ ସୌରଜଗତର ଆବିଷ୍କାର ଏକ ନୂଆ ଗବେଷଣାର ପଥ ଉନ୍ମୁକ୍ତ କଲା ଓ ବର୍ତ୍ତମାନ ସୁଦ୍ଧା ଆମ ଆକାଶଗଙ୍ଗାରେ ୧୧ ପେଗାସିସ ପରି ପ୍ରାୟ ୪୦୦୦ଟି ଗ୍ରହ ଆବିଷ୍କୃତ ହେଲାଣି। ସେମାନଙ୍କ ମଧ୍ୟରୁ କିଛି ବସବାସଯୋଗ୍ୟ ବୋଲି ମନେହୁଏ। ବାସ୍ତବିକ ଡ. ପିବ୍ଲସ୍, ଡ. ମେୟର ଓ ଡ. କ୍ୱେଲେଜ୍‌ଙ୍କ ଆବିଷ୍କାର ଯୁଗାନ୍ତକାରୀ।

କଟକ, ମୋ-୭୯୭୮୪୨୧୮୩୫

## ଏଇ ଭାରତରେ

ଦେଶରେ ଦଶହରାରେ ରାବଣ ପୋଡି ଉତ୍ସାହର ସହ ପାଳନ କରାଯାଇଛି, ହେଲେ ଛତିଶଗଡ଼ରେ ରାବଣ ପୋଡି ପରିବର୍ତ୍ତେ ପଞ୍ଚାୟତ ସଦସ୍ୟଙ୍କ ପ୍ରତିମୂର୍ତ୍ତିକୁ ପୋଡ଼ାଯାଇଛି। ବିଳାସପୁର ମସ୍ତୁରୀ ବ୍ଲକ୍‌ର ବନିୟାଡିହ ପଞ୍ଚାୟତରେ ଦେଖିବାକୁ ମିଳିଛି ଏମିତି ଏକ ଅଜବ ଘଟଣା। ଲୋକମାନେ ରାବଣ ବଦଳରେ ସରପଞ୍ଚ, ସମ୍ପାଦକ ଓ ୧୧ ଜଣ ୱାର୍ଡମେମ୍ବରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରି ତାହାକୁ ବିଜୟାଦଶମୀରେ ପୋଡ଼ିଛନ୍ତି। ପୂର୍ବ ୫ ବର୍ଷରେ ପଞ୍ଚାୟତରେ କୌଣସି ବିକାଶ ହୋଇ ନ ଥିଲା। ଲୋକମାନେ ପଞ୍ଚାୟତର ସ୍ଥାଣୁତା ବିରୋଧରେ ଏଭଳି ଏକ ପୋଡ଼ିର ଆୟୋଜନ କରି ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। କିନ୍ତୁ ପଞ୍ଚାୟତରେ ଥିବା ମହିଳା ସଦସ୍ୟଙ୍କୁ ସମ୍ମାନ ଦିଆଯାଇଛି। ମହିଳା ସଦସ୍ୟଙ୍କ ନାମ ପରିବର୍ତ୍ତେ ସେମାନଙ୍କ ପୁଅ କିମ୍ବା ସ୍ୱାମୀଙ୍କ ନାମ ଲେଖାଯାଇଥିଲା। ଏହି ପଞ୍ଚାୟତରୂପୀ ରାବଣର ଉଚ୍ଚତା ଥିଲା ୩୫ ଫୁଟ୍। ପ୍ରତିମୂର୍ତ୍ତିର ଶରୀରରେ ସରପଞ୍ଚଙ୍କ ସ୍ୱାମୀଙ୍କ ନାମ ଲେଖାଯାଇଥିଲା। ରାବଣର ଦଶମୁଣ୍ଡ ମଧ୍ୟରୁ ଗୋଟିଏ ଥିଲା ଗଧର ମୁଣ୍ଡ ଓ ସେଥିରେ ପଞ୍ଚାୟତ ସମ୍ପାଦକଙ୍କ ନାମ ଲେଖାଯାଇଥିଲା। ସରପଞ୍ଚଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ଥିବା ଜଣେ ୱାର୍ଡମେମ୍ବର ରାମ ସାଜି ତାହାକୁ ଦହନ କରିଥିଲେ।

## ଚିରନ୍ତନୀ

କହେ ଡାକି ସେ ଶବଦ
''ଶୁଣ ଶୁଣ
ହେ ଜଗତବାସି!
''ଜୀବନ ବିଜୟ ଦୀପ
ଅସୀମ ଆକାଶେ ଜଳେ ଭାସି।
''ଧରାର ତିମିର ତଳେ
ଚଳୁ ଜୀବନର ମହାରଥ
''ଉଠ ବୀର! ଏ ଆଲୋକ
ରଚିଦେଉ ତୋର ଛାୟାପଥ।
''ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
''ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର।

(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କଳିଙ୍ଗ ଷ୍ଟୁଡିଓର ପୁନର୍ବିନ୍ୟାସ ହେଉ

ମହାଶୟ,

ଗତ ଫନୀ ବାତ୍ୟାରେ ଭୁବନେଶ୍ୱରରେ ଥିବା କଳିଙ୍ଗ ଷ୍ଟୁଡିଓର ବ୍ୟାପକ କ୍ଷତି ହୋଇଛି। ପୂର୍ବରୁ ରାଜ୍ୟ ସରକାରଙ୍କ ଆର୍ଥିକ ସହାୟତାରେ ଏହାର ପୁନର୍ବିନ୍ୟାସ କରାଯାଇଥିଲା। ରାଜ୍ୟ ଚଳଚ୍ଚିତ୍ର ପ୍ରସ୍ତୁତି ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିଲା। ଏହାର ରକ୍ଷଣାବେକ୍ଷଣ ପ୍ରତି ଚଳଚ୍ଚିତ୍ର ଉନ୍ନୟନ ନିଗମ ଯତ୍ନବାନ ହେବା ଆବଶ୍ୟକ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ସଧବାଙ୍କୁ ବିଧବା ଭତ୍ତା

ରାସଗୋବିନ୍ଦପୁର ବ୍ଲକର ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରାମରେ ୧୦ ଜଣ ସଧବା ବିଧବା ଭତ୍ତା ପାଉଥିବାର ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ତଦନ୍ତ ଭାବେ କରାଯାଇ ଅଭିଯୋଗ ସତ୍ୟ ପ୍ରମାଣିତ ହୋଇଥିବାର ଖବର ପ୍ରକାଶ ପାଇଛି। ଏହିଭଳି ଦୁର୍ନୀତି ରାଜ୍ୟର ଅନ୍ୟ ବ୍ଲକ୍‌ଗୁଡିକରେ ହୋଇଥିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ନିର୍ଦ୍ଦିଷ୍ଟ ମାମଲାରେ ସଂପୃକ୍ତ ଲୋକପ୍ରତିନିଧି ଓ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ସହ ରାଜ୍ୟ ସରକାର ରାଜ୍ୟ ସାରା ବିଧବା ଭତ୍ତା ପାଉଥିବା ହିତାଧିକାରୀଙ୍କ ସମ୍ପର୍କରେ ତଦନ୍ତ କରିବା ଆବଶ୍ୟକ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନିର୍ବୋଧମାନଙ୍କ ଅଭିଧାନରେ ହିଁ ଅସମ୍ଭବ ଶବ୍ଦର ସ୍ଥାନ ପାଇଥାଏ।
- ନେପୋଲିୟନ ବୋନାପାର୍ଟ

## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ବାବୁଲା



ସରୋଜ



ଅଚ୍ୟୁତ



କିରନ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

## ଜଙ୍ଗଲ ଜମିରେ ଲଜିଷ୍ଟିକ ପାର୍କ

# ତଦନ୍ତ ରିପୋର୍ଟ ମାଗିଲା ଏନ୍‌ଜିଟି

ଯାଜପୁର ଅଫିସ,୧୧।୧୦



- ଜିଲାପାଳ, ଡିଏଫ୍‌ଓ, ଏସ୍‌ପିସିବିଙ୍କୁ ତଦନ୍ତ ଦାୟିତ୍ୱ
- ପରିବେଶ ମଞ୍ଜୁରୀ ବିନା ଜଳାଶୟ ପୋତା
- ସିଜିଡବ୍ଲୁଏ ମଞ୍ଜୁରୀ ବିନା ଭୂତଳ ଜଳ ବ୍ୟବହାର

କଳିଙ୍ଗନଗର ଶିଳ୍ପାଞ୍ଚଳ ଅନ୍ତର୍ଗତ ଦାନଗଦୀ ତହସିଲ ଯଖପୁରା ମୌଜାର ଏକ ଶାଳ କିସମ ଜମିରେ ସାଇଜର ଲିମିଟେଡ ନାମକ ସଂସ୍ଥା ଗତ ଏକ ବର୍ଷ ହେବ ବେଆଇନ ଭାବେ ମଲ୍ଟି ମୋଡାଲ ଲଜିଷ୍ଟିକ ପାର୍କ ନିର୍ମାଣ କରୁଛି। ଏହାର ପ୍ରତିବାଦ କରି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୪୨/୨୦୧୯ରେ ଏକ ମାମଲା ରୁଜୁ କରିଥିଲା। ଏହି ମାମଲା ଉପରେ ଏନ୍‌ଜିଟି ୯।୧୦।୨୦୧୯ରେ ଶୁଣାଣି କରି ଯାଜପୁର ଜିଲାପାଳ, ଡିଭିଜନାଲ ଫରେଷ୍ଟ ଅଫିସର(ଡିଏଫ୍‌ଓ) ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ଙ୍କୁ ମିଳିତ ଭାବେ ତଦନ୍ତ କରି ୩ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାସହ ଏସ୍‌ପିସିବିକୁ ଯୁଗ୍ମ ତଦନ୍ତର ପରିଚାଳନା ପାଇଁ ନୋଡାଲ ସଂସ୍ଥା ଭାବେ ନିଆଯାଇଛି। ଯଦି ଅଭିଯୋଗର ତଦନ୍ତରେ ସତ୍ୟତା ରହିଥାଏ ତେବେ ଆଇନ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ଏସ.ପି. ୱାଙ୍ଗଡି ଓ ଜୁଡିସିଆଲ ମେମ୍ବର ଡ. ସତ୍ୟୱନ ସିଂ ଗାରବ୍ୟାଲଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଜାରି କରିଛନ୍ତି। ଅଭିଯୋଗକାରୀଙ୍କ ପକ୍ଷରୁ ରାହୁଲ ଚୌଧୁରୀ ଓ ଶଙ୍କର ପାଣି ମାମଲାକୁ ପରିଚାଳନା କରିଛନ୍ତି। ଏନ୍‌ଜିଟିରେ ହୋଇଥିବା ମାମଲାରେ ଦର୍ଶାଯାଇଛି ଯେ, ଯଖପୁରା ମୌଜାର ଖାତା ନମ୍ବର ୪୧୯, ଅନାବାଦୀ ପ୍ଲଟ ନମ୍ବର ୮୬୫ ଓ ୮୬୭, କିସମ ଶାଳ ଜଙ୍ଗଲର ୧୧.୯୭ ଏକର ଜମିରେ ଏକ ଲଜିଷ୍ଟିକ ହବ୍ ନିର୍ମାଣାଧୀନ ରହିଛି। ଜଙ୍ଗଲ ସଂରକ୍ଷଣ ଆଇନ -୧୯୮୦ର ମଞ୍ଜୁରୀ ଏବଂ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ପାଳନ ବିନା ଏହି ନିର୍ମାଣ ଚାଲିଛି। ଏପରି କି ପରିବେଶ ଅନୁମତି ମଧ୍ୟ ନିଆଯାଇନାହିଁ। ସେଣ୍ଟ୍ରାଲ ଗ୍ରାଉଣ୍ଡ ୱାଟର ଅଥରିଟି (ସିଜିଡବ୍ଲୁଏ)ର ମଞ୍ଜୁରୀ ବିନା ଭୂତଳ ଜଳ ବ୍ୟବହାର କରାଯାଉଛି। ବିଡମ୍ବନା ଯେ, ନିର୍ମାଣ ସଂସ୍ଥା ସାଇଜର ବିଜୁ ପଟ୍ଟନାୟକ ମାର୍ଗସ୍ଥିତ ଐତିହାସିକ ବିଜୁ ପଟ୍ଟନାୟକ ପାର୍କ ନିକଟରେ ଥିବା ଏହି ଜମିର ଜଳାଶୟକୁ ମଧ୍ୟ ପୋତିଦେଇଛି। ଏହି ଜଳାଶୟ ଉପରେ ଆଖପାଖ ଅଞ୍ଚଳର ବହୁ ଚାଷୀ ନିର୍ଭର କରୁଥିଲେ। ମରୁଡ଼ି ସମୟରେ ଚାଷୀଙ୍କ ପାଣି ଅଭାବକୁ ଏହି ଜଳାଶୟ ପୂରଣ କରୁଥିଲା। ହେଲେ ସାଇଜର ସଂସ୍ଥା ପ୍ରାୟ ୨୦ହଜାର ଟ୍ରିପ୍ ପାଉଁଶ ଆଣି ଉକ୍ତ ଜଳାଶୟକୁ ପୋତିଦେଇଛି। ବିଜୁ ପଟ୍ଟନାୟକ ମାର୍ଗକୁ ଲାଗି ଏଭଳି ବେଆଇନ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ମାଟି ଉଠାଣ ପାଇଁ ପ୍ରଶାସନ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ମଧ୍ୟ ନାହିଁ। ଜଙ୍ଗଲ ଜମି ହୋଇଥିବାରୁ ସ୍ଥାନୀୟ ତହସିଲଦାର ଅନୁମତି ଦେବାକୁ ମନା କରିଦେଇଥିବା ସୂଚନା ମିଳିଛି। ସ୍ଥାନୀୟ ପ୍ରଶାସନକୁ ହାତକରି ଜଙ୍ଗଲ ଜମିରେ ଏହି ନିର୍ମାଣ ଚାଲିଥିବା ଏନ୍‌ଜିଟିରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ, ଏନ୍‌ଜିଟି ନିର୍ଦ୍ଦେଶ ଏଯାଏ ତାଙ୍କର ହସ୍ତଗତ ହୋଇନାହିଁ। ଅଭିଯୋଗ ଉପରେ ଯୁଗ୍ମ ତଦନ୍ତ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିବା ସେ ଶୁଣିଛନ୍ତି। ଯୁଗ୍ମ ତଦନ୍ତ ରିପୋର୍ଟ ଦାଖଲ କରିବା ପରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବେହେରା କହିଛନ୍ତି।



## ଜିଲା ଚିଠି
### ସୁନ୍ଦରଗଡ଼

# ଅନ୍ଧବିଶ୍ୱାସରେ ଯାଉଛି ଜୀବନ

ବିଜ୍ଞାନର ଅଗ୍ରଗତି ବଳରେ ମନୁଷ୍ୟ ଚନ୍ଦ୍ରପୃଷ୍ଠରେ ପାଦ ଥାପିଥିବା ବେଳେ ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ଅନ୍ଧବିଶ୍ୱାସ ଓ କୁସଂସ୍କାରରେ ପେଷିହୋଇ ଅନେକ ନିରୀହ ଲୋକଙ୍କ ଜୀବନ ଯାଉଛି। ଜିଲାରେ ଘଟିଥିବା ହତ୍ୟାକାଣ୍ଡଗୁଡ଼ିକ ମଧ୍ୟରେ ଅଧିକାଂଶ ଡାହାଣିଜନିତ ସନ୍ଦେହରେ ଘଟିଥିବା ପୋଲିସ ତଦନ୍ତ ପରେ ଜଣାପଡ଼ିଛି। ଏବେ ମଧ୍ୟ ଆଦିବାସୀଙ୍କ ଜନଜୀବନ ଧାରାରେ ଅନ୍ଧବିଶ୍ୱାସ ବସାବାନ୍ଧିଛି। ଫଳରେ ପ୍ରତିବର୍ଷ ଜିଲାର ଗ୍ରାମାଞ୍ଚଳରେ ଏଭଳି ହତ୍ୟାକାଣ୍ଡ ବୃଦ୍ଧିପାଇବା ଉଦ୍‌ବେଗର ବିଷୟ। ନିକଟରେ ସୁନ୍ଦରଗଡ଼ ସଦର ଥାନା ସୁବଳୟା ଗ୍ରାମରେ ଜଣେ ବୃଦ୍ଧା ହତ୍ୟାର ଶିକାର ହୋଇଛନ୍ତି। ସେହିପରି ବଣାଇ ଉପଖଣ୍ଡରେ ମଧ୍ୟ ଡାହାଣି ସନ୍ଦେହଜନିତ ହତ୍ୟାକାଣ୍ଡ ବୃଦ୍ଧି ପାଇଛି। ବିଗତ ୧୦ବର୍ଷ ମଧ୍ୟରେ ଜିଲାରେ ୩୦ରୁ ଊର୍ଦ୍ଧ୍ୱଙ୍କର ଜୀବନ ଯାଇଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। ଏହି ୧୦ବର୍ଷ ଭିତରେ ଗୁରୁଣ୍ଡିଆ ବ୍ଲକରେ ୧୦ଜଣ ହତ୍ୟାର ଶିକାର ହୋଇଥିବା ବେଳେ ୨୫ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। କୋଇଡା ବ୍ଲକରେ ୧୩ଜଣ ହତ୍ୟାର ଶିକାର ହୋଇଥିବାବେଳେ ୩୮ ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। ଲହୁଣୀପଡା ବ୍ଲକରେ ୪ଜଣ ହତ୍ୟାର ଶିକାର ହୋଇଥିବା ବେଳେ ୧୭ ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। ବଣାଇ ବ୍ଲକରେ ୨ଜଣଙ୍କୁ ମାରି ଦିଆଯାଇଥିବା ବେଳେ ୧୨ ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। ସେହିପରି ସଦର ବ୍ଲକରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଗୋଟିଏ ପରିବାର ନିର୍ଯାତନାର ଶିକାର ହୋଇଛନ୍ତି। ଏଥିସହିତ ସବ୍‌ଡେଗା ବ୍ଲକରେ ଜଣେ ଆଦିବାସୀ ମହିଳାଙ୍କୁ ଡାହାଣୀ ସନ୍ଦେହରେ ଉଲଗ୍ନ କରି ଗାଁ ଦାଣ୍ଡରେ ବୁଲାଇବା ଘଟଣା ମଧ୍ୟ କାହାରି ମନରୁ ଲିଭି ନାହିଁ। ଏସବୁ ଘଟଣାଗୁଡ଼ିକରେ ପୋଲିସ ପକ୍ଷରୁ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଉଥିଲେ ହେଁ ପରବର୍ତ୍ତୀ ସମୟରେ ଅଧିକାଂଶ ପ୍ରମାଣ ଅଭାବରୁ କୋର୍ଟରୁ ଖଲାସ ହୋଇଯାଉଛନ୍ତି। ହେଲେ ଲୋକଙ୍କ ମଧ୍ୟରେ ଡାହାଣି ସନ୍ଦେହ ଭଳି ଏକ ସାମାଜିକ କୁସଂସ୍କାରକୁ ଦୂରକରିବା ସକାଶେ ସଚେତନତାମୂଳକ କାର୍ଯ୍ୟକ୍ରମର ଅଭାବ ଦେଖାଦେଇଛି। ପ୍ରଶାସନ ପକ୍ଷରୁ କୌଣସି ସଚେତନତାମୂଳକ କାର୍ଯ୍ୟକ୍ରମ ସକାଶେ ଉଦ୍ୟମ କରାଯାଉନାହିଁ। ଏନେଇ ବିଭିନ୍ନ ସମୟରେ ଜିଲାର କେତେଜଣ ସାମାଜିକ କର୍ମୀ ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ପଦକ୍ଷେପ ନେବା ପାଇଁ ଦାବି ମଧ୍ୟ କରିଆସୁଛନ୍ତି। ଜିଲାରେ ଘଟୁଥିବା ଏଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକ ରୋକିବା ଦିଗରେ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରିବାର ଜରୁରୀ ଆବଶ୍ୟକତା ରହିଛି। ପ୍ରଶାସନ ଆଗକୁ କିଭଳି ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ତାହା ଭବିଷ୍ୟତରେ ଜଣାପଡ଼ିବ।

– ଜୟନାରାୟଣ ମେଣ୍ଡୁଲି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭିତରେ ଭିତରେ କାଟୁଛି ଗୋଛି;**
**ଦାଣ୍ଡେ ଦେଖାଉଛି ନାଲି ବଇଁଶୀ ।**

ଆପଣାର ଭାବ ଦେଖାଇ ମୁହଁ ସାମ୍ନାରେ ଚାଟୁବଚନ, ପରୋକ୍ଷରେ ଶତ୍ରୁତା ଆଚରଣ। ଯିଏ ପଛରୁ ଛୁରି ଭୁସେ, ସାମ୍ନାରେ ଭଲେଇ ହୋଇ ପଛରେ ଅନିଷ୍ଟ ଘଟାଏ ସେ ସବୁଠାରୁ କ୍ଷତିକାରକ ଏବଂ ଘୃଣ୍ୟ ବ୍ୟକ୍ତି ରୂପେ ପରିଗଣିତ ହୋଇଥାଏ। ମୁହଁରେ ହସ ପେଟରେ ବିଷ ଭଳି ଆପଣାର ଭାବ ଦେଖାଉଥିବା କୁଟିଳ ବ୍ୟକ୍ତି କେବେ ବି ଭରସାଯୋଗ୍ୟ ହୋଇ ନ ଥାନ୍ତି। ଏପରି ବ୍ୟକ୍ତି କେବେ କାହାର ମଙ୍ଗଳ ଚାହିଁ ନ ଥାନ୍ତି କି କାହାରି ଉପକାରରେ ଆସି ନ ଥାନ୍ତି। ଉପରେ ମଧୁର ବା ଚିକ୍କଣ କଥା କହି ଗୋପନରେ ଅନିଷ୍ଟ କରୁଥିବା କୁଟିଳ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭଲା ରସିକ,**
**କଖାରୁ ଫୁଲକୁ ପାରୁଡ଼ା ପୋକ ।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। କଖାରୁ ଫୁଲ ଓ ପାରୁଡ଼ା ପୋକ ନିଜ ନିଜ କ୍ଷେତ୍ରରେ ନିକୃଷ୍ଟ ହେବା ଭଳି ରସିକିଆପଣ ଦେଖାଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଭୁବା ଅବକାଶ ନିଲାମ ବିଜ୍ଞପ୍ତି

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ
''ରଙ୍ଗବତୀ ଉତ୍ସବ-୨୦୧୯''
(ପଶ୍ଚିମ ଓଡ଼ିଶା ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ)

ସ୍ଥାନ: ଭଞ୍ଜ କଳା ମଣ୍ଡପ, ଭୁବନେଶ୍ୱର
ତାରିଖ: ତା. ୧୨ ଅକ୍ଟୋବର, ୨୦୧୯, ସମୟ: ଘ. ୬.୩୦ ମି.

ମୁଖ୍ୟ ଅତିଥି:
ଶ୍ରୀଯୁକ୍ତ ଜ୍ୟୋତିପ୍ରକାଶ ପାଣିଗ୍ରାହୀ,
ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା।

ସମ୍ମାନନୀୟ ଅତିଥି:
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ,
ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା।

ଶ୍ରୀଯୁକ୍ତ ବିଜୟ କୁମାର ନାୟକ,
ନିର୍ଦ୍ଦେଶକ ଓ ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା।

ଡଃ. ରାମକୃଷ୍ଣ ସାହୁ
ସ୍ୱତନ୍ତ୍ର ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା

ସଭାପତି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର।

ସାଂସ୍କୃତିକ କାର୍ଯ୍ୟକ୍ରମ:
* ସମ୍ବଲପୁରୀ ସଙ୍ଗୀତ: ପଦ୍ମିନୀ ଦୋରା ଓ ସାଥୀ, ସମ୍ବଲପୁର
* ସମ୍ବଲପୁରୀ ନୃତ୍ୟ: ଗଙ୍ଗାଧର ଦାସ ଓ ସାଥୀ, ସମ୍ବଲପୁର
* ବଜାସାଲ: ନିକିତା ଦାସ ଓ ସାଥୀ, ଜୁନାଗଡ଼, କଳାହାଣ୍ଡି

ଏହି ଉତ୍ସବକୁ ଆପଣମାନଙ୍କୁ ସାଦର ନିମନ୍ତ୍ରଣ।

ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ

NOTICE
IN THE DEBTS RECOVERY TRIBUNAL, CUTTACK
C-71, SECTOR-7, CDA, CUTTACK-753014
O.A. No. 177 of 2019
Syndicate Bank, Paradeep Port Branch,
Paradeep, Dist.- Jagatsinghpur ...Applicant
-Versus-
Sk. Raphik and others Defendants
To
5. Mr. Sk. Hashimuddin, At P.O. Paradeepgarh, P.S. Paradeep Lock, Dist. Jagatsinghpur-754141
6. Mr. Sushant Kumar Samal, S/o Late Natabara Samal, At P.O. Paradeepgarh, P.S. Paradeep Lock, Dist. Jagatsinghpur-754141

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted a suit in O.A. No. 177 of 2019 in the Court of Debts Recovery Tribunal at Cuttack for a recovery of Rs.30,16,895.37 only together with current and future interest, costs and other reliefs. The above mentioned defendants are therefore hereby directed to appear before the Tribunal in person or through an Advocate duly authorised agent in support of their defence to show cause within 30 days from the date of publication or on 14th day of Nov. 2019 at 10.30 A.M. as to why relief is prayed for should not be granted.
Take notice that in case of default the application will be heard and determined in their absence.
Given under my hand and seal of this Tribunal on this 25th day of September 2019.
Sd/- Registrar
Manoj Kumar Patnaik
Debts Recovery Tribunal

ବିଜ୍ଞପ୍ତି

## ଆଜି କ'ଣ କେଉଁଠି

**ଉଲୁଣ୍ଡା**
■ମା' ମାହେଶ୍ୱରୀ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ, ମରାଲୋଏ ଖେଳ ପଡିଆ, ପୂର୍ବାହ୍ନ ୯।୩୦।

**ସୁନ୍ଦରଗଡ**
■୧୫୦ତମ ଗାନ୍ଧୀ ଜନ୍ମବାର୍ଷିକ ଉତ୍ସବ, ୱେଲଫେୟାର ସେଣ୍ଟର, ଛେଣ୍ଡ, ସନ୍ଧ୍ୟା ୬ଟା।

**ଲୋଇସିଂହା**
■୭୪ତମ ଭାଗବତ ସତ୍‌ସଙ୍ଗ ମହୋତ୍ସବର ଉଦ୍‌ଯାପନୀ, ଜଗନ୍ନାଥ ମନ୍ଦିର, ପୂର୍ବାହ୍ନ ୯ଟା।

**ଟିଟିଲାଗଡ**
■ଲର୍ଣ୍ଣିଙ୍ଗ ଲାଇସେନ୍ସ ପ୍ରଦାନ ପାଇଁ ଶିବିର, ବାଳକ ଉଚ୍ଚ ବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

**ବିଜେପୁର**
■ଚଣ୍ଡୀପାଠ, ଜାରିଂ ସମଲେଇ ମନ୍ଦିର, ପୂର୍ବାହ୍ନ ୯ଟା।
■ଲଣ୍ଡାବୀର ବଇଲ ଯାତ୍ରା, ଏମ.ଶ୍ରୀଗିଡା ଉତ୍ତାଳ ନଦୀ ନିକଟସ୍ଥ ପୀଠ, ଅପରାହ୍ନ ୨ଟା।

**କର୍ଲାମୁଣ୍ଡା**
■କନ୍ଧ ସମାଜ ଯୁବ ସମାବେଶ, ଶାନ୍ତିବନ-କୁର୍ଶୁର୍ଲା ଯୋରାଡବରା-ମସ୍କାଦାଣ୍ଡି, ପୂର୍ବାହ୍ନ ୧୧ଟା।

**ଦେବଗଡ଼**
■ଗଜଲକ୍ଷ୍ମୀ ପୂଜାର ଅଧିବାସ, କଳସ ଯାତ୍ରା, ପ୍ରଧାନପାଟରୁ ବଣିଆ ସାହି, ସନ୍ଧ୍ୟା ୬ଟା।
■ଦଶହରା ଖେଳ, ରଜାମୁଣ୍ଡା, ଦେବଗଡ଼, ଅପରାହ୍ନ ୨ଟା।

**ରାଉରକେଲା**
■ମାସିକ ସାହିତ୍ୟ ଆଲୋଚନା, ଛେଣ୍ଡ କଲୋନୀ ହୃଷୀକେଶ ରାୟ ମହାବିଦ୍ୟାଳୟ, ସନ୍ଧ୍ୟା ୬ଟା ୪୫।
■ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ, ଦେଓଗାଁ ଗାନ୍ଧୀ ମହାବିଦ୍ୟାଳୟ, ପୂର୍ବାହ୍ନ ୧୧ଟା।

**ନୂଆପଡା**
■କାର୍ତ୍ତିକ ପୂଜା ପାଇଁ ପ୍ରସ୍ତୁତି ବୈଠକ, ରାଧାକୃଷ୍ଣ ମନ୍ଦିର, ସନ୍ଧ୍ୟା ୭ଟା।

**ସମ୍ବଲପୁର**
■ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ, ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ଅପରାହ୍ନ ସାଢ଼େ ୨ଟା ।
■ପଶ୍ଚିମ ଓଡିଶା କଲ୍ୟାଣ ସମିତିର ନୂଆଁଖାଇ ଭେଟଘାଟ, ବୁର୍ଲା ସ୍ଥିତ ଭାରତୀ କ୍ଲବ ଦୁର୍ଗା ମଣ୍ଡପ ପଡିଆ, ଅପରାହ୍ନ ୩ଟା ।

### ଫନୀ କ୍ଷତିଗ୍ରସ୍ତ କୁମ୍ଭକାରଙ୍କୁ ସହାୟତା

# ୮ଚକ ପ୍ରଦାନ କଲେ ସାମାଜିକ କର୍ମୀ


**ପୁରୀ ଅଫିସ, ୧୧।୧୦:** ପ୍ରଳୟଙ୍କରୀ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ହୋଇଥିବା କୁମ୍ଭକାରମାନଙ୍କ ସହାୟତା ପାଇଁ ଆଗେଇ ଆସିଛନ୍ତି ଜଣେ ସାମାଜିକ କର୍ମୀ। ଶୁକ୍ରବାର କଟକ ନିବାସୀ ଦେବାଶିଷ ସେନାପତି ଓଡ଼ିଶା କୁରାଳ ମହାସଂଘ ସହଯୋଗରେ ୮ଟି ଚକ ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ମହାସଂଘ ରାଜ୍ୟ ସଭାପତି ସରୋଜ କୁମାର ବେହେରା ଓ କମିଟି ସଦସ୍ୟ ମହେନ୍ଦ୍ର ବିଶୋଇ ସୂଚନା ଦେଇଛନ୍ତି। ଫନୀରେ ପୁରୀ ସହରର କୁମ୍ଭାରପଡା, ଟିକରପଡା,ଜେନାପୁର ସମେତ, ସଦର, ବ୍ରହ୍ମଗିରି, ସତ୍ୟବାଦୀ ପ୍ରଭୃତି ଅଞ୍ଚଳର ୧୮୦ରୁ ଊର୍ଦ୍ଧ୍ୱ କୁମ୍ଭକାର କ୍ଷତିଗ୍ରସ୍ତ ହୋଇଥିଲେ।

# ବାଇକ୍ ଜବତ, ୨ ଗିରଫ

**ବଡବିଲ, ୧୧।୧୦ (ସ୍ୱ.ପ୍ର.)-** କେନ୍ଦୁଝର ଜିଲା ରୁଗୁଡି ଥାନା ଅନ୍ତର୍ଗତ ହରମଠ ଗ୍ରାମ୍ୟ ରାସ୍ତାରେ ଶୁକ୍ରବାର ପୋଲିସ ଚଢାଉ କରି ମହୁଲି ମଦ ଚୋରାଚାଲାଣ କରୁଥିବା ୨ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ଟି ବାଇକ ଓ ୨ଟି ଟ୍ୟୁବରେ ଥିବା ୪୦ ଲିଟର ମହୁଲିମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ହରମଠ ଗ୍ରାମର ପୁଷେ ମୁଣ୍ଡା ଓ ରାହୁଲ କୁମାର ସାହା।

ପୂର୍ବ ତଟ ରେଳପଥ

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଦେବଗଡ
ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ
ନିରୁଦ୍ଦିଷ୍ଟ ଶିଶୁ ସମ୍ପର୍କରେ ବିଜ୍ଞାପନ
ସଂଖ୍ୟା :୩୧୦/୧୯, ତା:୧୧/୧୦/୧୯



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଦେବଗଡ ଜିଲ୍ଲାର ବାରକୋଟ ପୋଲିସ ଦ୍ୱାରା ଗତ ତା-୧୬/୦୯/୧୯ ରାତି ୧୧ଟା ସମୟରେ ବାରକୋଟ ନିକଟବର୍ତ୍ତୀ ଆମଗାଁ ଛକରୁ ଏକ ଅଜଣା ଶିଶୁ କନ୍ୟା (ଆନୁମାନିକ ବୟସ ୧୩ କିମ୍ବା ୧୪ ବର୍ଷ)କୁ ଉଦ୍ଧାର କରାଯାଇ ଦେବଗଡ ଜିଲ୍ଲା ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ ଶିଡ ସପୋର୍ଟ ଶିଶୁ ଗୃହରେ ଆଶ୍ରୟ ଦିଆ ଯାଇଛି । ଶିଶୁଟି ନିଜ ନାମ କିମ୍ବା ଠିକଣା କହିପାରୁ ନାହିଁ । ଶିଶୁଟି ଆଂଶିକ ମାନସିକ ଅବସ୍ଥାର ବୋଲି ଅନୁମାନ କରାଯାଉଛି । ଏହି ଶିଶୁର ଯଦି କେହି ପିତାମାତା, ଅଭିଭାବକ ବା ଆଇନ ସିଦ୍ଧ ଦାବିଦାର ଥାଆନ୍ତି କିମ୍ବା କୌଣସି ବ୍ୟକ୍ତି ଶିଶୁଟିର ପରିଚୟ ଜାଣିଥାନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, ଦେବଗଡ, ଫୋନ ନଂ-୦୬୬୪୧-୨୨୬୬୪୫ କିମ୍ବା ଜିଲ୍ଲା ଶିଶୁ ମଙ୍ଗଳ ସମିତି, ଦେବଗଡ, ଫୋନ ନଂ-୦୬୬୪୧-୨୨୬୬୪୩ କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଗଲା ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ।
ସ୍ୱା/- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଦେବଗଡ

See Career Appointment on every Wednesday & Saturday



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ଆରଟିଓ ଦଲାଲ ଗିରଫ

ସମ୍ବଲପୁର, ୧୧।୧୦ (ବ୍ୟୁରୋ)

ସମ୍ବଲପୁର ଆରଟିଓରେ ଦଲାଲି କାମ କରୁଥିବା ତୁରିପଡ଼ାର ନାରାୟଣ ଓରାମ(୪୧) ନାମକ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ଫୋନ, ଟଙ୍କା ଏବଂ ଆରଟିଓ ଅଫିସର କାଗଜପତ୍ର ଜବତ କରି ପୋଲିସ ଏକ ମାମଲା ରୁଜୁ କରିଛି।

### ଯୁବକ ସଂଘର ବାର୍ଷିକ ଉତ୍ସବ

ନାକଟିଦେଉଳ, ୧୧।୧୦ (ଡି.ଏନ.ଏ.)

ବଳମ ପଞ୍ଚାୟତର ଉପରମୁଣ୍ଡାସ୍ଥିତ ମାହେଶ୍ୱରୀ ଯୁବକ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହରେନ ସାହୁ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଭାଜପା ନେତ୍ରୀ ଅରୁନ୍ଧତୀ କୁମାରୀ ଦେବୀ, ସ୍ୱାମୀ ଅଭୟଜୀ ବ୍ରହ୍ମଚାରୀ, ଭାଜପା ରାଜ୍ୟ କାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଗଡତ୍ୟା, ପ୍ରମୋଦ କୁମାର ସାହୁ, ବଳମ ସରପଞ୍ଚ ବୀରେନ ପ୍ରଧାନ, ସମିତି ସଭ୍ୟ ନେତ୍ରାନନ୍ଦ ରାଉଳ ପ୍ରମୁଖ ଯୋଗ ଦେଇଥିଲେ । ଭକ୍ତବଲ୍ଲଭ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନିଗମାନନ୍ଦ ସାହୁ ବିବରଣୀ ପାଠ କରିଥିଲେ।

# ବିଡିଓ, ତହସିଲଦାରଙ୍କ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ଦେବଗଡ,୧୧।୧୦(ଡି.ଏନ.ଏ.)

ଜିଲାରେ ରୋଗୀମାନଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହିତ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଆଣିବା ନେଇ ଜିଲାପାଳ ସୁଧାଂଶୁ ମୋହନ ସାମଲ ପ୍ରୟାସ ଆରମ୍ଭ କରିଛନ୍ତି। ଗୁରୁବାର ଜିଲାପାଳ ସାମଲ ଅଚାନକ ସଦର ଡାକ୍ତରଖାନା ପରିଦର୍ଶନ କରିଥିଲେ। ବାରକୋଟ, ତିଲେଇବଣି ଏବଂ ରିଆମାଳ ବ୍ଲକ ଅଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବାକୁ ସମ୍ପୃକ୍ତ ବ୍ଲକର ବିଡିଓ ଏବଂ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବିଡିଓ ଏବଂ ତହସିଲଦାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି।

ଶୁକ୍ରବାର ବିଡିଓ କୃଷ୍ଣ ଚନ୍ଦ୍ର ଦଳପତି, ତହସିଲଦାର ପଲ୍ଲବୀ ନାୟକ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ତିଲେଇବଣି ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରର ପରିଷ୍କାର, ପରିଚ୍ଛନ୍ନତା ଦେଖିବା ସହ ବିଭିନ୍ନ କୋଠାର ଅବସ୍ଥା ବୁଲି ଦେଖିଥିଲେ। ଏପରି କି ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଭେଟି ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସ୍ୱାସ୍ଥ୍ୟ ସେବା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପରିମଳ ବ୍ୟବସ୍ଥା ସନ୍ତୋଷଜନକ ନ ଥିବା ଅଧିକାରୀମାନେ ଦେଖିବାକୁ ପାଇଥିଲେ। ସେହିପରି ରିଆମାଳ ବିଡିଓ ବିମଳା ବିରୁଳି, ଅତିରିକ୍ତ ତହସିଲଦାର, ଏବିଡିଓ ଏବଂ କନିଷ୍ଠ ଯନ୍ତ୍ରୀ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପରିମଳ ବ୍ୟବସ୍ଥା ଠିକ୍ ଥିବା ସହ ରୋଗୀମାନେ ସେବା ପାଉଥିବା ଅଧିକାରୀମାନେ ପ୍ରକାଶ କରିଛନ୍ତି। ବାରକୋଟ ବିଡିଓ ଟୁନୁ ମେହେର, ତହସିଲଦାର ରାଜୀବଲୋଚନ ବେହେରା, ବ୍ଲକ ସହକାରୀ ଯନ୍ତ୍ରୀ ବାରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ଅନୁଧ୍ୟାନ କରିଥିଲେ। ହେଲେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିଷ୍କାର ପରିଚ୍ଛନ୍ନତା ସହ ସ୍ୱାସ୍ଥ୍ୟସେବା ସନ୍ତୋଷଜନକ ନ ଥିବା ପରିଦର୍ଶନକାରୀ ଦଳ ପ୍ରକାଶ କରିଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ଗସ୍ତ ସମୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସା ଅଧିକାରୀ ଉପସ୍ଥିତ ଥିଲେ।



ଅଧିକାରୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।



ଶୁକ୍ରବାର ସମ୍ବଲପୁର ଶାନ୍ତିନଗରସ୍ଥିତ ବିଜେଡି କାର୍ଯ୍ୟାଳୟରେ ଶ୍ରମିକ ନେତା ଗୋକୁଳ ମେହେର ବକ୍ତବ୍ୟ ପ୍ରଦାନ କରୁଛନ୍ତି ।

# ବିଜେଡି କାର୍ଯ୍ୟାଳୟରେ ଜୟପ୍ରକାଶ ଜୟନ୍ତୀ

ସମ୍ବଲପୁର, ୧୧।୧୦ (ବ୍ୟୁରୋ)

ଶାନ୍ତିନଗରସ୍ଥିତ ବିଜେଡି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଲୋକ ନାୟକ ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ଏନଏସି କଲେଜ ଅଧ୍ୟାପକ ପ୍ରଦୀପ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜୟପ୍ରକାଶଙ୍କ ସମାଜବାଦ ଚିନ୍ତାଧାରା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ଗୋକୁଳ ମେହେର, ରବି ପୂଜାରୀ, ସୌରୀନାରାୟଣ ପାଣିଗ୍ରାହୀ, ରାଙ୍ଗିୟ ଷଡଙ୍ଗୀ, ରାଜଲକ୍ଷ୍ମୀ ପ୍ରଧାନ, ଦେବାଶିଷ ନନ୍ଦ, ସୁରେନ୍ଦ୍ର ବିଶ୍ୱାଳ, ଚିତ୍ତରଞ୍ଜନ ପଣ୍ଡା, କୃଷ୍ଣ ଚନ୍ଦ୍ର କନ୍ଧେର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ବଲପୁର ବିଜେଡି ଟାଉନ ସଭାପତି ପ୍ରଫୁଲ୍ଲ ଦାସ ସଭା ପରିଚାଳନା କରିଥିଲେ। ସୁଧାଂଶୁ ଶେଖର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ବଲପୁର ବିଧାନସଭା କ୍ଷେତ୍ରର ଶତାଧିକ ବିଜେଡି କର୍ମୀ ଓ କର୍ମକର୍ତ୍ତା ସାମିଲ ଥିଲେ।

# ଡ୍ୟାନ୍ସ ଧମାକାରେ ସରିତା ଚାମ୍ପିୟନ, ଭାଗ୍ୟ ବିଜେତା ରଞ୍ଜିତ ପ୍ରଧାନ

ଦେବଗଡ,୧୧।୧୦–(ଡି.ଏନ.ଏ)

ମଠସାହି ଦୁର୍ଗାପୂଜା କମିଟି ମନୋରମା କ୍ଲବ ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ଡ୍ୟାନ୍ସ ଧମାକା ଓ ମା'ଙ୍କ ଆଶୀର୍ବାଦ ଶାଢୀ ଓ ଭୋଗ ଲଡୁ, ଭୋଗଥାଳି ଲକି କୁପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ତଥା ଜିଲା ବାହାରୁ ୫୦ରୁ ଊର୍ଦ୍ଧ୍ୱ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରି ନୃତ୍ୟ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ସରିତା କରମି ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କାର ସ୍ୱରୂପ ୩ହଜାର ୧ ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ମଧୁସ୍ମିତା ସାହୁ ୨ହଜାର ୧ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ରିମଝିମ୍ ନାୟକଙ୍କୁ ୧ହଜାର ୧ ଟଙ୍କା ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ଯୋଗଦେଇ କଳାକାର ତଥା ଆୟୋଜକ ସଦସ୍ୟଙ୍କୁ ପ୍ରଶଂସା କରିବା ସହ ଉତ୍ସାହିତ କରିଥିଲେ। କଳାକାର ପିଙ୍କୁ ଝାଙ୍କର ମଞ୍ଚ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ଅଧ୍ୟାପକ ଚତ୍ତରଞ୍ଜନ ଦାସ, ବିଜୟିନୀ ଝାଙ୍କର ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସେହିପରି ପୂଜା ଉପଲକ୍ଷେ କମିଟି ପକ୍ଷରୁ ମା'ଙ୍କ ଆଶୀର୍ବାଦ ଶାଢିକୁ ଲକି କୁପନ ନଂ.୦୧୭ ମାଧ୍ୟମରେ ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଚଟିବରଘାଟ ଗ୍ରାମର ରଞ୍ଜିତ କୁମାର ପ୍ରଧାନ ଭାଗ୍ୟ ବିଜେତା ହୋଇ ମା'ଙ୍କ ଶାଢୀ, ଭୋଗ ଲଡୁ, ଶଙ୍ଖା, ସୁନା ଲକେଟ, ପିତଳ ଥାଳି ଆଦି ପୁରସ୍କାର ସ୍ୱରୂପ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ସଭାପତି ମନମୋହନ ସାହୁ, ଉପସଭାପତି ପ୍ରଦୀପ କୁମାର ଦାଶ, ସମ୍ପାଦକ କାର୍ତ୍ତିକେଶ୍ୱର ପଟ୍ଟନାୟକ, ସହସମ୍ପାଦକ କାଳିଆ ମାଝି, କୋଷାଧ୍ୟକ୍ଷ ପ୍ରଦୀପ ବେହେରା, ସହକୋଷାଧ୍ୟକ୍ଷ ଅଭିମନ୍ୟୁ ପ୍ରଧାନ, ବାପି ସାହୁ, ଦିଲୀପ ଘଡେଇ, ରମଣୀ ଆଚାର୍ଯ୍ୟ, ବୁନୁ ଆଚାର୍ଯ୍ୟଙ୍କ ସମତେ ସାହିବାସୀନ୍ଦା ପ୍ରମୁଖ ସହଯୋଗ କରିଥିଲେ।



ଭାଗ୍ୟ ବିଜେତା ରଞ୍ଜିତ କୁମାର ପ୍ରଧାନଙ୍କୁ ପୁରସ୍କୃତ କରାଯାଉଛି।

# ଏମ୍‌ପି ନୀତେଶ ଗଙ୍ଗଦେବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଦେବଗଡ଼,୧୧।୧୦(ଡି.ଏନ.ଏ)

ନବ ନିର୍ବାଚିତ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କୁ ଦେବଗଡ଼ ଜିଲା କ୍ରୀଡା ସଂସଦ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏମ୍‌ପି ଗଙ୍ଗଦେବ ସ୍ଥାନୀୟ ଇନ୍ଦିରାଗାନ୍ଧୀ ଇଣ୍ଡୋର ହଲରେ ପହଞ୍ଚିବା ପରେ ଜିଲା କ୍ରୀଡା ସଂସଦ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକ, ଉପ ସଭାପତି ନେତ୍ରାନନ୍ଦ ମହାକୁଳ, ଇଂ. ଚିତ୍ତରଞ୍ଜନ ପ୍ରଧାନ, ସତ୍ୟ ନାରାୟଣ ମିଶ୍ର, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ହେମନ୍ତ କୁମାର ମହାପାତ୍ର, ମହମ୍ମଦ ନସିର ଖାଁ, ନବୀନ କୁମାର ପାଣିଙ୍କ ସମେତ କ୍ରୀଡା ସଂସଦର ସମସ୍ତ ସଦସ୍ୟ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରି ପାଛୋଟି ନେଇଥିଲେ। ପରେ ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଏମ୍‌ପି ଗଙ୍ଗଦେବଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ କ୍ରୀଡା ସଂସଦର ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇ ଏହାର ସମାଧାନ ପାଇଁ ନିବେଦନ କରାଯାଇଥିଲା। ଏହି ଅବସରରେ ଷ୍ଟାଡିୟମର ଗ୍ୟାଲେରୀ ନିର୍ମାଣ, କବାଡି ମ୍ୟାଟ ଯୋଗାଣ ସହ ଅନ୍ୟାନ୍ୟ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ଅନୁରୋଧ କରାଯାଇଥିଲା। ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧ୍ୟରେ ସଂସଦର ସହ ସମ୍ପାଦକ ପ୍ରଦୀପ କୁମାର ଅମାନ୍ତ, କିଶୋର ରାୟ, ଡିଲେଶ୍ୱର ପ୍ରଧାନ, କୋଷାଧ୍ୟକ୍ଷ ପ୍ରଭାତ କୁମାର ପ୍ରଧାନ, ଫୁଟବଲ ସମ୍ପାଦକ ପ୍ରଦୀପ ବେହେରା, କବାଡି ସମ୍ପାଦକ ସୁବାସ ଭୋଇ, ଦୌଡକୁଦ ସମ୍ପାଦକ ଡିଲେଶ୍ୱର ସ୍ୱାଇଁ, ଖୋଖୋ ସମ୍ପାଦକ ବିରଞ୍ଚି ନାରାୟଣ ଦାଶ, ତୀରନ୍ଦାଜ ସମ୍ପାଦକ ସୁଶୀଳ ନାୟକ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ବାତ୍ସଲ୍ୟ କୁମାର ବିଶ୍ୱାଳ, ଜିଲା କ୍ରୀଡା ସଂସଦର ସଦସ୍ୟ ମନୋଜ ଆଚାର୍ଯ୍ୟ, ପ୍ରଦୀପ ଛତ୍ରିଆ, ସୁଶୀଳ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଇ.ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସମ୍ବର୍ଦ୍ଧନା ସଭା ପୂର୍ବରୁ ଜିଲା କ୍ରୀଡା ସଂସଦର ଇଣ୍ଡୋର ଗେମ ସମ୍ପାଦକ ରାଜେନ୍ଦ୍ର କୁମାର ଜିତଙ୍କ ବିୟୋଗରେ ସଂସଦ ପକ୍ଷରୁ ଶୋକ ପ୍ରକାଶ କରାଯିବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।



ସମ୍ବର୍ଦ୍ଧନା ସଭାରେ ସମ୍ବଲପୁର ଏମ୍‌ପି ନୀତେଶ ଗଙ୍ଗଦେବଙ୍କ ସହ ଜିଲା କ୍ରୀଡ଼ା ସଂସଦର ସଦସ୍ୟମାନେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901
8859983504

ଧମାକା ! ଦୀପାବଳି ଧମାକା !
Hindustan Finance (ରେଜି.)
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
B-34/7 A Block Vijay Enclave Burari, New Delhi

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ଅଷ୍ଟମ / ଦଶମ ପାସ୍
ମହିଳା / ପୁରୁଷ / ଦୋକାନୀ
୨ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନିଅନ୍ତୁ
୧% ସୁଧ ୨୫% ରିହାତି
୧୦ ବର୍ଷରେ ଫେରସ୍ତ
8586970773
9717483267
Add: 22/14, Sec.1, Andheri, Mumbai

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS BUSINESS

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

DHARITRI Career appointment Every Wednesday and Saturday

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

All India Tower
ଗ୍ରୁପ୍ 20 ବର୍ଷ ଧରି ଆପଣଙ୍କ ସେବାରେ । ସବୁ କମ୍ପାନୀର ଡିଜିଟାଲ ଟାୱାର୍ ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। ଆମକୁ ସାରା ଓଡ଼ିଶାରେ 750 ଟାୱାର୍ ଲଗାଇବାର ଅଛି। ଶୀଘ୍ର ଯୋଗାଯୋଗ କରନ୍ତୁ।
7838639856

Hi-Tech Tower Company
(1980ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287945770

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ। ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ଡୁମାଳ ପରିଷଦର ନୂଆଁଖାଇ ଭେଟଘାଟ

**ନାକଟିଦେଉଳ, ୧୧।୧୦ (ଡି.ଏନ.ଏ.)-** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ପଞ୍ଚାୟତର କତରାପାଲି ନିକଟସ୍ଥ କୁଞ୍ଜବନ ଆଶ୍ରମ ପରିସରରେ ରାଜ୍ୟ ଡୁମାଳ ପରିଷଦର ନୂଆଁଖାଇ ଭେଟଘାଟ ପାଳିତ ହୋଇଯାଇଛି । ଡୁମାଳ ପରିଷଦର ଜିଲା ସଭାପତି ଦେବଲାଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସୁଧୀର କର୍ଣ୍ଣ ମୁଖ୍ୟଅତିଥି, ଦେବାର୍ଚ୍ଚନ ଚାଉଳିଆ, ଦୟାସାଗର ମେଣ୍ଡୁଳି, ବିପିନ ପାତ୍ର, ସୋନପୁର ଜିଲା ସଭାପତି ଭୂଷଣ ପାତ୍ର, ନୟାଗଡ ଜିଲା ସଭାପତି ହାଡିବନ୍ଧୁ ମହାକୁଡ, ଦେବଗଡ ଜିଲା ସଭାପତି ନବକିଶୋର ନାଏକ, ବୌଦ୍ଧ ଜିଲା ସଭାପତି କୃତ୍ତିବାସ ପଲିଆ ପ୍ରମୁଖ ଯୋଗ ଦେଇଥିଲେ। ଗୌରିଶଙ୍କର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗଙ୍ଗାଧର ବଘାର ଧନ୍ୟବାଦ ଅର୍ପଣ କରିଥିଲେ । ସତ୍ୟନାରାୟଣ ମେଣ୍ଡୁଳି, ଆଲଫା ପ୍ରଧାନ, ବାସୁଦେବ ମହାକୁଡ, ପ୍ରଫୁଲ୍ଲ ପ୍ରଧାନ, ଅବନୀକାନ୍ତ ମହାକୁଡ, ଭାଗ୍ୟରଥି ଗଡତ୍ୟା, ଧନଞ୍ଜୟ ମହାକୁଡ ପ୍ରମୁଖ ସହଯୋଗ କରିଥିଲେ । ସରାପାଲି ମାହେଶ୍ୱରୀ ମନ୍ଦିରରେ ପୂଜାର୍ଚ୍ଚନା ପରେ କଳସ ଶୋଭାଯାତ୍ରାରେ କୁଞ୍ଜବନ ଆଶ୍ରମ ପର୍ଯ୍ୟନ୍ତ ଯାଇଥିଲେ।

### କାଂଶୀରାମଙ୍କ ପୁଣ୍ୟତିଥି ପାଳିତ

**ଚିପିଲିମା, ୧୧।୧୦ (ଡି.ଏନ.ଏ)-** ବହୁଜନ ସମାଜ ପାର୍ଟିର ପ୍ରତିଷ୍ଠାତା କାଂଶୀରାମଙ୍କ ପୁଣ୍ୟତିଥି ବୁର୍ଲାରେ ପାଳିତ ହୋଇଛି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଚନ୍ଦ୍ରମଣୀ ଦାସଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ବାବୁଲୁ ଛୁରିଆ, ପୂର୍ବତନ ସଭାପତି ନିହାଲ ସିଂ, ଜୟ ଲୁହା, ନାରାୟଣ ସୁନା, ସୁନାରାମ ନନ୍ଦ, ସୁରେନ୍ଦ୍ର କଲେତ ଓ ନାରାୟଣ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

### ଜମିବାଡି ଗଣ୍ଡଗୋଳରୁ ଟାଙ୍ଗିଆରେ ଆକ୍ରମଣ

**ନାକଟିଦେଉଳ, ୧୧।୧୦ (ଡି.ଏନ.ଏ)** ନାକଟିଦେଉଳ ବ୍ଲକ କିସିଣ୍ଡା ଥାନା ଅନ୍ତର୍ଗତ କଞ୍ଚନପୁରରେ ଶୁକ୍ରବାର ସନ୍ତୋଷ ଦେହୁରୀଙ୍କୁ ଟାଙ୍ଗିଆ ଆକ୍ରମଣ ହୋଇଛି। ଗାଁର ପବନ ପାତ୍ରଙ୍କ ସହ ତାଙ୍କର ଜମି ବାଡି ବିବାଦ ନେଇ ଗୁରୁବାର ଝଗଡା ହୋଇଥିଲା । ପବନ ତାଙ୍କ ପୁଅ ଜୟନ୍ତଙ୍କ ସହ ସନ୍ତୋଷଙ୍କ ଘରେ ପହଞ୍ଚି ଟାଙ୍ଗିଆରେ ଆକ୍ରମଣ କରିଥିଲେ । ଗୁରୁତର ଅବସ୍ଥାରେ ସନ୍ତୋଷଙ୍କୁ ନାକଟିଦେଉଳ ମେଡିକାଲକୁ ପରିବାର ଲୋକେ ଆଣିଥିଲେ ମଧ ଅବସ୍ଥା ଗୁରୁତର ହେବାରୁ ରେଢ଼ାଖୋଲ ମେଡିକାଲ ସ୍ଥାନାନ୍ତର କରାଯାଇଛି ।

### ବୈଦିକ ସ୍କୁଲରେ ଭିସମୁନ୍ କର୍ମଶାଳା ଉଦ୍‌ଘାଟିତ

**ସମ୍ବଲପୁର, ୧୧।୧୦ (ବ୍ୟୁରୋ)-** ବୈଦିକ ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରସ୍ଥ ତୁଲିପ୍ ଛାତ୍ରୀ ନିବାସଠାରେ ଶୁକ୍ରବାର ଭିସମୁନ୍ ଜାତୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଦେଶର ବିଭିନ୍ନ ପ୍ରାନ୍ତରେ ଥିବା ଘରୋଇ ଇଂଲିଶ ମାଧ୍ୟମିକ ସ୍କୁଲର ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଛନ୍ତି। ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୟସ୍ୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବୈଦିକ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଟର ଅଧକ୍ଷ ଆନନ୍ଦ ଅଗ୍ରୱାଲ ସୂଚନା ପ୍ରଦାନ କରିଥିଲେ। ଭିସମୁନ- ଟୁକେ ୧୯ର ସାଧାରଣ ସମ୍ପାଦକ ମୋହିତ ତିୱାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ସନକ ପୁରୀ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

### ଦାମୋଦର ମେହେରଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର

**ସମ୍ବଲପୁର,୧୧।୧୦(ବ୍ୟୁରୋ)** ବନ ବିଭାଗ ପକ୍ଷରୁ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମାନେଶ୍ୱର ବ୍ଲକ ଭିକମପୁର ଗ୍ରାମର ଦାମୋଦର ମେହେରଙ୍କୁ ବିଜୁ ପଟ୍ଟନାୟକ ପୁରସ୍କାର ପ୍ରଦାନ କରାଯାଇଛି। ନଗଦ ୫ ହଜାର ଟଙ୍କା ସହ ତାଙ୍କୁ ସାର୍ଟିଫିକେଟ ଦେଇ ପୁରସ୍କୃତ କରାଯାଇଛି।

# ବଏଲ ଯାତ୍ରାରେ ଉତ୍ସବମୁଖର ତାଲବ





ଶୁକ୍ରବାର ସମ୍ବଲପୁର ତାଲବ ବଏଲ ଯାତ୍ରାରେ ଭକ୍ତମାନେ ପୂଜା ସାମଗ୍ରୀ ନେଇ ଛିଡା ହୋଇଛନ୍ତି (ବାମ) । ତାଲବ ବଏଲ ଯାତ୍ରାର ପାହୁର ଯାତ୍ରା (ମଝି) । ବଏଲ ଯାତ୍ରାରେ ୧୧ ଫୁଟ୍‌ର ଜୁଗାର ସାମିଲ କରାଯାଇଛି ।

**ସମ୍ବଲପୁର, ୧୧।୧୦ (ବ୍ୟୁରୋ)**

ଧନକଉଡା ବ୍ଲକ୍ ତାଲବରେ ବଏଲ ଯାତ୍ରା ତଥା ସମଲେଶ୍ୱରୀ ପୂଜା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳ ୬ଟାରେ ସମଲେଇଙ୍କଠାରେ ମଙ୍ଗଳ ଆଳତୀ ସହ ରୀତିନୀତିରେ ପୂଜା ସମ୍ପନ୍ନ ହୋଇଛି । ସକାଳ ୮ଟାରେ ଚଣ୍ଡୀପାଠ, ପାହୁର ଯାତ୍ରା, ଜୁଗାର ଯାତ୍ରା ସହ ଗ୍ରାମ୍ୟଦେବୀ ପୂଜା ଓ ଧ୍ୱଜା ରୋହଣ କାର୍ଯ୍ୟକ୍ରମ ହୋଇଥିଲା । ସନ୍ଧ୍ୟା ସାଢ଼େ ୫ଟାରେ ଦେବୀଙ୍କ ଦର୍ଶନ ନୀତି ଓ ୭ଟାରେ ଚଣ୍ଡୀପାଠ, ପୂର୍ଣ୍ଣାହୁତି, ରାତି ସାଢ଼େ ୭ଟାରେ ମହାଆଳତୀ, ୮ଟାରେ ବରୁଆ ନିମନ୍ତ୍ରଣ କରାଯାଇଥିଲା । ଘଣ୍ଟ, ଶଙ୍ଖ, ଦୁଲଦୁଲିରେ ବରୁଆ ଗ୍ରାମ ପରିକ୍ରମା କରିଥିଲେ। ଭକ୍ତମାନେ ବରୁଆଙ୍କୁ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ । ସୁସଜ୍ଜିତ ଆଲୋକ ମାଳାରେ ଗାଁ ଝଲସୁ ଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗାଁ ଦୁଲୁକୁ ଥିଲା । ସେହିପରି କଳାକୁଞ୍ଜ (ପ୍ରଜ୍ଞାପନ ମେଢ଼) ଦର୍ଶକଙ୍କୁ ବିମୋହିତ କରିଥିଲା । ମହାଭାରତର କୃଷ୍ଣ, ଅର୍ଜୁନ, ଅଭିନନ୍ଦନ, ପାଣି



ତାଲବ ବଏଲ ଯାତ୍ରାରେ ଶ୍ରଦ୍ଧାଳୁ କଳାକୁଞ୍ଜ ବୁଲି ଦେଖୁଛନ୍ତି ।



ତାଲବର ସମଲେଶ୍ୱରୀ ଦେବୀ ।

ଦେଉଥିବା ଝିଅ, ଗୁପଚୁପ ବାଲା, ଟ୍ରାଫିକ ପୋଲିସ, ତାନ୍ତ୍ରିକ ଓ କୃଷକମାନେ ଦୈନନ୍ଦିନ ବ୍ୟବହୃତ କରୁଥିବା କୃଷି ସାମଗ୍ରୀ ଗୁଡିକ କଳାକୁଞ୍ଜରେ ସାମିଲ ହୋଇଥିଲା । ଅପରପକ୍ଷେ ୧୧ ଫୁଟ ଉଚ୍ଚର ଜୁଗାର (ଖଇ ଓ ଗୁଡରେ ତିଆରି) ଦେଖିବାକୁ ଭିଡ ଲାଗି ରହିଥିଲା । ସେହିପରି ପ୍ଲାଷ୍ଟିକ ମୁକ୍ତ ସମାଜ ଓ ପରିବେଶ କିପରି ପ୍ରଦୂଷିତ ନ ହେବ ସେ ନେଇ ସଚେତନ ଧର୍ମୀ ତୋରଣ ନିର୍ମିତ ହୋଇଛି । ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଟଲି କେଶାଇପାଲିର ଗଣନାଟ୍ୟ, ରେମଣ୍ଡା, ତୋରା, ଝାରମୁଣ୍ଡା, ବଲବସପୁର, ସୋନୁଟିକ୍ରା, ପିତାପାଲିର କୃଷ୍ଣଗୁରୁ ଭଜନ ପରିବେଷିତ ହୋଇଥିଲା। ସମ୍ବଲପୁର, କୁଲତା ନୂଆପାଲି, ରେଙ୍ଗାଲିର ଦୁଲଦୁଲି ବାଦ୍ୟରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଥିଲା । ଝାଙ୍କର କିରନ ଭୁଏ, ବରୁଆ ପୁରୁଷୋତ୍ତମ ଭୁଏ, ପଣ୍ଡିତ ବ୍ୟାସଦେବ ପଣ୍ଡା ପୂଜା କରିଥିଲେ । ସମଲେଶ୍ୱରୀ ପୂଜା କମିଟି ସଭାପତି ମହେନ୍ଦ୍ର କୁମାର ଭୋଇଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉପସଭାପତି ପରେଶ ପଟେଲ, ସମ୍ପାଦକ ଆନନ୍ଦ କୁମାର ସାହୁ, ସହସମ୍ପାଦକ ଆଦିତ୍ୟ କୁମାର ଭୋଇ, କୋଷାଧ୍ୟକ୍ଷ କେଦାରନାଥ ଭୋଇ ଓ ମୁଖ୍ୟ ସଂଯୋଜକ ରାଜେଶ ଚଇନିଙ୍କ ସମେତ ପୂଜା କମିଟି, ଉପଦେଷ୍ଟା ମଣ୍ଡଳୀ ଓ ଗ୍ରାମର ଜନସାଧାରଣ ବଏଲ ଯାତ୍ରା ପରିଚାଳନା କରିଥିଲେ । ସେହିପରି ସୌରିନାରାୟଣ ପାଣ୍ଡେ, ରାମଚନ୍ଦ୍ର ଭୋଇ, ବଲ୍ଲଭ ସାହୁ, ସନତ ପ୍ରଧାନ, ବାବୁଲୁ ନାୟକ, ଶ୍ରୀକାନ୍ତ ଭୋଇ କଳାକୁଞ୍ଜ ତିଆରି କରିଥିବା ବେଳେ ଉଦିତ କୁମାର ଭୋଇ, ଅମିତ ଭୋଇ ଓ ବିଟୁ ପଟେଲ ସଚେତନ ଧର୍ମୀ ତୋରଣ ତିଆରି କରିଛନ୍ତି ।

## କେନ୍ଦ୍ରୀୟ ବିଦ୍ୟାଳୟ-୨ର ନୂଆ କୋଠା ଉଦ୍‌ଘାଟିତ

**ସମ୍ବଲପୁର,୧୧।୧୦ (ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାରେ ନବ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ-୨ର ନୂଆ କୋଠାକୁ ଶୁକ୍ରବାର କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଦିଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସ୍କୁଲ ପରିସରରେ ଅତିଥିଭାବେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ସମ୍ବଲପୁର ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, କେନ୍ଦ୍ରୀୟ ବିଦ୍ୟାଳୟ ଅତିରିକ୍ତ କମିଶନର ଟି.ପୁରେନା ରାଓ, ସଦସ୍ୟ ମୁରଲୀଧର ସାହୁ, ବିରଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ଅଧ୍ୟକ୍ଷ ଗଣେଶ ପ୍ରଧାନ କହିଛନ୍ତି ଯେ, ୨୦୧୫ରୁ ସ୍କୁଲରେ ପାଠ ପଢା ହେଉଛି । ଏବେ ୩୭୩ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ଏହି ସ୍କୁଲ କ୍ୟାମ୍ପସ ପାଇଁ ୮ ଏକର ଜମି ଦେଇଛନ୍ତି । ୨ ମହଲା ବିଶିଷ୍ଟ ନୂଆ କୋଠାରେ ୪୫ଟି କୋଠରି ରହିଛି । ଏଥିପାଇଁ ୧୬.୪୭ କୋଟି ବ୍ୟୟ ହୋଇଛି। ଏଠାରେ ୧୨୦୦ ଛାତ୍ରୀଛାତ୍ର ଯେଭଳି ପାଠ ପଢି ପାରିବେ ସେ ଲକ୍ଷ୍ୟ ରହିଛି।



ସମ୍ବଲପୁର କେନ୍ଦ୍ରୀୟ ବିଦ୍ୟାଳୟ-୨ ଉଦ୍‌ଘାଟନ ଉତ୍ସବରେ ଅତିଥିମାନେ ।

- ରାଜ୍ୟ ସରକାର ୮ ଏକର ଜମି ଯୋଗଇ ଦେଇଛନ୍ତି
- ୨ ମହଲା ବିଶିଷ୍ଟ ନୂଆ କୋଠାରେ ୪୫ଟି କୋଠରି ରହିଛି
- ୧୬.୪୭ କୋଟି ବ୍ୟୟ, ୧୨୦୦ ଛାତ୍ରୀଛାତ୍ର ପଢିବାକୁ ଲକ୍ଷ୍ୟ

## ମହିଳାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଲା ଦନ୍ତା

**ନାକଟିଦେଉଳ, ୧୧।୧୦ (ଡି.ଏନ.ଏ.)**

ନାକଟିଦେଉଳ ବନାଞ୍ଚଳରେ ଦନ୍ତା ହାତୀର ଆତଙ୍କ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗତ ୩ ଦିନ ମଧ୍ୟରେ ଏହି ଦନ୍ତା ହାତୀ ଜଣଙ୍କର ଜୀବନ ନେବା ସହ ଦୁଇ ଜଣଙ୍କୁ ଶୁଣ୍ଢରେ ଟେକି ତଳେ କଚାଡି ଗୁରୁତର କରିଛି। ଗୁରୁବାର ରାତି ୯ଟାରେ ଜାମୁଯୋରୀ ପଥୁରିନାଳୀ ସାହିର ରଜନୀ ଓରାମ (୫୦) ଗୁରୁତର ଆହତ ହୋଇଛନ୍ତି। ହାତୀ ଶୁଣ୍ଢରେ ଘର ଭିତରୁ ଟାଣିଆଣି କଚାଡି ଦେଇଥିଲା । ଗାଁ ଲୋକେ ତାଙ୍କୁ ନାକଟିଦେଉଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଦନ୍ତା ସେଠାରେ ପରମି ବେହେରାଙ୍କ ଚାଳ ଘରକୁ ଭାଙ୍ଗି ଧାନ ଚାଉଳ ଖାଇଯିବା ସହ ମକା କ୍ଷେତରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ବୁଧୁବାର ଘୋଷରାମାଳ ପଞ୍ଚାୟତ ପାଣ୍ଡୁରିଶିଳାରେ ପଶି ଉତ୍ପାତ କରିବା ସହ ସୁନୀଲ ଏକ୍କାଙ୍କ ଘର ଭାଙ୍ଗି ଦେଇଛି। ସୁନୀଲ ଦୌଡି ପଳାଉଥିବା ସମୟରେ ଶୁଣ୍ଢରେ ଟେକି କଚାଡି ଦେବାରୁ ସେ ଗୁରୁତର ଆହତ ହୋଇ ହୋଇଛନ୍ତି।

## ସାଇବର କ୍ରାଇମ ଉପରେ କର୍ମଶାଳା

**ସମ୍ବଲପୁର,୧୧।୧୦ (ବ୍ୟୁରୋ)**

ସମ୍ବଲପୁର ଉତ୍ତରାଞ୍ଚଳ ପୋଲିସ ରେଞ୍ଜ କାର୍ଯ୍ୟାଳୟରେ ରେଞ୍ଜସ୍ତରୀୟ ୨ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉତ୍ତରାଞ୍ଚଳ ପୋଲିସ ଡିଆଇଜି ହିମାଂଶୁ ଲାଲ ଏଥିରେ ଅଧ୍ୟକ୍ଷତା କରି ସାଇବର କ୍ରାଇମ ଉପରେ ଆଲୋଚନା କରିଥିଲେ। ଯେତିକି ଅପରାଧିକ ମାମଲା ହେଉଛି ସେ ଭିତରେ ପ୍ରାୟ ୯୦ ପ୍ରତିଶତ ସାଇବର କ୍ରାଇମ ରହିଛି। ପୋଲିସକୁ ଏ ଦିଗରେ ଅଧିକ ସଚେତନ ହେବାକୁ ପଡିବ ବୋଲି କୁହାଯାଇଛି। ସାଇବର ଅପରାଧ ରୋକିବାକୁ ଉପସ୍ଥିତ ପୋଲିସ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସମ୍ବଲପୁର ଏସ୍‌ପି କନୱର ବିଶାଲ ସିଂଙ୍କ ସମେତ ରେଞ୍ଜ ଅଧୀନ ବିଭିନ୍ନ ଜିଲାର ଏସ୍‌ପିମାନେ ଯୋଗ ଦେଇଥିଲେ।

## ସୁନେତ୍ର ଯୋଜନାକୁ ଆଶା କର୍ମୀମାନେ ଲୋକଙ୍କ ପାଖେ ପହଞ୍ଚାଇବେ

**ସମ୍ବଲପୁର,୧୧।୧୦ (ବ୍ୟୁରୋ)**

ସସଦର ଡାକ୍ତରଖାନାରେ ବିଶ୍ୱ ଅନ୍ଧତ୍ୱ ଦୂରୀକରଣ ଦିବସ ପାଳିତ ହୋଇଛି। ସମସ୍ତ ସରକାରୀ ମେଡିକାଲରେ ସୁନେତ୍ର ଯୋଜନା କାର୍ଯ୍ୟକାରୀ ହେଉଛି। ମାଗଣା ଚକ୍ଷୁ ପରୀକ୍ଷା, ଚିକିତ୍ସା ସହ ଆବଶ୍ୟକ ପଡିଲେ ଚଷମା ମଧ୍ୟ ମାଗଣାରେ ଯୋଗାଇ ଦିଆଯାଉଛି। ପ୍ରାଥମିକ ଚିକିତ୍ସା ପରେ ଦରକାର ପଡିଲେ ଅସ୍ତ୍ରୋପଚାର କରାଯାଉଛି। ସରକାରଙ୍କ ଏହି ଯୋଜନା ଓ ଚକ୍ଷୁ ସୁରକ୍ଷା ଦିଗରେ ପ୍ରତ୍ୟକ ପରିବାର ପାଖକୁ ଯାଇ ଆଶାକର୍ମୀମାନେ ସଚେତନତା କରାଇବେ ବୋଲି ଏଥିରେ କୁହା ଯାଇଛି। ଏଡିଏମ୍‌ଓ ଡାକ୍ତର ପଞ୍ଚାନନ ନାଏକ, ଡାକ୍ତର ଚିନ୍ତାମଣୀ ମେହେର, ଡାକ୍ତର ସୁକାନ୍ତ ପାଣିଗ୍ରାହୀ, ଡାକ୍ତର କମଳାକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇ କହିଛନ୍ତି ଯେ, ଆଖି ହେଉଛି ଶରୀରର ମୁଖ୍ୟ । ଏହାର ଯତ୍ନ ଓ ସୁରକ୍ଷା ନେବା ଆମର ପ୍ରଥମ କର୍ତ୍ତବ୍ୟ । ଆଖିରେ ସମସ୍ୟା ହେଲେ ଜଣାପଡିଥାଏ । ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କଲେ ନିଶ୍ଚିତ ଭାବେ ଭଲ ହୋଇଯିବ ବୋଲି ଡାକ୍ତରମାନେ କହିଥିଲେ।

### ରେଢ଼ାଖୋଲରେ ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ବୈଠକ

## ବେଆଇନ ଚାନ୍ଦା ଆଦାୟ ଉପରେ ରୋକ

**ରେଢ଼ାଖୋଲ,୧୧।୧୦ (ଡି.ଏନ.ଏ.)**

- ୧୭ ପୂଜା କମିଟି ସଭାପତି, ସମ୍ପାଦକ ଉପସ୍ଥିତ
- ଦେୟ ପୈଠ କରି ବିଦ୍ୟୁତ୍ ସଂଯୋଗ ନେବାକୁ ପରାମର୍ଶ
- ସନ୍ଧ୍ୟା ୬ରୁ ରାତି ୧୦ ପର୍ଯ୍ୟନ୍ତ ଲାଇଟ, ସାଉଣ୍ଡ ବ୍ୟବହାର
- ବିପଦପୂର୍ଣ୍ଣ ବାଣ ବ୍ୟବହାର ନ କରିବାକୁ ପରାମର୍ଶ
- ଡିଜେ ସାଉଣ୍ଡ ନ ବଜାଇବାକୁ ନିର୍ଦ୍ଦେଶ

ରେଢ଼ାଖୋଲ ସହରରେ ପ୍ରତିବର୍ଷ ଜାକଜମକରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥାଏ । ଚଳିତ ବର୍ଷ ମଧ ପୂଜା ପାଇଁ ସହରର ପୂଜା କମିଟିଗୁଡିକ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରର ସମସ୍ତ ପୂଜା କମିଟି ପକ୍ଷରୁ ସୁଦୃଶ୍ୟ ତୋରଣ ନିର୍ମାଣ ସହ ଆକର୍ଷଣୀୟ ଆଲୋକ ସାଜସଜ୍ଜା କରାଯାଉଛି। ଏହି ପରିପ୍ରେକ୍ଷିରେ ଶାନ୍ତି ଶୃଙ୍ଖଳାର ସହିତ ଗଜଲକ୍ଷ୍ମୀ ପୂଜା ଆୟୋଜନ କରାଯିବାକୁ ଶୁକ୍ରବାର ସନ୍ଧ୍ୟାରେ ଥାନା ପରିସରରେ ଏକ ଶାନ୍ତିକମିଟି ବୈଠକ ବସିଥିଲା। ଉପଜିଲାପାଳ ବିଶିକେସନ ଦେହୁରୀ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଶାନ୍ତି କମିଟି ବୈଠକରେ ରେଢାଖୋଲ ସହର ସମେତ କଦଳୀଗଡ, ତ୍ରିବଣପୁର ଆଦି ୧୭ଟି ପୂଜା କମିଟିର ସଭାପତି ଓ ସମ୍ପାଦକ ଯୋଗ ଦେଇଥିଲେ। ବିଦ୍ୟୁତ୍ ବିଭାଗକୁ ଦେୟ ପୈଠ କରି ପୂଜାମଣ୍ଡପ ତଥା ସାଜସଜ୍ଜା ପାଇଁ ବିଦ୍ୟୁତ ସଂଯୋଗ ନେବାକୁ ନିଷ୍ପତ୍ତି ହୋଇଛି। ବେଆଇନ ଚାନ୍ଦା ଆଦାୟ ଉପରେ ରୋକ୍ ଲାଗିଛି। ବିପଦପୂର୍ଣ୍ଣ ବାଣ ବ୍ୟବହାର ନ କରିବାକୁ ପରାମର୍ଶ ଦିଆ ଯାଇଛି। ଡିଜେ ସାଉଣ୍ଡ ନ ବଜାଇବାକୁ ନିର୍ଦ୍ଦେଶ ରହିଛି। ପୂଜାରେ ଆବଶ୍ୟକ କାଠ ବଦଳରେ ବନ ବିଭାଗ ପକ୍ଷରୁ ବାଉଁଶ ଯୋଗାଇ ଦେବାକୁ ସ୍ଥିର ହୋଇଛି। ଅଗ୍ନିଶମ ବିଭାଗ ପକ୍ଷରୁ ପ୍ରତି ପୂଜା ମଣ୍ଡପରେ ବାଲି ବସ୍ତା ରଖାଯିବାକୁ ନିଷ୍ପତ୍ତି ହୋଇଛି। କେବଳ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଲାଇଟ ଓ ସାଉଣ୍ଡ ବ୍ୟବହାର କରାଯିବାକୁ ପୂଜା କମିଟି କର୍ମକର୍ତ୍ତାଙ୍କୁ କୁହାଯାଇଛି। ୨୩ ତାରିଖ ଭସାଣି ହେବ। ସମସ୍ତ ପୂଜା କମିଟି କଦମ୍ବ ପଡିଆଠାରେ ଏକତ୍ରିତ ହେବେ। ସେଠାରୁ ଶୋଭାଯାତ୍ରାରେ ଯାଇ ହଳଦୀଘାଟରେ ବିସର୍ଜନ କରାଯିବ। ପୂଜାକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ପୂଜା କମିଟି କର୍ମକର୍ତ୍ତାଙ୍କୁ ନିବେଦନ କରିଛନ୍ତି। ଏହି ବୈଠକରେ ଏସ୍‌ଡିପିଓ ହାଡିବନ୍ଧୁ ସ୍ୱାଇଁ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଅନୀଲ ରାଉତ, ଅଗ୍ନିଶମ ଅଧିକାରୀ ମିଶ୍ର କିସାନ, ଏସିଏଫ ରଙ୍କନିଧି ନାଥ, ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ, ସାମ୍ବାଦିକ ସଂଘ ସଭାପତି ଗୋବର୍ଦ୍ଧନ ବଘାର, ପୂଜା କମିଟିର ମହାବୀର ସିଂଦେଓ, ବିକାଶ ଦାଶଙ୍କ ସମେତ ବିଭିନ୍ନ ପୂଜାକମିଟିର ସଭାପତି, ସମ୍ପାଦକ ଯୋଗ ଦେଇଥିଲେ।

## ଡା. ସନାତନ ବେହେରା ସ୍ମାରକୀ ଫୁଟବଲ: ଇନ୍ଦିରା କ୍ଲବ ବିଜୟୀ

**ସମ୍ବଲପୁର, ୧୧।୧୦ (ବ୍ୟୁରୋ)**

ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ମ୍ୟାଚରେ ଖୁଲିଆ ଇନ୍ଦିରା କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଇନ୍ଦିରା କ୍ଲବ ବନାମ ଏବିସି ଶାସନ ମଧ୍ୟରେ ମ୍ୟାଚ ସଂଘର୍ଷପୂର୍ଣ୍ଣ ହୋଇଥିଲା । ଶେଷରେ ଇନ୍ଦିରା କ୍ଲବ ୧-୦ ଗୋଲରେ ବିଜୟୀ ହୋଇଥିଲା । ରାଜେନ୍ଦ୍ର ଓରାମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପ୍ରଦାନ କରାଯାଇଥିଲା । ଅବଦୁଲ ସତ୍ତାର୍, ଲକ୍ଷ୍ମଣ ନାଥ ଓ ବଳରାମ ମଟାରୀ ଏବଂ ସାହେବ ଖମାରୀ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲା କ୍ରୀଡା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ତତ୍ତ୍ୱାବଧାନରେ ମ୍ୟାଚ ପରିଚାଳିତ ହୋଇଥିଲା ।



ଅତିଥିମାନେ ରାଜେନ୍ଦ୍ର ଓରାମଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି ।



“ ରେସ୍-୧, ରେସ୍-୨ ଫିଲ୍ମରେ ମୋତେ ଲିଡ୍ ରୋଲ୍ ମିଳିଥିବାବେଳେ କେତେକ କାରଣ ଯୋଗୁ ରେସ୍-୩ରେ ସଲମାନଙ୍କୁ ଲିଡ୍ ରୋଲ୍ ମିଳିଥିଲା।

-ସୈଫ୍ ଅଲି ଖାନ୍,
ବଲିଉଡ୍ ଅଭିନେତା



# ସେନା ଅଧିକାରୀରୁ ଶାନ୍ତିଦୂତ



ଅବି ଅହମ୍ମଦ ଅଲି

**ଓସ୍‌ଲୋ:** ଇଥିଓପିଆ ପ୍ରଧାନମନ୍ତ୍ରୀ ଅବି ଅହମ୍ମଦ ଅଲି(୪୩)ଙ୍କୁ ୨୦୧୯ର ନୋବେଲ ଶାନ୍ତି ପୁରସ୍କାର ଲାଗି ମନୋନୀତ କରାଯାଇଛି। ପଡ଼ୋଶୀ ରାଷ୍ଟ୍ର ଇରିଟ୍ରିଆ ସହ ରହିଥିବା ସୀମା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ କ୍ଷେତ୍ରରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ୧୯୯୮-୨୦୦୦ରେ ଦୁଇଦେଶ ମଧ୍ୟରେ ଯୁଦ୍ଧ ପରେ ଅନ୍ତର୍ଜାତୀୟ ସହଯୋଗ କ୍ରମେ ୨୦୧୮ରେ ସେ ସମାଧାନର ବାଟ ବାହାର କରିବାରେ ସଫଳ ହୋଇଥିଲେ। ଜଣେ ରାଜନେତା, ଲୋକ ପ୍ରତିନିଧି, ପୂର୍ବତନ ସେନା ଗୋଇନ୍ଦା ଅଧିକାରୀ ଭାବେ ସେ ବେଶ୍ ଜଣାଶୁଣା। ଫେଡେରାଲ ଡେମୋକ୍ରାଟିକ ରିପବ୍ଲିକ ଅଫ୍ ଇଥିଓପିଆର ସେ ଚତୁର୍ଥ ପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ ନିର୍ବାହ କରୁଛନ୍ତି। ରାଜନୈତିକ ଓ ଅର୍ଥନୈତିକ ସଂସ୍କାରକୁ ସେ ଗୁରୁତ୍ୱ ଦେଇଆସିଛନ୍ତି।

୧୯୭୬ ଅଗଷ୍ଟ ୧୫ରେ ଜନ୍ମଗ୍ରହଣ କରିଥିବା ଅହମ୍ମଦ ଅଲିଙ୍କ ବାପା ଜଣେ ମୁସଲମାନ ହୋଇଥିବାବେଳେ ମା’ ଜଣେ ଖ୍ରୀଷ୍ଟିଆନ୍। ସେ ପ୍ରଥମେ ଆଗରୋ ସହରରେ ଥିବା ସେକେଣ୍ଡାରୀ ସ୍କୁଲରେ ପାଠପଢ଼ିବା ପରେ ୨୦୦୧ରେ କମ୍ପ୍ୟୁଟର ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଦେଶରେ ବୃଦ୍ଧି ପାଉଥିବା ଧାର୍ମିକ ବିବାଦ ଉପରେ ସନ୍ଦର୍ଭ ଲେଖି ସେ ୨୦୧୭ରେ ପିଏଚ୍‌ଡି ଡିଗ୍ରୀ ଲାଭ କରିଥିଲେ। ଇଥିଓପିଆ ଡିଫେନ୍ସ ଫୋର୍ସରେ ଚାକିରି କଲାବେଳେ ସମ୍ପର୍କ ଗଢ଼ି ଉଠିଥିବା ଜିନାସ୍ ତୟଚିଉଙ୍କୁ ସେ ବିବାହ କରିଥିଲେ। ଜଣେ ସେନାକର୍ମୀ ଭାବେ ସେ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ବେଶ୍ ଯତ୍ନଶୀଳ ଥିଲେ। ୧୯୯୫ରେ ଜାତିସଂଘର ଶାନ୍ତିରକ୍ଷାକାରୀ ସେନାରେ ତାଙ୍କୁ ସାମିଲ କରାଯାଇଥିଲା। ୨୦୧୦ରେ ସେ ସେନା ଲ୍ୟୁଟ୍‌ନାଣ୍ଟ ପଦ ଛାଡ଼ି ରାଜନୀତିରେ ପାଦ ଥାପିଥିଲେ। ଓରୋମୋ ଡେମୋକ୍ରାଟିକ ପାର୍ଟିରେ ଯୋଗଦେଇ ନିର୍ବାଚିତ ହେବା ସହ ଦଳର କେନ୍ଦ୍ରୀୟ କମିଟି ସଦସ୍ୟତା ଲାଭ କରିଥିଲେ। ସେତେବେଳେ ଜିମା ଜୋନ୍‌ରେ ମୁସ୍‌ଲିମ ଓ ଖ୍ରୀଷ୍ଟିଆନଙ୍କ ମଧ୍ୟରେ ସଂଘର୍ଷ ଲାଗିଥାଏ। ଦୁଇ ସମ୍ପ୍ରଦାୟ ମଧ୍ୟରେ ଶାନ୍ତିରକ୍ଷା କରିବା ଓ ବିଭିନ୍ନ ବିବାଦର ସମାଧାନ କରିବା କ୍ଷେତ୍ରରେ ଅବି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୨୦୧୫ରେ ସେ ଇଥିଓପିଆର ମନ୍ତ୍ରୀ ହେବା ସହ ରାଜନୀତି କ୍ଷେତ୍ରରେ ସଫଳତା ପାଇଥିଲେ। ୨୦୧୮ ଏପ୍ରିଲ ୨ରେ ସେ ଦେଶର ପ୍ରଧାନମନ୍ତ୍ରୀ ହେବାର ସୌଭାଗ୍ୟ ଲାଭ କରିଥିଲେ। ଦେଶରେ ଏକତା, ଶାନ୍ତିରକ୍ଷା ଓ ରାଜନୈତିକ ସଂସ୍କାର ଲାଗି ସେ ପଦକ୍ଷେପ ଗ୍ରହଣ କରିଥିଲେ। ପଡ଼ୋଶୀ ଇରିଟ୍ରିଆ ସହ ରହିଥିବା ସୀମା ବିବାଦର ସେ ଶାନ୍ତିପୂର୍ଣ୍ଣ ସମାଧାନ କରିବାରେ ସଫଳ ହୋଇଥିଲେ। ଏଥିଲାଗି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଲାଗି ମନୋନୀତ କରାଯାଇଛି।

# ବିକ୍ରି ହେଲା ଦୀପିକାଙ୍କ ଡ୍ରେସ୍



**ମୁମ୍ବାଇ:** ବଲିଉଡ୍ ମସ୍ତାନୀ ଦୀପିକା ପାଦୁକୋନ୍ ରିଲ୍ ଲାଇଫ୍‌ରେ ନିଜ ଅଭିନୟ ଏବଂ ରିୟଲ୍ ଲାଇଫ୍‌ରେ ନିଜ ଲୁକ୍‌ସକୁ ନେଇ ସବୁବେଳେ ଚର୍ଚ୍ଚାରେ ରୁହନ୍ତି। ଆଉ ଦୀପିକାଙ୍କ ଟ୍ରେଣ୍ଡି ଲୁକ୍‌ସ ପାଇଁ ବିଶେଷକରି ଯୁବତୀମାନେ ତାଙ୍କୁ ଫଲୋ ମଧ୍ୟ କରିଥାନ୍ତି। ତେବେ ନିକଟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଦୀପିକା ନିଜର ଫ୍ୟାନ୍ସଙ୍କ ପାଇଁ କରିଥିଲେ ଏକ ସ୍ପେଶାଲ ଘୋଷଣା। ସେ ନିଜର ସବୁ ଡ୍ରେସ୍ ଫ୍ୟାନ୍ସଙ୍କୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଥିଲେ। ଫ୍ୟାନ୍ସଙ୍କ ସୁବିଧା ପାଇଁ ଦୀପିକା ନିଜ ୱେବସାଇଟ୍‌ରେ ସମସ୍ତ ଟ୍ରେଣ୍ଡି କଲେକ୍ସନ୍‌ର ବିକ୍ରି ଆରମ୍ଭ କରିଥିଲେ। ତେବେ କିଛି ଘଣ୍ଟା ମଧ୍ୟରେ କ୍ରେଜି ଫ୍ୟାନ୍ସ ଦୀପିକାଙ୍କ ପୂରା ଆଲ୍‌ମାରୀ ଖାଲି କରିଦେଇଥିଲେ। ତାଙ୍କର ସମସ୍ତ ଡ୍ରେସ୍ ମାତ୍ର କିଛି ସମୟ ମଧ୍ୟରେ ବିକ୍ରି ହୋଇଯାଇଥିଲା। ଦୀପିକା ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ଏପରି କାହିଁକି କରିଥିଲେ ବୋଲି ଅନେକଙ୍କ ମନରେ ପ୍ରଶ୍ନ ଆସୁଥିବ ନିଶ୍ଚୟ। ତେବେ ତାହାର ଉତ୍ତର ହେଲା, ଦୀପିକା ଏହି ବିକ୍ରିରୁ ମିଳିଥିବା ସମସ୍ତ ଅର୍ଥକୁ ମାନସିକ ରୋଗୀଙ୍କ ଚିକିତ୍ସା ପାଇଁ ଖର୍ଚ୍ଚ କରିବେ। ଲିଭ୍, ଲଭ୍, ଲାଫ୍ ଫାଉଣ୍ଡେଶନ ଜରିଆରେ ଏହି ମହତ୍ କାମ କରିବାକୁ ଦୀପିକା ଏଭଳି ପଦକ୍ଷେପ ନେଇଛନ୍ତି। ତେବେ ବିଗତ ଦିନରେ ଦୀପିକା ନିଜେ ମଧ୍ୟ ଡିପ୍ରେଶନର ଶିକାର ହୋଇଥିଲେ ଏବଂ ଚିକିତ୍ସା ମାଧ୍ୟମରେ ସୁସ୍ଥ ହୋଇଥିଲେ। ଏହାପରେ ଦୀପିକା ସବୁବେଳେ ମାନସିକ ସ୍ୱାସ୍ଥ୍ୟକୁ ନେଇ ନିଜର ମତାମତ ରଖିଆସିଛନ୍ତି ଏବଂ ନିଜର ଡିପ୍ରେଶନ କଥା ମଧ୍ୟ ଖୋଲାଖୋଲି ଭାବେ ସ୍ୱୀକାର କରିଛନ୍ତି। ଅନ୍ୟପଟେ ସାରା ଦୁନିଆରୁ ଦୀପିକାଙ୍କୁ ନିଜର ଡ୍ରେସ୍ ବିକ୍ରି କରିବା ପଦକ୍ଷେପ ନେଇ କଲ୍ ଆସିଥିବାବେଳେ ସମର୍ଥନ ମଧ୍ୟ ମିଳିଥିଲା। ଦେଶ ଓ ଦେଶ ବାହାରୁ ଅନେକେ ତାଙ୍କ ଡ୍ରେସ୍ କିଣିଛନ୍ତି। ତେବେ ଯେଉଁମାନେ ୱେବସାଇଟ୍‌ରୁ ଏଥର କିଣି ପାରିନାହାନ୍ତି, ଖୁବ୍‌ଶୀଘ୍ର ସେମାନଙ୍କ ପାଇଁ ପୁଣି ବିକ୍ରି ଘୋଷଣା କରିବେ ବୋଲି ଦୀପିକା କହିଛନ୍ତି।

# ଅନ୍ୟ ଧର୍ମରେ ବିବାହ କରି ଚର୍ଚ୍ଚାରେ କ୍ରିକେଟର

**ନୂଆଦିଲ୍ଲୀ:** ଭାରତୀୟ କ୍ରିକେଟରେ ଏମିତି କିଛି ଖେଳାଳି ଅଛନ୍ତି ଯେଉଁମାନେ ଅନ୍ୟ ଧର୍ମରେ ବିବାହ କରି ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନେ ହେଲେ ମହମ୍ମଦ କୈଫ୍, ଜାହିର ଖାନ୍, ଅଜିତ୍ ଅଗରକର, ମହମ୍ମଦ ଆଝାରୁଦ୍ଦିନ୍, ମନ୍‌ସୁର ଅଲି ଖାନ୍ ପଟୌଦୀ ପ୍ରମୁଖ। ଭାରତୀୟ କ୍ରିକେଟରେ ଜଣେ ଜବରଦସ୍ତ ଫିଲ୍ଡର ଭାବେ ପରିଚିତ ମହମ୍ମଦ କୈଫ୍ ପୂଜା ଯାଦବଙ୍କୁ ବିବାହ କରିଛନ୍ତି। ପେସାରେ ଜଣେ ପତ୍ରକାର ଥିବା ପୂଜାଙ୍କୁ ୪ବର୍ଷ ଧରି ପ୍ରେମକରିବା ପରେ ଉଭୟେ ବିବାହ କରିଥିଲେ। ୨୦୧୧ରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେହିଭଳି ଭାରତୀୟ ଦଳର ପୂର୍ବତନ ପେସ୍ ବୋଲର୍ ଜାହିର୍ ଖାନ୍ ବଲିଉଡ୍ ଅଭିନେତ୍ରୀ ସାଗରିକା ଘାଟଗେଙ୍କୁ ବିବାହ କରିଥିଲେ। ଜାହିର୍ ମୁସଲମାନ ସମ୍ପ୍ରଦାୟର ହୋଇଥିବାବେଳେ ସାଗରିକା ହିନ୍ଦୁ ଧର୍ମର ଥିଲେ। ଭାରତୀୟ ଦଳର ପୂର୍ବତନ ପେସ୍ ବୋଲର୍ ଅଜିତ୍ ଅଗରକର ନିଜ ବନ୍ଧୁଙ୍କ ଭଉଣୀଙ୍କୁ ବିବାହ କରିଥିଲେ। ତାଙ୍କ ବନ୍ଧୁ ମଜ୍‌ହର ଭଉଣୀ ଫାତିମାକୁ ନେଇ ମ୍ୟାଚ୍ ଦେଖିବାକୁ ଆସୁଥିବାବେଳେ ଅଜିତ୍‌ଙ୍କ ପ୍ରେମରେ ପଡିଥିଲେ। ପରେ ଉଭୟ ବିବାହ କରିଥିଲେ। ସେହିଭଳି ପୂର୍ବତନ ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ବଲିଉଡ୍ ଅଭିନେତ୍ରୀ ସଙ୍ଗୀତା ବିଜ୍‌ଲାନୀଙ୍କୁ ବିବାହ କରିଥିଲେ। ଭାରତୀୟ କ୍ରିକେଟ୍‌ର ପୂର୍ବତନ ଅଧିନାୟକ ମନସୁର୍ ଅଲି ଖାନ୍ ପଟୌଦୀ ବଲିଉଡ୍ ଅଭିନେତ୍ରୀ ଶର୍ମିଳା ଟାଗୋରଙ୍କୁ ପ୍ରେମ ବିବାହ କରିଥିଲେ।




# ଆଜି ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ



ଆର୍ଥ୍ରାଇଟିସ୍ ହେଉଛି ଏକ ଅସ୍ଥିଜନିତ ରୋଗ। ଏଥିରେ ଆକ୍ରାନ୍ତ ହେଲେ ଅସ୍ଥିର ଯୋଡ଼ାସ୍ଥଳୀରେ ଅଧିକ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ଏହାର ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବା ଆବଶ୍ୟକ। ଆର୍ଥ୍ରାଇଟିସ୍ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଅକ୍ଟୋବର ୧୨କୁ ‘ବିଶ୍ୱ ଆର୍ଥ୍ରାଇଟିସ୍ ଦିବସ’ ଭାବରେ ପାଳନ କରାଯାଇଆସୁଅଛି। ଏ ନେଇ ଚଳିତବର୍ଷର ସ୍ଲୋଗାନ ରହିଛି ‘ଡୋଣ୍ଟ ଡିଲେ:କନେକ୍ଟ ଟୁଡେ’। ଆର୍ଥ୍ରାଇଟିସ୍ ଦିବସ ଅବସରରେ ବିଭିନ୍ନ ସ୍ଥାନରେ ଜନସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଆର୍ଥ୍ରାଇଟିସ୍ ସମସ୍ୟା ସମ୍ପର୍କରେ ଭୁବନେଶ୍ୱରସ୍ଥ କେୟାର ହସ୍ପିଟାଲର ବରିଷ୍ଠ ଅର୍ଥୋପେଡିକ କନ୍‌ସଲଟାଣ୍ଟ ପ୍ରଫେସର ଡା. ବସନ୍ତ କୁମାର ବେହେରା କହନ୍ତି, “ସୁସ୍ଥ ଜୀବନ ଯାପନ ପାଇଁ ଆମକୁ ପ୍ରଥମେ ନିଜକୁ ନୀରୋଗ ରଖିବାକୁ ପଡ଼ିବ। ବୟସ ବଢ଼ିବା ସହ ଆମେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଉ। ଆଜିକାଲି ଆର୍ଥ୍ରାଇଟିସ୍ ସମସ୍ୟା ନିଜର କାୟାବିସ୍ତାର କରିଚାଲିଛି। ଅନେକେ ଏହାର ଲକ୍ଷଣ ବିଷୟରେ ଜାଣିପାରୁନାହାନ୍ତି। ରୋଗଟି ଗୁରୁତର ହେଲେ ଡାକ୍ତରଙ୍କ ନିକଟକୁ ଆସୁଛନ୍ତି। ହେଲେ ପ୍ରାରମ୍ଭିକ ସ୍ତରରେ ଏ ନେଇ ଅଭିଜ୍ଞ ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବା ଉଚିତ। ଯଦି ଅସ୍ଥିଜନିତ କିଛି ଯନ୍ତ୍ରଣା ଆପଣ ଅନୁଭବ କରୁଛନ୍ତି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ନିଜକୁ ସୁସ୍ଥ ରଖିବାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ପ୍ରଥମେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ସକାଳୁ ଅତିକମ୍‌ରେ ୪-୫ କି.ମି. ଚାଲନ୍ତୁ। ଏହାବ୍ୟତୀତ ଖାଦ୍ୟପେୟ ପ୍ରତି ସଚେତନ ରହନ୍ତୁ। ଅସ୍ଥିଜନିତ ଯେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତାହାକୁ ହାଲୁକା ଭାବରେ ନ ନେଇ ତୁରନ୍ତ ଡାକ୍ତରଙ୍କ ନିକଟକୁ ଯାଆନ୍ତୁ।”

# ୭୭ବର୍ଷରେ ମହାନାୟକ



**ନୂଆଦିଲ୍ଲୀ:** ୭୭ବର୍ଷରେ ପଦାର୍ପଣ କରିଛନ୍ତି ବଲିଉଡ୍ ବିଗ୍ ବି ଅମିତାଭ୍ ବଚ୍ଚନ। ପ୍ରତିବର୍ଷ ଅକ୍ଟୋବର ୧୧ରେ ବିଗ୍ ବି ନିଜର ଜନ୍ମଦିନ ପାଳନ କରିଥାନ୍ତି। ଏହି ଅବସରରେ ବିଗ୍ ବିଙ୍କ ପାଖରେ ଶୁଭେଚ୍ଛା, ଶୁଭକାମନାର ଲମ୍ବା ତାଲିକା ଦେଖିବାକୁ ମିଳିଥିଲା। ହଜାର ହଜାର ଫ୍ୟାନ୍ସ ସୋସିଆଲ ମିଡିଆରେ ଏବଂ ବିଗ୍ ବିଙ୍କ ବାସଭବନ ସାମ୍ନାରେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅନେକ ପ୍ରଶଂସକ ବିଗ୍ ବିଙ୍କ ଗେଟ୍‌ଅପ୍‌ରେ ତାଙ୍କୁ ଶୁଭେଚ୍ଛା ଜଣାଇବାକୁ ପହଞ୍ଚିଥିଲେ। ସେପଟେ ସାରା ବଲିଉଡ ମଧ୍ୟ ଅମିତାଭ୍‌ଙ୍କୁ ତାଙ୍କ ଜନ୍ମଦିନରେ ନିଜ ଅନୁଭବ ଓ ଅନୁଭୂତି ସହ ସୋସିଆଲ ମିଡିଆରେ ଶୁଭେଚ୍ଛା ଜଣାଇଥିଲା। ସେହିପରି ବିଗ୍ ବିଙ୍କ ଲୋକପ୍ରିୟ ଟିଭି ଶୋ ‘କୌନ୍ ବନେଗା କରୋଡପତି-୧୧’ ଶୋ’ରେ ମଧ୍ୟ ତାଙ୍କ ଜନ୍ମଦିନ ପାଳନ କରାଯାଇଛି। ତାଙ୍କୁ କୋଟି କୋଟି ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି। ସେ ଅଦ୍ୱିତୀୟ କଳାକାର ଭାବେ ସାରା ବିଶ୍ୱରେ ପ୍ରିୟପାତ୍ର ହୋଇପାରିଛନ୍ତି।

# ଭାଲୁ ପ୍ରେମରେ ‘ଭେରା’

**ମସ୍କୋ:** ମଣିଷ-ପ୍ରାଣୀ ମଧ୍ୟରେ ସମ୍ପର୍କ କାହିଁ କେଉଁ କାଳରୁ ରହିଆସିଛି। ହେଲେ ଯେବେ ଜଙ୍ଗଲୀ ଜନ୍ତୁ କଥା ଉଠେ, ତେବେ ଜଣେ ତା’ ସହ ଭାବ ବଢ଼ାଇବା ଆଗରୁ ନିଶ୍ଚିତ ଶହେ ଥର ଚିନ୍ତା କରିବ। ଏ କ୍ଷେତ୍ରରେ ଭେରା ବ୍ଲିଶ୍‌ଙ୍କ କାହାଣୀ ଟିକେ ଅଲଗା। ଯେଉଁ ଭାଲୁ ଆକ୍ରମଣ କରି ତାଙ୍କ ଗୋଡ଼ ଖାଇଗଲା ଆଉ ଯାହା ଲାଗି ସେ ସବୁଦିନ ପାଇଁ ପଙ୍ଗୁ ହୋଇଗଲେ, ସେହି ହିଂସ୍ର ଭାଲୁ ପ୍ରେମରେ ସେ ପାଗଳ। ରୁଷିଆର ଉସ୍‌ରିସ୍କ ସହରରେ ଥିବା ଏକ ଜୁ’ରେ ମଣିଷ-ଭାଲୁ ମଧ୍ୟରେ ଗଢ଼ିଉଠିଥିବା ନିଆରା ସମ୍ପର୍କ ଏବେ ଚର୍ଚ୍ଚାରେ।

ଭେରା-ମାନ୍ୟୁନ୍ୟା (ମାଈ ଭାଲୁ)ଙ୍କ ମଧ୍ୟରେ ହୋଇଥିବା ରକ୍ତାକ୍ତ ସଂଘର୍ଷର କାହାଣୀ ଜାଣିବାକୁ ହେଲେ ଆମକୁ ଫେରିବାକୁ ପଡ଼ିବ ଅତୀତକୁ। ଦୀର୍ଘ ୨୫ବର୍ଷ ହେଲା ଜଣେ ଜୁ’ କିପର ଭାବେ କାମ କରୁଛନ୍ତି ଭେରା। ଗତ ସେପ୍ଟେମ୍ବର ୨୫ରେ ସେ ଜଣେ ଯୁବକଙ୍କୁ ଭାଲୁଙ୍କ ଯତ୍ନ କିପରି ନେବାକୁ ହୁଏ ତାହା ବୁଝାଉଥିଲେ। ଏହି ସମୟରେ ତାଙ୍କ ଗୋଡ଼ ଖସିଗଲା। ସେ ‘ମାନ୍ୟୁନ୍ୟା’ ରହୁଥିବା ଜନ୍ତା ନିକଟକୁ ଚାଲିଆସିଲେ। କିଛି ବୁଝିବା ଆଗରୁ ଭାଲୁ ତାଙ୍କ ଉପରେ ଆକ୍ରମଣ କରିଦେଲା। ଏଥିରେ ଗୁରୁତର ଭାବେ ଆଘାତପ୍ରାପ୍ତ ହେଲା ତାଙ୍କ ଗୋଡ଼ । ଏକାଧିକ ସ୍ଥାନରେ ହାଡ଼ ଭାଙ୍ଗିଗଲା। ପରିସ୍ଥିତି ଏମିତି ହେଲା ଯେ, ଡାକ୍ତରମାନେ ତାଙ୍କ ଗୋଡ଼ କାଟିଦେବାକୁ ବାଧ୍ୟ ହେଲେ। ସର୍ଜରି ଶେଷ ହେଲା। ଭେରାଙ୍କ ଚେତା ଆସିବା ପରେ ତାଙ୍କ ମୁହଁର ପ୍ରଥମ ଶବ୍ଦ ଥିଲା ‘ମାନ୍ୟୁନ୍ୟା’। ସାଧାରଣତଃ ଚିଡ଼ିଆଖାନାରେ ଥିବା ଯେକୌଣସି ଜଙ୍ଗଲୀ ଜନ୍ତୁ ରକ୍ତମୁଖା ହୋଇଉଠିଲେ, ତାହା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତା ବଢ଼ାଇଥାଏ। କର୍ମଚାରୀଙ୍କୁ ଆକ୍ରମଣ ଆଶଙ୍କା ଥିବାରୁ ତାକୁ ତୁରନ୍ତ ଜଙ୍ଗଲରେ ଛାଡ଼ି ଦିଆଯାଇଥାଏ। ହେଲେ ଭେରା କିନ୍ତୁ ଏପରି ଦୁର୍ଘଟଣା ପାଇଁ ‘ମାନ୍ୟୁନ୍ୟା’କୁ ଦାୟୀ କରିନାହାନ୍ତି। ନିଜର ଅସାବଧାନତାରୁ ଏପରି ଘଟିଥିବା ସେ କହିଛନ୍ତି। ଏଥିସହ ଜୁ’ରେ ‘ମାନ୍ୟୁନ୍ୟା’ର ତଦାରଖ ପୂର୍ବ ପରି ଜାରି ରଖିଛନ୍ତି। କୌଣସି ଜଙ୍ଗଲୀ ଜନ୍ତୁ ମଣିଷକୁ ପ୍ରଥମେ ଆକ୍ରମଣ କରେନାହିଁ। ନିଜ ଉପରକୁ ବିପଦ ଆଶଙ୍କା ନ ଥିଲେ କିମ୍ବା ତାକୁ ବିରକ୍ତ ନ କଲା ଯାଏ ସେମାନେ ଶାନ୍ତ ଥାଆନ୍ତି ବୋଲି ଭେରା ନିଜ ପ୍ରତିକ୍ରିୟାରେ କହିଛନ୍ତି।

ଗୋଡ଼ ଖାଇଗଲା ପଛେ ଛାଡ଼ିଲେନି



# ୧୭୦୦ ବର୍ଷ ପୁରୁଣା ଚାଇନା-ମାମଲ୍ଲାପୁରମ୍ ସମ୍ପର୍କ



**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚାଇନାର ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଦ୍ୱିତୀୟଥର ପାଇଁ ଅନୌପଚାରିକ ଆଲୋଚନା ଚେନ୍ନାଇ ନିକଟସ୍ଥ ମାମଲ୍ଲାପୁରମ୍(ମହାବଲୀପୁରମ୍)ରେ କରାଯିବା ଚର୍ଚ୍ଚାର ବିଷୟ ହୋଇଛି। ତେବେ ଏହାର ପ୍ରକୃତ କାରଣ ହେଲା ଚାଇନା ଏବଂ ମାମଲ୍ଲାପୁରମ୍ ମଧ୍ୟରେ ରହିଥିବା ଘନିଷ୍ଠ ସମ୍ପର୍କ। ଆଉ ଏହି ସମ୍ପର୍କ ବହୁ ପୁରୁଣା। ୧୭୦୦ ବର୍ଷ ତଳେ ଏହି ସହର ଭାରତ ଓ ଚାଇନା ମଧ୍ୟରେ ସମ୍ପର୍କ ଯୋଡ଼ିଥିଲା, ଯାହାକି ଏ ପର୍ଯ୍ୟନ୍ତ ଅତୁଟ ରହିଛି। ଚାଇନାରେ ବୌଦ୍ଧ ଧର୍ମର ଯେଉଁ ସମ୍ପ୍ରଦାୟର ଅଧିକ ପ୍ରଚାର ପ୍ରସାର ଘଟିଛି, ସେଥିରେ ମାମଲ୍ଲାପୁରମ୍ ସହରର ମୁଖ୍ୟ ଭୂମିକା ରହିଛି। କେବଳ ଧର୍ମ ନୁହେଁ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ କାରବାର କ୍ଷେତ୍ରରେ ମଧ୍ୟ ଏହି ସହର ଏକଦା ପ୍ରମୁଖ କେନ୍ଦ୍ର ଥିଲା।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ଇତିହାସରେ ବିଶେଷ ରୁଚି ରହିଛି, ଯାହାକି ମୋଦି ବେଶ୍ ଜାଣନ୍ତି। ଏହାସହ ବିଦେଶୀ ରାଷ୍ଟ୍ର ପ୍ରମୁଖଙ୍କ ଗସ୍ତ ସମୟରେ ସେମାନଙ୍କୁ ନୂଆଦିଲ୍ଲୀ ବ୍ୟତୀତ ଦେଶର ଅନ୍ୟ ପ୍ରମୁଖ ସହର ବୁଲାଇବା ଏବଂ ଦେଖାଇବା ଦ୍ୱାରା ଭାରତର ସ୍ୱତନ୍ତ୍ରତା ସମ୍ପର୍କରେ ସେମାନେ ଜାଣିପାରିବେ। ଚାଇନାର ପ୍ରସିଦ୍ଧ ପରିବ୍ରାଜକ ହୁଏନ୍ ସାଂ ମଧ୍ୟ ମାମଲ୍ଲାପୁରମ୍ ଯାତ୍ରାରେ ଆସିଥିଲେ ଏବଂ ନିଜ ଲେଖା ମାଧ୍ୟମରେ ଏହି ସହରର ଗୁଣଗାନ କରିଥିଲେ। ସହରର ବଡ଼ ସ୍ୱତନ୍ତ୍ରତା ହେଲା ଚାଇନାର ତତ୍କାଳୀନ ଶାସକମାନେ ପଲ୍ଲବ ବଂଶର ରାଜାମାନଙ୍କ ସହ ସମ୍ଭବତଃ ପ୍ରଥମ ପ୍ରତିରକ୍ଷା ବୁଝାମଣା କରିଥିଲେ। ଏଥିରେ ଦକ୍ଷିଣ ଭାରତରେ ରାଜତ୍ୱ ବିସ୍ତାର କରିଥିବା ପଲ୍ଲବ ବଂଶର ରାଜାଙ୍କୁ ଚାଇନାର ସୁରକ୍ଷା ଦାୟିତ୍ୱ ଦିଆଯାଇଥିଲା। ସେହି ସମୟରେ ଦକ୍ଷିଣ ଭାରତ ଚାଇନା ପାଇଁ ଏକ ପ୍ରମୁଖ ବାଣିଜ୍ୟିକ ପେଣ୍ଠସ୍ଥଳୀ ପାଲଟିଥିଲା। ପଲ୍ଲବ ବଂଶ ଏବଂ ଚୋଳ ବଂଶର ରାଜାଙ୍କ ଶାସନର ପ୍ରଚାର ପ୍ରସାର କ୍ଷେତ୍ରରେ ମଧ୍ୟ ଚାଇନାର ତତ୍କାଳୀନ ଶାସକମାନେ ସହଯୋଗ କରିଥିବା ଜଣାପଡ଼େ।



"ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଭାଜପା-ଶିବସେନା ମେଣ୍ଟର ବିଜୟ ନିଶ୍ଚିତ ହେବ। ସରକାର ଗଠନ ପରେ କୃଷକଙ୍କ ଋଣ ଛାଡ଼ କରାଯିବ।"
-ଉଦ୍ଧବ ଠାକ୍‌ରେ, ଶିବସେନା ମୁଖ୍ୟ

# ବିଶ୍ୱ ଦେଖିବ ବନ୍ଧୁତା

**୨୦୧୮ ଏପ୍ରିଲରେ ଚାଇନାର ଉହାନରେ ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ହୋଇଥିଲା ପ୍ରଥମ ଅନୌପଚାରିକ ଆଲୋଚନା। ଡୋକ୍‌ଲାମକୁ ନେଇ ଦୁଇଦେଶ ମଧ୍ୟରେ ଲାଗିଥିବା ବିବାଦର ସମାଧାନ ବାଟ ଫିଟିଥିଲା ଏଥିରୁ। ଏହାର ପ୍ରାୟ ଦେଢ଼ବର୍ଷ ପରେ ଦ୍ୱିତୀୟ ଅଣାନୁଷ୍ଠାନିକ ଆଲୋଚନା ପାଇଁ ଦୁଇଦିନିଆ ଭାରତ ଗସ୍ତରେ ଆସିଛନ୍ତି ଜିନ୍‌ପିଙ୍ଗ୍। ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଥିବା ଦୁଇ ପଡ଼ୋଶୀ ମଧ୍ୟରେ ବାଣିଜ୍ୟିକ ଓ ଅର୍ଥନୈତିକ ସମ୍ପର୍କ ସୁଦୃଢ଼ କରିବା ନେଇ ବୈଠକରେ ସହମତି ପ୍ରକାଶ ପାଇପାରେ। ଏହା ବ୍ୟତୀତ ମୋଦି ପାକିସ୍ତାନ ଉପରେ ଚାପ ପକାଇବା ପାଇଁ ଆତଙ୍କବାଦ ପ୍ରସଙ୍ଗ ଉଠାଇଲେ ଜିନ୍‌ପିଙ୍ଗ୍ ଲଦାଖ କଥା ଉପସ୍ଥାପନ କରିପାରନ୍ତି। କାରଣ ଅନୌପଚାରିକ ବୈଠକରେ କୌଣସି ପ୍ରସଙ୍ଗ ବି ସ୍ଥାନ ପାଇପାରେ। ଦକ୍ଷିଣ ଭାରତର ଐତିହାସିକ ସହର ମହାବଳୀପୁରମ୍‌ରେ ଦୁଇନେତାଙ୍କ ସାକ୍ଷାତରୁ କେଉଁ ନିଷ୍କର୍ଷ ବାହାରିବ ତା' ଉପରେ କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱର ନଜର ରହିଛି।**

## ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କୁ ଭବ୍ୟ ସମ୍ବର୍ଦ୍ଧନା



ମାମଲ୍ଲାପୁରମ୍,୧୧।୧୦(ପି.ଟି.)

ତାମିଲନାଡୁର ଉପକୂଳ ସହର ମାମଲ୍ଲାପୁରମ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦ୍ୱିତୀୟ ଅନୌପଚାରିକ ସମିଟ୍‌ରେ ଯୋଗଦେବା ଲାଗି ଶୁକ୍ରବାର ଭାରତ ଆସିଥିବା ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କୁ ଚେନ୍ନାଇ ବିମାନ ବନ୍ଦରରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏୟାର ଚାଇନାର ବୋଇଂ ୭୪୭ ବିମାନରେ ଜିନ୍‌ପିଙ୍ଗ୍‌ଙ୍କ ସହ ୯୦ ଜଣିଆ ପ୍ରତିନିଧି ଦଳ ଭାରତ ଆସିଛନ୍ତି। ତାମିଲନାଡୁ ରାଜ୍ୟପାଳ ବନୱାରିଲାଲ୍ ପୁରୋହିତ, ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀ, ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିରସେଲ୍‌ଭାମ୍, ଚାଇନାରେ ଭାରତୀୟ ରାଷ୍ଟ୍ରଦୂତ ବିକ୍ରମ ମିସ୍ରି ଚେନ୍ନାଇ ବିମାନବନ୍ଦରରେ ଜିନ୍‌ପିଙ୍ଗ୍‌ଙ୍କୁ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କୁ ଭାରତକୁ ସ୍ୱାଗତ ବୋଲି ମୋଦି ଟୁଇଟ୍ କରିଥିଲେ। ସେମାନଙ୍କ ମଧ୍ୟରେ ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି, ଚାଇନା କମ୍ୟୁନିଷ୍ଟ ପାର୍ଟିର ପଲିଟ୍‌ବ୍ୟୁରୋ ସଦସ୍ୟ ଡିଙ୍ଗ୍ ଜୁଏକ୍ସିଆଙ୍ଗ ଓ ଷ୍ଟେଟ୍ କାଉନସିଲର ୟାଙ୍ଗ ଜିଏଚି ଅଛନ୍ତି। ଜିନ୍‌ପିଙ୍ଗ୍‌ଙ୍କ ସ୍ୱାଗତ ପାଇଁ ବିମାନବନ୍ଦରରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜିତ ହୋଇଥିଲା, ଯେଉଁଥିରେ ତାମିଲନାଡୁ ସାଂସ୍କୃତିକ ଐତିହ୍ୟର ଝଲକ ଦେଖିବାକୁ ମିଳିଥିଲା। ଲୋକନୃତ୍ୟ ଓ ଭାରତନାଟ୍ୟମ୍ ନୃତ୍ୟଶିଳ୍ପୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବାବେଳେ ବହୁସଂଖ୍ୟାରେ ପିଲା ଭାରତୀୟ ଓ ଚାଇନା ପତାକା ହଲାଇ ଜିନ୍‌ପିଙ୍ଗ୍‌ଙ୍କୁ ଅଭିନନ୍ଦନ ଜଣାଇଥିଲେ।

ମାମଲ୍ଲାପୁରମ୍‌ରେ ଜିନ୍‌ପିଙ୍ଗ ପହଞ୍ଚିବା ପରେ ସେଠାରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କୁ ସ୍ୱାଗତ କରିଥିଲେ। ପରେ ସେ ଜିନ୍‌ପିଙ୍ଗଙ୍କୁ ସେଠାର କେତେକ ଦର୍ଶନୀୟ ସ୍ଥଳୀ ବୁଲାଇ ଦେଖାଇଥିଲେ। ସେମାନେ କରମଣ୍ଡଳ ଉପକୂଳରେ ଥିବା ସପ୍ତମ ଶତାବ୍ଦୀର ସ୍ଥାପତ୍ୟ ପଞ୍ଚରଥ ବୁଲି ଦେଖିଥିଲେ। ସେଠାରେ ଉଭୟ ନେତା ପଇଡ଼ ପାଣି ପିଇଥିଲେ। ଧୋତି, ଧଳା ସାର୍ଟ ଓ ଅଙ୍ଗବସ୍ତ୍ର ପରିଧାନ କରିଥିବା ମୋଦି ଚାଇନା ରାଷ୍ଟ୍ରପତିଙ୍କୁ ବିଶ୍ୱପ୍ରସିଦ୍ଧ ଐତିହ୍ୟ ସ୍ଥଳ ଅର୍ଜୁନଙ୍କ ତପସ୍ୟା, କୃଷ୍ଣଙ୍କ ଲବଣିପିଣ୍ଡୁଳା ଓ ଶୋର୍ ଟେମ୍ପୁଲ୍ ଦେଖାଇବା ସହ ସ୍ଥାପତ୍ୟଗୁଡ଼ିକର ଐତିହାସିକ ଗୁରୁତ୍ୱ ସମ୍ପର୍କରେ ବୁଝାଇଥିଲେ। ଉଭୟ ନେତାଙ୍କର ଦୁଇଜଣ ଅନୁବାଦକ ସେମାନଙ୍କୁ ବୁଝିବାରେ ସହାୟତା କରିଥିଲେ। ସେଠାରେ କିଛି ସମୟ ଅତିବାହିତ କରିବା ପରେ ଦୁଇ ନେତା ଉଭୟ ପକ୍ଷର ପ୍ରତିନିଧିମାନଙ୍କ ସହ ସାମିଲ ହୋଇଥିଲେ। ଜିନ୍‌ପିଙ୍ଗ୍‌ଙ୍କ ସମ୍ମାନାର୍ଥେ ମୋଦି ନୈଶଭୋଜିର ଆୟୋଜନ କରିଥିଲେ।

## ଆଲେକ୍ସି ଲିଓନୋଭ୍‌ଙ୍କ ପରଲୋକ



**ମହାକାଶରେ ପଦଚାରଣ କରିବାରେ ପ୍ରଥମ ବ୍ୟକ୍ତି**

ମସ୍କୋ,୧୧।୧୦

୧୯୬୫ରେ ସ୍ପେସ୍‌ୱାକ୍ (ମହାକାଶରେ ପଦଚାରଣ) କରିବାରେ ପ୍ରଥମ ବ୍ୟକ୍ତି ସୋଭିଏଟ୍ ଯୁଗର ମହାକାଶଚାରୀ ଆଲେକ୍ସି ଲିଓନୋଭ୍‌ଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୮୫ ବର୍ଷ ହୋଇଥିଲା। ଦୀର୍ଘଦିନ ହେଲା ସେ ଅସୁସ୍ଥ ଥିଲେ। ତାଙ୍କୁ ଦେଶର ସର୍ବଶ୍ରେଷ୍ଠ ସମ୍ମାନ 'ହିରୋ ଅଫ୍ ଦି ସୋଭିଏଟ୍ ୟୁନିୟନ' ଭାବେ ଦୁଇଥର ସମ୍ମାନିତ କରାଯାଇଥିଲା। ୧୯୬୧ରେ ପ୍ରଥମ ବ୍ୟକ୍ତି ଭାବେ ମହାକାଶକୁ ଯାଇଥିବା ୟୁରି ଗାଗାରିନ୍‌ଙ୍କର ସେ ଘନିଷ୍ଠ ବନ୍ଧୁ ଥିଲେ। ଏହାର ୪ ବର୍ଷ ପରେ ଲିଓନୋଭ୍ ଭୋସ୍କୋଡ୍-୨ ମିଶନରେ ଯାଇ ୧୨ ମିନିଟ ୯ ସେକେଣ୍ଡ ସ୍ପେସ୍‌ୱାକ୍ କରି ଇତିହାସ ରଚିଥିଲେ। ସଫଳ ସ୍ପେସ୍‌ୱାକ୍ ପରେ ପୃଥିବୀକୁ ପ୍ରତ୍ୟାବର୍ତ୍ତନ କଲାବେଳେ ସେମାନଙ୍କ ମହାକାଶ ଯାନ ସାଇବେରିଆ ଜଙ୍ଗଲରେ ଅବତରଣ କରିଥିଲା।

**■ ତୀର୍ଥଯାତ୍ରୀଙ୍କ ଉପରେ ବସ୍ ଚଢ଼ିଗଲା**

## ପରିବାରର ୭ ମୃତ

ବୁଲନ୍ଦସହର,୧୧।୧୦(ପି.ଟି.)

ଉତ୍ତରପ୍ରଦେଶର ବୁଲନ୍ଦସହର ଜିଲା ନରୋରାଠାରେ ରାସ୍ତାକଡ଼ରେ ଶୋଇଥିବା ତୀର୍ଥଯାତ୍ରୀଙ୍କ ଉପରେ ଶୁକ୍ରବାର ଭୋର ସମୟରେ ଏକ ବସ୍ ମାଡ଼ିଯାଇଛି। ଏଥିରେ ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ନାବାଳକ ଅଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ସମ୍ପର୍କୀୟଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ଫୁଲବତୀ(୬୫), ମାଲାଦେବୀ(୩୨), ଶୀଲାଦେବୀ(୩୫), ରେଣୁ (୨୨), ଯୋଗିତା(୫), କଳ୍ପନା(୪) ଓ ସଞ୍ଜନା (୪) ହଥରାସ ଜିଲା ଚନ୍ଦପା ଗ୍ରାମର ନିବାସୀ। ସେମାନେ ଅନ୍ୟ କେତେଜଣ ଗ୍ରାମବାସୀ ଓ ସମ୍ପର୍କୀୟଙ୍କ ସହ ୭୭୦ କି.ମି. ଦୂର ଜମ୍ମୁ-କଶ୍ମୀରର କଟରାରେ ବୈଷ୍ଣୋଦେବୀଙ୍କ ଦର୍ଶନ ସାରି ଫେରୁଥିଲେ। ବୁଲନ୍ଦସହରର ନରୋରାରେ ବସ୍‌ରୁ ଓହ୍ଲାଇ ରାସ୍ତାକଡ଼ରେ ଶୋଇପଡ଼ିଥିଲେ। ଅନ୍ୟ ଯାତ୍ରୀମାନଙ୍କୁ ନେଇ ଫେରୁଥିବା ଆଉ ଏକ ବସ୍ ଭୋର ୪ଟାରେ ସେମାନଙ୍କ ଉପରକୁ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ୭ ଜଣ ପ୍ରାଣ ହରାଇଛନ୍ତି। ଖବର ପାଇ ଦିବାଇ ସର୍କଲ ଅଫିସର ବିକ୍ରମ ସିଂ ଓ ସବ୍‌ଡିଭିଜନାଲ ମାଜିଷ୍ଟ୍ରେଟ୍ ସଞ୍ଜୟ କୁମାର ପହଞ୍ଚିଥିବାବେଳେ ସ୍ଥାନୀୟ ଲୋକେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସ ଲୋକଙ୍କୁ ବୁଝାସୁଝା କରି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବସ୍ ଡ୍ରାଇଭର ଫେରାର ଥିବାବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ୧୧ ତିବ୍ବତୀୟ ଗିରଫ

ଚେନ୍ନାଇ,୧୧।୧୦(ପି.ଟି.)

ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କୁ ବିରୋଧ କରି ଚେନ୍ନାଇ ବିମାନ ବନ୍ଦର ଓ ସେ ରହିବାକୁ ଥିବା ଷ୍ଟାର ହୋଟେଲ ବାହାରେ ବିକ୍ଷୋଭ ପ୍ରଦର୍ଶନ ଲାଗି ଉଦ୍ୟମ କରୁଥିବା ୧୧ ଜଣ ତିବ୍ବତୀୟଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ଜିନ୍‌ପିଙ୍ଗ ହୋଟେଲରେ ପହଞ୍ଚିବା ପୂର୍ବରୁ ତିବ୍ବତୀୟ ପତାକା ଧରିଥିବା ଜଣେ ବ୍ୟକ୍ତିଙ୍କ ସହ ଅନ୍ୟ ୪ ଜଣ ସେଠାରେ ହଠାତ୍ ବିକ୍ଷୋଭ କରିବାକୁ ଉଦ୍ୟମ କରୁଥିଲେ। ପୋଲିସ ସେମାନଙ୍କୁ ଅନ୍ୟତ୍ର ନେଇଯାଇଥିଲା। ସେହିପରି ବିମାନ ବନ୍ଦରରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଥିବା ଅନ୍ୟ ୬ ଜଣଙ୍କୁ ଏୟାରପୋର୍ଟ ପୋଲିସ୍ ଅଟକ ରଖିଥିଲା। ସେମାନଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ଚାଇନା ରାଷ୍ଟ୍ରପତିଙ୍କ ଗସ୍ତ ଲାଗି ଚେନ୍ନାଇ ଓ ମାମଲ୍ଲାପୁରମ୍‌ରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦୁଇ ସହର ଏକପ୍ରକାର ସେନା ଛାଉଣୀରେ ପରିଣତ ହୋଇଛି।

## ନୈଶଭୋଜିରେ ଦକ୍ଷିଣ ଭାରତୀୟ ବ୍ୟଞ୍ଜନ

**ମାମଲ୍ଲାପୁରମ୍,୧୧।୧୦(ପି.ଟି.):** ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କ ସମ୍ମାନାର୍ଥେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ସନ୍ଧ୍ୟାରେ ଏକ ନୈଶଭୋଜିର ଆୟୋଜନ କରିଥିଲେ। ଏଥିରେ ପାରମ୍ପରିକ ଦକ୍ଷିଣ ଭାରତୀୟ ଖାଦ୍ୟ ସମ୍ବର ସ୍ଥାନ ପାଇଥିଲା। ଅରାଚୁ ଭିଟା ସମ୍ବର ସାଙ୍ଗକୁ ଥକ୍କାଲି ରସମ୍, କଡାଲାଇ, କୋର୍ମା, ହାଲୁଆ ଓ ଆମିଷ ବ୍ୟଞ୍ଜନ ଜିନ୍‌ପିଙ୍ଗ୍‌ଙ୍କୁ ପରିବେଷଣ କରାଯାଇଥିଲା। ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଚାଇନା ରାଷ୍ଟ୍ରପତି ଚେନ୍ନାଇଠାରୁ ୫୦ କିମି ଦୂର ମାମଲ୍ଲାପୁରମ୍ ଉପକୂଳ ସହରରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ ଦ୍ୱିତୀୟ ଅନୌପଚାରିକ ସମିଟ୍‌ରେ ଯୋଗଦେବେ।

## ଇଂଲିଶ, ତାମିଲ, ମାଣ୍ଡାରିନ୍‌ରେ ସ୍ୱାଗତ କଲେ ମୋଦି

**ଚେନ୍ନାଇ,୧୧।୧୦(ପି.ଟି.):** ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍‌ଙ୍କୁ ସ୍ୱାଗତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତିନୋଟି ଭାଷା ଇଂଲିଶ, ତାମିଲ ଓ ମାଣ୍ଡାରିନକୁ ବ୍ୟବହାର କରିଥିଲେ। ସେ ଇଂଲିଶରେ 'ୱେଲ୍‌କମ୍ ଟୁ ଇଣ୍ଡିଆ, ପ୍ରେସିଡେଣ୍ଟ ଜି ଜିନ୍‌ପିଙ୍ଗ୍!' ଲେଖି ଟୁଇଟ୍ କରିଥିବାବେଳେ ଏହାକୁ ତାମିଲ ଓ ମାଣ୍ଡାରିନ୍ ଭାଷାରେ ମଧ୍ୟ ପୋଷ୍ଟ କରିଥିଲେ। ଚମତ୍କାର ସଂସ୍କୃତି ଓ ଆତିଥେୟତା ଲାଗି ଖ୍ୟାତି ଅର୍ଜନ କରିଥିବା ମହାନ ଭୂମି ତାମିଲନାଡୁରେ ପହଞ୍ଚିଥିବାରୁ ସେ ଆନନ୍ଦିତ ବୋଲି ପ୍ରଧାନମନ୍ତ୍ରୀ ତିନୋଟି ଭାଷାରେ ଲେଖିଥିଲେ। ଚାଇନା ରାଷ୍ଟ୍ରପତିଙ୍କ ପାଇଁ ତାମିଲନାଡୁ ଏଭଳି ଭବ୍ୟ ଆୟୋଜନ କରିଥିବାରୁ ସେ ଖୁସି ବ୍ୟକ୍ତ କରିବା ସହ ଅନୌପଚାରିକ ସମିଟ୍ ଦୁଇଦେଶର ସମ୍ପର୍କକୁ ଅଧିକ ମଜଭୁତ କରିବାରେ ସହାୟକ ହେବ ବୋଲି କହିଥିଲେ।

## ବ୍ରିଟେନ ଶପିଂ ସେଣ୍ଟରରେ ଛୁରାମାଡ଼

ଲଣ୍ଡନ,୧୧।୧୦(ପି.ଟି.)

ବ୍ରିଟେନର ମାଞ୍ଚେଷ୍ଟର ସହରରେ ଥିବା ଶପିଂ ସେଣ୍ଟରରେ ଶୁକ୍ରବାର ଛୁରାମାଡ଼ ହୋଇଛି। ଏଥିରେ ୪ ଜଣ ଆହତ ହୋଇଥିବା ଜରୁରୀ ସେବା ସଂସ୍ଥା ପକ୍ଷରୁ କୁହାଯାଇଛି। ଆକ୍ରମଣକାରୀଙ୍କୁ ଗିରଫ କରାଯାଇଛି। ଆର୍ନଡେଲ୍ ଶପିଂ ସେଣ୍ଟରରେ ହୋଇଥିବା ଏହି ଆକ୍ରମଣ ପଛରେ ଆତଙ୍କବାଦୀଙ୍କ ସମ୍ପୃକ୍ତି ନେଇ କୌଣସି ସୂଚନା ମିଳି ନ ଥିବା ମାଞ୍ଚେଷ୍ଟର ପୋଲିସ କହିଛି। ଶପିଂ ସେଣ୍ଟରକୁ ଖାଲି କରିଦିଆଯାଇଛି।

## ଇତିହାସର ଆଇନାରେ

**ଅକ୍ଟୋବର ୧୨ର ପ୍ରମୁଖ ଘଟଣା**

୨୦୦୨ ଅକ୍ଟୋବର ୧୨ରେ ବାଲିର କୁଟାସ୍ଥିତ ସାରୀ କ୍ଲବରେ ଆତଙ୍କବାଦୀମାନେ ବୋମା ବିସ୍ଫୋରଣ କରିବାରୁ ପ୍ରାୟ ୨୦୦ ଲୋକ ପ୍ରାଣ ହରାଇଥିଲେ। ୩୦୦ରୁ ଊର୍ଦ୍ଧ୍ୱ ଏଥିରେ ଆହତ ହୋଇଥିଲେ। ପ୍ରାୟ ୨୦ ଦେଶର ପର୍ଯ୍ୟଟକ ଏହି ଆତଙ୍କବାଦୀ ବିସ୍ଫୋରଣର ଶିକାର ହୋଇଥିଲେ। ଏହା ପଛରେ ଜେମା ଇସ୍‌ଲାମିୟା ଆତଙ୍କବାଦୀ ଗୋଷ୍ଠୀର ହାତ ରହିଥିଲା।

୨୦୧୩ ଅକ୍ଟୋବର ୧୨ରେ ପେରୁରେ ଏକ ମାଲବାହୀ ଟ୍ରକ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୪ ନାବାଳକଙ୍କ ସହ ୫୧ ବ୍ୟକ୍ତି ପ୍ରାଣ ହରାଇଥିଲେ। ଡ୍ରାଇଭରର ଅସାବଧାନତା ଯୋଗୁ ଟ୍ରକଟି ୨୦୦ ମିଟର ତଳକୁ ଚୌପିମୟୋ ନଦୀରେ ଖସିପଡ଼ିଥିଲା। ଏହାର ତଦନ୍ତ ପରେ ଡ୍ରାଇଭରଙ୍କ ମାତ୍ରାଧିକ ମଦ୍ୟପାନକୁ ଦୋଷ ଦିଆଯାଇଥିଲା।



ଦୀପାବଳି ପୂର୍ବରୁ ଅହମଦାବାଦରେ ଖରାରେ ଦୀପ ଶୁଖାଉଛନ୍ତି ଜଣେ ମହିଳା ।

## ଏଲ୍‌ଓସିରେ ଯବାନ ଶହୀଦ

**ଜମ୍ମୁ,୧୧।୧୦(ପି.ଟି.):** ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖାରେ ପାକିସ୍ତାନ ଶୁକ୍ରବାର ପୁଣି ଅସ୍ତ୍ରବିରତି ଉଲ୍ଲଂଘନ କରିଛି। ଏଥିରେ ଜଣେ ଯବାନ ଶହୀଦ ଓ ଦୁଇ ଆହତ ହୋଇଛନ୍ତି। ରାଜୌରି ଜିଲା ନୌସେରା ସେକ୍ଟରରେ ପାକିସ୍ତାନୀ ସେନା ଭୋର ୫ଟା ୩୦ରୁ ୨ ଘଣ୍ଟା ଧରି ଗୁଳିବର୍ଷା ଓ ମୋର୍ଟାର ମାଡ଼ କରିଥିଲା। ଗୁଳିମାଡ଼ରେ ଗୁରୁତର ନାଏକ ସୁବାସ ଥାପା(୨୫)ଙ୍କର ଉଦ୍ଧମପୁରସ୍ଥିତ ସେନା ହସ୍ପିଟାଲରେ ପରଲୋକ ହୋଇଯାଇଛି।




## ମାନହାନି ମାମଲାରେ ରାହୁଲଙ୍କୁ ଜାମିନ

ଅହମଦାବାଦ, ୧୧।୧୦ (ଆଇଏଏନ୍‌ଏସ୍)



ଏକ ମାନହାନି ମାମଲାରେ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଶୁକ୍ରବାର ଅହମଦାବାଦର ଏକ ଅଦାଲତ ଜାମିନ ପ୍ରଦାନ କରିଛନ୍ତି। ଭାଜପା ଅଧ୍ୟକ୍ଷ ଅମିତ୍ ଶାହଙ୍କୁ 'ହତ୍ୟା ଅଭିଯୁକ୍ତ' କହିଥିବା ରାହୁଲଙ୍କ ବିରୋଧରେ ସ୍ଥାନୀୟ କର୍ପୋରେଟର ମାନହାନି ମାମଲା ଦାଏର କରିଥିଲେ। ଦୁଇଟି ମାନହାନି ମାମଲାରେ କୋର୍ଟରେ ହାଜର ହେବା ଲାଗି ଆସିଥିବା ୱାୟନାଡ୍ ଏମ୍‌ପିଙ୍କୁ ଏନ୍‌ଏସ୍‌ୟୁଆଇ ଏବଂ କଂଗ୍ରେସ କର୍ମୀମାନେ ଅଭିନନ୍ଦନ ଜଣାଇଥିଲେ। ଗୁଜରାଟରେ ରାହୁଲଙ୍କ ବିରୋଧରେ ୩ଟି ମାନହାନି ମାମଲା ରୁଜୁ ହୋଇଛି। ଗୁରୁବାର ସେ ଅନ୍ୟ ଏକ ମାନହାନି ମାମଲାରେ ସୁରଟ କୋର୍ଟରେ ହାଜର ହୋଇଥିଲେ।

ଅହମଦାବାଦ କୋର୍ଟ ଶୁକ୍ରବାର କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲାଙ୍କ ବିରୋଧରେ ଜାମିନଯୋଗ୍ୟ ୱାରେଣ୍ଟ ଜାରି କରିଛନ୍ତି। ବିମୁଦ୍ରୀକରଣ ବେଳେ ସୁର୍ଜେୱାଲା ଅହମଦାବାଦ କୋ-ଅପରେଟିଭ୍ ବ୍ୟାଙ୍କରେ ପାଖାପାଖି ୭୫୦ କୋଟି ଟଙ୍କା ଜମା କରିଥିବା ଅଭିଯୋଗ ହୋଇଥିଲା। ବ୍ୟାଙ୍କ ଅଧ୍ୟକ୍ଷ ଅଜୟ ପଟେଲ ସୁର୍ଜେୱାଲାଙ୍କ ବିରୋଧରେ ମାମଲା ଦାଏର କରିଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘୁଆ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୬ | ୨୨.୫ |
| ଚାନ୍ଦବାଲି | ୩୧.୯ | ୨୪.୦ |
| କଟକ | ୩୨.୪ | ୨୨.୦ |
| ପାରାଦ୍ୱୀପ | ୩୧.୯ | ୨୪.୮ |
| ଭୁବନେଶ୍ୱର | ୩୧.୬ | ୨୩.୭ |
| ଗୋପାଳପୁର | ୩୩.୬ | ୨୫.୩ |
| ପୁରୀ | ୩୧.୮ | ୨୫.୦ |
| ଅନୁଗୋଳ | ୩୨.୭ | ୧୯.୬ |
| ବାରିପଦା | ୩୨.୦ | ୨୩.୪ |
| ଝାରସୁଗୁଡ଼ା | ୩୧.୪ | ୨୩.୪ |
| କେନ୍ଦୁଝର | ୩୦.୬ | ୨୧.୪ |
| ସମ୍ବଲପୁର | ୩୩.୬ | ୨୨.୬ |
| ସୁନ୍ଦରଗଡ଼ | ୨୭.୦ | ୧୭.୦ |
| ହୀରାକୁଦ | ୩୩.୦ | ୨୩.୬ |
| ତାଳଚେର | ୩୨.୫ | ୨୪.୦ |
| ଭବାନୀପାଟଣା | ୩୧.୦ | ୨୩.୪ |
| ବଲାଙ୍ଗୀର | ୩୩.୦ | ୨୪.୦ |
| କୋରାପୁଟ | ୩୦.୦ | ୧୯.୨ |
| ଫୁଲବାଣୀ | ୨୯.୦ | -- |
| ଟିଟିଲାଗଡ଼ | ୩୩.୪ | ୨୧.୧ |
| ମାଲକାନଗିରି | ୩୫.୦ | -- |
| ସୋନପୁର | ୩୩.୦ | ୨୨.୨ |
| ଦାରିଙ୍ଗିବାଡ଼ି | ୨୭.୫ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

## ଇରାନ ତୈଳ ଜାହାଜକୁ ମିଶାଇଲ ମାଡ଼

ତେହରାନ,୧୧।୧୦(ଏଏଫ୍‌ପି)



ସୌଦି ଉପକୂଳରେ ଇରାନର ଏକ ତୈଳ ଟ୍ୟାଙ୍କର ଜାହାଜ ଉପରେ ଶୁକ୍ରବାର ୨ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଏଥିଯୋଗୁ ଜାହାଜରେ ଥିବା ତେଲ ଲିକ୍ ହୋଇ ସମୁଦ୍ରରେ ଭାସିବାରେ ଲାଗିଛି। ଜାହାଜର ବଡ଼ଧରଣର କ୍ଷତି ହୋଇ ନ ଥିବାରୁ ଏହାର ମରାମତି କରାଯାଉଛି। ଏହି ଆକ୍ରମଣ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ୨%ରୁ ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଉପସାଗରରେ ତୈଳ ରପ୍ତାନୀକୁ ନେଇ ପୂର୍ବରୁ ଲାଗିରହିଥିବା ବିବାଦ ଆହୁରି ବଢ଼ିବ ବୋଲି କୁହାଯାଉଛି।

ସୌଦି ଆରବର ଦୁଇଟି ତୈଳ ପ୍ରକ୍ରିୟାକରଣ ପ୍ଲାଣ୍ଟ ଉପରେ ଆକ୍ରମଣ ପରଠୁ ଇରାନ ସହ ଉତ୍ତେଜନା ବୃଦ୍ଧି ପାଇଥିବାବେଳେ ଏବେ ଇରାନ ତୈଳ ଜାହାଜକୁ ଟାର୍ଗେଟ କରାଯାଇଛି। ନ୍ୟାଶନାଲ ଇରାନିଆନ୍ ଟ୍ୟାଙ୍କର କମ୍ପାନୀ (ଏନ୍‌ଆଇଟିସି)ର ସବିତି ନାମକ ଏହି ଜାହାଜ ଲୋହିତସାଗର ଦେଇ ଯାଉଥିଲା। ସୌଦିର ଉପକୂଳଠାରୁ ପ୍ରାୟ ୧୦୦ କି.ମି. ଦୂରରେ ଥିବାବେଳେ ଏହା ଉପରେ ଦୁଇଟି ମିଶାଇଲ ମାଡ଼ ହୋଇଥିଲା। ଜାହାଜର ସମସ୍ତ ନାବିକ ସୁରକ୍ଷିତ ଅଛନ୍ତି। ଜାହାଜର ମରାମତି କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ସୌଦିର ନାମ ନ ନେଇ ପରୋକ୍ଷରେ ଏହା ଉପରେ ଦୋଷ ଲଦିଛି। ଜାହାଜକୁ ଖୁବ୍ ନିକଟରୁ ଆକ୍ରମଣ କରାଯାଇଛି। ତୈଳ ଲିକ୍ ଯୋଗୁ ପରିବେଶ ଉପରେ ଏହାର ଯେଉଁ କୁପ୍ରଭାବ ପଡ଼ିବ ସେଥିଲାଗି ଆକ୍ରମଣକାରୀ ଦାୟୀ ରହିବେ। ଆକ୍ରମଣର ତଦନ୍ତ ଚାଲିଛି ବୋଲି ମନ୍ତ୍ରଣାଳୟ ମୁଖପାତ୍ର ଅବ୍ବାସ ମୁସାଭି କହିଛନ୍ତି। ଶିପ୍ ଟ୍ରାକିଂ ସର୍ଭିସ୍ ଟ୍ୟାଙ୍କର ଟ୍ୟାଙ୍କର୍ସ ଅନୁସାର ସବିତିରେ ୧୦ ଲକ୍ଷ ବ୍ୟାରେଲ ତୈଳ ବୋଝେଇ ହୋଇ ଉପସାଗର ଅଭିମୁଖେ ଯାଉଥିଲା। ଅନ୍ୟପକ୍ଷରେ ଆକ୍ରମଣ ପଛରେ ଆତଙ୍କବାଦୀଙ୍କ ହାତ ଥାଇପାରେ ବୋଲି ଇରାନର ସରକାରୀ ଟେଲିଭିଜନ କହିଛି। ଉପସାଗର ସମୁଦ୍ରପଥକୁ ନେଇ ଇରାନ ଓ ପାଶ୍ଚାତ୍ୟ ଶକ୍ତିଗୁଡ଼ିକ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଗତମାସରେ ସଉଦିର ଦୁଇଟି ତୈଳ ପ୍ରକ୍ରିୟାକରଣ ପ୍ଲାଣ୍ଟରେ ଆକ୍ରମଣ ହୋଇଥିଲା। ଏହାପଛରେ ଇରାନର ହାତ ଥିବା ସୌଦି ଆରବ ଓ ଆମେରିକା ଦୋଷ ଦେଇଥିଲେ। ଏହି ଆକ୍ରମଣ ଯୋଗୁ ବିଶ୍ୱରେ ତୈଳ ଉତ୍ପାଦନ ୫% ପ୍ରଭାବିତ ହୋଇଛି।

## ସଂକ୍ଷେପରେ

ଉଚ୍ଛେଦ ପ୍ରକ୍ରିୟାରେ ସାମିଲ ବ୍ୟବସାୟୀଙ୍କୁ ସହାୟତା ପ୍ରଦାନ

### ୮୬ ଜଣଙ୍କୁ ମିଳିଲା ୪୬ ଲକ୍ଷ ୭୫ ହଜାର

ପୁରୀ ଅଫିସ, ୧୧।୧୦

ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ସୁରକ୍ଷା ବଳୟ ସୃଷ୍ଟି ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ଲଙ୍ଗୁଳି, ଏମାର ଏବଂ ବଡ଼ଆଖଡା ମଠର ଅସୁରକ୍ଷିତ କୋଠା ଭଙ୍ଗାଯାଇ ଜମି ଅଧିଗ୍ରହଣ ହୋଇଛି। ପୂର୍ବରୁ ଏହି ମଠରେ ଥିବା ଦୋକାନ ଘର ଏବଂ ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନେ ଉଚ୍ଛେଦ ପ୍ରକ୍ରିୟାରେ ସାମିଲ ହୋଇ ପ୍ରଶାସନକୁ ସହଯୋଗ କରିଛନ୍ତି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଜିଲାପାଳ ବଲୱନ୍ତ ସିଂ ୨୬ ଜଣ ବ୍ୟବସାୟୀଙ୍କୁ ସାମୟିକ ଭାବେ ଜଗନ୍ନାଥ ବଲ୍ଲଭସ୍ଥିତ କ୍ରାଫ୍ଟ କମ୍ପ୍ଲେକ୍ସରେ ଥଇଥାନ କରିଛନ୍ତି। ଅନ୍ୟ ୬୦ ଜଣ ବ୍ୟବସାୟୀ ସେମାନଙ୍କ ଇଚ୍ଛା ମୁତାବକ, ଅନ୍ୟତ୍ର ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିବାରୁ ସେମାନଙ୍କୁ ମାସିକ ଘରଭଡ଼ା ପ୍ରଦାନ କରାଯାଇଛି। ମୋଟ ୮୬ ଜଣ ବ୍ୟବସାୟୀ ଏବଂ ବ୍ୟବସାୟ ପ୍ରତିଷ୍ଠାନକୁ ଏକକାଳୀନ ୫୦ ହଜାର ଟଙ୍କା ଏବଂ ଅନ୍ୟ ୬୦ ଜଣଙ୍କୁ ପ୍ରଥମ ମାସର ଘରଭଡ଼ା ମିଶାଇ ମୋଟ ୪୬ ଲକ୍ଷ ୭୫ ହଜାର ଟଙ୍କା ଶୁକ୍ରବାର ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଛଡାଯାଇଛି। ସେହିପରି ୨୦୦ ବର୍ଗଫୁଟ ପରିମିତ ସ୍ଥାନରେ ପୂର୍ବରୁ ବ୍ୟବସାୟ ପ୍ରତିଷ୍ଠାନ କରିଥିବା ମାଲିକଙ୍କୁ ୫ ହଜାର ଟଙ୍କା, ୨୦୦ରୁ ୫୦୦ ବର୍ଗଫୁଟ ଜାଗା ପାଇଁ ୧୦ ହଜାର ଏବଂ ୫୦୦ରୁ ଅଧିକ ବର୍ଗଫୁଟ ସ୍ଥାନ ପାଇଁ ମାସିକ ୧୫ହଜାର ଟଙ୍କା ପ୍ରଦାନ କରାଯାଇଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

### ହାତୀର ଗଳିତ ମୃତଦେହ ଉଦ୍ଧାର

ପରଜଙ୍ଗ, ୧୧।୧୦(ଡି.ଏନ୍.ଏ.): ଢେଙ୍କାନାଳ ବନଖଣ୍ଡ ମହାବିରୋଡ ରେଞ୍ଜ କୁରୁଚିଆ ବିଟ୍ ଅଧୀନ ଟୋଲକପାଟିଆ ଗାଁ ନିକଟ ଅନନ୍ତପୁର ସଂରକ୍ଷିତ ଜଙ୍ଗଲରୁ ଶୁକ୍ରବାର ବନ ବିଭାଗ ଏକ ଅଣ୍ଡିରା ହାତୀର ଗଳିତ ମୃତଦେହ ଉଦ୍ଧାର କରିଛି। ମୃତହାତୀର ଆନୁମାନିକ ବୟସ ୧୦ରୁ ୧୨ ବର୍ଷ ହେବ। ପାଖାପାଖି ୨୦ଦିନ ତଳେ ଏହାର ମୃତ୍ୟୁ ଘଟିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। କେତେଜଣ ଗ୍ରାମବାସୀ ଜଙ୍ଗଲକୁ ଯାଇଥିବାବେଳେ ପ୍ରବଳ ଦୁର୍ଗନ୍ଧ ହେଉଥିବା ଜାଣିବାକୁ ପାଇଥିଲେ। ବନ୍ୟଜନ୍ତୁ ମରିଥିବା ଆଶଙ୍କା କରି ସେମାନେ ଏ ନେଇ ବନ ବିଭାଗକୁ ସୂଚନା ଦେଇଥିଲେ। ଏସିଏଫ୍ ସରୋଜ ବିଶ୍ୱାଳ, କାମାକ୍ଷାନଗର ରେଞ୍ଜର ବିଭୁଦାନନ୍ଦ ମିଶ୍ର, ଫରେଷ୍ଟର ଅମର ପ୍ରସାଦ ନନ୍ଦ, ଗାର୍ଡ ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ପହଞ୍ଚି ଖୋଜାଖୋଜି କରିବା ପରେ ହାତୀ ମରିଥିବା ଜଣାପଡ଼ିଥିଲା। କଙ୍କଡ଼ାହାଡ଼ ପ୍ରାଣୀଧନ ଚିକିତ୍ସାଧିକାରୀ ସତ୍ୟବିକ୍ରମ ତରାଇ ହାତୀର ବ୍ୟବଚ୍ଛେଦ କରିଛନ୍ତି। ଏ ନେଇ ଡିଏଫ୍ଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ କୁହନ୍ତି, ଘଟଣାର ତଦନ୍ତ ଚାଲିଛି। ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏଥିରୁ ହାତୀ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି।

### ଡଙ୍ଗାବୁଡ଼ି ୨ ଭଉଣୀଙ୍କ ସହ ନାଉରିଆ ନିଖୋଜ

ମାଲକାନଗିରି/ପଡିଆ, ୧୧।୧୦ (ଡି.ଏନ୍.ଏ.): ମାଲକାନଗିରି ଜିଲା ପଡିଆ ଥାନା ଅନ୍ତର୍ଗତ ତେଗେଡାପାଲିର ନିଲିଗୁଡା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଏକ ଦୁଃଖଦ ଘଟଣା ଘଟିଛି। ନଦୀ ପାର ହେଉଥିବା ବେଳେ ଡଙ୍ଗା ବୁଡିଯିବାରୁ ଚାଳକଙ୍କ ସହ ୨ଝିଅ ନିଖୋଜ ହୋଇଯାଇଛନ୍ତି। ସେମାନେ ଦୁଇ ଭଉଣୀ। ସ୍ଥାନୀୟ ଲୋକେ ଖୋଖୋଜି କରିଥିଲେ ମଧ ସେମାନଙ୍କ ପତ୍ତା ମିଳିପାରିନାହିଁ। ଖବରରୁ ଜଣାପଡିଛି ଯେ, ନିଲିଗୁଡା ଗ୍ରାମର ରାଜା କବାସିଙ୍କ ୨ ଝିଅ ଦିନେ କବାସି(୧୮) ଓ ମନିକା କବାସୀ(୧୪) ଶୁକ୍ରବାର କୌଣସି କାର୍ଯ୍ୟରେ ନଦୀ ଆରପାର୍ଶ୍ୱରେ ଥିବା ଛତିଶଗଡର କେରଲାପାଲି ଗ୍ରାମକୁ ଯାଇଥିଲେ। କାମ ସାରି ଉଭୟେ ସନ୍ଧ୍ୟାରେ ଗ୍ରାମକୁ ଛୋଟ ଦେଶୀ ଡଙ୍ଗାରେ ଫେରୁଥିଲେ। ନଦୀ ମଝିରେ ଡଙ୍ଗାଟି ହଠାତ୍ ଭାରସାମ୍ୟ ହରାଇ ବୁଡିଯାଇଥିଲା। ଫଳରେ ଦିନେ, ମନିକାଙ୍କ ସହ ଡଙ୍ଗା ଚାଳକ ବୁଡି ନିଖୋଜ ହୋଇଯାଇଛନ୍ତି। ଡଙ୍ଗା ଚାଳକଙ୍କ ପରିଚୟ ଜଣାପଡିନାହିଁ। ଖବରପାଇ ପଡିଆରୁ ଦମକଳବାହିନୀ ପହଞ୍ଚିଥିଲେ ମଧ ରାତି ହୋଇଯିବାରୁ ଆଉ ଖୋଜାଖୋଜି କରିପାରିନାହାନ୍ତି। ଶନିବାର ସକାଳେ ସେମାନଙ୍କୁ ଖୋଜାଯିବ ବୋଲି ଜଣାପଡିଛି।

■ ମୁଖ୍ୟ ଶାସନ ସଚିବ, ୫-ଟି ସଚିବଙ୍କ ୩ ଜିଲା ଗସ୍ତ

# ରୋଗୀଙ୍କଠାରୁ ବୁଝିଲେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା

ନୟାଗଡ଼ ଅଫିସ/ ବୌଦ୍ଧ (ସ୍ୱ.ପ୍ର)/ ଫୁଲବାଣୀ ଅଫିସ, ୧୧।୧୦



ବୌଦ୍ଧ ଆହର କେନ୍ଦ୍ରରେ ସଚିବମାନେ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି।

**ବୌଦ୍ଧରେ ଆହାର କେନ୍ଦ୍ରର ଖାଦ୍ୟ ଖାଇ ମାନ ଯାଞ୍ଚ କଲେ**

ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଉଥିବା ନିଷ୍ପତ୍ତି ତୃଣମୂଳ ସ୍ତରରେ କିପରି କାର୍ଯ୍ୟକାରୀ ହେଉଛି ତାହାର ତଦାରଖ ପାଇଁ ଶୁକ୍ରବାର ୩ ପ୍ରମୁଖ ଅଧିକାରୀ ଯଥାକ୍ରମେ କନ୍ଧମାଳ, ବୌଦ୍ଧ ଓ ନୟାଗଡ଼ ଜିଲା ଗସ୍ତ କରିଥିଲେ। ସେମାନେ ହେଲେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫-ଟି ବିଭାଗ ସଚିବ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ୍ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ। ଏହି ଅଧିକାରୀମାନେ ତିନି ଜିଲାର ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଦେୟମୁକ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏହାସହ ରୋଗୀମାନଙ୍କ ସହ ଆଲୋଚନା କରି ସେମାନଙ୍କୁ କିପରି ଚିକିତ୍ସା ସୁବିଧା ମିଳୁଛି, ମାଗଣାରେ ଔଷଧ ଦିଆଯାଉଛି କି ନାହିଁ, ଡାକ୍ତରମାନେ ଉତ୍ତମ ବ୍ୟବହାର କରୁଛନ୍ତି ନା ନାହିଁ ଆଦି ବିଷୟରେ ପଚାରି ବୁଝିଥିଲେ।

୩ ଅଧିକାରୀ ବୌଦ୍ଧସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାନାଭାବରୁ ଅନେକ ବିଭାଗ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ସେମାନେ ଜାଣିବାକୁ ପାଇଥିଲେ। ବୌଦ୍ଧ ଜେଲ୍ ପାଇଁ ନୂତନ କୋଠା ନିର୍ମାଣ ସମାପ୍ତ ହୋଇସାରିଛି। ତୁରନ୍ତ ସେଠାକୁ ଜେଲ୍ ସ୍ଥାନାନ୍ତର କରି ସେହି ସ୍ଥାନରେ ବହୁତଳ ଚିକିତ୍ସାଳୟ କୋଠା ନିର୍ମାଣ କରାଯିବା ସହିତ ଗୋଟିଏ ସ୍ଥାନରେ ରୋଗୀମାନଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଦିଆଯିବ ବୋଲି ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ସରକାରୀସ୍ତରରେ ତୁରନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ୩ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଏହାପରେ ୩ ଅଧିକାରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରରେ ସାଧାରଣ ଲୋକଙ୍କ ସହ ଖାଦ୍ୟ ଖାଇ ମାନ ଯାଞ୍ଚ କରିଥିଲେ। ପରେ ସେମାନେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପହଞ୍ଚି ଲୋକଙ୍କୁ ଯୋଗାଇ ଦିଆଯାଉଥିବା ସେବା ସମ୍ପର୍କରେ ତଦାରଖ କରିଥିଲେ। ଅନ୍ୟପକ୍ଷେ ନାଗରିକ କମିଟି ପକ୍ଷରୁ ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି ଓ ବିପ୍ରଚରଣ ମହାନ୍ତି ୩ ଅଧିକାରୀଙ୍କୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରହିଥିବା ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଜିଲା ଓକିଲ ସଂଘ ସଭାପତି ତାରେଣୀ ମହାପାତ୍ର ଓ ବିଜେଡି ସାଧାରଣ ସମ୍ପାଦକ ମୃତ୍ୟୁଞ୍ଜୟ ମିଶ୍ର ଅତିଥି ଭବନରେ ପ୍ରତିନିଧି ମଣ୍ଡଳୀଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ।

ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍‌ରୁ ସୁନା ଜବତ ଘଟଣା: ୨ ଗିରଫ

# ସ୍ମଗ୍‌ଲିଂ ପଛରେ ଅନ୍ତର୍ଜାତୀୟ ଲିଙ୍କ୍

ଭୁବନେଶ୍ୱର, ୧୧।୧୦ (ବ୍ୟୁରୋ): ହାଓଡ଼ା-ମୁମ୍ବାଇ ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ୍‌ରୁ ୧୨.୯ କେଜି ସୁନା ଜବତ ଘଟଣାରେ ଡାଇରେକ୍ଟର ଅଫ୍ ରେଭିନ୍ୟୁ ଇଣ୍ଟେଲିଜେନ୍ସ (ଡିଆର୍ଆଇ) କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଟକ ୨ ଚାଲାଣକାରୀଙ୍କୁ ଡିଆର୍ଆଇ ଗିରଫ କରିଥିବା ଶୁକ୍ରବାର ସୂଚନା ଦେଇଛି। ସେମାନେ ହେଲେ ଧନରାଜ ମହାଦେବ ଯାଦବ ଓ ରାହୁଲ ଆରଏନ। ଉଭୟଙ୍କ ଘର ମୁମ୍ବାଇରେ ହୋଇଥିବାବେଳେ

**ଏବେ ଚାଲାଣର ମୁଖ୍ୟ ମାଧ୍ୟମ ରେଳପଥ**

ସେମାନେ ସୁନା ବ୍ୟବସାୟ କରୁଥିବା ଜଣାପଡ଼ିଛି। ଜବତ ସୁନାର ମାନ ଓ ତାହା ଉପରେ ଲେଖାଯାଇଥିବା ଇଂଲିଶ ଅକ୍ଷରକୁ ଡିଆର୍ଆଇ ତର୍ଜମା କରୁଛି। ଜବତ ୧୧୦ ସୁନା ବିସ୍କୁଟ ଉପରେ ଏଏଲ୍ ଏଥିହାଡ୍ ଜି ଦୁବାଇ-ୟୁଏଓ ୧୦, ଏଆର୍‌ଜି ଏବଂ ଏମ୍‌ଟିଏମ୍ ଲେଖା ହୋଇଛି। ତେଣୁ ଏହି ଟଙ୍କା ଦୁବାଇରୁ ଚାଲାଣ ହେଉଥିଲା ବୋଲି ସନ୍ଦେହ କରାଯାଉଛି। ଚାଲାଣକାରୀ ଦ୍ୱୟଙ୍କୁ ପଚରାଉଚରା ପରେ ଏହି ର୍‍ୟାକେଟ ପଛରେ ଅନ୍ତର୍ଜାତୀୟ ଲିଙ୍କ ରହିଥିବା ଡିଆର୍ଆଇ ସୁରାକ ପାଇଛି। ଏହି ସୁନା ସ୍ମଗଲିଂର ଚେର କେଉଁଆଡ଼େ ବ୍ୟାପିଛି ତା'ର ଟେର୍ ପାଇବା ପାଇଁ ଡିଆର୍ଆଇ ଅଧିକାରୀମାନେ ଖୋଳତାଡ କରୁଛନ୍ତି। ଏହା ପଛରେ ଆଇଏସ୍ଆଇ କିମ୍ବା ମୋଷ୍ଟ ୱାଣ୍ଟେଡ୍ ଦାଉଦ ଇବ୍ରାହିମଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି। ଦାଉଦ ପାକିସ୍ତାନରେ ଆତ୍ମଗୋପନ କରି ସୁନା ସ୍ମଗଲିଂ କରୁଥିବା ସନ୍ଦେହ ସୃଷ୍ଟି ହୋଇଛି। କୁହାଯାଉଛି ଯେ, ବିମାନବନ୍ଦର ଦେଇ ସୁନା ଚାଲାଣ କରୁଥିବା ଚାଲାଣକାରୀଙ୍କ ଉପରେ ଡିଆର୍ଆଇ ଅଧିକାରୀମାନେ କଡ଼ା ନଜର ରଖିଥିଲେ। ତେଣୁ କଷ୍ଟମ ଏବଂ ଡିଆର୍ଆଇ ଅଧିକାରୀଙ୍କ ନଜରରୁ ବର୍ତ୍ତିବା ପାଇଁ ସେମାନେ ଏବେ ରେଳପଥକୁ ମାଧ୍ୟମ କରିଛନ୍ତି। ସେମାନେ ଦୁବାଇରୁ ମ୍ୟାନମାର ଓ ବାଂଲାଦେଶ ଦେଇ କୋଲକାତାକୁ ସୁନା ଚାଲାଣ କରିଥାନ୍ତି। କୋଲକାତାରୁ ଓଡ଼ିଶା ଦେଇ ମୁମ୍ବାଇ ଏବଂ ଅନ୍ୟ ସ୍ଥାନକୁ ସୁନା ଚାଲାଣ କରାଯାଉଛି। ଚାଲାଣକାରୀ ସାଧାରଣ ଯାତ୍ରୀଙ୍କ ଭଳି ଏୟାର ବ୍ୟାଗ୍‌ରେ ସୁନା ଭର୍ତ୍ତି କରି ନେଉଥିବାରୁ କଷ୍ଟମ କିମ୍ବା ଡିଆର୍ଆଇ ବିଭାଗର ସନ୍ଦେହ ହୁଏନାହିଁ। ଚାଲାଣକାରୀଙ୍କୁ ଆଣିଥିବା ସୁନାର ୨୦ ପ୍ରତିଶତ ଭାଗ ଦିଆଯାଇଥାଏ। ତେଣୁ ସେମାନେ ଏଭଳି କାରବାରକୁ ଆଦରି ନିଅନ୍ତି। ସୁନା ଚାଲାଣର ଚେର ଚାଇନା ଏବଂ ୟୁଏଇକୁ ଲମ୍ବିଥିବା ଜଣାପଡ଼ିଛି। ଗୁରୁବାର ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ୍‌ରେ ୨ଜଣ ଚାଲାଣକାରୀ ସୁନା ନେଇ ଯାଉଥିଲେ। କେନ୍ଦ୍ରୀୟ ଅବକାରୀ ବିଭାଗ, ରାଜସ୍ୱ ଗୋଇନ୍ଦା ଏବଂ ଆରପିଏଫ୍ ମିଳିତଭାବେ ରାଜଗାଙ୍ଗପୁରରୁ ଝାରସୁଗୁଡ଼ା ମଧ୍ୟରେ ଟ୍ରେନ୍‌ରେ ଚଢାଉ କରି ୨ ଚାଲାଣକାରୀଙ୍କୁ ଧରି ୧୧୦ ସୁନା ବିସ୍କୁଟ ଜବତ କରିଥିଲେ। ଯାହାର ବଜାର ମୂଲ୍ୟ ୫ କୋଟି ଟଙ୍କା ହେବ।

# ଓଡ଼ିଶାକୁ ୩ କାୟାକଳ୍ପ ପୁରସ୍କାର

## ଜିଲା ମୁଖ୍ୟ ଚିକିତ୍ସାଳୟ ବର୍ଗରେ ରାୟଗଡ଼ା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବର୍ଗରେ ଡୁଙ୍ଗୁରିପାଲି ପ୍ରଥମ



କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କଠାରୁ ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଡା. ପାର୍ଥ ପ୍ରତିମ ପଣ୍ଡା ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)

ଓଡ଼ିଶାକୁ ୩ଟି କାୟାକଳ୍ପ ପୁରସ୍କାର ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଳୟ ବର୍ଗରେ ରାୟଗଡ଼ା ପ୍ରଥମ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଦ୍ୱିତୀୟ ପୁରସ୍କାର ଲାଭ କରିଛି। ସେହିପରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବର୍ଗରେ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ପୁରସ୍କାର ପାଇଛି। ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ସର୍ବଭାରତୀୟ କାୟାକଳ୍ପ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍ କନ୍‌ଭେନ୍‌ଶନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନ ଏହି ଉତ୍ସବରେ ଯୋଗଦେଇ ଓଡ଼ିଶା ସମେତ ଅନ୍ୟ ରାଜ୍ୟର ସ୍ୱାସ୍ଥ୍ୟ ଅନୁଷ୍ଠାନଗୁଡ଼ିକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ଉତ୍ସବରେ ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ, ବିଭାଗୀୟ ସଚିବ ପ୍ରୀତି ସୁଦାନ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ମନୋଜ ଜିଲାନୀ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଡାକ୍ତରଖାନାର ସ୍ୱଚ୍ଛତା ଓ ପରିଷ୍କାର ପରିଚ୍ଛନ୍ନତା ପାଇଁ ପ୍ରତିବର୍ଷ ଜିଲା, ସବ୍‌ଡିଭିଜନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଥାଏ। ୨୦୧୪ ମସିହାରୁ ଏହି ପୁରସ୍କାର ଆରମ୍ଭ ହୋଇଥିଲା। ପୂର୍ବରୁ ୬ଟି ବିଭାଗ ଯଥା ଡାକ୍ତରଖାନା ସୁପରିଚାଳନା, ପରିଷ୍କାର ପରିଚ୍ଛନ୍ନତା, ସଂକ୍ରମଣ ପ୍ରତିରୋଧକ, ବର୍ଜ୍ୟବସ୍ତୁ ପରିଚାଳନା, ସହାୟକ ସେବା ଏବଂ ହାଇଜେନିକ୍ ପ୍ରମୋଶନ ଆଦି ବର୍ଗରେ ପୁରସ୍କାର ଦିଆଯାଉଥିବାବେଳେ ପ୍ରଥମ ଥର ପାଇଁ ୨୦୧୮-୧୯ ବର୍ଷରେ ଡାକ୍ତରଖାନା ପରିସର ବାହାରେ ବିଭିନ୍ନ ବର୍ଗକୁ ଏଥିରେ ସାମିଲ କରାଯାଇଛି। ୨୦୧୮-୧୯ ମସିହାରେ ଓଡ଼ିଶାର ୬ଟି ଜିଲା ମୁଖ୍ୟ ଚିକିତ୍ସାଳୟ, ୫ଟି ଉପଖଣ୍ଡ ଚିକିତ୍ସାଳୟ, ୪୩ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୮୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ୪୨ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏହି ପୁରସ୍କାର ପାଇବା ପାଇଁ ରାଜ୍ୟସ୍ତରରେ ମନୋନୀତ ହୋଇଥିଲେ। ଓଡ଼ିଶା ତରଫରୁ ଡା. ଶକ୍ତିବ୍ରତ ମହାନ୍ତି ରାୟଗଡା ପାଇଁ ପୁରସ୍କାର ଗ୍ରହଣ କରିଥିବାବେଳେ କ୍ୟାପିଟାଲ ହସ୍ପିଟାଲ ପାଇଁ ନିର୍ଦ୍ଦେଶକ ଡା. ଅଶୋକ ପଟ୍ଟନାୟକ ଏବଂ ଡୁଙ୍ଗୁରିପାଲି ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଡା. ପାର୍ଥ ପ୍ରତିମ ପଣ୍ଡା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଓଡ଼ିଶାର ଜାତୀୟ ସ୍ୱାସ୍ଥ୍ୟ ମିଶନ ତରଫରୁ ଡା. ବିଜୟ କୁମାର ସ୍ୱାଇଁ ଏବଂ ଡା. ମନୋରଞ୍ଜନ ମହାପାତ୍ର ଏହି ଉତ୍ସବରେ ଯୋଗଦେଇଥିଲେ।

**ଭୁବନେଶ୍ୱର ଏମ୍ସ ପୁରସ୍କୃତ**

ପାତ୍ରପଡ଼ା (ଡି.ଏନ୍.ଏ.): ଭୁବନେଶ୍ୱର ଏମ୍ସକୁ ମଧ ଚଳିତବର୍ଷ କାୟାକଳ୍ପ ପୁରସ୍କାର ମିଳିଛି। ଦେଶର ୨୪ଟି ମେଡିକାଲ ମଧ୍ୟରୁ ବିନୋବା ଭାବେ ହସ୍ପିଟାଲକୁ ପ୍ରଥମ ଓ ଭୁବନେଶ୍ୱର ଏମ୍ସକୁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି। ଉତ୍ସବରେ ଏମ୍ସ ନିର୍ଦ୍ଦେଶିକା ଡା. ଗୀତାଞ୍ଜଳି ବଟମାନ୍‌ବେନ୍ ଯୋଗଦେଇ ପୁରସ୍କାର ଗ୍ରହଣ କରିଥିଲେ।

# ୧୫ରୁ ନୟାଗଡ଼କୁ ସ୍ୱତନ୍ତ୍ର ସେବା ଏକ୍ସପ୍ରେସ ଟ୍ରେନ୍

ଭୁବନେଶ୍ୱର, ୧୧।୧୦(ବ୍ୟୁରୋ)




ନୟାଗଡ଼ବାସୀଙ୍କ ପାଇଁ ଖୁସି ଖବର। ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ହୋଇଆସୁଥିବା ଦାବି ଶୁକ୍ରବାର ଫଳପ୍ରଦ ହୋଇଛି। ଭୁବନେଶ୍ୱରରୁ ନୟାଗଡ଼କୁ ସ୍ୱତନ୍ତ୍ର ଟ୍ରେନ ଗଡ଼ିବାକୁ ଯାଉଛି। ଆସନ୍ତା ମଙ୍ଗଳବାରଠାରୁ ଭୁବନେଶ୍ୱର-ନୟାଗଡ଼ ଟାଉନ ଏକ୍ସପ୍ରେସ ଦୈନିକ ଚଳାଚଳ ଆରମ୍ଭ କରିବ। ଶୁକ୍ରବାର ରେଲୱେ ବୋର୍ଡ ଏହି ନିଷ୍ପତ୍ତି ନେଇଛି। 'ସେବା' ନାମରେ ରେଲୱେ ବୋର୍ଡ ୧୦ଟି ଟ୍ରେନକୁ ମଞ୍ଜୁରୀ ଦେଇଛି। ଏଥିମଧ୍ୟରେ ଭୁବନେଶ୍ୱରରୁ ନୟାଗଡ଼କୁ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ ସ୍ଥାନ ପାଇଛି। ରେଳ ମନ୍ତ୍ରୀ ପୀୟୂଷ ଗୋୟଲ ଆସନ୍ତା ୧୫ତାରିଖରେ ଭିଡିଓ କନଫରେନ୍ସିଂ ଜରିଆରେ ଏହି ଟ୍ରେନ ଚଳାଚଳର ଶୁଭାରମ୍ଭ କରିବେ। ନୟାଗଡ଼କୁ ବହୁ ବିଳମ୍ବରେ ରେଳ ସଂଯୋଗ କରାଯାଇଥିଲେ ବି କୌଣସି ସ୍ୱତନ୍ତ୍ର ଟ୍ରେନ ନ ଥିଲା। ଏବେ ଦୁଇଟି ପାସେଞ୍ଜର ଟ୍ରେନ ଖୋର୍ଦ୍ଧାରୋଡ଼ରୁ ନୟାଗଡକୁ ଚଳାଚଳ କରୁଛି। ଏଣିକି ନୂତନ ସେବା ଏକ୍ସପ୍ରେସ ଟ୍ରେନ୍ ଦୈନିକ ଭୁବନେଶ୍ୱରରୁ ନୟାଗଡ଼କୁ ସିଧାସଳଖ ଚଳାଚଳ କଲେ ନୟାଗଡ଼ବାସୀ ଉପକୃତ ହେବେ। ଏହି ଟ୍ରେନ ପ୍ରତିଦିନ ସକାଳ ୬.୩୦ରେ ନୟାଗଡ଼ରୁ ବାହାରି ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେଶନରେ ୯ଟାରେ ପହଞ୍ଚିବ। ସେହିପରି ଭୁବନେଶ୍ୱରରୁ ସନ୍ଧ୍ୟା ୬.୪୦ରେ ବାହାରି ନୟାଗଡ଼ରେ ରାତି ୮.୪୫ରେ ପହଞ୍ଚିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ମିଳିଛି। ଏହି ଟ୍ରେନ ଖୋର୍ଦ୍ଧାରୋଡ ଜଙ୍କସନ, ଖୋର୍ଦ୍ଧା ଟାଉନ, ବେଗୁନିଆ, ରାଜସୁନାଖଳା, ବୋଲଗଡ ରୋଡରେ ଉଭୟ ପକ୍ଷରୁ ରହଣି କରିବ।

ଏହାଦ୍ୱାରା ବିଶେଷ କରି କଲେଜ ଛାତ୍ରୀଛାତ୍ର, ସରକାରୀ କର୍ମଚାରୀ ବେଶ୍ ଉପକୃତ ହେବେ। ସେମାନେ ସକାଳୁ ଆସି କାର୍ଯ୍ୟ ସାରି ସନ୍ଧ୍ୟାରେ ପୁନଶ୍ଚ ଫେରି ପାରିବେ।

■ ଶ୍ରୀମନ୍ଦିରରେ ଆମିକସ୍ କ୍ୟୁରିଙ୍କ ସହଯୋଗୀ

# ଗୁହାରି ଜଣାଇଲେ ବିସ୍ଥାପିତ ଦୋକାନୀ

ପୁରୀ ଅଫିସ, ୧୧।୧୦

■ ମୋବାଇଲରେ ନେଲେ ଉଚ୍ଛେଦ ସ୍ଥଳର ଫଟୋ
■ ଶୁଣାଣି ପୂର୍ବରୁ ହିଙ୍ଗୋରାନୀଙ୍କ ଗସ୍ତକୁ ନେଇ ଚର୍ଚ୍ଚା

ଶ୍ରୀମନ୍ଦିର ସଂସ୍କାର ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍ କ୍ୟୁରି ରଞ୍ଜିତ କୁମାରଙ୍କ ସହଯୋଗୀ ପ୍ରିୟା ହିଙ୍ଗୋରାନୀ ଶୁକ୍ରବାର ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତେବେ ଆସନ୍ତା ୨୨ ତାରିଖରେ ସଂସ୍କାର ମାମଲାର ପରବର୍ତ୍ତୀ ଶୁଣାଣି ଥିବାରୁ ହିଙ୍ଗୋରାନୀଙ୍କ ଏହି ଗସ୍ତକୁ ନେଇ ପୁରୀରେ ଚର୍ଚ୍ଚା ଯୋର ଧରିଛି। ସକାଳେ ହିଙ୍ଗୋରାନୀ ସିଂହଦ୍ୱାରରେ ପହଞ୍ଚିବା ପରେ ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ସ୍ୱାଗତ କରି ମନ୍ଦିର ଭିତରକୁ ପାଛୋଟି ନେଇଥିଲେ। ପରେ ହିଙ୍ଗୋରାନୀ ଦାରୁବିଗ୍ରହଙ୍କୁ ଦର୍ଶନ କରିବା ସହ ବେଢା ପରିସର ବୁଲିଥିଲେ। ଏହାପରେ ସେ ଉଚ୍ଛେଦସ୍ଥଳ ବୁଲି ଦେଖିବା ସହ ତାଙ୍କ ମୋବାଇଲରେ ଫଟୋ ମଧ ଉଠାଇଥିଲେ। ଉପଜିଲାପାଳ ଭବତାରଣ ସାହୁ ଏବଂ କେତେଜଣ ପୋଲିସ ଅଧିକାରୀ ମଧ ତାଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ବଡ଼ଆଖଡା ମଠ ପାଖରେ ଉପଜିଲାପାଳ କେତେକ ଫାଇଲପତ୍ର ଧରି ତାଙ୍କୁ ବୁଝାଉଥିବା ଦେଖିବାକୁ ମିଳିଥିଲା। ତେବେ ଏହା ତାଙ୍କର ଘରୋଇ ଗସ୍ତ କୁହାଯାଉଥିଲେ ମଧ ହିଙ୍ଗୋରାନୀ ଆସିଥିବା ଖବର ପାଇ ବଡ଼ଆଖଡା ମଠରୁ ଉଚ୍ଛେଦ ହୋଇଥିବା ଦୋକାନୀମାନେ ପହଞ୍ଚି ତାଙ୍କୁ ଗୁହାରି କରିଥିଲେ। ଆମକୁ ଉଚ୍ଛେଦ କରାଯିବାର ମାସେ ବିତିଗଲାଣି, ହେଲେ ଏ ପର୍ଯ୍ୟନ୍ତ କ୍ଷତିପୂରଣ ସହାୟତା କିମ୍ବା ସମସ୍ତଙ୍କୁ ଥଇଥାନ କରାଯାଇ ପାରିନାହିଁ ବୋଲି କହିଥିଲେ। ନିଜ ନିଜର ଯାହା ଅଭିଯୋଗ ରହିଛି ସୁପ୍ରିମ୍‌କୋର୍ଟଙ୍କୁ ଜଣାଇବା ଲାଗି ହିଙ୍ଗୋରାନୀ ବିସ୍ଥାପିତ ଦୋକାନୀମାନଙ୍କୁ ପରାମର୍ଶ ଦେଇଥିବା କୁହାଯାଉଛି।

ଗତ ୩ ତାରିଖରେ ସୁପ୍ରିମ୍‌କୋର୍ଟ ଶ୍ରୀମନ୍ଦିର ସଂସ୍କାର ମାମଲାର ଶୁଣାଣି ବେଳେ ୭୫ ମିଟର ଉଚ୍ଛେଦ ପ୍ରସଙ୍ଗ ମଧ ପଡିଥିଲା। ଐତିହ୍ୟ ସମ୍ପନ୍ନ ମଠ, ମନ୍ଦିର ଭଙ୍ଗାବେଳେ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନେବା ଜରୁରୀ ବୋଲି କହିଥିଲେ ସର୍ବୋଚ୍ଚ ନ୍ୟାୟଳୟ। ଏଥିସହ ବରିଷ୍ଠ ସେବାୟତଙ୍କ ପରାମର୍ଶ ନେବା ଲାଗି ରାଜ୍ୟ ସରକାରଙ୍କୁ ମଧ ନିର୍ଦ୍ଦେଶ ଦେଇଥିଲେ। ହିଙ୍ଗୋରାନୀଙ୍କ ଏହା ଘରୋଇ ଗସ୍ତ କୁହାଯାଉଥିଲେ ମଧ ଆସନ୍ତା ୨୨ରେ ସୁପ୍ରିମ୍‌କୋର୍ଟରେ ପରବର୍ତ୍ତୀ ଶୁଣାଣି ରହିଥିବାରୁ ଏହି ଗସ୍ତକୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଭାବେ ବିଚାର କରାଯାଉଛି। ସେପଟେ ପ୍ରଶାସନ ପକ୍ଷରୁ ବିସ୍ଥାପିତ ଦୋକାନୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଶୁକ୍ରବାର ୪୬ଲକ୍ଷ ୭୫ ହଜାର ଟଙ୍କା ପରିବହନ ଓ ଭଡ଼ା ବାବଦ ପଠାଯାଇଛି।


ଧରିତ୍ରୀ CAREER APPOINTMENT
ON EVERY WEDNESDAY & SATURDAY
PAY FOR 1, GET 1 FREE

**Required Directly**
1. Office In-charge, Front Office-Smart Lady, Civil Engineer (M/F), PA Lady (B.Tech/MBA), Marketing (M/F) Electrician, Architect, Supervisor, IT Engineer, Electrical Engineer.
Contact : 0674 2973254 9238482524, 9090732020

**URGENT REQUIRED**
MANAGER - 4 Nos.
SALESMAN - 4 Nos.
Unit of Timber & Furniture Company.
V.S.S. Nagar, Bhubaneswar
Contact : 9778239557

**URGENT REQUIRED**
HOTEL JOB
INDIAN COOK - 2 Nos., CHINESE COOK - 1 No., ALL ROUNDER - 2 Nos., HELPER - 2 Nos., WAITER - 1 No.
Contact : 7008447669, 7008593032, 9861990534

**ଆୟା ଆବଶ୍ୟକ**
(1) ଦୁଇ ମାସ ଶିଶୁର ଯତ୍ନ ନେବା ପାଇଁ ଆୟା ଆବଶ୍ୟକ।
(2) ଘରେ କାମ କରିବା ପାଇଁ ଝିଅ ଓ ସ୍ତ୍ରୀ ଲୋକ ଆବଶ୍ୟକ।
ଦରମା: Rs. 5,000/- + ରହିବା, ଖାଇବା ସୁବିଧା ଅଛି।
ଯୋଗାଯୋଗ
9861188280, 9583125591

**REQUIRED**
2 Nos. Smart, Good looking girl for a Nutrition Club at Canal Road, Bomikhal, BBSR.
Contact : 9439203686 7978312081

**SHRILEKHA ENTERPRISES**
Marketing Executive
L-113, GGP Colony, Rasulgarh, BBSR, Odisha.

**WALK- IN INTERVIEW**
GHANASHYAM HEMALATA VIDYAMANDIR, PURI
Estd 1995
(A CBSE Affiliated Co-educational Residential School)
A walk- in interview will be held at Shramik Bhawan, Near Nishamani Cinema Hall, Link Road, Cuttack on 13.10.2019, 10.30 am. for the following posts :
PGT - Math, Physics, Chemistry & Biology
TGT - English, SST, Hindi, Math, Science (PCM & CBZ)
PRT - English, SST, Computer & Science (PCM & CBZ)
NTT - (Female)
Qualification: As per CBSE norms. Minimum Salary is Rs. 26,000/- (PGT), Rs. 16,000/- (TGT), Rs. 12,000/- (PRT) Higher package for experienced candidates. Free Accommodation, Fooding & Laundry for all the above posts
Kindly attend the interview with original certificates and mark sheets.
Contact Nos. : 9437943924 / 7377148406 / 7873460470 / 7735629062
email id : ghvm.puri@gmail.com

**Urgent job in Private Bank**
Qualification :- +2 & any Graduate. Age below 30 yrs.
Salary : Rs.12,000/- to Rs.18,000/- Per Month
Location : All over Odisha
Mobile No.: 7749931264

**ନୋଟିସ୍**
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

| Dollar | Sensex | Nifty | Gold | Silver |
|---|---|---|---|---|
| 71.02 (5) | 38,127.08 (246.68) | 11,301.25 (66.70) | 39,160.00 (₹126) | 46,900.00 (₹380) |

ଭାରତରେ କାରବାର ଉନ୍ନତ ରହିଥିବା ବେଳେ ଅଡିଓ ବିଜନେସ କ୍ଷେତ୍ରରେ ଆସନ୍ତା ବର୍ଷ ସୁଦ୍ଧା ୫୦% ଅଭିବୃଦ୍ଧି ନେଇ ଆଶାବାଦୀ।
– ଅରୁଣ ମେନନ୍, କଣ୍ଟ୍ରି ବିଜନେସ ହେଡ, ଫିଲିପ୍ସ



୫ ଟ୍ରିଲିୟନ ଅର୍ଥନୀତି ଲକ୍ଷ୍ୟ ହାସଲ ଦିଗରେ କୃଷି ସମବାୟ ସଂସ୍ଥାଗୁଡ଼ିକ ପ୍ରମୁଖ ଯୋଗଦାନ ରଖି ପାରିବେ।
– ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷି ମନ୍ତ୍ରୀ



## ସଂକ୍ଷେପରେ

### ଅଗଷ୍ଟରେ ଶିଳ୍ପ ଉତ୍ପାଦନ ୧.୧%କୁ ହ୍ରାସ

**ନୂଆଦିଲ୍ଲୀ,୧୧-୧୦:** ଚଳିତ ବର୍ଷ ଅଗଷ୍ଟ ମାସରେ ଦେଶର ଶିଳ୍ପ କ୍ଷେତ୍ର ଉତ୍ପାଦନ ୧.୧%କୁ ହ୍ରାସ ଘଟିଛି। ମାନୁଫାକ୍ଚରିଂ, ଶକ୍ତି ଉତ୍ପାଦନ ଏବଂ ଖଣି କ୍ଷେତ୍ରରେ କାର୍ଯ୍ୟକଳାପ ଉନ୍ନତ ନ ହେବାରୁ ଏଭଳି ସ୍ଥିତି ଉପୁଜିଥିବା ସରକାରୀ ତଥ୍ୟରୁ ଜଣାପଡିଛି। ୨୦୧୮ ଅଗଷ୍ଟରେ ଔଦ୍ୟୋଗିକ ଉତ୍ପାଦନ ସୂଚୀ(ଆଇଆଇପି) ଅଭିବୃଦ୍ଧି ଘଟି ୪.୮% ରହିଥିଲା। ଆଇଆଇପିକୁ ୭୭% ଅବଦାନ ରଖୁଥିବା ମାନୁଫାକ୍ଚରିଂ କ୍ଷେତ୍ରରେ ଉତ୍ପାଦନ ୧.୨%କୁ ଖସିଛି। ଏହା ଗତବର୍ଷ ଅଗଷ୍ଟରେ ୫.୨%କୁ ଅଭିବୃଦ୍ଧି ଘଟିଥିଲା। ସେହିଭଳି ବିଦ୍ୟୁତ୍ ଉତ୍ପାଦନ ଅଭିବୃଦ୍ଧି ଗତବର୍ଷ ଅଗଷ୍ଟରେ ୭.୬% ରହିଥିବା ବେଳେ ଏହା ଚଳିତବର୍ଷ ୦.୯%କୁ ଖସିଛି। ସେହିଭଳି ଖଣି କ୍ଷେତ୍ର ଅଭିବୃଦ୍ଧି ୦.୧% ରହିଛି। ଏପ୍ରିଲ-ଅଗଷ୍ଟ ସମୟରେ ମୋଟ ଆଇଆଇପି ଅଭିବୃଦ୍ଧି ୨.୪% ରହିଛି। ଏହା ଗତବର୍ଷ ସମାନ ସମୟରେ ୫.୩% ରହିଥିଲା।

### ମାନ୍ଦାବସ୍ଥା ଲାଗି ଜିଏସ୍‌ଟି ପ୍ରମୁଖ କାରଣ: ବିବେକ ଦେବରାୟ

**ନୂଆଦିଲ୍ଲୀ,୧୧-୧୦:** ଦେଶରେ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କାର୍ଯ୍ୟକାରୀ ହେବା ପରେ ଜିଡିପି ଅଭିବୃଦ୍ଧି କେତେ ପ୍ରତିଶତ ପ୍ରଭାବିତ ହୋଇଛି ତାହା ପରିସଂଖ୍ୟାନଗତ ଭାବେ କହିବା କଷ୍ଟକର ବ୍ୟାପାର। ମାତ୍ର ମାନ୍ଦାବସ୍ଥା ଲାଗି ଜିଏସ୍‌ଟି ଏକ ପ୍ରମୁଖ କାରଣ ବୋଲି ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା କମିଟି ଅଧ୍ୟକ୍ଷ ବିବେକ ଦେବରାୟ ଶୁକ୍ରବାର କହିଛନ୍ତି। ଜିଏସ୍‌ଟି ମାନ୍ଦାବସ୍ଥାର ଏକ ପ୍ରମୁଖ କାରଣ ଏବଂ ଏଥିରେ କୌଣସି ସନ୍ଦେହ ନାହିଁ। ଜିଏସ୍‌ଟି ହ୍ରାସ ସହ ଏ ପ୍ରସଙ୍ଗ ଉପରେ ପୁଣିଥରେ ଚିନ୍ତା କରିବାର ଏହା ଏକ ଠିକ୍ ସମୟ। ଜିଏସ୍‌ଟିରେ ଛାଡ ବ୍ୟବସ୍ଥାକୁ ବାଦ ଦିଆଯିବା ଆବଶ୍ୟକ ବୋଲି ସେ କହିଛନ୍ତି। ଜିଏସ୍‌ଟି ଯେଉଁ ଭଳି ଭାବେ ଲାଗୁ କରାଗଲା ତାହା ଅର୍ଥ ବ୍ୟବସ୍ଥାରେ ମାନ୍ଦାବସ୍ଥା ଆସିବାର ପ୍ରମୁଖ କାରଣ ବୋଲି ଦେବରାୟ କହିଛନ୍ତି।

# ସେପ୍ଟେମ୍ବରରେ ଯାତ୍ରୀବାହୀ ଯାନ ବିକ୍ରି ୨୪% ହ୍ରାସ

**ନୂଆଦିଲ୍ଲୀ,୧୧-୧୦**

■ ୧୧ ମାସ ଧରି ପାସେଞ୍ଜର ଯାନ ବିକ୍ରି କମୁଛି
■ ବିଭିନ୍ନ ବର୍ଗରେ ଯାନ ବିକ୍ରି ୨୨.୪୧% ଖସିଛି



ଚଳିତ ବର୍ଷ ସେପ୍ଟେମ୍ବରରେ ଦେଶ ମଧ୍ୟରେ ଯାତ୍ରୀବାହୀ ଯାନ ବିକ୍ରି ୨୩.୬୯% ହ୍ରାସ ଘଟିଛି। ଏହି ସମୟରେ ୨,୨୩,୩୧୭ ୟୁନିଟ ଯାନ ବିକ୍ରି ହୋଇଛି। ଗତ ବର୍ଷ ସମାନ ସମୟରେ ଘରୋଇ ବଜାରରେ ୨,୯୨,୬୬୦ ୟୁନିଟ ଯାନ ବିକ୍ରି ହୋଇଥିଲା। ଲଗାତର ଭାବେ ୧୧ ମାସ ଧରି ପାସେଞ୍ଜର ଯାନ ବିକ୍ରି କମୁଥିବା ଜଣାପଡିଛି। ଦେଶ ମଧ୍ୟରେ କାର ବିକ୍ରି ୩୩.୪% କମି ୧,୩୧,୨୮୧ ୟୁନିଟକୁ ଖସିଛି। ଗତ ବର୍ଷ ସେପ୍ଟେମ୍ବରରେ ଏହା ୧,୯୭,୧୨୪ ୟୁନିଟ ରହିଥିଲା ବୋଲି ଭାରତୀୟ ଅଟୋମୋବାଇଲ ନିର୍ମାଣକାରୀ ସଂଘ(ସିଆମ୍) ପକ୍ଷରୁ ସୂଚନା ରହିଛି। ଗତ ମାସରେ ମୋଟର ସାଇକେଲ ବିକ୍ରି ୨୩.୨୯% କମିଛି। ଗତ ବର୍ଷ ସେପ୍ଟେମ୍ବର ମାସରେ ୧୩,୬୦,୪୧୫ ୟୁନିଟ ଟୁହ୍ୱିଲର୍ସ ବିକ୍ରି ହୋଇଥିବା ବେଳେ ଚଳିତ ବର୍ଷ ସେପ୍ଟେମ୍ବରରେ ଏହା ୧୦,୪୩, ୬୨୪ ୟୁନିଟ ଖସି ଆସିଛି।

ମୋଟ ଦୁଇ ଚକିଆ ଯାନ ବିକ୍ରି କଥା ବିଚାର କଲେ ଏଥିରେ ୨୨.୦୯ % ବିକ୍ରି କମିଛି। ଚଳିତ ବର୍ଷ ଏହା ୧୫.୫୬ ଲକ୍ଷ ୟୁନିଟ ରହିଛି ଯାହା ଗତ ବର୍ଷ ସମାନ ମାସରେ ୨୧.୨୬ ଲକ୍ଷ ୟୁନିଟ ଥିଲା। ଅପରପକ୍ଷରେ ଏହି ସମୟରେ ବାଣିଜ୍ୟିକ ଯାନ ବିକ୍ରି ୩୯.୦୬% କମି ୫୮,୪୧୯ ୟୁନିଟ ରହିଛି। ଗତ ବର୍ଷ ସେପ୍ଟେମ୍ବରରେ ଏହା ୯୫, ୮୭୦ ୟୁନିଟ ରହିଥିବା ସିଆମ୍ ପ୍ରକାଶ କରିଛି। ଏହାବାଦ ବିଭିନ୍ନ ବର୍ଗରେ ଯାନ ବିକ୍ରି ୨୨.୪୧% ହ୍ରାସ ଘଟି ୨୦.୦୪ ଲକ୍ଷ ୟୁନିଟ ରହିଛି। ଏହା ଗତ ବର୍ଷ ସମାନ ସମୟରେ ୨୫.୮୪ ଲକ୍ଷ ୟୁନିଟ ରହିଥିଲା।

ସେହିଭଳି ପ୍ରସ୍ତାବିତ ରିଜିଅନାଲ କମ୍ପ୍ରିହେନ୍‌ସିଭ୍ ଇକୋନୋମିକ ପାର୍ଟନରଶିପ (ଆର୍‌ସିଇପି) ମେଗା ବାଣିଜ୍ୟ ଚୁକ୍ତି ଦ୍ୱାରା ଦେଶରେ ନିଯୁକ୍ତି ହ୍ରାସ ଏବଂ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ନ ହେଉ ବୋଲି ଅଟୋମୋବାଇଲ ନିର୍ମାଣକାରୀ ସଂଘ ସିଆମ୍ ଚେତାଇ ଦେଇଛି। ଏହି ଚୁକ୍ତିରେ ଅଟୋମୋବାଇଲର କମ୍ପ୍ଲିଟଲି ବିଲ୍ଟଅପ୍ ୟୁନିଟ୍‌ସ(ସିବିୟୁ) ଆମଦାନୀକୁ ଅନୁମତି ନ ଦେବା ଲାଗି ସଂଘ ଦାବି କରିଛି। ଏହି ପ୍ରସଙ୍ଗକୁ ସରକାର ଧ୍ୟାନରେ ରଖିବେ ବୋଲି ସିଆମ୍ ସଭାପତି ରାଜନ ୱାଧେରା ଆଶାବାଦୀ ଅଛନ୍ତି। ହାଇବ୍ରିଡ, ଇଲେକଟ୍ରିକ କାର ଏବଂ ୩ ଚକିଆ ଯାନ ଭଳି ୨୮ ବର୍ଗର ସାମଗ୍ରୀକୁ ଏହି ଚୁକ୍ତି ପରିସର ବାହାରେ ରଖାଯାଉ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

### ଅଟୋ ଶିଳ୍ପ ପ୍ରତିନିଧିଙ୍କ ସହ ନିରନ୍ତର ଭିତ୍ତିରେ ଆଲୋଚନା କରାଯାଉଛି: ସୀତାରାମନ

ଦେଶର ଅଟୋମୋବାଇଲ ଶିଳ୍ପରେ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଏ ଦିଗରେ ସରକାର ଧ୍ୟାନ ରଖିଛନ୍ତି। ଅଟୋଶିଳ୍ପ ପ୍ରତିନିଧିଙ୍କ ସହ ସରକାର ନିରନ୍ତର ଭିତ୍ତିରେ ଆଲୋଚନା କରୁଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଶୁକ୍ରବାର କହିଛନ୍ତି। ସେହିଭଳି ଅନ୍ୟ କ୍ଷେତ୍ର ପ୍ରତିନିଧିଙ୍କ ସହ ଆଲୋଚନା କରିବା ଲାଗି ସରକାର ପ୍ରସ୍ତୁତ ଅଛନ୍ତି। ସେମାନଙ୍କ ଦାବିକୁ ଶୁଣାଯିବ ବୋଲି ସୀତାରାମନ ପ୍ରକାଶ କରିଛନ୍ତି। ଅଟୋ ଶିଳ୍ପ ପ୍ରତିନିଧି ତାଙ୍କୁ ୨ଥର ଭେଟିଥିବା ସୀତାରାମନ କହିଛନ୍ତି। ଅଟୋ ଶିଳ୍ପରେ ଚାହିଦା ବର୍ତ୍ତମାନ ସୁଦ୍ଧା ଫେରି ନ ଥିବା ସେ ସ୍ପଷ୍ଟ କରିଛନ୍ତି। ଯଦି କୌଣସି କ୍ଷେତ୍ର କିଛି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଜାଣିବାକୁ ଚାହୁଁଛନ୍ତି ତେବେ ଉକ୍ତ ସୂଚନା ସରକାର ଦେବେ ବୋଲି ସେ କହିଛନ୍ତି। ଚାହିଦା ବୃଦ୍ଧି କରିବା ଲାଗି ଆହୁରି ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଆବଶ୍ୟକତା ଭିତ୍ତିରେ ଏହା ହାତକୁ ସରକାର ନେଉଛନ୍ତି। ସୁଧହାର ହ୍ରାସ ଫାଇଦା ଲୋକଙ୍କ ନିକଟରେ ପହଞ୍ଚୁ ନ ଥିବାରୁ ସେ ଦିଗରେ କାର୍ଯ୍ୟ କରିବାକୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି ବୋଲି ସୀତାରାମନ ପ୍ରକାଶ କରିଛନ୍ତି।



# ଚନ୍ଦ୍ରଶେଖରପୁରରେ କ୍ୟାରେଟ୍‌ଲେନର ନୂଆ ଷ୍ଟୋର

### ଅନ୍‌ଲାଇନରେ ଜୁଏଲେରି କ୍ରୟ ଚାହିଦା ବଢୁଛି: ସିଇଓ


**ଭୁବନେଶ୍ୱର,୧୧-୧୦(ବ୍ୟୁରୋ)**

ଗହଣା କ୍ରୟ ଟ୍ରେଣ୍ଡରେ ଏବେ ସାରା ଦେଶରେ ପରିବର୍ତ୍ତନ ଦେଖାଯାଇଛି। ଲୋକମାନେ ଅନ୍‌ଲାଇନରେ ଗହଣା ଦେଖିବା ଏବଂ ଏହାକୁ ପସନ୍ଦ କରିବା ପରେ କ୍ରୟ ନେଇ ନିଷ୍ପତ୍ତି ନେଉଥିବା ଦେଖାଯାଉଛି। ସାରା ଦେଶରେ ଗହଣା କ୍ରୟ ଲାଗି ଲୋକମାନେ ବାର୍ଷିକ ୪୦ ଲକ୍ଷ ଅନ୍‌ଲାଇନ ସର୍ଚ୍ଚ କରୁଛନ୍ତି। ଓଡିଶାରେ ଏହି ଧାରା ମଧ୍ୟ ଦେଖିବାକୁ ମିଳିଛି। ଗତବର୍ଷ ୧୦ ହଜାର ଅନ୍‌ଲାଇନ ସର୍ଚ୍ଚ ହୋଇଥିବା ବେଳେ ଚଳିତ ବର୍ଷ ୨୫ ହଜାର ଛୁଇଁଥିବା କ୍ୟାରେଟଲେନର ସିଇଓ ତଥା ପ୍ରତିଷ୍ଠାତା ମିଥୁନ ସାଚେତି କହିଛନ୍ତି। ସ୍ଥାନିୟ ଚନ୍ଦ୍ରଶେଖରପୁରଠାରେ ନୂଆ କ୍ୟାରେଟଲେନ ଷ୍ଟୋରକୁ ଉନ୍ମୋଚନ କରିବା ଅବସରରେ ସେ କହିଛନ୍ତି, ଏବେ ଅନ୍‌ଲାଇନରେ ଜୁଏଲେରି କ୍ରୟ ନେଇ ଚାହିଦା ବଢିଛି। ଯୁବବର୍ଗ ଏକ୍ଷେତ୍ରରେ ଆଗୁଆ ରହିଛନ୍ତି। ଅନ୍‌ଲାଇନରେ ଗ୍ରାହକ ହୀରା ଗହଣାକୁ ଅଧିକ ପସନ୍ଦ କରୁଛନ୍ତି। ଅନ୍‌ଲାଇନ ଜୁଏଲେରି ବଜାର ଏବେ ୨୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଏକ୍ଷେତ୍ରରେ ଅଭିବୃଦ୍ଧି ପ୍ରାୟ ୫୦% ରହିଛି। ଲୋକଙ୍କ ଚାହିଦାକୁ ଧ୍ୟାନରେ ରଖି ଷ୍ଟୋର, ଅନ୍‌ଲାଇନ ଏବଂ ଫୋନ ଯୋଗେ ଘରେ ଗହଣା ଉପଲବ୍ଧ କରାଇବାକୁ କ୍ୟାରେଟ୍‌ଲେନ ବ୍ୟବସ୍ଥା କରିଛି। ଓଡିଶାର ଭୁବନେଶ୍ୱର ଏସ୍‌ପ୍ଲାନେଡ ୱାନ ମଲ୍ ପରେ ଚନ୍ଦ୍ରଶେଖରପୁରରେ ଦ୍ୱିତୀୟ ଷ୍ଟୋର ସ୍ଥାପନ କରାଯାଇଛି। ରାଉରକେଲାରେ ନୂଆ ଷ୍ଟୋର ଆରମ୍ଭ ସହ ରାଜ୍ୟରେ ଆଉ ଏକ ଷ୍ଟୋର ସ୍ଥାପନ ହେବ। ଷ୍ଟୋରରେ ୧୧ ଶହ ସ୍ୱତନ୍ତ୍ର ଡିଜାଇନ ଗହଣା ଗ୍ରାହକଙ୍କ ଲାଗି ରହିଥିବା ସେ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ପ୍ରାଞ୍ଜାଇଜି ଓନର ମାନିକ ହଂସ, ପପୁ ହଂସ, ଲିପ୍‌ସା ନାୟକ ହଂସ ଏବଂ ପୁନମ୍ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗ୍ରାହକଙ୍କ ପସନ୍ଦ ପ୍ରିମିୟମ ପ୍ରଡକ୍ଟ: ସାମ୍‌ସଙ୍ଗ ଭିପି

**ଭୁବନେଶ୍ୱର,୧୧-୧୦(ବ୍ୟୁରୋ)**

ଭାରତୀୟ ଗ୍ରାହକମାନେ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ କ୍ରୟ ବେଳେ ପ୍ରିମିୟମ ପ୍ରଡକ୍ଟକୁ ଅଧିକ ପସନ୍ଦ କରୁଛନ୍ତି। ଟିଭି, ଫ୍ରିଜ ଭଳି ପ୍ରଡକ୍ଟ କ୍ରୟ ସମୟରେ ବଡ ସ୍କ୍ରିନ ଓ ସ୍ମାର୍ଟ ଟିଭି ଏବଂ ଅଧିକ ଷ୍ଟୋରେଜ କ୍ଷମତା ଥିବା ଫ୍ରିଜକୁ ଗ୍ରାହକ ଚୟନ କରୁଥିବା ସାମସଙ୍ଗ କଞ୍ଜ୍ୟୁମର ଇଲେକଟ୍ରୋନିକ୍ସ ଉପସଭାପତି (ଭିପି) ଋଷି ସୂରି ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରେ କମ୍ପାନୀ ଉକ୍ତ ବର୍ଗରେ ୨ ଅଙ୍କ ବିଶିଷ୍ଟ ବ୍ୟବସାୟ ଅଭିବୃଦ୍ଧି ହାସଲ କରିଛି। ଏହି ଧାରାକୁ ଆଗାମୀ ଦିନରେ ବଜାୟ ରଖିବା ନେଇ ଆଶାବାଦୀ। ମାନ୍ଦାବସ୍ଥା ସତ୍ତ୍ୱେ କମ୍ପାନୀ ପାର୍ବଣରେ ଭଲ କାରବାର କରିଛି। କମ୍ପାନୀର ପ୍ରଡକ୍ଟଗୁଡିକ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଆଧାରରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଛି। ମେକ୍ ଇନ ଇଣ୍ଡିଆକୁ ସାମସଙ୍ଗ ଗୁରୁତ୍ୱ ଦେଉଛି।



ଋଷି ସୂରି

ଟିଭି, ମାଇକ୍ରୋୱେଭ ଓଭନ ଏବଂ ଟପ୍ ଲୋଡିଂ ୱାଶିଂମେଶିନ ବର୍ଗରେ ବିକ୍ରି କ୍ଷେତ୍ରରେ ଓଡ଼ିଶାରେ ଶୀର୍ଷ ସ୍ଥାନ ବଜାୟ ରଖିବାକୁ ସକ୍ଷମ ହୋଇଥିବା ସେ ସ୍ପଷ୍ଟ କରିଛନ୍ତି। ଏ କ୍ଷେତ୍ରରେ କମ୍ପାନୀର ବଜାର ଅଂଶ ଯଥାକ୍ରମେ ୩୧%,୩୪% ଏବଂ ୩୬% ରହିଛି। ଟାୟାର ୨ ଏବଂ ସହରଗୁଡିକରେ ମଧ୍ୟ ବଡ ଡିସ୍‌ପ୍ଲେ ଟିଭି ବିକ୍ରି ଭଲ ରହିଛି ବୋଲି ସୂରି କହିଛନ୍ତି।

### ୩ ରାଷ୍ଟ୍ରାୟତ୍ତ କମ୍ପାନୀର ଅଂଶଧନ ବିକ୍ରି ପ୍ରକ୍ରିୟା ଆରମ୍ଭ

**ନୂଆଦିଲ୍ଲୀ,୧୧-୧୦:** ୩ ରାଷ୍ଟ୍ରାୟତ୍ତ କମ୍ପାନୀର ଅଂଶଧନ ବିକ୍ରି ଲାଗି ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି କମ୍ପାନୀଗୁଡିକ ମଧ୍ୟରେ କଣ୍ଟେନର କର୍ପୋରେଶନ ଅଫ୍ ଇଣ୍ଡିଆ(କନ୍‌କର), ନେପ୍‌କୋ ଏବଂ ଟିଏଚ୍‌ଡିସି ଭଳି କମ୍ପାନୀ ରହିଛନ୍ତି। ଏହି କମ୍ପାନୀଗୁଡିକରେ ଥିବା ସରକାରଙ୍କ କଣ୍ଟ୍ରୋଲିଂ ଅଂଶଧନ ବିକ୍ରି ଲାଗି ଆଡଭାଇଜରଙ୍କଠାରୁ ବିଡ୍ ଆହ୍ୱାନ କରାଯାଇଛି। ଚଳିତ ମାସ କେନ୍ଦ୍ର କ୍ୟାବିନେଟ କନ୍‌କର୍ କମ୍ପାନୀରେ ୩୦% ଅଂଶଧନ ବିକ୍ରି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ଏହି କମ୍ପାନୀରେ ସରକାରଙ୍କ ୫୪.୮୦% ଅଂଶଧନ ରହିଛି। ପ୍ରସ୍ତାବିତ ଅଂଶଧନ ବିକ୍ରି ହେଲେ ଉକ୍ତ କମ୍ପାନୀ ସରକାରଙ୍କ ନିୟନ୍ତ୍ରଣରେ ଆଉ ରହିବ ନାହିଁ।

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, MINOR IRRIGATION DIVISION, KHORDHA.**
(E-mail Id: - eemidkhurda@yahoo.co.in )
PH.No. 06755-221502

**Quotation Call Notice No. 02/2019-20.**

No.290-A :- (As per E-5 document of World Bank for Procurement of goods under National Shopping)

1. Number of work :- 2 (Two Nos.)
2. Type of work :- Dam Instrumentation work.
3. Type of Procurement :- National Shopping Procedure as per E-5 Document of World Bank.
4. Estimated Cost :- Rs. 17.15 Lakh & Rs. 18.06 Lakh.
5. Cost of Quotation Paper :- 6000 (Through draft only)
6. Class of Contractor :- "C" and above having requisite qualifying Criteria as per DTCN.
7. Period of Completion :- 3 (Three) Calendar Months.
8. Date/Time for Supply of Bid Documents :- From dt. 18.10.2019 at 10.00 A.M. to Dt. 04.11.2019 at 3.00 P.M.
9. Date / Time for receipt of Bid documents. :- From dt.18.10.2019 at 10.00 A.M. to Dt. 04.11.2019 at 4.00 P.M.
10. Date and Time of Opening of Bid documents. :- On dt. 05.11.2019 at 11.00 A.M. in the Office of Executive Engineer, M.I. Division, Khordha.
11. Place of receive & Supply of Bid Documents. :- 1. Executive Engineer, M.I. Division, Khordha. 2. Asst. Executive Engineer, M.I. Sub-Division, Bhubaneswar.

**Executive Engineer, M.I. Division, Khordha**
32042/11/0004/1920

**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha

**TENDER CALL NOTICE**

State Institute for Development of Arts & Crafts (SIDAC) on behalf of Handlooms, Textiles & Handicrafts Department, Govt. of Odisha is going to organise 14th TOSHALI National Crafts Mela from 15th December 2019 to 27th December 2019 at Janata Maidan, Bhubaneswar. Sealed Tenders in two bids- "Technical Bid" & "Financial Bid" are invited from reputed firms decorators having past experiences and expertise to execute similar nature of works like construction of Stalls, Gates, P.H. Works, Electrification works, Theme Pavilion & other services in accordance with detailed design, layout & other specifications laid down in the Tender Schedule for Package I (No. 2201 dated 11.10.2019) & Package II (No. 2202 dated 11.10.2019) separately. For details of tender documents, terms & conditions etc. Please visit the websites; www.sidacodisha.org.in and www.odisha.gov.in/textiles. For further details contact: SIDAC, Handicrafts Complex, Gandamunda, Bhubaneswar, Ph: 0674-2350318.

**The authority reserves the right to accept or reject any or all tender without asigning any reason thereof.**

Sd/-
Member Secretary, SIDAC

**JEYPORE MUNICIPALITY**
Ph. No. 06854-231098, Fax No. 06854-230104, Email: ulbjeypore@gmail.com
Letter No. 3899 **e-Tender Notice** Date: 11.10.19
BID IDENTIFICATION NO:- 05// 2019-20 OF JEYPORE MUNICIPALITY
Bid documents consisting of specification of Quantity and the Tender call notice can be seen in the Govt. website.

| | |
|---|---|
| a) Bid Documents including Schedule of Quantity available for online bidding | https://tendersorissa.gov.in |
| b) Date & Time of Bidding | From 11.10.2019 at 12.00 hrs. to 19.10.2019 16.00 hrs. |
| c) Last date & time for receipt of bids in portal | 21.10.2019 16.00 hrs. |
| d) Offline Documents Received through Speed Post/ Registered Post | From 19.10.2019 14.00 hrs. to 21.10.2019 11.00 hrs. |
| e) Bids received online shall be opened on | 19.10.2019 16.00 hrs. Onwards |
| f) Offline Documents shall be opened on presence of the Participate Bidders | 21.10.2019 11.00 hrs. |
| g) Number of Work | As per DTCN |
| h) Estimated cost | As per DTCN |

Sd./- Executive Officer, Jeypore Municipality

**OFFICE OF THE DIRECTOR OF HANDICRAFTS & COTTAGE INDUSTRIES, ODISHA, BARRACK NO. 12-A, UNIT-V, BHUBANESWAR-1**
Tele-fax: 0674-2396745, E-mail ID: dhciori@gmail.com
Order No. 5191 / DH&CI, Bhubaneswar Dated, the 11.10.2019

**TENDER NOTICE**
**Advt. No. 19-PP published in local daily Dharitri on 22.09.2019**
**Extension of date up to 21.10.2019**

**No.22-PP:-** Bids in sealed cover are invited under two-bid system from reputed and experienced manpower service provider for providing services 01 each of IT Professional, Marketing Professional, Programme Coordinator, Cluster Manager and IT Programmer for office of the Director of Handicrafts and Cottage Industries, Odisha, Bhubaneswar. The details of the bidding process are as follows.

Bidders are required to submit the technical and financial bids separately. The bids in sealed cover-I containing "Technical Bid" and sealed cover-II containing "Financial Bid" should be placed in a third sealed cover super-scribed "Bid for Outsourcing of Manpower Services" must reach the undersigned on or before 21.10.2019 by Speed Post/ Registered Post/ Courier only.

The bid documents containing eligibility criteria, scope of the work, terms and conditions of the tender and draft agreement can be obtained from Establishment Section, D.H. & C.I., Odisha, Bhubaneswar on any working day between 11.00 AM and 4.00 PM on payment of Rs. 100 (Rupees one hundred) only in shape of cash.

Complete address for submission of bid:
Director of Handicrafts & Cottage Industries, Odisha, Barrack No. 12 (A), Unit-V, Bhubaneswar-751001, Phone No. 0674-2396745

43002/11/0009/1920 Sd./- Director of H & CI.

**O/O MEDICAL OFFICER I/C, CHC, BHUKTA**
**BLOCK PROGRAMME MANAGEMENT UNIT**
NATIONAL HEALTH MISSION
**E-mail : bhuktabpmu@gmail.com, Telephone No. (06646) 268862**
**Notice No.426/BPMU/NHM/2019 Date: 11.10.2019**

**TENDER CALL NOTICE FOR HIRING OF VEHICLES**

Sealed proposals as per the prescribed RFP document are invited from interested eligible bidders (Private individuals / Tour operators / Travel Agency / Society / Firm) for hiring & empanelment of vehicles for BPMU CHC Bhukta on a monthly basis. The eligibility criteria, the terms of reference and the formats for submission of bid are set forth in the RFP document, which can be obtained from the office of the undersigned. Interested bidders fulfilling the eligibility criteria may submit their proposals with EMD & documents as per RFP. The bidders have to submit their proposals with all required documents must reach to the office of the undersigned on or before dt. 02.11.2019 upto 11.00 A.M. Technical & Financial bid shall be opened in presence of the bidders on dt. 02.11.2019 at 02.30 P.M. in the Meeting hall of CHC Bhukta. The undersigned reserves the right to reject any or all the proposals without assigning any reason thereof. **Sd./- Medical Officer I/C, CHC Bhukta, Bargarh**

**BERHAMPUR MUNICIPAL CORPORATION**
NO.235-C:- **NOTICE INVITING BIDS (NIB)**
**NIB No. 13.758 X-E-3-31/18 / dt. 10.10.19**

| | | |
|---|---|---|
| 1 | Procurement Officer-Publisher / Officer Inviting the Tender/ Bids (OIT) | Commissioner Berhampur Municipal Corporation |
| 2 | Name of the Works | Civil work |
| 3 | Nos. of Works | 17 Nos. |
| 4 | Estimated Cost (Approx.) of the Works | Varies from Rs. 1.18/- lakhs to Rs. 1.98 lakhs |
| 5 | Period of Availability of the Bid Documents / Tenders | From 15.00 hrs. of Dt. 11.10.19 to 17.00 hrs. of 19.10.19 |
| 6 | Last Date & Time for Submission of the Sealed Envelopes through Regd. Post/ Speed Post/ Courier only containing the EMD, Cost of the Bid Documents, Documents as asked for to fulfill the Eligibility Criteria of the Bidders for each work. | 17.00 hrs. of Dt. 19.10.19 |
| 7 | Date & Time of Opening of the Bids | 11.30 hrs. onwards on Dt. 21.10.19 |

Further details can be seen in the office notice board.
Sd./- Commissioner
13035/11/0052/1920 Berhampur Municipal Corporation

**NOTIFIED AREA COUNCIL, KHALLIKOTE, GANJAM**
Letter No. 1321 Dated: 09.10.19

**QUOTATION CALL SHORT NOTICE**

The Executive Officer, NAC, Khallikote invites sealed quotations for supply, fitting and fixing of M.S. Frames for fixing of flex & Advertisement. The detailed quotation documents can be obtained from the office of the NAC, Khallikote from date 10.10.2019 to 18.10.2019 during office hours.

Sd./- Executive Officer, NAC, Khallikote

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER**
**RUKURA CANAL DIVISION,ROURKELA**
**e-PROCUREMENT NOTICE**
**BID IDENTIFICATION NO. EERCD-RKL-03/2019-20**
No.292-A :- **email Id :- eerid_rkl@yahoo.com**

| | | | |
|---|---|---|---|
| 1. | Name of Work | : | Power Supply to 22 nos of water pump (20HP x22 =440 HP) at 5 different locations from Sibnathpur to Kurdapali and Beldihi area along Rukura Canal side from 11 KV Gurundia feeder under ESO-Bonai |
| 2. | Total Number of Packages | : | 1(One) no. |
| 3. | Estimated Cost of Individual Package | : | Rs. 74,19,943.00 |
| 4. | Bid Identification No. | : | EERCD-RKL-03/2019-20 (Online) |
| 5. | Class of Contractor | : | "C" Class / "B" Class Contractors (HT) registered with the State Govt. of Odisha or from contractors of equivalent grade / class registered with other State Govt. / Central Govt. / M.E.S / Railways/ P.S.U / empanelled with state Government of Odisha & contractors of equivalent grade / Government undertakings / other statutory authorities |
| 6. | Tender Paper Cost | : | Rs 10,000.00 |
| 7. | Period of completion | : | 01(One) Calendar month |
| 8. | Availability of On - Line viewing of the Tender | : | 14.10.2019 at 10.00 Hours to 29.10.2019 up to 17.00 Hours. |
| 9. | Date of Opening of Technical Bid (Cover I) | : | 30.10.2019 at 10.30 hours. |
| 10. | Date of Opening of Financial Bid (Cover II) | : | 31.10.2019 at 10.30 hours |
| 11. | Place of Opening | : | Office of the Executive Engineer, Rukura Canal Division, Rourkela. |
| 12. | Procurement Officer | : | Executive Engineer, Rukura Canal Division, Rourkela. |

The bidders have to participate in ONLINE bidding only. As Goods & Service Tax (GST) has come into force with effective from 01.07.2017. Further details can be seen from the Govt. website www.tendersorissa.gov.in.

Sd./- EXECUTIVE ENGINEER
32329/11/0004/1920 RUKURA CANAL DIVISION, ROURKELA

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER-CUM-ELECTRICAL INSPECTOR, BHUBANESWAR**
Plot No.- GD-2/7, Maitrivihar, Chandrasekharpur, BBSR-23
Telephone No.: 2300287, Fax No.: 2301877
E-mail: eibbsr-od@gov.in
No.: 3951 Dated Bhubaneswar the 09.10.2019
Annexure - I

**QUOTATION CALL NOTICE**

No.: 13-AA: Sealed tenders are invited from interested reputed Travel Agencies/ Tour Operators or Private Individuals for providing 1 No. of AC Disel/Petrol driven vehicle of following type of vehicle which shall conform to the terms and conditions (Annexure - II) for use of the Office of the S.E.-cum-Electrical Inspector, Bhubaneswar on monthly rent basis.

| Sl. No. | Type of Vehicle | Minimum Average Mileage | Maximum Hire Charges Per Month | Remarks |
|---|---|---|---|---|
| 1 | Bolero/Tata Sumo Gold/TUV 300/Ertiga | 10 Kmpl | 20,000 | Service Tax shall be reimbursed separately over & above the hire charges. |

1. The vehicle must be Road Worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, Polution Certificate, valid contract carriage permit, proof of up to date Tax payment etc. which are mandatory for plying of vehicle.
2. The driver of the vehicle must have valid driving license for driving light transport passenger vehicle and should be sufficiently experienced in driving transport passenger vehicle.
3. The driver should be well behaved, gentle and obedient in nature and should stay at Bhubaneswar.
4. A sum of Rs.5000/- shall be deposited by the intending bidders in shape of Account Payee Bank Draft drawn in favour of the Superintending Engineer-cum-Electrical Inspector, Bhubaneswar and submitted along with the tender as Security Deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately (excluding fuel and lubricants).
6. The vehicle must achieve a fuel efficiency of 10 kms per litre.
7. The details of the make and year of manufacture of the vehicle, registration, mileage (Kms covered per litre) and name of the Driver with Driving licence No. and period of validity should be specifically provided in the general bid information to be furnished with the Quotation/Tender (Annexure - III).
8. The quotation completed in all respect should reach the undersigned on or before 31.10.2019 3.30 P.M. and shall be opened on the same day at 4.00 P.M. in presence of the bidders or their authorized representatives.
9. The application form of quotation/tender containing General Bid Information & Terms and Conditions for hiring of Vehicles etc. can be had from the Office of the S.E.-cum-Electrical Inspector, Bhubaneswar on payment of Rs.100/- in shape of e-chalan deposited under the head of account **"0043-00-800-0097-01026-000"** in favour of **S.E.-cum-Electrical Inspector, Bhubaneswar** during office hours from **Dt.21.10.2019 to 31.10.2019** at Plot No.- GD-2/7, Maitri Vihar, Chandrasekharpur, Bhubaneswar.
10. The undersigned shall have the right to cancel the bid at any point of time, without assigning any reason thereof.

04053/11/0001/1920 Sd./- S.E.-cum-Electrical Inspector, Bhubaneswar

“ପୁଣେ ପିଚ୍ ଦ୍ରୁତ ବୋଲରଙ୍କୁ ସୁହାଉଥିଲେ ହେଁ ଆମେ ଯେପରିଭାବେ ବ୍ୟାଟିଂ କଲୁ ସେଥିରେ ମୁଁ ବହୁତ ଖୁସି। କୋହଲି ଓ ଜାଡେଜା ଚମତ୍କାର ଖେଳିଲେ ।

–ଅଜିଙ୍କ୍ୟ ରାହାନେ, ଭାରତୀୟ କ୍ରିକେଟର



“ବେଙ୍ଗାଲୁରୁ ଏଫସି ସହିତ ମୁଁ ୨୦୧୩ରେ ଚୁକ୍ତି କରିବା ପରଠାରୁ ସମସ୍ତ ଭାର ନିଜ ଉପରକୁ ନେଇଥିଲି। ଦଳକୁ ଅଧିକରୁ ଅଧିକ ଟ୍ରଫି ଜିତାଇବା ମୋର ଲକ୍ଷ୍ୟ ।

–ସୁନୀଲ ଛେତ୍ରୀ, ତାରକା ଫୁଟବଲ ଖେଳାଳି



## ସଂକ୍ଷେପରେ

### ୪୦ ଶତକରେ କୋହଲି ପ୍ରଥମ ଭାରତୀୟ

ପୁଣେ,୧୧।୧୦: ଭାରତୀୟ ଅଧିନାୟକ ବିରାଟ କୋହଲି ଶୁକ୍ରବାର କ୍ୟାରିୟରରେ ସଫଳତାର ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ କୋହଲି କ୍ୟାରିୟରର ୨୬ତମ ଶତକ ହାସଲ କରିଛନ୍ତି। ଏଥିସହିତ ଅଧିନାୟକ ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ସେ ୪୦ ଶତକ ପୂରଣ କରିଛନ୍ତି। ଏହି ମାଇଲଷ୍ଟୋନ ସ୍ପର୍ଶ କରିବାରେ ସେ ପ୍ରଥମ ଭାରତୀୟ। କୋହଲି ଭାରତୀୟ ଦଳର ନେତୃତ୍ୱ ନେଉଥିବାବେଳେ ଦିନିକିଆରେ ୨୧ ଓ ୧୯ ଟେଷ୍ଟ ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ କିମ୍ବଦନ୍ତୀ ରିକି ପଣ୍ଟିଂ କ୍ୟାପ୍‌ଟେନ ଭାବେ ୪୧ ଶତକ କରିଥିଲେ, ଯାହାକି ଏବେ ମଧ୍ୟ ରେକର୍ଡ ହୋଇ ରହିଛି। କୋହଲି ଦ୍ୱିତୀୟ ସ୍ଥାନରେ ଥିବାବେଳେ ଦକ୍ଷିଣ ଆଫ୍ରିକାର ଗ୍ରେମ ସ୍ମିଥ ୩୩ ଶତକ ସହ ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କ ପଛକୁ ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥ (୨୦) ଓ ମାଇକେଲ କ୍ଲାର୍କ (୧୯) ରହିଛନ୍ତି। ଏହି ଅବସରରେ କୋହଲି ପାକିସ୍ତାନର ପୂର୍ବତନ ଅଧିନାୟକ ଇଞ୍ଜାମାମ ଉଲ ହକ୍‌ଙ୍କୁ ଟପି ଯାଇଛନ୍ତି। ଇଞ୍ଜାମାମ ୧୨୦ ଟେଷ୍ଟ (୨୦୦ ଇନିଂସ)ରେ ୨୫ତମ ଶତକ ଅର୍ଜନ କରିଥିଲେ। ଅନ୍ୟପକ୍ଷରେ କୋହଲି ୮୧ତମ ଟେଷ୍ଟ (୧୩୮ ଇନିଂସ)ରେ ୨୬ଶତକ ପୂରଣ କରିଛନ୍ତି।

### କୁମ୍ବଲେ କିଙ୍ଗ୍ସ ଏକାଦଶ କୋଚ୍



ଚଣ୍ଡିଗଡ଼,୧୧।୧୦: ପୂର୍ବତନ ଭାରତୀୟ ଅଧିନାୟକ ତଥା କୋଚ୍ ଅନିଲ କୁମ୍ବଲେ ଦୁଇବର୍ଷର ବ୍ୟବଧାନ ପରେ କୋଚ୍ ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ତାଙ୍କୁ ଆଇପିଏଲ ଫ୍ରାଞ୍ଚାଇଜ କିଙ୍ଗ୍ସ ଏକାଦଶ ପଞ୍ଜାବ ଦଳର କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଟେଷ୍ଟ ଫର୍ମାଟରେ ଦେଶ ପାଇଁ ସର୍ବାଧିକ ଉଇକେଟ ନେଇଥିବା କୁମ୍ବଲେ ଗୁରୁବାର ଏକ ପଞ୍ଚ ତାରକା ହୋଟେଲରେ ବୋର୍ଡ ବୈଠକରେ ଚୁକ୍ତି କରିଛନ୍ତି। ସେ ଏବେ ମାଇକ ହେସନଙ୍କ ସ୍ଥାନ ନେବେ। ଦଳର କୋଚ୍ ପଦ ପାଇଁ କୁମ୍ବଲେ ଆମର ପସନ୍ଦ। ତାଙ୍କ କ୍ରିକେଟ ଓ କୋଚିଂ ଦକ୍ଷତା ସମ୍ପର୍କରେ ବିଶ୍ୱ ଜାଣିଛି। ସେ ବହୁତ ଶାନ୍ତ ଓ ନମ୍ର ବ୍ୟକ୍ତି। ପୂର୍ବରୁ ଭାରତୀୟ ଦଳ ଓ ଆଇପିଏଲର ଅନ୍ୟ ଦଳ ସହ କାର୍ଯ୍ୟ କରିସାରିଛନ୍ତି। ଏଣୁ ତାଙ୍କର ଅଭିଜ୍ଞତା କିଙ୍ଗ୍ସ ଏକାଦଶ ଦଳକୁ ସଫଳ କରାଇପାରିବ। ଆମେ ନିଶ୍ଚିତ ତାଙ୍କ ନେତୃତ୍ୱରେ ଆମ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଫ୍ରାଞ୍ଚାଇଜର ସହ ମାଲିକ ନେସ ୱାଡିଆ କହିଛନ୍ତି। କୁମ୍ବଲେ ପୂର୍ବରୁ ରୟଲା ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ଦଳର ମୁଖ୍ୟ ମେଣ୍ଟର ଥିଲେ। ତାଙ୍କ ବ୍ୟତୀତ ପୂର୍ବତନ ଅଷ୍ଟ୍ରେଲିଆ ବ୍ୟାଟ୍ସମ୍ୟାନ ଜର୍ଜ ବେଲି, ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ଜଣ୍ଟି ରୋଡ୍ସ ଓ ୱେଷ୍ଟଇଣ୍ଡିଜର କର୍ଟନି ୱାଲ୍ସଙ୍କୁ ଯଥାକ୍ରମେ ବ୍ୟାଟିଂ, ଫିଲ୍ଡିଂ ଓ ବୋଲିଂ କୋଚ୍ ପଦରେ ନିଯୁକ୍ତ କରାଯାଇଛି। ସେହିଭଳି ପୂର୍ବତନ ଭାରତୀୟ ବାମହାତୀ ସ୍ପିନର ସୁନୀଲ ଜୋଷୀଙ୍କୁ ସ୍ପିନ ପରାମର୍ଶ ଦାତା ଦାୟିତ୍ୱ ଦିଆଯାଇଛି।

# କୋହଲି ୨୫୪*: ଭାରତର ଆଧିପତ୍ୟ

**ପୁଣେ,୧୧।୧୦(ପି.ଟି.)**

ଅଧିନାୟକ ବିରାଟ କୋହଲିଙ୍କ ଅପରାଜିତ ଦ୍ୱିଶତକ ବଳରେ ଭାରତ ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ସ୍ଥିତି ଦୃଢ଼ କରିଛି। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୧୫୬.୩ ଓଭରରେ ୫ ଉଇକେଟ ହରାଇ ୬୦୧ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୧୫ ଓଭରରେ ୩ ଉଇକେଟ ହରାଇ ୩୬ ରନ ସଂଗ୍ରହ କରି ବିପଦରେ ପଡିଛି। ଫଳରେ ଦକ୍ଷିଣ ଆଫ୍ରିକା ୭ ଉଇକେଟ ହାତରେ ରଖି ଏବେ ୫୬୫ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଥେଉନିସ ଡି ବ୍ରୁଇନ ୨୦ ଓ ଅନରିଚ ନୋର୍ଜ ୨ ରନ କରି ଅପରାଜିତ ରହିଛନ୍ତି। ଦକ୍ଷିଣ ଆଫ୍ରିକା ପ୍ରଥମେ ଓପନର ଏଡେନ ମାରକ୍ରାମଙ୍କୁ ହରାଇଥିଲା। ଖାତା ଖୋଲିବା ପୂର୍ବରୁ ମାରାକ୍ରାମ ଦ୍ରୁତ ବୋଲର ଉମେଶ ଯାଦବଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଏହାପରେ ଇନ୍‌ଫର୍ମ ଓପନର ଡିନ୍ ଏଲଗାର ମାତ୍ର ୬ ରନ କରିଥିବା ବେଳେ ଉମେଶଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ବଲ୍ ବ୍ୟାଟ୍‌ର ଏଜ୍ ନେଇ ପିଚ୍ ଖାଇବା ପରେ ଷ୍ଟମ୍ପରେ ବାଜିଥିଲା। ଶେଷରେ ଟେମ୍ବା ବଭୁମା ୮ ରନ କରି ମହମ୍ମଦ ସାମିଙ୍କ ବଲ୍‌ରେ ଉଇକେଟ କିପର ରିଦ୍ଧିମାନ ଶାହାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଭାରତ ପକ୍ଷରୁ ଉମେଶ ୨ ଓ ସାମି ଗୋଟିଏ ଉଇକେଟ ହାସଲ କରିଥିଲେ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨୭୩/୩ରୁ ଭାରତ ପାଳି ଘୋଷଣା କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ କୋହଲି ୬୩ରୁ ଖେଳ ଆରମ୍ଭ କରି ୨୫୪ ରନ ଦ୍ୱିଶତକୀୟ ପାଳି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେ ୩୩୬ଟି ବଲର ସମ୍ମୁଖୀନ ହୋଇ ୩୩ଟି ଚୌକା ଓ ୨ଟି ଛକା ମାରିଥିଲେ। ସେହିପରି ଉପ- ଅଧିନାୟକ ଅଜିଙ୍କ୍ୟ ରାହାନେ ୧୮ ରନରୁ ଖେଳ ଆରମ୍ଭ କରି ୫୯ ରନର ଅର୍ଦ୍ଧଶତକୀୟ ପାଳି ଖେଳି କେଶବ ମହାରାଜଙ୍କ ବଲ୍‌ରେ ଉଇକେଟକିପର କ୍ୱିଣ୍ଟନ ଡିକକ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୧୦୪ଟି ବଲର ସମ୍ମୁଖୀନ ହୋଇ ୮ ଚୌକା ଓ ୨ ଛକା ସହ ୯୧ ରନକରି ସେନୁରାନ ମୁଥୁସାମିଙ୍କ ବଲ୍‌ରେ ଲଙ୍ଗ୍ ଅଫ୍‌ରେ ଡି ବ୍ରୁଇନ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହେବା ସହ ଶତକରୁ ବଞ୍ଚିତ ହୋଇଥିଲେ। ଜାଡେଜା ଆଉଟ ହେବା ପରେ କୋହଲି ଇନିଂସ ଘୋଷଣା କରିଥିଲେ। ଚତୁର୍ଥ ଉଇକେଟରେ କୋହଲି ଓ ରାହାନେ ୧୭୮ ଓ ପଞ୍ଚମ ଉଇକେଟରେ କୋହଲି ଓ ଜାଡେଜା ୨୨୫ ରନ କରି ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ନିରାଶ କରିଥିଲେ। ପାଖାପାଖି ସାରା ଦିନ ବୋଲିଂ କରି ଭ୍ରମଣକାରୀ ଦଳ ମାତ୍ର ୨ ଉଇକେଟ ହାସଲ କରିଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଦ୍ରୁତ ବୋଲର କାଗିସୋ ରାବାଡ଼ା ୩ ଓ ମହାରାଜ ଓ ମୁଥୁସାମି ଗୋଟିଏ କରି ଉଇକେଟ ହାସଲ କରିଥିଲେ। ସାରା ଦିନରେ ଭାରତୀୟ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା। ଗୁରୁବାର ଓପନର ମୟଙ୍କ ଅଗ୍ରୱାଲଙ୍କ ୧୦୮ ରନର ଶତକୀୟ ପାଳି ମୁଖ୍ୟ ଘଟଣା ଥିଲା।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୧୫୬.୩ ଓଭରରେ ୬୦୧/୫ ଇନିଂସ ଘୋଷଣା (କୋହଲି- ୨୫୪*, ଜାଡେଜା- ୯୧, ରାହାନେ- ୫୯, ମୟଙ୍କ- ୧୦୮, ପୂଜାରା- ୫୮, ରାବାଡ଼ା- ୩/ ୯୩) ।

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ:** ୧୫ ଓଭରରେ ୩୬/୩ (ବ୍ରୁଇନ୍- ୨୦*, ଉମେଶ- ୨/୧୬, ସାମି- ୧/୩)।



ଦ୍ୱିଶତକୀୟ ଇନିଂସ ଅବସରରେ ବିରାଟ କୋହଲି।



ରବୀନ୍ଦ୍ର ଜାଡେଜା।

**ଭାରତୀୟ ଅଧିନାୟକଙ୍କ ଦ୍ୱାରା ସର୍ବାଧିକ ବ୍ୟକ୍ତିଗତ ସ୍କୋର**

| ସ୍କୋର | ଅଧିନାୟକ | ବିପକ୍ଷ ଦଳ | ଭେନ୍ୟୁ | ବର୍ଷ |
|---|---|---|---|---|
| ୨୫୪* | ବିରାଟ କୋହଲି | ଦକ୍ଷିଣ ଆଫ୍ରିକା | ପୁଣେ | ୨୦୧୯/୨୦ |
| ୨୪୩ | ବିରାଟ କୋହଲି | ଶ୍ରୀଲଙ୍କା | ଦିଲ୍ଲୀ | ୨୦୧୭/୧୮ |
| ୨୩୫ | ବିରାଟ କୋହଲି | ଇଂଲଣ୍ଡ | ମୁମ୍ବାଇ | ୨୦୧୬/୧୭ |
| ୨୨୪ | ମହେନ୍ଦ୍ର ସିଂ ଧୋନୀ | ଅଷ୍ଟ୍ରେଲିଆ | ଚେନ୍ନାଇ | ୨୦୧୨/୧୩ |
| ୨୧୭ | ସଚିନ ତେନ୍ଦୁଲକର | ନ୍ୟୁଜିଲାଣ୍ଡ | ଅହମ୍ମଦାବାଦ | ୧୯୯୯/୨୦୦୦ |
| ୨୧୩ | ବିରାଟ କୋହଲି | ଶ୍ରୀଲଙ୍କା | ନାଗପୁର | ୨୦୧୭/୧୮ |
| ୨୧୧ | ବିରାଟ କୋହଲି | ନ୍ୟୁଜିଲାଣ୍ଡ | ଇନ୍ଦୋର | ୨୦୧୬/୧୭ |

**କମ୍ ଇନିଂସରେ ୭ ହଜାର ଟେଷ୍ଟ ରନ୍ ପୂରଣ କରିଥିବା ବ୍ୟାଟ୍ସମ୍ୟାନ**

| ବ୍ୟାଟ୍ସମ୍ୟାନ | ଇନିଂସ |
|---|---|
| ୱାଲି ହାମଣ୍ଡ (ଇଂଲଣ୍ଡ) | ୧୩୧ |
| ବୀରେନ୍ଦ୍ର ସେହ୍ୱାଗ(ଭାରତ) | ୧୩୪ |
| ସଚିନ ତେନ୍ଦୁଲକର(ଭାରତ) | ୧୩୬ |
| ଗ୍ୟାରି ସୋବର୍ସ(ୱେଷ୍ଟଇଣ୍ଡିଜ) | ୧୩୮ |
| କୁମାର ସଙ୍ଗକାରା(ଶ୍ରୀଲଙ୍କା) | ୧୩୮ |
| ବିରାଟ କୋହଲି(ଭାରତ) | ୧୩୮ |
| ମହମ୍ମଦ ୟୁସୁଫ(ପାକିସ୍ତାନ) | ୧୩୯ |

**ଟେଷ୍ଟରେ ସର୍ବାଧିକ ଦ୍ୱିଶତକ ଲଗାଇଥିବା ବ୍ୟାଟ୍ସମ୍ୟାନ**

| ବ୍ୟାଟ୍ସମ୍ୟାନ | ଦ୍ୱିଶତକ ସଂଖ୍ୟା |
|---|---|
| ଡନ ବ୍ରାଡମ୍ୟାନ(ଅଷ୍ଟ୍ରେଲିଆ) | ୧୨ |
| କୁମାର ସଙ୍ଗକାରା (ଶ୍ରୀଲଙ୍କା) | ୧୧ |
| ବ୍ରାଏନ ଲାରା (ୱେଷ୍ଟଇଣ୍ଡିଜ) | ୯ |
| ୱାଲି ହାମଣ୍ଡ (ଇଂଲଣ୍ଡ) | ୭ |
| ମହେଲା ଜୟବର୍ଦ୍ଧନେ (ଶ୍ରୀଲଙ୍କା) | ୭ |
| ବିରାଟ କୋହଲି (ଭାରତ) | ୭ |

**ସର୍ବାଧିକ ସଂଖ୍ୟକ ଦ୍ୱିଶତକ କରିଥିବା ଭାରତୀୟ ବ୍ୟାଟ୍ସମ୍ୟାନ**

| | |
|---|---|
| ୭ | ବିରାଟ କୋହଲି* |
| ୬ | ସଚିନ ତେନ୍ଦୁଲକର/ବୀରେନ୍ଦ୍ର ସେହ୍ୱାଗ |
| ୫ | ରାହୁଲ ଦ୍ରାବିଡ୍ |
| ୪ | ସୁନୀଲ ଗାଭାସ୍କର |

**କୋହଲିଙ୍କ ଦ୍ୱିଶତକ ତାଲିକା**

| ସ୍କୋର | ବିପକ୍ଷ ଦଳ | ଭେନ୍ୟୁ | ବର୍ଷ |
|---|---|---|---|
| ୨୫୪* | ଦକ୍ଷିଣ ଆଫ୍ରିକା | ପୁଣେ | ୨୦୧୯/୨୦ |
| ୨୪୩ | ଶ୍ରୀଲଙ୍କା | ଦିଲ୍ଲୀ | ୨୦୧୭/୧୮ |
| ୨୩୫ | ଇଂଲଣ୍ଡ | ମୁମ୍ବାଇ | ୨୦୧୬/୧୭ |
| ୨୧୩ | ଶ୍ରୀଲଙ୍କା | ନାଗପୁର | ୨୦୧୭/୧୮ |
| ୨୧୧ | ନ୍ୟୁଜିଲାଣ୍ଡ | ଇନ୍ଦୋର | ୨୦୧୬/୧୭ |
| ୨୦୪ | ବାଂଲାଦେଶ | ହାଇଦ୍ରାବାଦ୍ | ୨୦୧୬/୧୭ |
| ୨୦୦ | ୱେଷ୍ଟଇଣ୍ଡିଜ | ନର୍ଥ ସାଉଣ୍ଡ | ୨୦୧୬ |

# ବିସିସିଆଇ ଏଜିଏମ୍: ୧୩ରେ ରାଜ୍ୟ ୟୁନିଟ୍‌ଗୁଡ଼ିକ ଏକାଠି ହେବେ

**ପୁଣେ,୧୧।୧୦(ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଅନୁବନ୍ଧିତ ଆସୋସିଏଶନ ଗୁଡିକ ରବିବାର ଏକ ଅନୌପଚାରିକ ବୈଠକରେ ଏକାଠି ହେବେ। ଏହି ବୈଠକରେ ଆସୋସିଏଶନଗୁଡିକ ସେମାନଙ୍କ ନୂଆ ପଦାଧିକାରୀଙ୍କ ନାମ ନେଇ ଅନ୍ତିମ ନିଷ୍ପତ୍ତି ନେବେ। ଏହି ବୈଠକରେ ପୂର୍ବତନ ଅଧିକାରୀମାନେ ମଧ୍ୟ ଯୋଗ ଦେବେ। ୨୩ ତାରିଖରେ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହେବା ପରେ ନୂଆ ପଦାଧିକାରୀମାନେ ଦାୟିତ୍ୱ ନେବେ। ତେବେ ବୋର୍ଡ ସଦସ୍ୟମାନେ ପାଦାଧୀକାରୀଙ୍କ ନାମ ନେଇ ନିଷ୍ପତ୍ତି ନେବାକୁ ପୂର୍ବତନ ବିସିସିଆଇ ଅଧ୍ୟକ୍ଷ ଅନୁରାଗ ଠାକୁର ମତ ଦେଇଛନ୍ତି।

୫ଟି ରାଜ୍ୟ ୟୁନିଟ୍ ଯଥା, ତାମିଲନାଡୁ, ହରିୟାଣା, ମହାରାଷ୍ଟ୍ର, ଉତ୍ତରପ୍ରଦେଶ ଓ ମଣିପୁରକୁ ବିସିସିଆଇ ଏଜିଏମ୍‌କୁ ବାରଣ କରାଯାଇଛି। ଫଳରେ ଏହି ୟୁନିଟ୍‌ଗୁଡ଼ିକ କୋର୍ଟକୁ ଯିବା ନିଶ୍ଚିତ ମନେ ହେଉଛି। ତେବେ ଅନ୍ୟ ଆସୋସିଏଶନଗୁଡକ ଏଜିଏମ୍ ଶୀଘ୍ର ଅନୁଷ୍ଠିତ ହେଉ ଓ ଯେତେଶୀଘ୍ର ସମ୍ଭବ ପ୍ରଶାସକ କମିଟି (ସିଓଏ)ଠାରୁ ଦାୟିତ୍ୱ ନେବାକୁ ଚାହାନ୍ତି। ତେବେ ଏହି ଅନୌପଚାରିକ ବୈଠକରେ ପୂର୍ବତନ ବୋର୍ଡ ଅଧ୍ୟକ୍ଷ ତଥା ତାମିଲନାଡୁ ଷ୍ଟ୍ରଙ୍ଗମ୍ୟାନ ଏନ୍. ଶ୍ରୀନିବାସନ ଯୋଗ ଦେଉଛନ୍ତି କି ନା ତାହା ଦେଖିବାକୁ ବାକି ରହିଲା। ଅକ୍ଟୋବର ୧୪ ତାରିଖ ସୋମବାର ନାମାଙ୍କନ ଦାଖଲ କରିବାର ଶେଷ ତାରିଖ ହୋଇଥିବାରୁ ରବିବାର ଏହି ବୈଠକ ଡକାଯାଇଛି।

ଗୁଜରାଟର ଜୟ ଶାହ, ପୂର୍ବତନ ଅଧିନାୟକ ତଥା କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗଲ (ସିଏବି) ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି, ପୂର୍ବତନ ଟେଷ୍ଟ ଖେଳାଳି ଓ କର୍ନାଟକ ନୋମିନି ବ୍ରିଜେଶ ପଟେଲ ବିଭିନ୍ନ ପଦ ପାଇଁ ଦୌଡ଼ରେ ଆଗରେ ରହିଛନ୍ତି। ଅନ୍ୟ ସଦସ୍ୟଙ୍କ ତୁଳନାରେ ପଟେଲଙ୍କ ଅଭିଜ୍ଞତା ସବୁଠାରୁ ଅଧିକ। ସେହିପରି ଅନୁରାଗ ଠାକୁରଙ୍କ ସାନ ଭାଇ ଅରୁଣ ଧୁମଲ ଓ ବରିଷ୍ଠ ଖବରଦାତା ତଥା ଦିଲ୍ଲୀ ଆସୋସିଏଶନ ଅଧ୍ୟକ୍ଷ ରଜତ ଶର୍ମା ମଧ୍ୟ ଦୌଡ଼ରେ ରହିଛନ୍ତି। କାର୍ଯ୍ୟକାରୀ ପଦ ପାଇଁ ବିଚାରକୁ ନିଆ ନ ଗଲେ ମଧ୍ୟ ଉତ୍ତରାପୂର୍ବାଞ୍ଚଳ ରାଜ୍ୟଗୁଡିକ ବିସିସିଆଇ ଅପେକ୍ସ କାଉନସିଲ୍‌ରେ ସାମିଲ ହେବାକୁ ଇଚ୍ଛା ଜାହିର କରିଛନ୍ତି।

# କମଲେଶ୍‌ଙ୍କୁ ଟାଇଟଲ



ପୁରସ୍କାର ସହ କମଲେଶ ରଥ

**ଭୁବନେଶ୍ୱର, ୧୧।୧୦(କ୍ରୀଡ଼ା ପ୍ରତିନିଧି)**

ହରିୟାଣାର କର୍ନଲଠାରେ ଶୁକ୍ରବାର ଶେଷ ହୋଇଥିବା ଚାମୁଣ୍ଡା ଏଆଇଟିଏ ଚାମ୍ପିୟନଶିପ୍ ସିରିଜର ୧୨ ବର୍ଷରୁ କମ୍ ବିଭାଗରେ ଓଡ଼ିଶାର ଟେନିସ ପ୍ରତିଭା କମଲେଶ ରଥ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ମହାରାଷ୍ଟ୍ରର ଏନ. ଅଭିରାମ ଅମିତଙ୍କୁ ୭-୫, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଏଥିସହ ସେ ୨୫ ଏଆଇଟିଏ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ହାସଲ କରିଛନ୍ତି।

# ବିଜ୍‌ନେସ ଓମ୍ୟାନ ଅଫ୍ ଦି ଇୟର ନର୍ମାନଙ୍କୁ ହକି ଇଣ୍ଡିଆର ଅଭିନନ୍ଦନ



**ନୂଆଦିଲ୍ଲୀ,୧୧।୧୦**

ଇଣ୍ଡିଆ ଅଷ୍ଟ୍ରେଲିଆ ବିଜ୍‌ନେସ ଓ କମ୍ୟୁନିଟି ଆୱାର୍ଡ୍ସ (ଆଇଏବିସିଏ)ରେ ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଏଲିନା ନର୍ମାନଙ୍କୁ ବିଜ୍‌ନେସ ଓମ୍ୟାନ ଅଫ୍ ଦି ଇୟର ଭାବେ ପୁରସ୍କୃତ କରାଯାଇଛି। ବ୍ରିସ୍‌ବେନରେ ନର୍ମାନଙ୍କୁ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନୀତ କରାଯାଇଛି। ଏଥିପାଇଁ ନର୍ମାନଙ୍କୁ ହକି ଇଣ୍ଡିଆ ଅଭିନନ୍ଦନ ଜଣାଇଛି। ଗତ ଜୁଲାଇରେ ନର୍ମାନ ବିଜ୍‌ନେସ ଓମ୍ୟାନ ଅଫ୍ ଦି ଇୟର ଓ ସ୍ପିରିଟ ଅଫ୍ ସ୍ପୋର୍ଟ୍ସ ଆୱାର୍ଡ ପାଇଁ ଫାଇନାଲିଷ୍ଟ ବିବେଚତତ ହୋଇଥିଲେ। ହକି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାବେ ଭାରତରେ ହକିର ପ୍ରଚାର, ପ୍ରସାର ତଥା ଉନ୍ନତି ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୯ ସଂସ୍କରଣରେ ୧୨ଟି ବର୍ଗରେ ୩୦୦ଜଣ ଏଣ୍ଟ୍ରି କରିଥିଲେ। ନର୍ମାନ ଭାରତରେ ରହି ଗୋଟିଏ ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି କାର୍ଯ୍ୟ କରିଛନ୍ତି। ହକି ଇଣ୍ଡିଆରେ ଯୋଗ ଦେବା ପୂର୍ବରୁ ସେ ନୂଆଦିଲ୍ଲୀ ସ୍ଥିତ ସ୍ପୋର୍ଟ୍ସ ମାର୍କେଟିଂ ଏଜେନ୍ସି ସିଓଓ ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ଗତ ଏକ ଦଶନ୍ଧି ମଧ୍ୟରେ ଭାରତୀୟ ପୁରୁଷ ଓ ମହିଳା ହକି ଯଥେଷ୍ଟ ଉନ୍ନତି କରିଛି। ତାଙ୍କୁ ଏଥିପାଇଁ ହକି ଇଣ୍ଡିଆ ଅଧ୍ୟକ୍ଷ ମହମ୍ମଦ ମୁସ୍ତାକ ଅହମ୍ମଦ ଅଭିନନ୍ଦନ ଜଣାଇଛନ୍ତି। ନର୍ମାନଙ୍କ କାର୍ଯ୍ୟକାଳରେ ଭାରତୀୟ ହକିରେ ଆଶାତୀତ ଉନ୍ନତି ହୋଇଛି ବୋଲି ସେ କହିଛନ୍ତି।

## ବିଜୟ ମର୍ଚ୍ଚାଣ୍ଟ ଟ୍ରଫି: ମେଘାଳୟ ୧୩୪ରେ ଅଲଆଉଟ

**ଭୁବନେଶ୍ୱର,୧୧।୧୦(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ କିଟ୍ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ୧୬ ବର୍ଷରୁ କମ୍ ୩ ଦିନିଆ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ମ୍ୟାଚ୍‌ରେ ସିକ୍କିମ ଓ ମେଘାଳୟ ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ସିକ୍କିମ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲ। ପ୍ରଥମେ ବ୍ୟାଟିଂ କରି ମେଘାଳୟ ୭୧ ଓଭରରେ ୧୩୪ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ନିର୍ଦ୍ଦେଶ ବାଇସୋୟା ସର୍ବାଧିକ ୩୫, ଅଧିନାୟକ ମୃତ୍ୟୁଞ୍ଜୟ ଭରାଲି ୧୯, ଓପନର ଅରୁଣ ରମଣ ୧୭, ଆୟୁସମାନ ଦାସ ୧୬, ଗଗନଦୀପ ସିଂ ୧୦ ରନ କରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ମେଘାଳୟ ତରଫରୁ ୟାୱାର ହୁସେନ ସର୍ବାଧିକ ୬, ଅଧିନାୟକ ତରୁଣ ଶର୍ମା ୩, ମହମ୍ମଦ ସଲିଲ ଅହମ୍ମଦ ଗୋଟିଏ ଉଇକେଟ ହାସଲ କରିଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରି ସିକ୍କିମ ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୩୩.୩ ଓଭରରେ ଗୋଟିଏ ଉଇକେଟ ହରାଇ ୮୩ ରନ କରିଛି। ସେଙ୍ଗେ ୱାଜାହାଟ ମେହେଦି ୪୧ ରନ କରି ଅପରାଜିତ ରହିଥିବା ବେଳେ ଅଦିଭ ତମାଙ୍ଗ ୩୬ ରନ କରି ଅବିନାଷ ରାୟଙ୍କ ଦ୍ୱାରା କଟ୍ ଆଣ୍ଡ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ।

# ଦିନିକିଆ ସିରିଜ ଜିତିଲେ ଭାରତୀୟ ମହିଳା

**ଭଦୋଦରା,୧୧।୧୦(ପି.ଟି.)**

ଅଧିନାୟିକା ମିଥାଲି ରାଜ ଓ ପୁନମ ରାଉତଙ୍କ ଉପଯୋଗୀ ଅର୍ଦ୍ଧଶତକୀୟ ଇନିଂସ ସହାୟତାରେ ଭାରତୀୟ ମହିଳା ଦଳ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ୨ ଓଭର ବାକି ରଖି ୫ ଉଇକେଟରେ ଅତି ସହଜରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ଶୃଙ୍ଖଳାରେ ଭାରତ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ପୁନମ ରାଉତ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇନାହାନ୍ତି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ମହିଳା ଦଳ ୫୦ ଓଭରରେ ୬ ଉଇକେଟ ହରାଇ ୨୪୭ ରନ ସଂଗ୍ରହ କରିଥିଲା। ଜବାବରେ ଭାରତ ୪୮ ଓଭରରେ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ମିଥାଲି ୬୬, ପୁନମ ୬୫ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବେଳେ ହରମନପ୍ରୀତ କୌର ୩୯ ରନ କରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ସେହିପରି ଓପନର ପ୍ରିୟା ପୁନିଆ ୨୦, ଜେମିମା ରୋଡ୍ରିଗୁଏଜ୍ ୧୮ ରନ କରି ଆଉଟ ହୋଇଥିଲେ। ବୋଲିଂରେ ଦକ୍ଷିଣ ଆଫ୍ରିକା ତରଫରୁ ଆୟାବୋଙ୍ଗା ଖାକା ୩, ଶବନିମ ଇସ୍‌ମାଇଲ ଓ ମାରିଜାନେ କାପ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମିଥାଲି ରାଜ

ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ତରଫରୁ ଲଉରା ଉଲଭାର୍ଡଟ ସର୍ବାଧିକ ୬୯, ମିଗ୍‌ନନ ଡୁ ପ୍ରୀଜ ୪୪, ଲିଜେଲି ଲି ୪୦, ଲାରା ଗୁଡାଲ ୩୮, ଉଇକେଟକିପର ବ୍ୟାଟ୍ସଓମ୍ୟାନ ତ୍ରିସା ଚେଟ୍ଟୀ ୨୨, ଅଧିନାୟିକା ସୁନ ଲୁସ୍ ୧୨ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ମାରିଜାନେ କାପ୍ ୧୧ ଓ ଶବନିମ ଇସ୍‌ମାଇଲ ୧ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ପକ୍ଷରୁ ଦ୍ରୁତ ବୋଲର ଶିଖା ପାଣ୍ଡେ, ବାମହାତୀ ସ୍ପିନର ଏକତା ବିଷ୍ଟ ଓ ଲେଗ୍ ସ୍ପିନର ପୁନମ ଯାଦବ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର:**

ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୨୪୭/୬ (ଉଲଭାର୍ଡଟ- ୬୯, ପ୍ରିଜ- ୪୪, ଲି- ୪୦, ଗୁଡାଲ- ୩୮, ଚେଟ୍ଟୀ- ୨୨, ପାଣ୍ଡେ- ୨/୩୮, ବିଷ୍ଟ- ୨/ ୪୫, ପୁନମ ଯାଦବ- ୨/୪୨)।

ଭାରତ ୪୮ ଓଭରରେ ୨୪୮/୫ (ମିଥାଲି -୬୬, ପୁନମ ରାଉତ- ୬୫, ହରମନପ୍ରୀତ- ୩୯*, ଖାକା- ୩/୬୯)।



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଓଡ଼ିଶା ଏଫ୍‌ସି (ଧଳା ଜର୍ସି) ଏବଂ ୧୬ ଓ ୧୯ ବର୍ଷରୁ କମ୍ ମିଳିତ ଦଳ ମଧ୍ୟରେ ଅନୁଷ୍ଠିତ ଅଭ୍ୟାସ ମ୍ୟାଚ୍।

# ଜାତୀୟ ରେକର୍ଡ ସହ ଦୂତୀଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୧।୧୦ (କ୍ରୀଡ଼ା ପ୍ରତିନିଧି)

**ଦୂତୀଙ୍କ ଟାଇମିଂ**
- ହିଟ୍: ୧୧.୫୫ ସେକେଣ୍ଡ
- ସେମିଫାଇନାଲ: ୧୧.୨୨ ସେକେଣ୍ଡ
- ଫାଇନାଲ ୧୧.୨୫ ସେକେଣ୍ଡ

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ନିଜ ଜାଜ୍ଜ୍ୱଲ୍ୟମାନ କ୍ୟାରିୟରରେ ଆଉ ଏକ ସଫଳତାପର୍ବ ଯୋଡ଼ିଛନ୍ତି। ରାଞ୍ଚିରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଇଭେଣ୍ଟରେ ଜାତୀୟ ରେକର୍ଡ ଭାଙ୍ଗିଛନ୍ତି ଏହି ଓଡ଼ିଆ ଆଥଲେଟ୍। କେବଳ ସେତିକି ନୁହେଁ ସେ ସ୍ୱର୍ଣ୍ଣ ପଦକ ହାସଲ କରି ଏହି ସଫଳତାକୁ ଅଧିକ ସ୍ମରଣୀୟ କରିଛନ୍ତି। ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ସେମିଫାଇନାଲରେ ସେ ୧୧.୨୨ ସେକେଣ୍ଡ ସମୟ ନିଜ ନାମରେ ଥିବା ଜାତୀୟ ରେକର୍ଡ ଟାଇମିଂରେ ଉନ୍ନତି ଆଣିଛନ୍ତି। ଗତ ଏପ୍ରିଲରେ ଦୋହାଠାରେ ଅନୁଷ୍ଠିତ ଇଭେଣ୍ଟରେ ସେ ୧୧.୨୬ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡର ଅଧିକାରିଣୀ ଥିଲେ। ଏଠାରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ଫାଇନାଲରେ ପ୍ରବେଶ କରିଥିବା ଆଥଲେଟ୍‌ଙ୍କ ମଧ୍ୟରେ ଦୂତୀ ସବୁଠାରୁ କମ୍ ସମୟ ନେଇଥିଲେ। ଗୁରୁବାର ଅନୁଷ୍ଠିତ ହିଟ୍‌ରେ ସେ ୧୧.୫୫ ସେକେଣ୍ଡ ସମୟ ନେଇଥିଲେ। ସେମିଫାଇନାଲ ବେଳକୁ ସେ ନିଜ ଟାଇମିଂରେ ବହୁ ଉନ୍ନତି ଆଣିବାରେ ସକ୍ଷମ ହୋଇଛନ୍ତି। ଫାଇନାଲରେ ଦୂତୀ ସେମିଫାଇନାଲର ପ୍ରଦର୍ଶନକୁ ଦୋହରାଇ ପାରି ନ ଥିଲେ ହେଁ ୧୧.୨୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ତାମିଲନାଡୁର ଅର୍ଚ୍ଚନା ସୁସେନ୍ଦ୍ରନ ୧୧.୫୪ ଓ ରେଲୱେର ହିମାଶ୍ରୀ ରୟ ୧୧.୫୭ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



ପଦକ ପ୍ରଦର୍ଶନ କରୁଛନ୍ତି ଅର୍ଚ୍ଚନା ସୁସେନ୍ଦ୍ରନ, ଦୂତୀ ଚାନ୍ଦ ଓ ହିମାଶ୍ରୀ ରୟ।

## ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ ଲକ୍ଷ୍ୟ

ଭୁବନେଶ୍ୱର, ୧୧।୧୦(ତପନ ସ୍ୱାଇଁ)

ରାଞ୍ଚିରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟର ରେସ୍‌ରେ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଛନ୍ତି ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ। ୨୦୨୦ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ଟେଲିଫୋନ୍ ଯୋଗେ ସାକ୍ଷାତ ଅବସରରେ ପ୍ରକାଶ କରିଛନ୍ତି ଏହି ତାରକା ଆଥଲେଟ୍।

ପ୍ର:ଜାତୀୟ ରେକର୍ଡ ଭାଙ୍ଗିବା ପାଇଁ କିଛି ଯୋଜନା ଥିଲା କି ?

ଉ: ରାଞ୍ଚିର ପାଗ ଓ ପରିବେଶ ବହୁତ ଭଲ ରହିଛି। ବେଶି ଗରମ ନ ଥିବାରୁ ମୋ ଶରୀରକୁ ସୁହାଇଲା। ଟ୍ରାକ୍ ବି ବହୁତ ଫାଷ୍ଟ ଅଛି। ସେମିଫାଇନାଲ ଅପରାହ୍ଣ ୫ଟା ୧୦ରେ ଥିଲେ ହେଁ ମୁଁ ୩ଟାରୁ ଟ୍ରାକ୍‌କୁ ଆସି ୱାର୍ମଅପ୍ କରିଥିଲି। ଭ୍ରମଣ ଯୋଗୁ ଶରୀର ଟାଇଟ୍ ଥିବାରୁ ୱାର୍ମଅପ୍ ଅତ୍ୟନ୍ତ ଜରୁରୀ ଥିଲା। ଜାତୀୟ ସ୍ତରରେ ମୁଁ ପ୍ରାୟତଃ କେବେହେଲେ ନିରାଶ ହୋଇନାହିଁ, ତେଣୁ ପଦକ ଆଶା ରହିଥିଲା। ସେମିଫାଇନାଲରେ ୧୧.୨୦ ସେକେଣ୍ଡ ଲକ୍ଷ୍ୟ ନେଇ ଦୌଡିଥିବାରୁ ମୁଁ ୧୧.୨୨ ସେକେଣ୍ଡ ସ୍ପର୍ଶ କରିପାରିଲି ଏବଂ ଜାତୀୟ ରେକର୍ଡ ଭାଙ୍ଗିଲି। ୪୦ ମିନିଟ ପରେ ଫାଇନାଲ ରେସ୍ ହୋଇଥିଲା। ତେଣୁ ମୁଁ ଟାଇମିଂରେ ଆହୁରି ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଥିଲେ ହେଁ ତାହା ସମ୍ଭବ ହୋଇ ନ ଥିଲା। ତେବେ ପ୍ରଦର୍ଶନରେ ମୁଁ ଅତ୍ୟନ୍ତ ଖୁସି ଅଛି। ୧୧.୨୫ ସେକେଣ୍ଡ ଦେଖିବାକୁ ଗଲେ କିଛି ଖରାପ ନୁହେଁ।

ପ୍ର: ରେକର୍ଡ ଭାଙ୍ଗିବାର ଅନୁଭୂତି କିପରି ଥିଲା ?

ଉ: ନିଜ ରେକର୍ଡ ଭାଙ୍ଗିଥିବାରୁ ବହୁତ ଖୁସି ଲାଗିଲା। କାରଣ ଭାରତ ବର୍ଷରେ ଏକମାତ୍ର ଆଥଲେଟ୍ ଭାବେ ମୁଁ ନିଜ ରେକର୍ଡକୁ ପାଖାପାଖି ୧୦ ଥର ଭାଙ୍ଗି ସାରିଲିଣି। ଏହା ପାଖାପାଖି ଆଉ କେହି ପ୍ରଦର୍ଶନ ଦେଇପାରି ନାହାନ୍ତି। ୨୦୦୨ ମସିହାରେ ସରସ୍ୱତୀ ଶାହଙ୍କ ନାମରେ ଥିବା ୧୭ ବର୍ଷର ମିଟ୍ ରେକର୍ଡ(୧୧.୪୩ ସେକେଣ୍ଡ)କୁ ଭାଙ୍ଗିଲି। ଭାରତର ଦ୍ରୁତତମ ଧାବିକା ହୋଇପାରିଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ମୁଁ ଆହୁରି କମ୍ ସମୟରେ ରେସ୍ ଶେଷ କରି ପାରିବି ବୋଲି ଲୋକଙ୍କ ମନରେ ବିଶ୍ୱାସ ରହିଛି। ସେ ବିଶ୍ୱାସକୁ ରଖିବାକୁ ମୁଁ ସର୍ବଦା ଚେଷ୍ଟା କରି ଆସୁଛି। ଦିନେନାଦିନେ ୧୧.୦୦ ସେକେଣ୍ଡରେ ମୁଁ ରେସ୍ ଶେଷ କରିବାକୁ ଲକ୍ଷ୍ୟ ରଖିଛି।

ପ୍ର: ଟ୍ରେନିଂ କେଉଁଠାରେ ଜାରି ରଖିବେ ?

ଉ: ମୁଁ କଳିଙ୍ଗ ଷ୍ଟାଡିୟମରେ ଟ୍ରେନିଂ ଜାରି ରଖିବି। ସେଠାରେ ଅଭ୍ୟାସ ପାଇଁ ମୋତେ ଓଡ଼ିଶା ସରକାର ଓ କିଟ୍ ପକ୍ଷରୁ ସବୁପ୍ରକାର ସୁବିଧା ସୁଯୋଗ ଦିଆଯାଉଛି। ମୋ ବ୍ୟକ୍ତିଗତ କୋଚ୍, ସହକାରୀ କୋଚ୍, ମାଲିସବାଲା ଏବଂ ଟ୍ରେନର ସମସ୍ତେ ଉପଲବ୍ଧ ହେଉଛନ୍ତି। ଟ୍ରେନିଂ ପାଇଁ ମୋତେ ଏହି ଟ୍ରାକ୍ ବେଶ୍ ସୁହାଉଛି। ତେଣୁ ଏବେ ଓଡ଼ିଶା ବାହାରେ ଟ୍ରେନିଂ କରିବି ନାହିଁ। ତେବେ ଯଦି ବିଦେଶରେ ଟ୍ରେନିଂ ପାଇଁ ସୁଯୋଗ ମିଳେ ତେବେ ମୁଁ ନିଶ୍ଚିତ ତାହାକୁ ଗ୍ରହଣ କରିବି।

ପ୍ର: ରେକର୍ଡ ଭାଙ୍ଗିବାର ଶ୍ରେୟ କାହାକୁ ଦେବାକୁ ଚାହିଁବ ?

ଉ: ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶ୍ରେୟ ଦେବାକୁ ଚାହିଁବି। କାରଣ ସେ ମୋତେ ଆର୍ଥିକ ସହାୟତା ଦେଇଥିବାରୁ ମୁଁ ବ୍ୟକ୍ତିଗତ ଟ୍ରେନିଂ ନେଇପାରୁଛି। ଏହା ବ୍ୟତୀତ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ମଧ୍ୟ ଶ୍ରେୟ ଦେବି। ସେ ମୋତେ ବହୁତ ସୁବିଧା ସୁଯୋଗ ଯୋଗାଇଛନ୍ତି। ଏହା ବ୍ୟତୀତ ବ୍ୟକ୍ତିଗତ କୋଚ୍ ନାଗାପୁରୀ ରମେଶ, ନିଯୁକ୍ତି ସଂସ୍ଥା ଓଏମ୍‌ସି, କୋଚ୍ ଶିବ ପ୍ରସାଦ ମିଶ୍ର, ଫିଜିଓ ଅଜୟ ମହାନ୍ତି, ସହକାରୀ ଟ୍ରାକ୍ ଅମ୍ପାୟର ପ୍ରଶାନ୍ତ କୁମାର ଦେବତାଙ୍କୁ ଶ୍ରେୟ ଦେବାକୁ ନିଶ୍ଚିତ ଚାହିଁବି।

ପ୍ର: ଆଗାମୀ ଲକ୍ଷ୍ୟ କ'ଣ ?

ଉ: ଏବେ ନିକଟରେ କିଛି ପ୍ରତିଯୋଗିତା ନାହିଁ। ଆଗକୁ ଅଲିମ୍ପିକ୍ସ ଆସୁଛି। ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବା ମୋର ମୁଖ୍ୟ ଲକ୍ଷ୍ୟ ରହିବ। ଏହା ମଧ୍ୟରେ ବିଦେଶରେ ଯଦି କିଛି ପ୍ରତିଯୋଗିତାରେ ଭାଗ ନେବାର ସୁଯୋଗ ମିଳେ ତେବେ ମୁଁ ତାହା ବିଚାର କରିବି। ୧୧.୧୫ ସେକେଣ୍ଡ ସମୟରେ ରେସ୍ ଶେଷ କରିପାରିଲେ ମୋତେ ଅଲିମ୍ପିକ୍ସରେ ଭାଗ ନେବାର ସୁଯୋଗ ସୃଷ୍ଟି ହୋଇ ପାରିବ।

**ଶତାୟୁ ଭବ**




ପିନାକ୍ ରଞ୍ଜନ ରାମ (ସୋମ୍)
ସ୍ଥାନ: ଗଡ଼ସାହି, ଆଗରପଡ଼ା, ଭଦ୍ରକ
ତୋର ଚତୁର୍ଥ ଜନ୍ମଦିନ ଉପଲକ୍ଷେ ପ୍ରଭୁ ଶ୍ରୀଜଗନ୍ନାଥ ଏବଂ ସାଇବାବାଙ୍କ ପାଦ ପଙ୍କଜରେ କୋଟି କୋଟି ପ୍ରଣାମ । ତୋର ସଫଳ ଜୀବନ ପାଇଁ ଶୁଭ କାମନା କରିବା ସହ ତୋ ଚଲାପଥକୁ ମହାପ୍ରଭୁ ସଦାସର୍ବଦା ପୁଷ୍ପ ବିମଣ୍ଡିତ କରନ୍ତୁ। ତୋର ସୁଖ ସମୃଦ୍ଧି ସହ ଦୀର୍ଘାୟୁ କାମନା କରୁଛୁ ।
ଶୁଭେଚ୍ଛାସହ:
ବାବା, ମାମା, ଦାଦା, ଦାଦୀ, ଅଜା, ଆଇ, ସ୍ମାରକ୍ ଭାଇ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୪୭୩୫

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**



ରୋଶନ୍ କୁମାର ସ୍ୱାଇଁ
ଚନ୍ଦ୍ରଶେଖରପୁର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଓ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ
ପରିବାରବର୍ଗ
ଧ-୧୪୭୨୭

**4th Birthday Wish**



Tanaj Anjum (Tanu)
Rathipur, Jatni
May you continue to improve as a person with each passing year. Wishing you a Bhaijan, Dijaan, Ahan, Rihan & Ayan.
HAPPY BIRTHDAY
D-14729

**1st Birthday Wish**



Md Taheemez Ali (Rihan)
Rathipur, Jatni
Make every moment of your life. Avoid nagative people, pray and enjoy ! Wonderful Birthday.
Best Wishes From:
All family members, Aman, Mehak, Tanaj, Ayan.
D-14730

## ଫାଇନାଲରେ ଗ୍ରୀନ୍ସ


ଭବ୍ୟଜ୍ୟୋତି ବିଶୋୟୀ ଓ ଦେବବ୍ରତ ପ୍ରଧାନ

ଭୁବନେଶ୍ୱର, ୧୧।୧୦ (ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍ତର ଭୁବନେଶ୍ୱର ଗାଡ଼କଣସ୍ଥିତ ଗଡ଼େଶ୍ୱର ସ୍ପୋର୍ଟ୍ସ ଆସୋସିଏଶନ ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ ସିଲ୍‌ଡ ୧୬ ବର୍ଷରୁ କମ୍ ତ୍ରିକୋଣୀୟ କ୍ରିକେଟ ସିରିଜ୍‌ର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଆସନ୍ତା ୧୩ ତାରିଖରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ଓ ରାମେଶ୍ୱର ମଧ୍ୟରେ ଟାଇଟଲ ପାଇଁ ଲଢ଼େଇ ହେବ। ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଗ୍ରୀନ୍ସ ଏକାଡେମୀ ୬ ଉଇକେଟରେ ଟାଉନ କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଟାଉନ କ୍ଲବ ଧାର୍ଯ୍ୟ ୪୦ ଓଭରରେ ୯ ଉଇକେଟ ହରାଇ ୧୯୧ ରନ୍ କରିଥିଲା। ଦଳ ପାଇଁ ସାଗର ମୁଳିଆ ୭୫ ଓ ଶୁଭଙ୍କର ଦାଶ ୫୧ ରନ କରିଥିଲେ। ଗ୍ରୀନ୍ସ ପକ୍ଷରୁ ବୋଲିଂରେ ରାଜଦୀପ ରୋହନ ଦାସ ୪ ଓ ଅଭିଜିତ ମହାନ୍ତ ୨ ଉଇକେଟ ନେଇଥିଲେ। ୧୯୨ ରନ୍‌ର ବିଜୟ ଲକ୍ଷ୍ୟକୁ ଗ୍ରୀନ୍ସ ଦଳ ୩୮.୨ ଓଭରରେ ୪ ଉଇକେଟ ହରାଇ ବିଜୟ ହାସଲ କରିନେଇଥିଲା। ଦଳ ପକ୍ଷରୁ ଦେବବ୍ରତ ପ୍ରଧାନ ଅପରାଜିତ ୮୧ ଓ ଭବ୍ୟଜ୍ୟୋତି ବିଶୋୟୀ ୫୭ ରନ୍ କରିଥିଲେ। ଟାଉନ କ୍ଲବ ଲାଗି ଦୁର୍ଗା ପ୍ରସାଦ ପ୍ରଧାନ ୨ ଉଇକେଟ ହାତେଇଥିଲେ। ବିଜୟ ଦଳ ପାଇଁ ସର୍ବାଧିକ ରନ୍ କରିଥିବା ଦେବବ୍ରତ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।

## ଅମିୟଙ୍କୁ ସ୍ୱର୍ଣ୍ଣ ପଦକ



ପଦକ ସହ ଜୋନାଥନ ଆନାକ ନିପା, ଅମିୟ ମଲିକ ଓ ପଞ୍ଜାବର ଗୁରିନ୍ଦରବୀର ସିଂ।

ଭୁବନେଶ୍ୱର, ୧୧।୧୦(କ୍ରୀଡ଼ା ପ୍ରତିନିଧି)

**ଅମିୟଙ୍କ ଟାଇମିଂ**
- ହିଟ୍: ୧୦.୫୦ ସେକେଣ୍ଡ
- ସେମିଫାଇନାଲ: ୧୦.୫୩ ସେକେଣ୍ଡ
- ଫାଇନାଲ: ୧୦.୪୬ ସେକେଣ୍ଡ

ରାଞ୍ଚିରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୧୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟପାଇଁ ଆଉ ଏକ ଖୁସି ଖବର ଆଣିଛନ୍ତି ତାରକା ସ୍ପ୍ରିଣ୍ଟର ଅମିୟ ମଲିକ। ଆହତ ସମସ୍ୟା ଏବଂ ଅନ୍ୟାନ୍ୟ କାରଣ ପାଇଁ ଦୀର୍ଘଦିନହେବ ଟ୍ରାକ୍‌ରୁ ଦୂରେଇ ରହିଥିବା ଏହି ଓଡ଼ିଆ ଆଥଲେଟ୍ ସଫଳ ପ୍ରତ୍ୟାବର୍ତ୍ତନ କରିବାରେ ସକ୍ଷମ ହୋଇଛନ୍ତି। ହିଟ୍‌ରେ ୧୦.୫୦ସେକେଣ୍ଡ ସମୟ ନେଇଥିବା ଅମିୟ ସେମିଫାଇନାଲରେ ୧୦.୫୩ ସେକେଣ୍ଡ ସହିତ ଫାଇନାଲରେ ପ୍ରବେଶ କରିଥିଲେ। ଏହି ୨ଟି ରେସ୍‌ରେ ସେ କେତେକ ପ୍ରତିଯୋଗୀଙ୍କ ପଛରେ ପଡ଼ିଯାଇଥିଲେ ହେଁ ଫାଇନାଲରେ ଫାଇନାଲରେ ୧୦.୪୬ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ମାଲେସିଆର ଜୋନାଥନ ଆନାକ ନିପା ୧୦.୪୭ ସେକେଣ୍ଡ ସହ ରୌପ୍ୟ ଏବଂ ପଞ୍ଜାବର ଗୁରିନ୍ଦରବୀର ସିଂ ୧୦.୪୮ ସେକେଣ୍ଡ ସହିତ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଅମିୟଙ୍କ ନାମରେ ଜାତୀୟ ରେକର୍ଡ ମଧ୍ୟ ରହିଛି। ସେ ୨୦୧୬ ଏପ୍ରିଲରେ ନୂଆଦିଲ୍ଲୀରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୦.୨୬ ସେକେଣ୍ଡ ସମୟ ନେଇ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ।

## ଜଉନାଙ୍କୁ ୪୦୦ ମିଟର ହର୍ଡଲ୍ସ ଟାଇଟଲ

ଭୁବନେଶ୍ୱର, ୧୧।୧୦(କ୍ରୀଡ଼ା ପ୍ରତିନିଧି)- ରାଞ୍ଚିରେ ଚାଲିଥିବା ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶା ଖେଳାଳି ଚମକ ଦେଖିବାକୁ ମିଳିଛି। ମହିଳା ୧୦୦ ଓ ପୁରୁଷ ୧୦୦ ମିଟର ଇଭେଣ୍ଟରେ ଯଥାକ୍ରମେ ଦୂତୀ ଚାନ୍ଦ ଓ ଅମିୟ କୁମାର ମଲିକ ସ୍ୱର୍ଣ୍ଣ ପଦକ ହାସଲ କରିଥିବାବେଳେ ୪୦୦ ମିଟର ହର୍ଡଲ୍ସରେ ଜଉନା ମୁର୍ମୁ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଓଏନ୍‌ଜିସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଜଉନା ୫୮.୦୮ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ପଞ୍ଜାବର ବୀରପାଲ କୌର ୫୮.୫୩ ଓ ରେଲୱେର ଅର୍ପିତା ମଞ୍ଜୁନାଥ ୫୯.୭୫ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପୂର୍ବଦିନ ହିଟ୍ ନଂ-୧ରେ ଜଉନା ୧:୦୦.୩୫ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ସହ ଫାଇନାଲରେ ପ୍ରବେଶ କରିଥିଲେ।



**ଜଉନାଙ୍କ ଟାଇମିଂ**
- ହିଟ୍: ୧:୦୦.୩୫ ସେକେଣ୍ଡ
- ଫାଇନାଲ: ୫୮.୦୮ ସେକେଣ୍ଡ

## ସାଫ୍ ୧୫ ବର୍ଷରୁ କମ୍ ମହିଳା ଫୁଟ୍‌ବଲ: ଭାରତର ବୃହତ୍ ବିଜୟ

ଥିମ୍ପୁ(ଭୁଟାନ),୧୧।୧୦ (ପିଟି)

ଏଠାରେ ଚାଲିଥିବା ସାଫ୍ ୧୫ ବର୍ଷରୁ କମ୍ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ ୧୦-୧ ଗୋଲର ବୃହତ୍ ବ୍ୟବଧାନରେ ଆୟୋଜକ ଭୁଟାନକୁ ହରାଇ ଦେଇଛି। ବିଜୟୀ ଦଳ ପାଇଁ ସାଇ ସାଙ୍ଖାଇ (୬୩ତମ, ୬୪ତମ ଓ ୭୨ତମ ମିନିଟ୍) ହ୍ୟାଟ୍ରିକ ଗୋଲ ଦେଇଥିଲେ। ଲିଣ୍ଡା କମ ସେର୍ଟୋ (୧୯ତମ ଓ ୫୪ତମ), ସୁମତୀ କୁମାରୀ (୨୪ତମ ଓ ୮୬ତମ) ଓ କିରନ (୧୫ତମ ଓ ୨୧ତମ) ଦୁଇଟି ଲେଖାଏ ଗୋଲ ଦେଇଥିବାବେଳେ ପ୍ରିୟଙ୍କା ସୁଜି (୮ମ) ଗୋଟିଏ ଗୋଲ ସ୍କୋର କରିଥିଲେ। ଘରୋଇ ଦଳ ପକ୍ଷରୁ ସାଙ୍ଗ୍ୟା ୱାଙ୍ଗାମୋ (୯ମ) ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଏହି ବିଜୟ ସହ ଭାରତ ମୋଟ ୬ ପଏଣ୍ଟ ହାତେଇ ଫାଇନାଲରେ ପ୍ରବେଶ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ ବାଂଲାଦେଶ ୨-୧ ଗୋଲରେ ନେପାଳକୁ ପରାସ୍ତ ଫାଇନାଲରେ ସ୍ଥାନ ପକ୍କା କରିଛି। ଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତ ଓ ବାଂଲାଦେଶ ଗ୍ରୁପ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ।

## ବିପିଏଲରେ ପ୍ରତ୍ୟେକ ଦଳ ପାଇଁ ନୂଆ ନିୟମ

ଢାକା,୧୧।୧୦

ବାଂଲାଦେଶ ପ୍ରିମିୟର ଲିଗ୍ (ବିପିଏଲ)ରେ ସମସ୍ତ ୭ ଦଳ ପାଇଁ ଏକ ନୂଆ ନିୟମ କରାଯାଇଛି। ପ୍ରତ୍ୟେକ ଦଳରେ ଜଣେ ଲେଖାଏ ୧୪୦ରୁ ଅଧିକ ଗତିରେ ବୋଲିଂ କରିପାରୁଥିବା ବିଦେଶୀ ପେସର ଓ ଜଣେ ଲେଗ୍ ସ୍ପିନର ରହିବା ବାଧ୍ୟତାମୂଳକ କରାଯାଇଛି। ଜାତୀୟ ଖେଳାଳିଙ୍କ ପୁଲ ବୃଦ୍ଧି କରିବା ଲାଗି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଏଭଳି ନୂଆ ନିୟମ ଲାଗୁ କରିଛି। ବିସିବି ଚାହେଁ, ବିପିଏଲ ଦ୍ୱାରା ବାଂଲାଦେଶ କ୍ରିକେଟରମାନେ ଟି୨୦ରେ ଉନ୍ନତର ହୁଅନ୍ତୁ। ଏଣୁ ଆମ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କୁ ପେସର ଓ ଲେଗ୍ ସ୍ପିନରଙ୍କ ବିପକ୍ଷରେ ଯଥେଷ୍ଟ ସୁଯୋଗ ମିଳୁ ବୋଲି ବିସିବି ଡାଇରେକ୍ଟର ମହବୁବୁଲ ଆନାମ କହିଛନ୍ତି। ବିଦେଶୀ ପେସର ଓ ଲେଗ୍ ସ୍ପିନରଙ୍କ ଛଡ଼ା ପ୍ରତ୍ୟେକ ଦଳ ବିଦେଶୀ କୋଚ୍, ଫିଜିଓଥେରାପିଷ୍ଟ ଓ ଟ୍ରେନର ରହିବା ମଧ୍ୟ ଦରକାର। ଘରୋଇ କୋଚ୍ କେବଳ ସହାୟତା କୋଚ୍ ହୋଇପାରିବେ।

**ମନେ ପଡ଼ନ୍ତି**

ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଡାକ୍ତର ବାବୁଲୁ ସିଂହ
Lt. Col. Indian Army
ଆବିର୍ଭାବ: ୧୮।୦୯।୧୯୭୦
ତିରୋଧାନ: ୧୨।୧୦।୨୦୧୬
ଦେବ ଶିଶୁ ରୂପେ ଜନ୍ମ ହୋଇ ତୁହି ଦେବତାର କର୍ମ କଲୁ
ଦେଶ ମାତୃକାର ସେବା କରି ତୁହି ଅଦିନରେ ଚାଲିଗଲୁ,
ତଥାପି ଫୁଲର ମହକ ଖେଳାଇ ମୃତ୍ୟୁଞ୍ଜୟୀ ହେଲୁ ତୁହି
ପରମ ପ୍ରଭୁଙ୍କ କୋଳରେ ତୁ ଥା' କାମନା ଆମର ଏହି।
ଶୋକସନ୍ତପ୍ତ
ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ
ଧ-୬୬୭୯୮

## ଜୋକୋଭିଚ୍‌ଙ୍କୁ ଚକମା ଦେଲେ ଚିଚ୍‌ସିପାସ

ସାଂଘାଇ,୧୧।୧୦(ଏଏଫ୍‌ପି): ବିଶ୍ୱର ନମ୍ବର ୱାନ ସିଙ୍ଗଲ୍ସ ଟେନିସ ଖେଳାଳି ନୋଭାକ ଜୋକୋଭିଚ୍ ଏଠାରେ ଚାଲିଥିବା ସାଂଘାଇ ମାଷ୍ଟର୍ସ ଟୁର୍ଣ୍ଣାମେଣ୍ଟର ୩ ସେଟ୍ ବିଶିଷ୍ଟ କ୍ୱାର୍ଟର ଫାଇନାଲରେ ଗ୍ରୀସର ଷ୍ଟିଫାନସ ଚିଚ୍‌ସିପାସଙ୍କଠାରୁ ପରାସ୍ତ ହୋଇଛନ୍ତି। ସେ ଏବେ ସେମିଫାଇନାଲରେ ୨୩ବର୍ଷୀୟ ଡାନିଏଲ ମେଡ୍‌ଭେଡ୍‌ଭଙ୍କୁ ଭେଟିବେ। ୭ମ ର୍‍ୟାଙ୍କ ଚିଚ୍‌ସିପାସ ପ୍ରଥମ ସେଟ୍‌ରେ ୩-୬ରେ ହାରିବା ପରେ ଦ୍ୱିତୀୟ ଓ ତୃତୀୟ ସେଟ୍‌କୁ ୭-୫, ୬-୩ ବ୍ୟବଧାନରେ ଜିତି ନେଇଛନ୍ତି। ସର୍ବିୟା ଖେଳାଳିଙ୍କ ବିପକ୍ଷରେ ୩ ମ୍ୟାଚ୍ ଖେଳିଥିଲେ ହେଁ ଦୁଇ ଥର ଚିଚ୍‌ସିପାସ ଜିତାପଟ ପାଇଛନ୍ତି। ଏହି ବିଜୟ ସହ ସିଜନ ଶେଷରେ ହେବାକୁ ଥିବା ଏଟିପି ଫାଇନାଲରେ ଚିଚ୍‌ସିପାସଙ୍କ ସ୍ଥାନ ପକ୍କା ହୋଇଛି।

## ବିଦର୍ଭର ସହଜ ବିଜୟ

ବଦୋଦରା, ୧୧।୧୦ (ପିଟି)- ଏଠାରେ ଶୁକ୍ରବାର ଖେଳାଯାଇଥିବା ବିଜୟ ହଜାରେ ଟ୍ରଫିର ଗ୍ରୁପ୍ ବି'ର ଏକ ମ୍ୟାଚ୍‌ରେ ବିଦର୍ଭ ସହଜରେ ଦିଲ୍ଲୀକୁ ହରାଇ ଦେଇଛି। ନୀତିଶ ରାଣା ଅପରାଜିତ ଶତକ କରିବା ସହ ୩ ଉଇକେଟ ମଧ୍ୟ ନେଇଥିଲେ। ରାଣାଙ୍କ ୧୦୦* ଓ ଅନୁଜ ରାୱତଙ୍କ ୫୪ ରନ୍ ସତ୍ତ୍ୱେ ଦିଲ୍ଲୀ ଧାର୍ଯ୍ୟ ୫୦ ଓଭରରେ ୮ ଉଇକେଟ ହରାଇ ୨୦୭ ରନ୍ କରିଥିଲେ। ଭାରତୀୟ ଷ୍ଟାର ଓପନର ଶିଖର ଧାୱନ (୨) ବିଫଳ ହୋଇଥିଲେ। ଜବାବରେ ଓପନର ଫୈଜ ଫାଜଲ ୯୨, ଅଧିନାୟକ ୱାସିମ ଜାଫର ୪୨, ଓ ଅକ୍ଷୟ ୱାଡକରଙ୍କ ୩୪ ରନ୍‌ର ଉପଯୋଗୀ ଇନିଂସ ଯୋଗୁ ବିଦର୍ଭ ୧୦ ବଲ ପୂର୍ବରୁ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବିଦର୍ଭ ୪୮.୨ ଓଭରରେ ୫ ଉଇକେଟ ହରାଇ ୨୦୮ ରନ୍ କରିଥିଲା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅକ୍ଟୋବର ୧୨/୨୦୧୯ Sambalpur, Saturday, October 12 / 2019

# ଅଳଙ୍କାର ଚୋରି ର୍ୟାକେଟର ପର୍ଦ୍ଦାଫାଶ

## ପୋଲିସ କବ୍‌ଜାରେ ମହିଳା, ନାବାଳକଙ୍କ ସମେତ ୮ ଅଭିଯୁକ୍ତ

**ସମ୍ବଲପୁର,୧୧।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ପୋଲିସ ଏକ ସୁନାରୂପା ଅଳଙ୍କାର ଚୋରି ର୍ୟାକେଟରେ ପର୍ଦ୍ଦାଫାଶ କରିଛି। ପିପଲପଡାରେ ଗୁରୁବାର ରାତିରେ ପାଟ୍ରୋଲିଂ ବେଳେ ପୋଲିସ ଏହି ଗ୍ୟାଙ୍ଗର ୮ଜଣଙ୍କୁ କବ୍‌ଜାକୁ ନେଇଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଓ ଜଣେ ମହିଳା ରହିଛନ୍ତି। ସେମାନେ ହେଲେ ସୁନ୍ଦରଗଡ ଜିଲା ପ୍ଲାଣ୍ଟସାଇଟ ଥାନା ଅଧୀନ ଗିରିଧାରୀ ବସ୍ତିର କାର୍ତ୍ତିକ ମାଝି, ପବିତ୍ର ଗର୍ଡିଆ, ସମ୍ବଲପୁର ଶାସନ ଥାନା ପିପଲପଡାର ଆକାଶ ହେମରନ, ସଞ୍ଜୟ ନାଏକ। ଏମାନଙ୍କ ସହ ଜଣେ ନାବାଳକ ଅଛନ୍ତି। ସେହିପରି ଚୋରି ସାମଗ୍ରୀ କିଣିଥିବା ଅଭିଯୋଗରେ ଶାସନ ଭାଲୁବାହାଲର ପ୍ରେମଶିଳା ମେହେର, ରତ୍ନାକର ମେହେର, ଗଜେନ୍ଦ୍ର ମେହେରଙ୍କୁ ପୋଲିସ ଗିରଫ କରିଛି। ଏମାନଙ୍କ ନିକଟରୁ ପ୍ରାୟ ୯ଲକ୍ଷ ଟଙ୍କା ମୂଲ୍ୟର ଚୋରା ଅଳଙ୍କାର, ୩ ହଜାର ଟଙ୍କା, ବାଇକ୍ (ନଂ ଓଡି-୨୩-ଏ-୭୦୫୦) ଲୁହା ଛଡ ଜବତ ହୋଇଛି। ଅଇଁଠାପାଲି ଥାନା ପରିସରରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଭବାନୀଶଙ୍କର ଉଦ୍‌ଗାତା କହିଛନ୍ତି ଯେ, ପିପଲପଡାରେ ଏମାନେ ଆଡ୍ଡା କରିଥିଲେ। ରାତି ହେଲେ ସହରର ବିଭିନ୍ନ ଅଞ୍ଚଳକୁ ବୁଲିବାକୁ ଯାଉଥିଲେ। ଯେଉଁ ଘର ବାହାରୁ ତାଲା ପଡିଥିବା ଦେଖୁଥିଲେ ସେହି ଘରକୁ ସେମାନେ ଟାର୍ଗେଟ କରୁଥିଲେ। ପାଟ୍ରୋଲିଂ ସମୟରେ ପୋଲିସ ପ୍ରଥମେ ଜଣକୁ ଧରିଥିଲା। ଏହା ପରେ ପୂରା ର୍ୟାକେଟର ଗୁମାର ଖୋଲିଥିଲା। କାର୍ତ୍ତିକ ମୁଖ୍ୟ ଅଭିଯୁକ୍ତ। ସେପ୍ଟେମ୍ବର ୨୫ତାରିଖ କଲ୍ୟାଣ ନଗର ଦୟାନିଧି ମହାପାତ୍ରଙ୍କ ଘରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ. ୪୦୭/୧୯)ରୁଜୁ କରିଥିଲା। ସେହିପରି ଅନଗୁଳିଆପଡା ଶୁଭମ କଲୋନୀର ବିକାଶ ଦାସଙ୍କ ଘରୁ ଚୋରି ହୋଇଥିବା ଅଭିଯୋଗ ପାଇ ପୋଲିସ ଏକ ମାମଲା (ନଂ. ୪୩୪/୧୯)ରୁଜୁ କରିଥିଲା। ଏହାପରେ ପୋଲିସ ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ ଆରମ୍ଭ କରିଥିଲା ବୋଲି ଏସ୍‌ଡିପିଓ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅଇଁଠାପାଲି ଥାନା ଅଧିକାରୀ ଚିନ୍ତାମଣୀ ପ୍ରଧାନ ଉପସ୍ଥିତ ଥିଲେ।



ଅଇଁଠାପାଲି ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତମାନେ।

- ବନ୍ଦ ଘରକୁ ଟାର୍ଗେଟ କରୁଥିଲେ
- ପ୍ରାୟ ୯ ଲକ୍ଷ ଟଙ୍କାର ସୁନା, ରୁପା ଜବତ

# ୧୨ଖଣ୍ଡ ଶାଳକାଠ ପଟ୍ଟା ସହ ୩ ସାଇକେଲ ଜବତ

**ରେଢାଖୋଲ,୧୧।୧୦(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢାଖୋଲ ବନଖଣ୍ଡର ବୁର୍ଡା ସେକ୍ସନ ଅଧୀନ ଖୋଲଗଡ ସଂରକ୍ଷିତ ଜଙ୍ଗଲରୁ ଗଛକାଟି ଚୋରାଚାଲାଣ ହେବା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଚୋରା କାଠ ବେପାରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଶାଳ, ପିଆଶାଳ ଆଦି ମୂଲ୍ୟବାନ ଗଛ କାଟି ରେଢାଖୋଲ ସହର ସମେତ ବିଭିନ୍ନ ଅଞ୍ଚଳକୁ ଚୋରାଚାଲାଣ କରୁଛନ୍ତି। ଏଥିସହିତ ବିଭିନ୍ନ ଆସବାବପତ୍ର ତିଆରି ତିଆରି କରି ବିକ୍ରି କରୁଛନ୍ତି। କେବେ କେମିତି ବନବିଭାଗ ହାତରେ ଧରା ପଡୁଥିଲେ ହେଁ ଅନାୟାସରେ ଖସି ମଧ୍ୟ ଯାଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ଚୋରାବେପାରିମାନେ ବୁର୍ଡା ଅଞ୍ଚଳରୁ ୩ଟି ସାଇକେଲ ଯୋଗେ ୧୨ ଖଣ୍ଡ ଶାଳପଟ୍ଟା ରେଢାଖୋଲ ସହରକୁ ଚୋରାଚାଲାଣ କରୁଥିବା ବେଳେ ବନ କର୍ମଚାରୀଙ୍କ ହାବୁଡରେ ପଡିଥିଲେ। ହେଲେ ସାଇକେଲ ଓ କାଠପଟ୍ଟା ଛାଡି ଫେରାର ହୋଇଯାଇଛନ୍ତି। ବନ କର୍ମଚାରୀ ସାଇକେଲ ଓ କାଠପଟ୍ଟାକୁ ଜବତ କରିଛନ୍ତି। ବୁର୍ଡା ସେକ୍ସନର ଫରେଷ୍ଟର ପ୍ରିୟଦର୍ଶୀ ପ୍ରଧାନ, ଫରେଷ୍ଟଗାର୍ଡ ଟିକେଶ୍ୱର ନାଏକ ପ୍ରମୁଖ ଚଢାଉ କରିଥିବା ରେଞ୍ଜ ଅଧିକାରୀ ପ୍ରଦୀପ ସେଠୀ କହିଛନ୍ତି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ

**ଉଲୁଣ୍ଡା, ୧୧।୧୦(ଡି.ଏନ.ଏ.):** ଉଲୁଣ୍ଡା ବ୍ଲକ ସଭାଗୃହରେ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ନୀଳାମ୍ବର ମହାନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମିତାଲୀ ମହାକୁର ଅତିଥି ଭାବରେ ଯୋଗଦେଇ ୧୭୦ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ବଣ୍ଟନ କରିଥିଲେ।

### ଆଞ୍ଚଳିକ ଦୁର୍ଗାପୂଜା ଉଦ୍‌ଯାପିତ

**ବିନିକା,୧୧।୧୦(ଡି.ଏନ୍.ଏ.):** ବିନିକା ବ୍ଲକ ଭଣ୍ଡାର ପଞ୍ଚାୟତ ଅନ୍ତର୍ଗତ ଉପରପଡା ଶାରଦୀୟ ଦୁର୍ଗାପୂଜା ସମ୍ପନ୍ନ ହୋଇଛି। ୫ଦିନ ଧରି ରାବଣରାଜ୍ ଅନୁଷ୍ଠିତ ହୋଇଥିଲା। ରାବଣ ଦରବାରରେ ମୁଖ୍ୟ ଅତିଥି ଭାବେ କୋଶଲୀ ଚଳଚ୍ଚିତ୍ର ଅଭିନେତା ଅଟଳ ବିହାରୀ ପଣ୍ଡା, ଜିଲା ପରିଷଦ ସଭ୍ୟ ସୁଶାନ୍ତ ପଣ୍ଡା, ଭଣ୍ଡାର ସରପଞ୍ଚ ଲକ୍ଷ୍ମଣ ସାହୁ, ସମିତି ସଭ୍ୟ ଭୀମସେନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସମାରୋହରେ ଅତିଥିଭାବେ ପଣ୍ଡିତ ଗୋବର୍ଦ୍ଧନ ମିଶ୍ର ଯୋଗଦେଇ ରାବଣ ଭୂମିକାରେ ଗୋପାଳ ଦାଶ ଓ ବିଭୀଷଣ ଚରିତ୍ରରେ ଅଭିନୟ କରିଥିବା ଦୁର୍ଗାପ୍ରସାଦ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୁର୍ଗାପୂଜା ଓ ରାବଣରାଜ୍ ଆୟୋଜନରେ ସତ୍ୟନାରାୟଣ କର୍ମୀ, ଲକ୍ଷ୍ମୀ ନାରାୟଣ ଭୋଇ, ଚକ୍ର ନାଏକ, ସୁଦାମ ନାଏକ, ପିଣ୍ଟୁ ଭୁଏ, କେସନ ଭୁଏ ପ୍ରମୁଖ ସହଯୋଗ କରିଥିଲେ।

# ଡେପୁଟେଶନରେ ଚାଲିଛି ଏଲ୍‌ଆଇ କେନ୍ଦ୍ର

**ବିନିକା,୧୧।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଏଲ୍‌ଆଇ କେନ୍ଦ୍ର ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏଠାରେ ନିଯୁକ୍ତ ଏଲ୍‌ଆଇ (ଲାଇଫ୍ ଷ୍ଟକ ଇନ୍ସପେକ୍ଟର) ଡେପୁଟେଶନରେ ନିଯୁକ୍ତ ହୋଇଥିବା ବିଭାଗୀୟ କର୍ତ୍ତୃପକ୍ଷ କହୁଥିଲେ ବି ତାଙ୍କର ଉପସ୍ଥିତି ଏଠାରେ ଅନୁଭୂତ ହେଉନାହିଁ। ଫଳରେ ଏହି କେନ୍ଦ୍ର ଉପରେ ନିର୍ଭର କରୁଥିବା ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବାବୁପାଲି ଓ ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ ୧୦ଟି ଗ୍ରାମର ସହସ୍ରାଧିକ ଚାଷୀ ବାଙ୍କିଘିର୍ଡି ଏଲଆଇ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଧାନଚାଷ ବ୍ୟତୀତ ସେମାନେ ଗାଈ, ମହିଷି, ଛେଳି, ମେଣ୍ଢା, କୁକୁଡା ଆଦି ପାଳନ କରିଥାନ୍ତି। ଏହି ଅଞ୍ଚଳରୁ ଦୈନିକ ୩ହଜାର ଲିଟରରୁ ଉର୍ଦ୍ଧ୍ୱ କ୍ଷୀର ଚାଷୀମାନେ ଉତ୍ପାଦନ କରିଥାନ୍ତି। ଚାଷୀମାନଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ବାଙ୍କିଘିର୍ଡି ସଂହାରଚିକ୍ରାଠାରେ ୪ବର୍ଷ ତଳେ ଏକ ଏଲ୍‌ଆଇ ସେଣ୍ଟର ଖୋଲିଥିଲା। ମାତ୍ର ଏଲଆଇ ପଦବୀ ପୂରଣ ହେଲାନାହିଁ। ଫଳରେ ଚାଷୀମାନେ ପାଳନ କରୁଥିବା ପ୍ରାଣୀସମ୍ପଦକୁ ଉଚିତ୍ ସମୟରେ ରୋଗ ପ୍ରତିଷେଧକ ଟୀକା ଦେବାଠାରୁ ଆରମ୍ଭ କରି ଚିକିତ୍ସା କରାଇବାରେ ସମସ୍ୟାର ସମ୍ମୁଖୀନ ହେଲେ। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ୧୦ମାସ ତଳେ ଏଠାରେ ଜଣେ ଏଲ୍‌ଆଇଙ୍କୁ ନିଯୁକ୍ତ ଦିଆଗଲା। ମାତ୍ର ପରେ ତାଙ୍କୁ ଜିଲା ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିୟୋଜିତ କରାଗଲା। ଅପରପକ୍ଷରେ କେହି ଦାୟିତ୍ୱରେ ନ ରହିବାରେ ଏହି ଏଲ୍‌ଆଇ କେନ୍ଦ୍ରର ଭିତ୍ତିଭୂମି ଇତ୍ୟବସରେ ଦୋହଲି ଯାଇଛି। ଅଫିସ ଘରର ଛାତ ଭାଙ୍ଗିରୁଜି ଯାଇଥିବା ବେଳେ ଗୋରୁ ଚିକିତ୍ସା କରାଯାଉଥିବା ଘରର ଆଜବେଷ୍ଟସ ଛାତରୁ ପାଣି ଝରୁଛି। ପାଚେରୀ ଭାଙ୍ଗିରୁଜି ଗଲାଣି। ବିନିକା ପଞ୍ଚାୟତ ସମିତି ବୈଠକରେ ବାଙ୍କିଘିର୍ଡି ଏଲଆଇ କେନ୍ଦ୍ର ଅବ୍ୟବସ୍ଥା ପ୍ରସଙ୍ଗ ଉଠିଥିଲା। ଏହି ବୈଠକରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଉପସ୍ଥିତ ଥିଲେ। ହେଲେ ଏ ଯାଏ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ସମସ୍ୟା ନେଇ ଏଠାରେ ନିଯୁକ୍ତ ଏଲଆଇ କିଶୋର ଭୋଇଙ୍କୁ ତାଙ୍କ ଫୋନ ନଂ ୯୯୩୮୮୯୮୮୯୮ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ। ଏନେଇ ଜିଲା ଅତିରିକ୍ତ ପ୍ରାଣୀଧନ ଅଧିକାରୀ ସୁନୀଲ ମହାପାତ୍ରଙ୍କୁ ପଚାରିବାରୁ ବାଙ୍କିଘିର୍ଡି କେନ୍ଦ୍ରରେ ନିୟୋଜିତ ଏଲଆଇଙ୍କୁ ଜିଲା କେନ୍ଦ୍ରକୁ ଅଣାଯିବା ପରେ ଏବେ କିଶୋର ଭୋଇଙ୍କୁ ଡେପୁଟେସନରେ ପଠାଯାଇଛି। ପ୍ରାଣୀ ସମ୍ପଦ ବିଭାଗରେ ଖାଲି ପଡିଥିବା ବିଭିନ୍ନ ପଦବୀ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ।



ଅବହେଳିତ ଅବସ୍ଥାରେ ପଡି ରହିଥିବା ବାଙ୍କିଘିର୍ଡି ଏଲଆଇ କେନ୍ଦ୍ର।

- ଅବ୍ୟବସ୍ଥାରେ ଚାଲିଛି ପ୍ରାଣୀ ଚିକିତ୍ସା
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚାଷୀ

### ଚାଷୀମାନେ ଯାହା କହନ୍ତି...



"ଛେଳି ଓ ଗୋରୁ ଚାଷ କରି ପେଟ ପୋଷୁଛି। ହେଲେ ଗୋରୁ ଦେହ ଖରାପ ହେଲେ କେହି ବୁଝିବାକୁ ନାହାଁ। ବହୁବର୍ଷ ହେଲାଣି ଏହି ଏଲଆଇ କେନ୍ଦ୍ର ଥାଇ ନ ଥିଲା ଭଳି ରହିଛି। କିଛିଦିନ ତଳେ ଫାଟୁଆ ରୋଗରେ ମୋର ୨ଗାଈ ଓ ୪ଟି ଛେଳି ମରିଗଲେ। ଗାଁଠାରୁ ୧୦କିମି ଦୂର ବିନିକା ଯାଇ ଗୋରୁଙ୍କୁ ଦେଖାଇବା ସମ୍ଭବ ହେଉନାହିଁ। ଏଣୁ ଏଠାରେ ତୁରନ୍ତ ଏଲ୍‌ଆଇ ନିଯୁକ୍ତ କରିବା ଜରୁରୀ ହୋଇ ପଡିଛି।"

-ସୁରେନ୍ଦ୍ର ଜୁଆଡି, ଚାଷୀ, ବାଙ୍କିଘିର୍ଡି



"ଗୋଚାଷ କରି ମୁଁ ଜୀବିକା ନିର୍ବାହ କରେ। ବର୍ତ୍ତମାନ ମୋର ୬ଟି ଯାଇ ଗାଈଙ୍କ ଦେହରେ ଘା ହୋଇ ଅସୁସ୍ଥ ହୋଇ ପଡିଛନ୍ତି। ମାତ୍ର ଏଠାରେ ଡାକ୍ତର କିମ୍ବା ଏଲଆଇ ନ ଥିବାରୁ ଚିକିତ୍ସା କରାଇ ପାରୁନାହିଁ। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଜରୁରୀ।"

-ତ୍ରିଲୋଚନ ନାଏକ, ସାରଙ୍ଗପାଲି

### କେନ୍ଦ୍ରୀୟ ବିଦ୍ୟାଳୟ-୨ର ନୂଆ କୋଠା ଉଦ୍‌ଘାଟିତ

**ସମ୍ବଲପୁର,୧୧।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ବୁର୍ଲାରେ ନବ ନିର୍ମିତ କେନ୍ଦ୍ରୀୟ ବିଦ୍ୟାଳୟ-୨ର ନୂଆ କୋଠାକୁ ଶୁକ୍ରବାର କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରିୟାଲ ନିଶଙ୍କ ଦିଲୀରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସ୍କୁଲ ପରିସରରେ ଅତିଥିଭାବେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ସମ୍ବଲପୁର ଅତିରିକ୍ତ ଜିଲାପାଳ ଲିଙ୍ଗରାଜ ପଣ୍ଡା, କେନ୍ଦ୍ରୀୟ ବିଦ୍ୟାଳୟ ଅତିରିକ୍ତ କମିଶନର ଟି.ପୁରେନା ରାଓ, ସଦସ୍ୟ ମୁରଲୀଧର ସାହୁ, ବିରଜ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ ଅଧ୍ୟକ୍ଷ ଗଣେଶ ପ୍ରଧାନ କହିଛନ୍ତି ଯେ, ୨୦୧୫ରୁ ସ୍କୁଲରେ ପାଠ ପଢା ହେଉଛି। ଏବେ ୩୭୩ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ସରକାର ଏହି ସ୍କୁଲ କ୍ୟାମ୍ପସ ପାଇଁ ୮ ଏକର ଜମି ଦେଇଛନ୍ତି। ୨ ମହଲା ବିଶିଷ୍ଟ ନୂଆ କୋଠାରେ ୪୫ଟି କୋଠରି ରହିଛି। ଏଥିପାଇଁ ୧୬.୪୭ କୋଟି ବ୍ୟୟ ହୋଇଛି। ଏଠାରେ ୧୨୦୦ ଛାତ୍ରୀଛାତ୍ର ଯେଭଳି ପାଠ ପଢି ପାରିବେ ସେ ଲକ୍ଷ୍ୟ ରହିଛି।

# ଅଣ୍ଡା ଏକ ଶୁଦ୍ଧ, ସ୍ୱଳ୍ପ ମୂଲ୍ୟଯୁକ୍ତ ଖାଦ୍ୟ

**ସୋନପୁର, ୧୧।୧୦ (ନି.ପ୍ର.)**

ଅଣ୍ଡା ଏକ ଶୁଦ୍ଧ ଏବଂ ସ୍ୱଳ୍ପ ମୂଲ୍ୟଯୁକ୍ତ ଖାଦ୍ୟ। ଯେଉଁଥିରେ ପୋଷକ ତତ୍ତ୍ୱ ପୂର୍ଣ୍ଣମାତ୍ରାରେ ଉପଲବ୍ଧ ଥାଏ। ଯାହାକୁ ସାଧାରଣ ଲୋକ ସହଜରେ କିଣି ପାରିବ ବୋଲି ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା କହିଛନ୍ତି। ଜେନା ଆହୁରି କହିଥିଲେ ଯେ, ଭାରତରେ ଜଣେ ବ୍ୟକ୍ତି ବର୍ଷକୁ ୬୩ଟି ଅଣ୍ଡା ଖାଇଥାଏ। କିନ୍ତୁ ଜଣେ ବ୍ୟକ୍ତିର ସନ୍ତୁଳିତ ଖାଦ୍ୟରେ ୧୮୦ଟି ଅଣ୍ଡା ରହିବା ଉଚିତ। ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ପ୍ରଶାନ୍ତ ଶତପଥୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଅଣ୍ଡାରେ ଭିଟାମିନ, ଖଣିଜ ପଦାର୍ଥ ଏବଂ ପୁଷ୍ଟିସାର ଭଳି ମହତ୍ତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱ ମିଳିଥାଏ। ଅଣ୍ଡାରେ ଭିଟାମିନ ଏ, ଡି ଥିବା କାରଣରୁ ଦୃଷ୍ଟିଶକ୍ତି ବଢ଼ାଇବା ସହିତ ସୁସ୍ଥ ହାଡ ଓ ଦାନ୍ତ ଗଠନ କରେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁନୀଲ କୁମାର ମହାପାତ୍ର ଏଥିରେ ଯୋଗଦେଇ ଅଣ୍ଡାର ଚାହିଦା ସବୁବେଳେ ଅଛି। ଗ୍ରାମାଞ୍ଚଳରେ ଲୋକେ ଘର ଅଗଣାରେ ବନାରାଜ କୁକୁଡା ପାଳନ କଲେ ଅଣ୍ଡା ଓ ମାଂସ ବିକ୍ରି କରି ଆତ୍ମନିର୍ଭରଶୀଳ ହୋଇପାରିବେ। ପ୍ରାଣୀ ସମ୍ପଦ ବିଭାଗର ଜିଲା ପ୍ରଶିକ୍ଷଣ ସଂଯୋଜକ ଡା. ଭୁବନାନନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଡା. ସିପ୍ରାରାଣୀ ମହାପାତ୍ର, ରଜନୀକାନ୍ତ ସେନାପତି, ବିଶ୍ୱଜିତ ସରାଫ ଓ ଅକୁର ବିଶି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।




ବିଶ୍ୱ ଅଣ୍ଡା ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

# ୧୨ରୁ ହରଗୌରୀ ଯାତ୍ରା

**ସୋନପୁର, ୧୧।୧୦ (ନି.ପ୍ର.)**

ହରଗୌରୀ ଯାତ୍ରା କମିଟି ଓ ବୁଢ଼ୀମା ଯୁବକ ସଂଘ ଢ଼େରାପଡା ପକ୍ଷରୁ ସୁବର୍ଣ୍ଣପୁରର ପ୍ରସିଦ୍ଧ ହରଗୌରୀ ଯାତ୍ରା ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ୨୦ ତାରିଖରେ ଏହି ଯାତ୍ରା ସରିବ ବୋଲି କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଶନିବାର ରାତିରେ ଗୌରୀ ନିମନ୍ତ୍ରଣ କାର୍ଯ୍ୟକ୍ରମ ରହିଛି। ସୋମବାର ସନ୍ଧ୍ୟାରେ ହର ନିମନ୍ତ୍ରଣ ଓ ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ଶିବ ସହସ୍ରାନାମ, ରୁଦ୍ରାଭିଷେକ ଓ ମହାପୂଜା, କୁମକୁମ ପୂଜା ଦେବାଙ୍ଗ ସମ୍ପ୍ରଦାୟର ପାରମ୍ପରିକ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ। ପୂଜା ମଣ୍ଡପ ଓ ସାଂସ୍କୃତିକ ମଣ୍ଡପକୁ ପଲିଥିନ ମୁକ୍ତ କରାଯିବ ବୋଲି କମିଟି ସମ୍ପାଦକ ଜନ୍ମେଜୟ ପାତ୍ର କହିଛନ୍ତି। ଯାତ୍ରା ଅବସରରେ ଲୋକନୃତ୍ୟ, ଲୋକ ସଙ୍ଗୀତ ଓ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ ହେବ। ନଗର ପରିକ୍ରମା ଶୋଭାଯାତ୍ରାରେ ଆଦିବାସୀ ନୃତ୍ୟ, ରଙ୍ଗି ମେଲୋଡି, ଯୋଡିଶଙ୍ଖ, ବାଘ ନାଚ ଓ ଅନ୍ୟାନ୍ୟ ପାରମ୍ପରିକ ଲୋକବାଦ୍ୟ ଓ ନୃତ୍ୟ ପରିବେଷଣ କରାଯିବ ବୋଲି କମିଟି ସଭାପତି ଦିଲୀପ କୁମାର ପାତ୍ର, ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି, ଉପଦେଷ୍ଟା ସହଦେବ ପାତ୍ର, ଉପସଭାପତି ଆନନ୍ଦ ପାତ୍ର ଓ ସହସମ୍ପାଦକ ସତ୍ୟନାରାୟଣ ରାଓ ସୂଚନା ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ପୂଜା କମିଟି କର୍ମକର୍ତ୍ତା ସୂଚନା ଦେଉଛନ୍ତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
Mahaveer Nagar, Lewis Road, Bangalore
9736683901
8859983504

ଧମାକା! ଦୀପାବଳି ଧମାକା!
Hindustan Finance
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କେଟିଂ, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

ଦୀପାବଳି ଧମାକା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କେଟିଂ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଲୋନ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO 165, Second Floor, Vishal Tower, Connaught Place, Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
9911473748
Add.: 41/14, Sec-1 Pushp Vihar Delhi

SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କେଟିଂ, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMANISAHI, NATAGANH

1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD.
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କେଟିଂ, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
9499135756
B-347 A Block Vijay Enclave Burari, New Delhi

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ମହିଳା / ପୁରୁଷ / ବେରୋଜଗାରୀ
8586970773
9717483267

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି।
ବାବା ଆମିଲ ସୁଫି
9540938429
9903852257

ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
9911786155
9911786154

BUSINESS

Telnet Towers Co.
ଡିଜିଟାଲ
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

DHARITRI Career appointment Every Wednesday and Saturday

GTL Telecom Network Company
9348700276
8676907143

Tower Vision Network Company
9452940480
9813608775

All India Tower
7838639856

Hi-Tech Tower Company
08965940902
07354640679

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287945770

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୨ ଅକ୍ଟୋବର, ୨୦୧୯



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ପୂର୍ତ୍ତ ବିଭାଗ ରାସ୍ତା ଖାଲଖମା

ପଦ୍ମପୁର, ୧୧।୧୦ (ଡି.ଏନ.ଏ)
ପଦ୍ମପୁର ସହରର ବିଦ୍ୟୁତ ବିଭାଗ ଅଫିସ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, କ୍ଷୁଦ୍ର ଜଳସେଚନ ଯୋଜନା ଡିଭିଜନ କାର୍ଯ୍ୟାଳୟ ସଂଲଗ୍ନ ରାସ୍ତାଗୁଡିକ ନିମ୍ନମାନର ତିଆରି ହୋଇଥିବାରୁ ଖାଲଖମା ହୋଇଗଲାଣି । ରାସ୍ତା ପାର୍ଶ୍ୱରେ ଲାଗିଥିବା ପ୍ଲେଟ ଗୁଡିକ ଉଠିଗଲାଣି । ଭେଉଁରିଆ ଛକରୁ ଥାନା ଛକ ଓ ପିଏଚଡି ଅଫିସ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।

### ନାଟକ ମଞ୍ଚସ୍ଥ, ଭସାଣି ଉତ୍ସବ ସମ୍ପନ୍ନ

ମନମୁଣ୍ଡା, ୧୧।୧୦ (ଡି.ଏନ.ଏ)
ଦୁର୍ଗାପୂଜା ଅବସରରେ ବୌଦ୍ଧ ଜିଲା ଆଦିବାସୀ ଅଧୁଷିତ ଶଗଡାରେ ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦ ତରଫରୁ ଗୁରୁବାର ରାତିରେ 'ଦ୍ରୌପଦୀ ଲେଖୁଛି ମହାଭାରତ' ନାଟକ ମଞ୍ଚସ୍ଥ ହୋଇଛି। ଦିଲୀପ ବିଶ୍ୱାଳଙ୍କ ରଚିତ ଏବଂ ହରିଶ କୁମାର ନାୟକଙ୍କ ନିର୍ଦ୍ଦେଶନାରେ ଏହି ସାମାଜିକ ନାଟକରେ ସ୍ଥାନୀୟ ସୌଖିନ କଳାକାରମାନେ ନିଖୁଣ ଅଭିନୟ କରିଥିଲେ । ସେହିପରି ସନ୍ଧ୍ୟା ସମୟରେ ଦେବୀ ଦୁର୍ଗାଙ୍କ ମେଢ଼କୁ ଏକ ଶୋଭାଯାତ୍ରାରେ ନେଇ ବାଘ ବ୍ୟାରେଜରେ ବିସର୍ଜନ କରାଯାଇଥିଲା ।



### ୩ ବର୍ଷ ହେଲା ନଳକୂଅ ଚାନ୍ଦିନି ନାହିଁ

ଘଣ୍ଟାପଡା, ୧୧।୧୦ (ଡି.ଏନ.ଏ)
କନ୍ଧମାଳ ବ୍ଲକ ଉମା ପଞ୍ଚାୟତର ଚୁଡିବାହାଲି ଗ୍ରାମର ମୁଖ୍ୟପଡାରେ ୧୪ଟି ପରିବାରର ୫୦ଜଣ ଲୋକ ରହୁଛନ୍ତି । ତିନିବର୍ଷ ହେବ ପଡାରେ ନଳକୂଅଟିଏ ଖୋଳା ଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ଚାନ୍ଦିନୀ ନିର୍ମାଣ ହୋଇପାରିନି । ନଳକୂଅ ଚାରିପଟେ ଅନାବନା ଗଛଲତା ଭରି ରହିଛି । ପାଖ ଜମିରୁ ମଇଳା ପାଣି ଆସି ନଳକୂଅକୁ ଘେରି ରହୁଛି । ଏପରି ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ନଳକୂଅର ଚାନ୍ଦିନୀ ନିର୍ମାଣ କରିବା ନେଇ ଗ୍ରାମବାସୀ ଦାବି କରିଛନ୍ତି ।

### ବନବାସୀ କଲ୍ୟାଣ ଆଶ୍ରମର ବୈଠକ

ଘଣ୍ଟାପଡା, ୧୧।୧୦ (ଡି.ଏନ.ଏ)
କନ୍ଧମାଳ ବ୍ଲକ ଘଣ୍ଟାପଡା ସ୍ଥିତ ଶିବ ମନ୍ଦିର ପରିସରରେ ଶୁକ୍ରବାର ବନବାସୀ କଲ୍ୟାଣ ଆଶ୍ରମ ବୌଦ୍ଧ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆସନ୍ତା ୨୭ ତାରିଖରେ ବାର୍ଷିକ ଖେଳ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଆଲୋଚନା ହୋଇଥିଲା। ଜଳନ୍ଧର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲ୍ୟାଣ ଆଶ୍ରମର ମିଟକୁ ମଲିକ, ବିକ୍ରମ ସିଂ କହଁର, ସୁଦାମ ଦେହୁରୀ, ଯାଦବ ସାହୁ, ସୁଶାନ୍ତ ସାହୁ, ବିଷ୍ଣୁଚରଣ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ତେଜାଗୋଲା ଛାତ୍ରାବାସକୁ ସହାୟତା

ବରଗଡ଼ ଅଫିସ୍/ଭଟଲି, ୧୧।୧୦
ହାଇଦ୍ରାବାଦସ୍ଥିତ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଅଗ୍ରଣୀ ସଙ୍ଗଠନ ପଶ୍ଚିମ ଓଡ଼ିଶା ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ (ଓସାକା)ର କର୍ମକର୍ତ୍ତାମାନେ ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ତେଜାଗୋଲାର ବରଗଡ଼ ଏଜୁକେଶନାଲ ହଷ୍ଟେଲ ପରିଦର୍ଶନ କରିଥିଲେ । ଚଳିତବର୍ଷ ଓସାକା ଅନୁଷ୍ଠାନ ପକ୍ଷରୁ ହାଇଦ୍ରାବାଦରେ ନୂଆଖାଇ ଭେଟ୍‌ଘାଟ୍ ଅବସରରେ ହୋଇଥିବା ପଶ୍ଚିମ ଓଡ଼ିଶାର ହାଟ୍ କାର୍ଯ୍ୟକ୍ରମର ଲାଭାଂଶକୁ ଏକ ଅନାଥାଶ୍ରମକୁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି କ୍ରମରେ ଓସାକା ଅନୁଷ୍ଠାନର କେ. ତମନ୍ନା, ମନୋଜ ପ୍ରଧାନ, ଶିବାନୀ ପଣ୍ଡା ପ୍ରମୁଖ ସେବାଶ୍ରମକୁ ଯାଇ ୨ଟି ୱାଟର ପ୍ୟୁରିଫାୟର ଏବଂ ଅନ୍ୟ ଦୈନନ୍ଦିନ ଉପଯୋଗୀ ସାମଗ୍ରୀ ପ୍ରଦାନ କରିଥିଲେ ।

# ୧୨୪ ଚାଷୀଙ୍କୁ ମିଳିନି ବୀମାରାଶି

ପଦ୍ମପୁର, ୧୧।୧୦ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଲଖମରା ପ୍ରାଥମିକ କୃଷି ଋଣ ସମବାୟ ସମିତି (ପ୍ୟାକ୍ସ) ଅଧୀନ ବିଭିନ୍ନ ଗ୍ରାମର ପ୍ରାୟ ୧୨୪ ଜଣ ଚାଷୀ ଫସଲ ବୀମା ରାଶି ପାଇବାରୁ ବଞ୍ଚିତ ହୋଇଛନ୍ତି । ଏହାର ପ୍ରତିବାଦରେ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏହି କ୍ରମରେ ଶୁକ୍ରବାର ସାପଲହର ବଜାର ପ୍ରାଙ୍ଗଣରେ ଚାଷୀମାନଙ୍କର ଏକ ସମାବେଶ ହୋଇଥିଲା। ଏଥିରେ ଚାଷୀନେତା ଦୈତାରୀ ପ୍ରଧାନ, ଗଗନ ବାରିକ, ଅଖିଳ ନେଗୀ, ସୁଶାନ୍ତ ସାହୁ, ଦୟାସାଗର ପ୍ରଧାନ, ମିତ୍ରଭାନୁ ସାହୁ, ଋଷି ପାତ୍ର, ଭୀଷ୍ମଦେବ ବାରିକ, କେଶବ ସାହୁ, ଗଜରାଜ ଡନସନା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉକ୍ତ ପ୍ୟାକ୍ସ ଅଧୀନରେ ଥିବା ପ୍ରାୟ ଅଧିକାଂଶ ଚାଷୀ ୨୦୧୭-୧୮ର ଫସଲ ବୀମା ରାଶି ପାଇଛନ୍ତି । ତେବେ ବୀମା କମ୍ପାନୀର ଖାମଖିଆଲି ନୀତି ପାଇଁ ୧୨୪ ଜଣ ଚାଷୀ ବଞ୍ଚିତ ଅଛନ୍ତି । ସମବାୟ ଓ ବୀମା କମ୍ପାନୀ ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତେଣୁ ବୀମା ରାଶି ପାଇବା ପାଇଁ ସମବାୟ ସମିତି ଓ ବୀମା କମ୍ପାନୀକୁ ଜଣାଇ ଦିଆଯିବ । ଯଦି ବୀମାରାଶି ନ ମିଳେ ତେବେ ଆଗାମୀ ଦିନରେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି ।



ସାପଲହର ବଜାର ପ୍ରାଙ୍ଗଣରେ ଚାଷୀମାନଙ୍କ ବୈଠକ ଚାଲିଛି ।

**ଦାବି ପୂରଣ ନ ହେଲେ ଆନ୍ଦୋଳନ**

▪ ଯୋଜନ ଦୂରରେ ମୋ ସରକାର ଯୋଜନା

## ଏତଲାର ୭ ଦିନ ପରେ ବି ପଞ୍ଜୀକରଣ ହୋଇନି

ଅମ୍ବାଭୋନା, ୧୧।୧୦(ଡି.ଏନ.ଏ.)

ଓଡିଶାରେ ସ୍ୱଚ୍ଛ ଓ ନିର୍ମଳ ଶାସନ ଚାଲିଥିବା ରାଜ୍ୟ ସରକାର କହୁଥିବା ବେଳେ ବରଗଡ ଜିଲା ସୀମାନ୍ତ ଅମ୍ବାଭୋନା ଥାନାରେ ଯୋଜନ ଦୂରରେ ରହିଛି ମୋ ସରକାର ଯୋଜନା। ଅକ୍ଟୋବର ୪ରେ ହୋଇଥିବା ଏକ ଅଭିଯୋଗ ସପ୍ତାହ ପରେ ବି ପଞ୍ଜୀକରଣ ନ ହେବା ମୋ ସରକାର ଯୋଜନାର ବିଫଳତାକୁ ପଦାରେ ପକାଇ ଦେଇଛି। ସାନଦଲ୍ଲିପାଲି ଗାଆଁରେ ମଦ ବିକ୍ରିକୁ ପ୍ରତିବାଦ କରିବାରୁ ଅଭିଯୋଗକାରୀଙ୍କୁ ମାରିଦେବା ସହ ପେଟ୍ରୋଲ ଢ଼ାଳି ଘର ପୋଡି ଦେବାକୁ ଧମକ ଦିଆଯାଇଛି। ଏ ନେଇ ପଦ୍ମନ ଘୋସି ଅମ୍ବାଭୋନା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଯାଏ କୌଣସି ତଦନ୍ତ ହୋଇନାହିଁ । ଏ ନେଇ ଟୋଲ ଫ୍ରି ନଂ. ୧୪୫୪୫ରେ ଜଣାଇବାରୁ ଖୁବ ଶୀଘ୍ର ଅଭିଯୋଗ ପଞ୍ଜୀକରଣ ହେବ ବୋଲି ପ୍ରତିଶ୍ରୁତି ମିଳିଛି । ଏ ନେଇ ଅମ୍ବାଭୋନା ଥାନାଧିକାରୀ ଆଲୋକ ବେହେରାଙ୍କୁ ପଚରାଯିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହ କରାଯିବ ବୋଲି କହିଥିଲେ ।

## ମୂର୍ତ୍ତି ବିସର୍ଜନ ପରେ ସଫେଇ ଅଭିଯାନ

ବରଗଡ଼ ଅଫିସ୍, ୧୧।୧୦
ଶାରଦୀୟ ଦୁର୍ଗାପୂଜା ସରିବା ପରେ ବିଭିନ୍ନ ମଣ୍ଡପରେ ପଡ଼ିଥିବା ମଇଳା, ଆବର୍ଜନା ସଫେଇ ପାଇଁ ବରଗଡ଼ ଜିଲା ଅମଲିପାଲିର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦର ଆଣ୍ଡ ମଦର ଅଭିଯାନ ଆରମ୍ଭ କରିଛି । ଏହି କ୍ରମରେ ବରଗଡ଼ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାର ପୂଜା ମଣ୍ଡପ ଓ ପଡ଼ାର ବିଭିନ୍ନ ଗଳିରେ ରହିଥିବା ମଇଳା, ଆବର୍ଜନା ସଫା କରାଯାଇଛି । ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଡ଼ାବାସୀ ସହଯୋଗ କରିଥିଲେ ।

## ଉପନିର୍ବାଚନ ପୂର୍ବରୁ ୧୯ଲକ୍ଷ ଜବତ

ବରଗଡ଼ ଅଫିସ/ବରପାଲି, ୧୧।୧୦
ବରଗଡ଼ ଜିଲା ବିଜେପୁର ଉପ ନିର୍ବାଚନ ଆସନ୍ତା ୨୧ତାରିଖରେ ଅନୁଷ୍ଠିତ ହେବ। ନିର୍ବାଚନକୁ ଅବାଧ, ନିରପେକ୍ଷ ଭାବେ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହାତକୁ ନିଆଯାଇଛି। ଏହି କ୍ରମରେ ଗୁରୁବାର ବିଳମ୍ବିତ ରାତ୍ରିରେ ବରପାଲି ନାକାପୋଷ୍ଟରେ ଗାଡ଼ିମୋଟର ଯାଞ୍ଚବେଳେ ଏକ କାର୍‌ରୁ ୧୯ଲକ୍ଷ ଟଙ୍କା ଜବତ ହୋଇଛି । କାର୍‌ଟି ଛତିଶଗଡ଼ର ଜଣେ ବ୍ୟବସାୟୀ ପରାଗ ଅଗ୍ରୱାଲଙ୍କ ବୋଲି ସୂଚନା ମିଳିଛି। ସେ ବ୍ୟବସାୟିକ କାମରେ ଟଙ୍କା ଧରି ଯାଉଥିଲେ ବୋଲି ପୋଲିସକୁ ବୟାନ ଦେଇଛନ୍ତି। ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କୁ କାର୍ ସହିତ ଛାଡ଼ି ଦେଇଥିବା ବେଳେ ଜବତ ଟଙ୍କାକୁ ବରପାଲି ବିଡ଼ିଓ ସତ୍ୟନାରାୟଣ ମେହେରଙ୍କ ଜିମା ଦେଇ ଅଧିକ ତଦନ୍ତ କରୁଛି ।

## ବିଜେପୁର ଉପନିର୍ବାଚନ: ମାଇକ୍ରୋ ଅବଜର୍ଭରଙ୍କୁ ପ୍ରଶିକ୍ଷଣ

ବରଗଡ଼ ଅଫିସ୍, ୧୧।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନେତାଙ୍କ ଭଳି ପ୍ରଶାସନିକସ୍ତରରେ ମଧ୍ୟ ସେଭଳି ତତ୍ପରତା ପରିଲକ୍ଷିତ ହୋଇଛି। ନିର୍ବାଚନକୁ ଶୃଙ୍ଖଳିତ, ଅବାଧ ଓ ନିରପେକ୍ଷ ଭାବେ ଶେଷ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଉପନିର୍ବାଚନରେ ନିୟୋଜିତ ହେବାକୁ ଥିବା ମାଇକ୍ରୋ ଅବଜର୍ଭରଙ୍କ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସାଧାରଣ ପର୍ଯ୍ୟବେକ୍ଷକ ଅବିନାଶ ଲାଭାନିଆ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ପ୍ରମୁଖ କର୍ମଶାଳାରେ ଉପସ୍ଥିତ ରହି ମାଇକ୍ରୋ ଅବଜର୍ଭରଙ୍କୁ ନିର୍ବାଚନ ପରିଚାଳନା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।



ପ୍ରଶିକ୍ଷଣ କର୍ମଶାଳାରେ ସାଧାରଣ ପର୍ଯ୍ୟବେକ୍ଷକ ଓ ଅନ୍ୟମାନେ ।

### କ୍ରିକେଟ: ଶିକ୍ଷକ ଏକାଦଶ ବିଜୟୀ

ପଦ୍ମପୁର, ୧୧।୧୦ (ଡି.ଏନ.ଏ)
ପଦ୍ମପୁର ଉପଖଣ୍ଡ ସାପଲହର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶିକ୍ଷକ ଏକାଦଶ ଓ କଦଳୀମୁଣ୍ଡା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଶିକ୍ଷକ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୫ ଓଭର ୧୧୧ରନ କରିଥିଲା। ଜବାବରେ କଦଳୀମୁଣ୍ଡା ଏକାଦଶ ୯ ଓଭରରେ ମାତ୍ର ୪୯ ରନ କରି ପରାଜିତ ହୋଇଥିଲା । ଏମଡି ସହୀର ୪୯ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିଞ୍ଚ ପ୍ରଧାନଙ୍କଠାରୁ ପୁରସ୍କୃତ ହୋଇଥିଲେ। ବରିଷ୍ଠ ଶିକ୍ଷକ ତଥା କ୍ରିକେଟ ଖେଳାଳି ଆଜିର ମ୍ୟାଚ ସହ ୧୦୦ଟି ମ୍ୟାଚ ଖେଳି ସାରିଥିବାରୁ ତାଙ୍କୁ ଶିକ୍ଷକ ନୃପରାଜ ବରିହା ସମ୍ମାନିତ କରିଥିଲେ । ବିନନ୍ଦ ମହାକୁର ଓ ଅଭିଷେକ ବୈକାର ଖେଳ ପରିଚାଳନା କରିଥିବା ବେଳେ ସଂଗ୍ରାମ ବରିହା ଓ ନାରାୟଣ ବରିହା ସ୍କୋରିଂ କରିଥିଲେ । ହୃଦାନନ୍ଦ ବଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭସାଣି ସହ ଶେଷ ହେଲା ଦୁର୍ଗାପୂଜା

କନ୍ଧମାଳ, ୧୧।୧୦(ଡି.ଏନ.ଏ)

ବୌଦ୍ଧ ଜିଲା କନ୍ଧମାଳରେ ଶାରଦୀୟ ଦୁର୍ଗାପୂଜା ଭସାଣି ସହ ଶୁକ୍ରବାର ଶେଷ ହୋଇଛି। ବୁଧବାର ବସଷ୍ଟାଣ୍ଡ୍ ଦୁର୍ଗାପୂଜା କମିଟି ତରଫରୁ ଧୁମ୍‌ଧାମରେ ଭସାଣି ଶୋଭାଯାତ୍ରା କରାଯାଇଥିଲା। ବ୍ଲକଛକ ଦୁର୍ଗା ମଣ୍ଡପରେ ବୁଧବାର ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ନାମଯଜ୍ଞରେ ଆଖପାଖ ଗାଁର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗୁରୁବାର ନାମଯଜ୍ଞ ପୂର୍ଣ୍ଣାହୁତି ହେବା ପରେ ଶୁକ୍ରବାର ଦୁର୍ଗାପୂଜା ମଣ୍ଡପରୁ ମାଁଙ୍କୁ ଭସାଣି ପାଇଁ ଶୋଭାଯାତ୍ରାରେ ନିଆଯାଇଥିଲା। ଭସାଣି ଶୋଭାଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ବିସର୍ଜନ ସହ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ଚାଲିଥିବା ରୀତିନୀତି ଓ ଭକ୍ତଙ୍କ ଗହଳି ଶେଷ ହୋଇଛି । ପୂଜା କମିଟି ସଭାପତି ସୁରେଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର ବିଶି, ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ପାଢୀ, ଦୃତିଆ ଚରଣ ସାହୁ, ଦୁଃଶାସନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



କନ୍ଧମାଳ ବସ୍‌ଷ୍ଟାଣ୍ଡରେ ନିର୍ମିତ ଦୁର୍ଗା ମୂର୍ତ୍ତିଙ୍କ ଭସାଣି ଶୋଭାଯାତ୍ରା ଚାଲିଛି ।

## ବେହାଲ ପତ୍ରାପାଲି-ଡୁଙ୍ଗୁରୀପାଲି ରାସ୍‌ତା

ଜାମଟିକ୍ରା, ୧୧।୧୦ (ଡି.ଏନ୍.ଏ.)
ଅତାବିରା ବ୍ଲକ ବୁଗବୁଗା ପଁଚେତ୍ ପତ୍ରାପାଲି ଛକରୁ ଭେଡ଼େନ ବ୍ଲକ ଡୁଙ୍ଗୁରିପାଲି ଛକକେ ସଂଯୋଗ କରୁଥିବାର ରାସ୍‌ତା ବହୁତ୍ ଦିନ ହେଲା ଖରାପ ଅବସ୍‌ତାରେ ପଡ଼ିରହିଛେ । ଇ ରାସ୍‌ତାରେ ଫିଦିନ ହଜାର ହଜାର ଲୋକ୍ ଯିବାର ଆଏବାର କରୁଛନ୍। ହେଲେ ମରାମତି ଅଭାବୁ ଅଲପ୍ ବରଷାରେ ବି ରାସ୍‌ତାରେ ପାଏନ୍ ଜମି ଆଁଠେ କାଦୋ ହେଉଛେ । ଯେନ୍‌ଥିରଲାଗି ସମିଆ ଅସମିଆରେ ଆମ୍ବୁଲାନ୍ସ, ନିଆଁଲିଭା ଗାଡ଼ି ଲେଖେଁ ଜରୁରୀ ସେବାରୁ ଅଂଚଲବାସୀ ବଁଚିତ୍ ହେଉଥିବାର ଅଭିଯୋଗ ହେଉଛେ। ଅଂଚଲବାସୀ ରାସ୍‌ତାର ମରାମତି ଲାଗି ବିଭାଗୀୟ ଅଧିକାରୀଙ୍କୁଁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ଦିଗେ ଜିଲା ପରଶାସନ ଆର ବିଭାଗୀୟ ଉଚ କତ୍ତୁରପକ୍ଷ ଦୁରୁଷ୍‌ଟି ଦେଇ ରାସ୍‌ତା ମରାମତି କରବାକେ ଅଂଚଲବାସୀ ଦାବି କରିଛନ୍।



କାଦୋ ସରସର ପତ୍ରାପାଲି-ଡୁଙ୍ଗୁରୀପାଲି ରାସ୍‌ତା।

## ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

ବରଗଡ଼ ଅଫିସ୍, ୧୧।୧୦
ବରଗଡ଼ ଜିଲା ଶରଧାପାଲି ଗ୍ରାମରେ ଶୁକ୍ରବାର ଭାଲୁ ଆକ୍ରମଣରେ ଜଣେ ଚାଷୀ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ଉକ୍ତ ଗ୍ରାମର ମଧୁ ରୋହିଦାସ(୪୫)। ସେ ସକାଳୁ ଚାଷଜମିକୁ ପାଣି ମଡ଼ାଇବାକୁ ଯାଇଥିବା ବେଳେ ଗୋଟିଏ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା । ଫଳରେ ତାଙ୍କ କାନ୍ଧ, ଜଙ୍ଘ ସମେତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ତାଙ୍କୁ ଭର୍ତ୍ତି କରାଯାଇଛି ।

# ଜମୁଛି ପ୍ରଚାର, ସଭା ସମିତିରେ ନେତାଏ ବ୍ୟସ୍ତ



ବିଜେପୁର ହର୍ଟିକଲଚର ପରିସରରେ ବିଜେଡିର ବୈଠକ ଚାଲିଛି ।



ମାଝୀପାଲିରେ ପଥପ୍ରାନ୍ତ ସଭାରେ କଂଗ୍ରେସ ପ୍ରାର୍ଥୀ ଆଲୋଚନା କରୁଛନ୍ତି ।

ବିଜେପୁର, ୧୧।୧୦ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଉପନିର୍ବାଚନ ବାଜି ମାରିବାକୁ ତିନି ପ୍ରମୁଖ ଦଳ ମଧରେ ତତ୍ପରତା ପ୍ରକାଶ ପାଇଛି । ଏହି କ୍ରମରେ କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡା ବିଜେପୁର ନିର୍ବାଚନ ମଣ୍ଡଳୀର ଗାଁ ଗାଁ ବୁଲି ମାରାଥନ ପ୍ରଚାର କରିଛନ୍ତି । ବିଜେପୁର ଏନଏସି ସଦର ମହକୁମାରୁ ବାହାରି ବରମୁଣ୍ଡା, ଏମ. ଶ୍ରୀଗିଡା, ତାଳପଦର, ପୁଞ୍ଜିପଥର, ମାଝୀପାଲି, ନୂଆଁପାଲି, କମଳପଦର, କୁଣ୍ଡାଖାଇ, ବୁରୋମୁଣ୍ଡା ଆଦି ବିଭିନ୍ନ ଗ୍ରାମରେ ପ୍ରାର୍ଥୀ ପଣ୍ଡା ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ । ଏହା ସହ ଗ୍ରାମର ବିଭିନ୍ନ ଛକରେ ମତଦାତାଙ୍କ ସହ ପଥପ୍ରାନ୍ତ ଆଲୋଚନା କରି ନିର୍ବାଚନରେ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ । ଜଗନ୍ନାଥ ପଧାନ, ମହେନ୍ଦ୍ର ବିଶ୍ୱାଳଙ୍କ ସମେତ ସ୍ଥାନୀୟ କର୍ମୀଗଣ ପ୍ରାର୍ଥୀଙ୍କ ସହ ସାମିଲ ହୋଇଥିଲେ । ସେହିପରି କଂଗ୍ରେସର ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଯଜ୍ଞେଶ୍ୱର ବାବୁ, ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଜିଲା ପରିଷଦ ଜୋନସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଯୁବ, ବରିଷ୍ଠ ମତଦାତାଙ୍କୁ ନେଇ ଆୟୋଜିତ ଏହି ବୈଠକରେ କଂଗ୍ରେସ ଦଳକୁ ମତଦାତାଙ୍କ ନିକଟତର ହେବାକୁ ବିଭିନ ରଣକୌଶଳ ଉପରେ ଆଲୋଚନା କରାଯାଇଥିଲା। ବୁଥସ୍ତରରୁ କଂଗ୍ରେସ ଦଳକୁ ମଜଭୁତ କରିବା ପାଇଁ ବିଭିନ୍ନ ଆଲୋଚନା ହୋଇଥିଲା । ବିଜେପୁର ଏନଏସି ସମେତ ବୁଡାପାଲି, ସମଲାଇପଦର, ଜାରିଂ, ସୁରୁବାଲି, ଚାରପାଲି ଆଦି ୮ଟି ପଞ୍ଚାୟତର ମତଦାତା, କର୍ମୀ ବୈଠକରେ ଯୋଗ ଦେଇଥିଲେ । ସେହିପରି ବିଜେଡି ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଦଳୀୟ ନେତା, ବିଧାୟକ, ମନ୍ତ୍ରୀମାନଙ୍କୁ ବିଭିନ୍ନ ପଞ୍ଚାୟତ ସମେତ ବିଜେପୁର ଓ ବରପାଲି ଏନଏସି ଦାୟିତ୍ୱ ନ୍ୟସ୍ତ ହୋଇଛି । ସମ୍ପୃକ୍ତ ନେତାମାନେ ସେହି ପଞ୍ଚାୟତର କର୍ମୀମାନଙ୍କ ସହ ଆଲୋଚନା କରି ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । ଯୁବ ମତଦାତାଙ୍କ ଭୋଟ ହାତେଇବାକୁ ବିଭିନ୍ନ ସ୍ଥାନରେ ବୈଠକ ଚାଲିଛି । ଏହି କ୍ରମରେ ଶୁକ୍ରବାର ସ୍ଥାନୀୟ ହର୍ଟିକଲଚର ପରିସରରେ ଯୁବ ବିଜେଡିର ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ, ବିଧାୟକ ରୋହିତ ପୂଜାରୀ, ଜିଲା ଉପସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଏମ. ଶ୍ରୀଗିଡାରେ ଶୁକ୍ରବାର ସନ୍ଧ୍ୟାରେ ପଞ୍ଚାୟତସ୍ତରୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ସଞ୍ଜୟ ବାବୁଙ୍କ ନେତୃତ୍ୱରେ ଅର୍ଜୁନ ସା, ରବି ଜେନାଙ୍କ ସମେତ ଏମ. ଶ୍ରୀଗିଡା, ଝାଙ୍କର ଶ୍ରୀଗିଡା, ଝିଲ୍ଲୀ, ବଲଣ୍ଡା ଗ୍ରାମର ବହୁ କର୍ମୀ ସାମିଲ ହୋଇଥିଲେ ।

**ବିଜେପୁର ଉପନିର୍ବାଚନ**

### ବୁର୍ଦ୍ଧାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଭେଡ଼େନ, ୧୧।୧୦ (ଡି.ଏନ.ଏ)
ଭେଡ଼େନ ବ୍ଲକ ବୁର୍ଦ୍ଧାଠାରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂସ୍ଥା ତରଫରୁ ଗୁରୁବାର ସନ୍ଧ୍ୟାରେ ଷଷ୍ଠ ଦଶହରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂସ୍ଥାର ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭେଡ଼େନ ବିଡ଼ିଓ ମୁରଲିଧର ନାୟକ ମୁଖ୍ୟଅତିଥି, ଖବରଦାତା ନିର୍ମଳ କୁମାର ମେହେର, ବନମାଳି ଛୁରିଆ, ବିଜୟ ମଲିକ, ନକୁଳ ମହାନନ୍ଦ, କାର୍ତ୍ତିକ ମହାପାତ୍ର, ଗୌର ଖଣ୍ଡାୟତ, ଡୁଲେଶ୍ୱର ମଲିକ, ସୁରେନ୍ଦ୍ର ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ରୋହିତ ମଲିକ, କାର୍ତ୍ତିକ ମହାପାତ୍ର, ଆଶା କର୍ମୀ କନକ ବର୍ଗେ, ମଞ୍ଜୁଳା ଜାମୁଡ଼ାଲିଆ ଓ ସାନ୍ତରା ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାତ୍ରିରେ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ ଜେମାନ ଭୋସାଗର, ବନମାଳି ଭୋସାଗର ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ । ବିଭିନ୍ନ ବିଭାଗରେ ସୁଶ୍ରୀ ଦାଶ, ଭବାନୀ ବାଗ, ରୀମା ବାଗ ଏବଂ ଗ୍ରୁପ ଡ୍ୟାନ୍ସରେ ବୀର ବଜରଙ୍ଗ ଗ୍ରୁପ, ଜୟ ସମଲେଇ ଗ୍ରୁପ ଏବଂ ବର୍ଷା ଓ ସାଲିନା ଗ୍ରୁପ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ।



ଜୀବନର ଲକ୍ଷ୍ୟ ଥରେ ସ୍ଥିର କରିନେଲା ପରେ ନିଜର ସବୁକିଛି ତାହାରି ପାଖରେ ଥୋଇଦିଅ, ସଫଳତା ମିଳିବାକୁ ବାଧ୍ୟ।
- କାର୍ଲାଇଲ

## ସଂକ୍ଷେପରେ

### ରେତ୍ ନଦୀରେ ଭାସି ବାଳକ ମୃତ, ୨ ଦିନ ପରେ ମୃତଦେହ ଉଦ୍ଧାର

**ଭବାନୀପାଟଣା,୧୧।୧୦ (ଡି.ଏନ.ଏ.):** କେସିଙ୍ଗା ବ୍ଲକ ବୋରିଆ ପଞ୍ଚାୟତର ଗାଇଦର ଗାଁ ନିକଟ ରେତ ନଦୀରେ ଭାସି ଜଣେ ବାଳକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳକ ଜଣକ ହେଲେ ନର୍ଲା ଥାନା ଭୀମକେଲା ପଞ୍ଚାୟତ ପଲସାପଡା ଗାଁର ରୁଦ୍ର ମାଝିଙ୍କ ପୁଅ କାଶୀ (୧୨)। ଦୁଇଦିନ ତଳେ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ସେ ନିଖୋଜ ହୋଇ ଯାଇଥିଲେ। କାଶୀ ନିଜ ମାମୁଁ ଘର ଗାଇଦର ଗ୍ରାମରେ ସୁରେଶ ଚନ୍ଦ୍ର ଭୋଇଙ୍କ ଘରେ ରହି ପାଠ ପଢୁଥିଲେ। ଗତ ୪ ତାରିଖ ମଧ୍ୟାହ୍ନରେ ସେ ସାଙ୍ଗମାନଙ୍କ ସହ ନିକଟସ୍ଥ ରେତ୍ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ହଠାତ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଏହା ଦେଖି ସାଙ୍ଗମାନେ ପଳେଇ ଆସି ଘରେ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ କେସିଙ୍ଗା ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ। କୌଣସି ପତ୍ତା ପାଇ ନ ଥିବା ବେଳେ ନଦୀ ତୁଠରୁ ବାଳକର ପିନ୍ଧା ବସ୍ତ୍ର ଓ ସାଇକେଲକୁ ପୋଲିସ ଉଦ୍ଧାର କରିଥିଲା। ଘଟଣାର ଦୁଇ ଦିନ ପରେ ୬ ତାରିଖ ସନ୍ଧ୍ୟାରେ କାଶୀର ମୃତଦେହ ସିମଲଦୋରା ଘାଟରୁ ଉଦ୍ଧାର କରିଥିଲେ।

# ଡେପୁଟେଶନରେ ଚାଲିଛି ଏଲ୍ଆଇ କେନ୍ଦ୍ର

**ବିନିକା,୧୧।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାଙ୍କିଘିର୍ଡି ଏଲ୍ଆଇ କେନ୍ଦ୍ର ଏବେ ନାନା ଅବ୍ୟବସ୍ଥା ମଧ୍ୟଦେଇ ଗତି କରୁଛି। ଏଠାରେ ନିଯୁକ୍ତ ଏଲଆଇ (ଲାଇଫ୍ ଷ୍ଟକ ଇନ୍ସପେକ୍ଟର) ଡେପୁଟେଶନରେ ନିଯୁକ୍ତ ହୋଇଥିବା ବିଭାଗୀୟ କର୍ତ୍ତୃପକ୍ଷ କହୁଥିଲେ ବି ତାଙ୍କର ଉପସ୍ଥିତି ଏଠାରେ ଅନୁଭୂତ ହେଉନାହିଁ। ଫଳରେ ଏହି କେନ୍ଦ୍ର ଉପରେ ନିର୍ଭର କରୁଥିବା ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବାବୁପାଲି ଓ ବାଙ୍କିଘିର୍ଡି ପଞ୍ଚାୟତ ଅନ୍ତର୍ଗତ ୧୦ଟି ଗ୍ରାମର ସହସ୍ରାଧିକ ଚାଷୀ ବାଙ୍କିଘିର୍ଡି ଏଲଆଇ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଧାନଚାଷ ବ୍ୟତୀତ ସେମାନେ ଗାଈ, ମହିଁଷି, ଛେଳି, ମେଣ୍ଢା, କୁକୁଡ଼ା ଆଦି ପାଳନ କରିଥାନ୍ତି। ଏହି ଅଞ୍ଚଳରୁ ଦୈନିକ ୩ହଜାର ଲିଟରରୁ ଉର୍ଦ୍ଧ୍ୱ କ୍ଷୀର ଚାଷୀମାନେ ଉତ୍ପାଦନ କରିଥାନ୍ତି। ଚାଷୀମାନଙ୍କ ଆବଶ୍ୟକତାକୁ ଲକ୍ଷ୍ୟ କରି ବାଙ୍କିଘିର୍ଡି ସଂହାରଟିକ୍ରାଠାରେ ୪ବର୍ଷ ତଳେ ଏକ ଏଲ୍ଆଇ ସେଣ୍ଟର ଖୋଲିଥିଲା। ମାତ୍ର ଏଲଆଇ ପଦବୀ ପୂରଣ ହେଲାନାହିଁ। ଫଳରେ ଚାଷୀମାନେ ପାଳନ କରୁଥିବା ପ୍ରାଣୀସମ୍ପଦକୁ ଉଚିତ୍ ସମୟରେ ରୋଗ ପ୍ରତିଷେଧକ ଟୀକା ଦେବାଠାରୁ ଆରମ୍ଭ କରି ଚିକିତ୍ସା କରାଇବାରେ ସମସ୍ୟାର ସମ୍ମୁଖିନ ହେଲେ। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେ ୧୦ମାସ ତଳେ ଏଠାରେ ଜଣେ ଏଲ୍ଆଇଙ୍କୁ ନିଯୁକ୍ତ ଦିଆଗଲା। ମାତ୍ର ପରେ ତାଙ୍କୁ ଜିଲା ଅତିରିକ୍ତ ପ୍ରାଣୀ ସମ୍ପଦ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିୟୋଜିତ କରାଗଲା। ଅପରପକ୍ଷରେ କେହି ଦାୟିତ୍ୱ ନ ରହିବାରେ ବାଙ୍କିଘିର୍ଡି ଏଲ୍ଆଇ କେନ୍ଦ୍ରର ଭିତ୍ତିଭୂମି ଇତ୍ୟବସରେ ଦୋହଲି ଯାଇଛି। ଅଫିସ ଘରର ଛାତ ଭାଙ୍ଗିରୁଜି ଯାଇଥିବା ବେଳେ ଗୋରୁ ଚିକିତ୍ସା କରାଯାଉଥିବା ଘରର ଆଜବେଷ୍ଟସ ଛାତରୁ ପାଣି ଝରୁଛି। ପାଚେରୀ ଭାଙ୍ଗିରୁଜି ଗଲାଣି । ବିନିକା ପଞ୍ଚାୟତ ସମିତି ବୈଠକରେ ବାଙ୍କିଘିର୍ଡି ଏଲଆଇ କେନ୍ଦ୍ର ଅବ୍ୟବସ୍ଥା ପ୍ରସଙ୍ଗ ଉଠିଥିଲା। ଏହି ବୈଠକରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଉପସ୍ଥିତ ଥିଲେ। ହେଲେ ଏ ଯାଏ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ସମସ୍ୟା ନେଇ ଏଠାରେ ନିଯୁକ୍ତ ଏଲଆଇ କିଶୋର ଭୋଇଙ୍କୁ ତାଙ୍କ ଫୋନ ନଂ ୯୯୩୮୮୯୮୮୯୮ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ। ଏନେଇ ଜିଲା ଅତିରିକ୍ତ ପ୍ରାଣୀଧନ ଅଧିକାରୀ ସୁନୀଲ ମହାପାତ୍ରଙ୍କୁ ପଚାରିବାରୁ ବାଙ୍କିଘିର୍ଡି କେନ୍ଦ୍ରରେ ନିୟୋଜିତ ଏଲଆଇଙ୍କୁ ଜିଲା କେନ୍ଦ୍ରକୁ ଅଣାଯିବା ପରେ ଏବେ କିଶୋର ଭୋଇଙ୍କୁ ଡେପୁଟେଶନରେ ପଠାଯାଇଛି। ପ୍ରାଣୀ ସମ୍ପଦ ବିଭାଗରେ ଖାଲି ପଡିଥିବା ବିଭିନ୍ନ ପଦବୀ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ।



ଅବହେଳିତ ଅବସ୍ଥାରେ ପଡି ରହିଥିବା ବାଙ୍କିଘିର୍ଡି ଏଲଆଇ କେନ୍ଦ୍ର।

- ଅବ୍ୟବସ୍ଥାରେ ଚାଲିଛି ପ୍ରାଣୀ ଚିକିତ୍ସା
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଚାଷୀ

### ଚାଷୀମାନେ ଯାହା କହନ୍ତି...



ଛେଳି ଓ ଗୋରୁ ଚାଷ କରି ପେଟ ପୋଷୁଛି। ହେଲେ ଗୋରୁ ଦେହ ଖରାପ ହେଲେ କେହି ବୁଝିବାକୁ ନାହାଁ। ବହୁବର୍ଷ ହେଲାଣି ଏହି ଏଲଆଇ କେନ୍ଦ୍ର ଥାଇ ନ ଥିଲା ଭଳି ରହିଛି। କିଛିଦିନ ତଳେ ଫାଟୁଆ ରୋଗରେ ମୋର ୨ଗାଈ ଓ ୪ଟି ଛେଳି ମରିଗଲେ । ଗାଁଠାରୁ ୧୦କିମି ଦୂର ବିନିକା ଯାଇ ଗୋରୁଙ୍କୁ ଦେଖାଇବା ସମ୍ଭବ ହେଉନାହିଁ। ଏଣୁ ଏଠାରେ ତୁରନ୍ତ ଏଲ୍ଆଇ ନିଯୁକ୍ତ କରିବା ଜରୁରୀ ହୋଇ ପଡିଛି।

-ସୁରେନ୍ଦ୍ର ଜୁଆଡି, ଚାଷୀ, ବାଙ୍କିଘିର୍ଡି



ଗୋଚାଷ କରି ମୁଁ ଜୀବିକା ନିର୍ବାହ କରେ। ବର୍ତ୍ତମାନ ମୋର ୬ଟି ଯାଇ ଗାଈଙ୍କ ଦେହରେ ଘା ହୋଇ ଅସୁସ୍ଥ ହୋଇ ପଡିଛନ୍ତି। ମାତ୍ର ଏଠାରେ ଡାକ୍ତର କିମ୍ବା ଏଲଆଇ ନ ଥିବାରୁ ଚିକିତ୍ସା କରାଇ ପାରୁନାହିଁ। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଜରୁରୀ।

-ତ୍ରିଲୋଚନ ନାଏକ, ସାରଙ୍ଗପାଲି

### ହାତୀ ଆକ୍ରମଣରେ ମହିଳା ଗୁରୁତର

**ଭବାନୀପାଟଣା,୧୧।୧୦(ଡି.ଏନ.ଏ.)**

ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ବେଲାଙ୍ଗ ବୁନ୍ଦେଲ ଗାଁର ବୃନ୍ଦାବନ ଗଉଡଙ୍କ ସ୍ତ୍ରୀ ଜାନକୀ ଗଉଡ (୪୫)ଙ୍କୁ ବୁଧବାର ହତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଲାଞ୍ଜିଗଡ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଗତ ୯ ତାରିଖ ଅପରାହ୍ନ ଗୋଟାଏରେ ଜାନକୀ ନିଜ ନାତୁଣୀ ରତିକା (୫)ଙ୍କ ସହ ଖାଇ ବସିଥିବା ସମୟରେ ଘର ଦୁଆର ସାମ୍ନାରେ ହାତୀ ଛୁଆକୁ ଦେଖି କବାଟ ବନ୍ଦ କରି ଦେଇଥିଲେ। କିନ୍ତୁ ହାତୀ ଛୁଆ କବାଟ ଭାଙ୍ଗି ଜାନକୀଙ୍କୁ ଠେଲି ଦେଇଥିଲା। ଫଳରେ ଜାନକୀଙ୍କ ପଛ ପଟେ ସାମାନ୍ୟ ଆଘାତ ଲାଗିଥିବା ସହ ଛାତିରେ ମଧ୍ୟ ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ଲାଞ୍ଜିଗଡ ମେଡିକାଲରେ ଭର୍ତ୍ତି କରିଛନ୍ତି। ଲାଞ୍ଜିଗଡ ବନ ବିଭାଗ ଡାକ୍ତରଖାନାରେ ପହଞ୍ଚିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଜାତୀୟ ଡାକ ସପ୍ତାହ ଉପଲକ୍ଷେ ଡାକ ଜୀବନ ବୀମା ଦିବସ

# ବୀମା ଭବିଷ୍ୟତ ଜୀବନକୁ ସୁରକ୍ଷା ଦିଏ

**ବଲାଙ୍ଗୀର ଅଫିସ,୧୧।୧୦**

ଅକ୍ଟୋବର ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଜାତୀୟ ଡାକ ସପ୍ତାହ ପାଳନ ଉପଲକ୍ଷେ ବଲାଙ୍ଗୀର ରାଧାରାଣୀପଡ଼ାସ୍ଥିତ ମାରୱାଡି ସେବା ସଦନଠାରେ ଶୁକ୍ରବାର ଡାକ ଜୀବନ ବୀମା ଦିବସ ପାଳନ କରାଯାଇଛି। ଜିଲା ଡାକ ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବଲାଙ୍ଗୀର ଡାକ ମଣ୍ଡଳ ଅଧିକ୍ଷକ ଦେବୀ ପ୍ରସାଦ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗଣମାଧ୍ୟମ ପ୍ରତିନିଧି ମନୋରଞ୍ଜନ ଯୋଷୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିଜୟ କୁମାର ଶତପଥୀ ଉପସ୍ଥିତ ଥିଲେ । ଜୀବନ ବୀମା ମାଧ୍ୟମରେ ଭବିଷ୍ୟତକୁ ସୁରକ୍ଷିତ ରଖିପାରିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଭାପତୀୟ ଭାଷଣରେ ଡାକ ମଣ୍ଡଳ ଅଧିକ୍ଷକ ନାୟକ ବୀମା କ୍ଷେତ୍ରରେ ଡାକ ବିଭାଗର ଉଲ୍ଲେଖନୀୟ ସଫଳତା ସମ୍ପର୍କରେ କହିଥିଲେ। ଗ୍ରାମୀଣ ଲୋକମାନଙ୍କୁ ବୀମା ସୁବିଧା ଯୋଗାଇ ଦେବାରେ ଗ୍ରାମୀଣ ଡାକ ଜୀବନ ବୀମାର ସୁବିଧା ଡାକ ଘରରେ ଉପଲବ୍ଧ ବୋଲି ସେ ସୂଚନା ଦେଇଥିଲେ। ଏହି ଅବସରରେ ଡାକ ବିଭାଗର ଆଧୁନିକୀକରଣର ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। ଏସ୍ଏଏସ ଯୋଜନାରେ ବଲାଙ୍ଗୀରର ନାରାୟଣ ଆଚାର୍ଯ୍ୟ, ସୁରଜିତ୍ ପଟ୍ଟନାୟକ, ଦୁର୍ଗାମାଧବ ପଟ୍ଟନାୟକ, ପିଏଲଆଇ ଯୋଜନାରେ ବାଳକୃଷ୍ଣ ପୂଝାରୀ, କୈଳାସ ଚନ୍ଦ୍ର ବ୍ରହ୍ମା, ଧ୍ରୁବ ଚରଣ ସାହୁ, ଏମପିକେବିୱାଇ ଯୋଜନାରେ କଣ୍ଟାବାଞ୍ଜିର କିରନ ଦେବୀ, ସୋନପୁରର ଅଞ୍ଜଳି ତ୍ରିପାଠୀ ଓ ନମିତା ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମୁରିବାହାଲ ବ୍ଲକ ତେନ୍ତୁଲିଖୁଣ୍ଟି, ହଲଦୀ ଓ ବଙ୍ଗୋମୁଣ୍ଡା ବ୍ଲକ ତୁରୁଭଟାର ବୀମା ଦାବିଦାରଙ୍କୁ ମୃତ୍ୟୁ ପରବର୍ତ୍ତି ବୀମା ରାଶି ବୋନସ ସହିତ ପ୍ରଦାନ କରାଯାଇଥିଲା। ଡାକ ବିଭାଗ ଡେଭଲପମେଣ୍ଟ ଅଫିସର ରସରାଜ ଅଚ୍ୟୁତ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଇଣ୍ଡିଆ ପୋଷ୍ଟ ସିନିୟର ମ୍ୟାନେଜର ସନ୍ତୋଷ ମେହେର ସ୍ୱାଗତ ଭାଷଣ ଦେଇଥିଲେ । ପୋଷ୍ଟମାଷ୍ଟର ସୁବାଷ ଷଡଙ୍ଗୀ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ବିଜନେସ ଏକ୍ଜିକ୍ୟୁଟିଭ୍ ଦେବାନନ୍ଦ ପୁଟେଲ, ଡାକ ସହକାରୀ ପଦ୍ମଲୋଚନ ବେହେରା, ପ୍ରତାପ ସାହୁ, ପ୍ରଶାନ୍ତ ଜାଲ, ଜ୍ୟୋତି ରଞ୍ଜନ ଗୁରୁ, ସ୍ୱାଧୀନ ପଣ୍ଡା, ଆରାଧନା ତ୍ରିପାଠୀ, ସ୍ନିଗ୍ଧାରାଣୀ ଭୋଇ, ପୁଷ୍ପାଞ୍ଜଳି ମଲ୍ଲିକ, ଡାକ ବିଭାଗୀୟ ଅଧିକାରୀ ପରେଶ କୁମାର ପୁଝାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଜାତୀୟ ଡାକ ସପ୍ତାହ ଉପଲକ୍ଷେ ଡାକ ଜୀବନ ବୀମା ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

### ଅଣ୍ଡା ଏକ ଶୁଦ୍ଧ, ସ୍ୱଳ୍ପ ମୂଲ୍ୟଯୁକ୍ତ ଖାଦ୍ୟ

**ସୋନପୁର, ୧୧।୧୦ (ନି.ପ୍ର.)**

ଅଣ୍ଡା ଏକ ଶୁଦ୍ଧ ଏବଂ ସ୍ୱଳ୍ପ ମୂଲ୍ୟଯୁକ୍ତ ଖାଦ୍ୟ । ଯେଉଁଥିରେ ପୋଷକ ତତ୍ତ୍ୱ ପୂର୍ଣ୍ଣମାତ୍ରାରେ ଉପଲବ୍ଧ ଥାଏ। ଯାହାକୁ ସାଧାରଣ ଲୋକ ସହଜରେ କିଣି ପାରିବ ବୋଲି ସୁବର୍ଣ୍ଣପୁର ଜିଲାସ୍ତରୀୟ ବିଶ୍ୱ ଅଣ୍ଡା ଦିବସ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲା ଉପକୃଷି ନିର୍ଦ୍ଦେଶକ ସନ୍ତୋଷ କୁମାର ଜେନା କହିଛନ୍ତି। ଜେନା ଆହୁରି କହିଥିଲେ ଯେ, ଭାରତରେ ଜଣେ ବ୍ୟକ୍ତି ବର୍ଷକୁ ୬୩ଟି ଅଣ୍ଡା ଖାଇଥାଏ । କିନ୍ତୁ ଜଣେ ବ୍ୟକ୍ତିର ସନ୍ତୁଳିତ ଖାଦ୍ୟରେ ୧୮୦ଟି ଅଣ୍ଡା ରହିବା ଉଚିତ। ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ପ୍ରଶାନ୍ତ ଶତପଥୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଅଣ୍ଡାରେ ଭିଟାମିନ, ଖଣିଜ ପଦାର୍ଥ ଏବଂ ପୃଷ୍ଟିସାର ଭଳି ମହତ୍ତ୍ୱପୂର୍ଣ୍ଣ ପୋଷକ ତତ୍ତ୍ୱ ମିଳିଥାଏ। ଅଣ୍ଡାରେ ଭିଟାମିନ ଏ, ଡି ଥିବା କାରଣରୁ ଦୃଷ୍ଟିଶକ୍ତି ବଢ଼ାଇବା ସହିତ ସୁସ୍ଥ ହାଡ ଓ ଦାନ୍ତ ଗଠନ କରେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁନୀଲ କୁମାର ମହାପାତ୍ର ଏଥିରେ ଯୋଗଦେଇ ଅଣ୍ଡାର ଚାହିଦା ସବୁବେଳେ ଅଛି । ଗ୍ରାମାଞ୍ଚଳରେ ଲୋକେ ଘର ଅଗଣାରେ ବନାରାଜ କୁକୁଡା ପାଳନ କଲେ ଅଣ୍ଡା ଓ ମାଂସ ବିକ୍ରି କରି ଆତ୍ମନିର୍ଭରଶୀଳ ହୋଇପାରିବେ। ପ୍ରାଣୀ ସମ୍ପଦ ବିଭାଗର ଜିଲା ପ୍ରଶିକ୍ଷଣ ସଂଯୋଜକ ଡା. ଭୁବନାନନ୍ଦ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଡା. ସିପ୍ରାରାଣୀ ମହାପାତ୍ର, ରଜନୀକାନ୍ତ ସେନାପତି, ବିଶ୍ୱଜିତ ସରାଫ ଓ ଅକୁର ବିଶି କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
9736683901
8859983504

ଧମାକା ! ଦୀପାବଳି ଧମାକା !
Hindustan Finance
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

ଦୀପାବଳି ଧମାକା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
2% ସୁଧ - 40% ଛାଡ଼
ଆଦର୍ଶ ଫାଇନାନ୍ସ
7289948952
7289999543
8929619951

SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍ସିଡି।
HELPLINE NUMBERS:
8287945007
8287944977

DHANLAXMI FINANCE PVT. LTD.
2% ସୁଧ 40% ରିହାତି
9499135756
B-3/47 A Block Vijay Enclave Burari, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
9911473748
Add.: 41/14, Sec. 1 Pushp Vihar Delhi

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
8586970773
9717483267

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିଲ ସୁଫି
9540938429
9903852257

ବାବା କମାଲ ଖାନ୍
ଘରେ ବସି 2 ଘଣ୍ଟାରେ ସମାଧାନ
9911786155
9911786154

GTL Telecom Network Company
9348700276
8676907143

Hi-Tech Tower Company
08965940902
07354640679

Tower Vision Network Company
9452940480
9813608775

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 50,000/-।
CALL NOW
8287944524
8287945770

Telnet Towers Co.
ଡିଜିଟାଲ
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com

All India Tower
7838639856

DHARITRI Career appointment Every Wednesday and Saturday

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଗୋଟିଏ ମିଥ୍ୟା କହିବା ପୂର୍ବରୁ ଟିକିଏ ଅଟକି ଯାଅ।
ଦେଖିବ ସେହିଭଳି କହିବାକୁ ମନ ହେବନାହିଁ।
- ଗୌତମ ବୁଦ୍ଧ



## ସଂକ୍ଷେପରେ

### ବାର୍ହା ଆକ୍ରମଣରେ ୩ ଗୁରୁତର

**ଖଡିଆଲ,୧୧।୧୦ (ଡି.ଏନ.ଏ.)-** ନୂଆପଡା ଜିଲା ଖଡିଆଲ ବ୍ଲକ ବଙ୍କାପୁର ଗାଁରେ ଶୁକ୍ରବାର ବାର୍ହା ଆକ୍ରମଣରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତମାନେ ହେଲେ ବଙ୍କାପୁର ଗାଁର ଉପେନ୍ଦ୍ର ଘିଭେଲା, ଯଶୋବନ୍ତ ଭରାସଗରିଆ ଓ ସତ୍ୟ ଘିଭେଲା ନାମକ ଜଣେ ମହିଳା ମଧ ଆହତ ହୋଇଛନ୍ତି । ସ୍ଥାନୀୟ ଲୋକମାନେ ଗୁରୁତର ଆହତ ଅବସ୍ଥାରେ ୩ ଜଣଙ୍କୁ ଉଦ୍ଧାର କରି ପ୍ରଥମେ ଖଡିଆଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ପରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଖଡିଆଲ ମିଶନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସକାଳେ ଏହି ତିନିଜଣ କଜର କପା ଚାଷ ଜମିକୁ ଯାଇଥିବା ବେଳେ ଏକ ବାର୍ହାର ଆକ୍ରମଣର ଶିକାର ହୋଇଥିଲେ । ଖଡିଆଲ ବନ ବିଭାଗ ତରଫରୁ ଆହତମାନଙ୍କ ସମସ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ଖଡିଆଲ ବନବିଭାଗ ରେଞ୍ଜର ସଦାନନ୍ଦ ସୁନାନୀ ପ୍ରତିଶ୍ରୁତି ଦେଇଛନ୍ତି ।

### ଗଜଲକ୍ଷ୍ମୀ ପୂଜା ଶାନ୍ତି କମିଟି ବୈଠକ

**ବୋଡେନ,୧୧।୧୦(ଡି.ଏନ.ଏ.)-** ନୂଆପଡା ଜିଲା ବୋଡେନ ବ୍ଲକ ବିନପୁର ଗ୍ରାମରେ ଗଜଲକ୍ଷ୍ମୀ ପୂଜା ୨୦ ବର୍ଷ ଧରି ପାଳନ ହୋଇଆସୁଥିବା ବେଳେ ବୋଡେନ ପୋଲିସ ପ୍ରସାଶନ ଓ ପୂଜା କମିଟି କର୍ମକର୍ତ୍ତାମାନଙ୍କୁ ନେଇ ଶନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା । ପୂଜା କମିଟି ସବାପତି ଲୋକନାଥ ନିଆଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବୋଡେନ ଥାନା ଅଧିକାରୀ ସରୋଜ କୁମାର ମଲ୍ଲିକ, ସମ୍ମାନିତ ଅତିଥି ଭାବେ ଟିକେଶ୍ୱର ନାଗ ଏବଂ ଥାନା କର୍ମଚାରୀ ଉପସ୍ଥିତ ଥିଲେ। ସଭାକୁ ଟିକଚନ ନିଆଲ ପରିଚାଳନା କରିଥିଲେ। ବିନପୁର ଗ୍ରାମରେ ଦୀର୍ଘ ବର୍ଷଧରି ଲକ୍ଷ୍ମୀପୂଜା ପାଳନ ହୋଇଆସୁଛି। ପ୍ରତିବର୍ଷ ପୂଜା ଠିକ ଭାବେ ହୋଇଆସୁଛି । ଏବର୍ଷ ମଧ୍ୟ କିଭଳି ସୁରୁଖୁରୁ ଏବଂ ଶାନ୍ତି ଶୃଙ୍ଖଳାରେ ପୂଜା ହେବ ସେ ନେଇ ଥାନା ଅଧିକାରୀ ଗ୍ରାମର ଭଦ୍ରବ୍ୟକ୍ତି ତଥା ଯୁବକମାନଙ୍କୁ ବୁଝାଇଥିଲେ।

୧୩ତମ ବର୍ଷରେ ଲିଟିଗୁଡା ସାର୍ବଜନୀନ ଗଜଲକ୍ଷ୍ମୀ ପୂଜା

# ରଙ୍ଗବେରଙ୍ଗ ଆଲୋକମାଳାରେ ଝଲସୁଛି ଗାଁ

## ଆଞ୍ଚଳିକ ନାଟକ, ଘୁମୁରା ପ୍ରତିଯୋଗିତା ମୁଖ୍ୟ ଆକର୍ଷଣ

**ସିନାପାଲି,୧୧।୧୦ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଲିଟିଗୁଡା ଗାଁ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିଛି। ମହାଆଡମ୍ବର ସହକାରେ ଗ୍ରାମର ଜନସାଧାରଣଙ୍କ ସହଯୋଗରେ ବିଗତ ବର୍ଷ ଭଳି ଚଳିତବର୍ଷ ମଧ ବେଶ ହର୍ଷଉଲ୍ଲାସର ସହିତ ଗଜଲକ୍ଷ୍ମୀ ପୂଜା ପାଳିତ ହେଉଛି। ଚଳିତବର୍ଷ ଏହି ପୂଜାକୁ ୧୩ ବର୍ଷ ପୂରିଯାଇଛି । ଏହି ପୂଜା ଗତ ୯ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଗତ ବୁଧବାର ଗ୍ରାମର ସମସ୍ତ ମହିଳା ସାମିଲ ହୋଇ କଳସ ଯାତ୍ରା କରିଥିଲେ । ସ୍ଥାନୀୟ ପୋଖରୀରୁ ପୂର୍ଣ୍ଣ କଳସ ଧରି ଏକ ଶୋଭାଯାତ୍ରାରେ ବାହାରି ମା'ଲକ୍ଷ୍ମୀଙ୍କ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ରୀତିନୀତି ପୂଜାବିଧି ଅନୁସାରେ ମା'ଙ୍କ ପୂଜା ଚାଲୁରହିଛି । ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ମା'ଙ୍କୁ ଆଳତି ଦିଆଯାଉଛି ।



ମଣ୍ଡପରେ ଶୋଭା ପାଉଥିବା ମା'ଙ୍କ ମୃଣ୍ମୟୀ ପ୍ରତିମା।

ଏଥିରେ ଗ୍ରାମର ସମସ୍ତ ଜନସାଧାରଣ ଉପସ୍ଥିତ ରହି କୃପାଭିକ୍ଷା କରୁଛନ୍ତି । ଗ୍ରାମରେ ପୂଜା ମେଢ଼କୁ ଆକର୍ଷଣୀୟ କରାଯାଇଛି । ସୁଉଚ୍ଚ ତୋରଣ ସାଙ୍ଗକୁ ଆଲୋକମାଳାରେ ସଜ୍ଜିତ କରାଯାଇଛି । ଫଳରେ ଗାଁ ଉତ୍ସବ ମୁଖର ହୋଇପଡିଛି । ସନ୍ଧ୍ୟା ସାଂସ୍କୃତିକ ସଭାରେ ଅନେକ ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଉଛି । ଯାହାକି ପୂଜା ସାଙ୍ଗକୁ ଅଞ୍ଚଳର ଅନେକ ସମସ୍ୟା ଉପରେ ଅତିଥିମାନଙ୍କ ସୂଚାଇ ଦେବା ସହ ସମସ୍ୟା ସମାଧାନ କରିବାର ଏକ ମାଧ୍ୟମ ପାଲଟିଛି । ପ୍ରତ୍ୟହ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତେନ୍ତୁଲିପଡାର ଛୋଟ ଘର ଝିଅ ବଡ ଘର ବୋହୂ ନାଟକ, ବରଗଡ ଜିଲା ଜାମବାହାଲିର ରସମଲେଇ ମହିଳା ଦଣ୍ଡନୃତ୍ୟ, ନୂଆପଡା ଜିଲା ବୋଡେନ ବ୍ଲକ ଲେସୁନପାଲି ଗ୍ରାମର ଅର୍ଜୁନ ବନବାସବା ଗୋ ସିଂହଦତ୍ୟ ବଧ ନାଟକ ମଞ୍ଚସ୍ଥ ହେବାକୁ ଥିବାବେଳେ ଆସନ୍ତା ରବିବାର ଘୁମୁରା ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସୋମବାର ଭସାଣି ଉତ୍ସବ ସମାପନ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ । ଚଳିତବର୍ଷ କର୍ତ୍ତା ଭାବେ ଗ୍ରାମର ଅଚ୍ୟୁତାନନ୍ଦ ମେହେର ଓ ପଦ୍ମିନୀ ମେହେର କାର୍ଯ୍ୟ ତୁଲାଉଛନ୍ତି। ମୁଖ୍ୟ ପୂଜକ ଭାବେ ଜକ୍ତାଚରଣ ଦାସ ପୂଜା କାର୍ଯ୍ୟ ନୀତି ନିର୍ବାହ କରୁଛନ୍ତି। ପୂଜା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବା ପାଇଁ ଅଞ୍ଚଳର ବହୁ ଗ୍ରାମର ଜନସାଧାରଣଙ୍କ ଭିଡ ଜମୁଛି ।

# ଦିନକ ପରେ ସୁନାବେଡ଼ାର ମା' ସୁନାଦେଈଙ୍କ ଛତର ଯାତ୍ରା

## ଏବେଠୁ ଲାଗିଲାଣି ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

**କୋମନା,୧୧।୧୦ (ଡି.ଏନ.ଏ.)**

ନୂଆପଡା ଜିଲାର ମାଓବାଦୀଙ୍କ ଗଡ ଭାବେ ପରିଚିତ କୋମନା ବ୍ଲକ ସୁନାବେଡା ଅଭୟାରଣ୍ୟରେ ବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଆରାଧ୍ୟ ଦେବୀ ମା' ସୁନାଦେଈଙ୍କ ଛତର ଯାତ୍ରା ଦିନକ ପରେ ରବିବାର ଅନୁଷ୍ଠିତ ହେବ। ଅଭୟାରଣ୍ୟରେ ୫୦ରୁ ଉର୍ଦ୍ଧ୍ୱ ଗ୍ରାମରେ ଚକୁଟିଆ ଓ ଭୁଞ୍ଜିଆ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବାସ କରୁଥିବା ବେଳେ ଏମାନଙ୍କ ଇଷ୍ଟଦେବୀ ମା' ସୁନାଦେଈଙ୍କ ଛତର ଯାତ୍ରା ପାଳନ ପରେ ମା'ଙ୍କ ନିର୍ଦ୍ଦେଶକ୍ରମେ ଗାଁର ସକଳ ଶୁଭ କାମ ଆରମ୍ଭ କରିଥାନ୍ତି। ଦଶହରା କୁଆଁର ପୂର୍ଣିମାରେ ମା' ସୁନାଦେଈଙ୍କ ଛତର ଯାତ୍ରା ପ୍ରତିବର୍ଷ ପାଳନ ହେଉଛି। ଦେବୀ ମା'ଙ୍କୁ ଦର୍ଶନ କରିବା ପାଇଁ ନୂଆପଡା ଜିଲା ବ୍ୟତିତ ପଡୋଶୀ କଳାହାଣ୍ଡି, ବରଗଡ, ବଲାଙ୍ଗୀର, ସମ୍ବଲପୁର ଜିଲା ସମେତ ଛତିଶଗଡ ଅଞ୍ଚଳର ହଜାର ହଜାର ଭକ୍ତ ଆସି ନିଜ ମାନସିକ ରଖିଥାନ୍ତି। ଚଳିତବର୍ଷ ଲଘୁଚାପଜନିତ ଲଗାଣ ବର୍ଷାରେ ସୁନାବେଡା ରାସ୍ତାଗୁଡିକ ଖାଲଖମା ହୋଇ ଶୋଚନୀୟ ହୋଇଛି। ଫଳରେ ଲୋକଙ୍କ ଯାତାୟାତରେ ବ୍ୟାପକ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ନୂଆପଡା ଜିଲାପାଳ ମଧୁସ୍ମିତା ସାହୁ ନିକଟରେ ସୁନାବେଡା ଗ୍ରସ୍ତ କରି ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ। ଅଞ୍ଚଳବାସୀ ସୁନାବେଡା ରାସ୍ତାର ଶୋଚନୀୟ ଅବସ୍ଥା ଉପରେ ଜିଲାପାଳଙ୍କୁ ଜଣାଇଥିଲେ ମଧ୍ୟ ଆଜିଯାଏଁ ରାସ୍ତାଗୁଡିକର ଉନ୍ନତି ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୁନାଦେଇ ଯାତ୍ରାରେ ଶାନ୍ତିଶୃଙ୍ଖଳା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

## ଓଡିଶାକୁ ପ୍ରଗତିଶୀଳ ରାଜ୍ୟରେ ପରିଣତ କରିବା ଏକମାତ୍ର ଲକ୍ଷ୍ୟ

**ସିନାପାଲି,୧୧।୧୦(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ୧୨ ନଂ. ଜୋନ ଜିଲା ପରିଷଦ ଅନ୍ତର୍ଗତ କୁଲିଆଡଙ୍ଗରୀ ଓ କରଣବାହାଲିଠାରେ ଶୁକ୍ରବାର ବିଜେଡି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାରତ ବର୍ଷରେ ଓଡିଶାକୁ ଏକ ପ୍ରଗତିଶିଳ ରାଜ୍ୟରେ ପରିଣତ କରିବା ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକମାତ୍ର ଲକ୍ଷ୍ୟ ବୋଲି ବିଜେଡି ଜନସମ୍ପର୍କ ପଦଯାତ୍ରାରେ ନୂଆପଡା ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ସମେତ ଅନ୍ୟାନ୍ୟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ସିନାପାଲି ୧୩ ନଂ. ଜୋନ ଜିଲା ପରିଷଦ ସଦସ୍ୟା ଦୋଳକାନ୍ତି ମାଝି, ପୂର୍ବତନ ଜିଲା ପରିଷଦ ସଦସ୍ୟା ଜାନକି ଘିଭେଲା, ଦଇତାରୀ ମେହେର, ବିରେନ୍ଦ୍ର ଖମାରୀ, ମିଥୁନ ବାଗଙ୍କ ସମେତ ବହୁ ସରପଞ୍ଚ, ସମିତିସଭ୍ୟ ଓ ବିଜେଡି କର୍ମୀମାନେ କୁଲିଆଡଙ୍ଗରୀ, ତିଲେଇମାଲ, ବାଦିବାହାଲ, କେନ୍ଦୁମୁଣ୍ଡା, ଧିଘିଆମୁଣ୍ଡା ଅଞ୍ଚଳକୁ ପଦଯାତ୍ରା କରି ସରକାରଙ୍କ ବିଭିନ୍ନ ଲୋକାଭିମୁଖି ଯୋଜନା ଉପରେ ଲୋକଙ୍କୁ ବୁଝାଇଥିଲେ। ବିଭିନ୍ନ ଗାଁଗୁଡିକରେ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ବିଜେଡିରେ ସାମିଲ ହୋଇଥିଲେ। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ବିକାଶ ଲାଗି ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ ଜନହିତକର ଯୋଜନାର ସୁଫଳ ପାଇଁ ବିଜେଡି କର୍ମୀ ଓ ପ୍ରେମୀମାନେ ଆଗେଇ ଆସି କାର୍ଯ୍ୟ କରିବାକୁ ଯୁବ ପିଢ଼ିମାନଙ୍କୁ ଆହ୍ୱାନ ଦେଇଥିଲେ ।

# କଳାହାଣ୍ଡି, ନୂଆପଡ଼ାର ବିକାଶ ଆମର ଲକ୍ଷ୍ୟ: ଧର୍ମେନ୍ଦ୍ର

**ନୂଆପଡ଼ା ଅଫିସ,୧୧।୧୦**

ରାଜ୍ୟର ଉପାନ୍ତ ତଥା ଅବିଭକ୍ତ କଳାହାଣ୍ଡି ଜିଲାରେ ବିକାଶର ଆବଶ୍ୟକତା ରହିଛି। ଏଠିକାର ଜନତା ଭାଜପା ଉପରେ ବିଶ୍ୱାସ ରଖି ଭୋଟ ଦେଇଛନ୍ତି। କଳାହାଣ୍ଡି ଏବଂ ନୂଆପଡା ଜିଲାର ବିକାଶର ଦାୟିତ୍ୱ ରହିଛି । ଏଥିପାଇଁ ଆମେ ଅଙ୍ଗୀକାର ବଦ୍ଧ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଶୁକ୍ରବାର ବରଗଡ ଜିଲା ବିଜେପୁର ନିର୍ବାଚନୀ ଗସ୍ତ ସମୟରେ ଖରିଆରରୋଡରେ ସ୍ୱାଗତ ସମାରୋହରେ ଯୋଗଦେଇ ଏହା କହିଛନ୍ତି। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦିଲ୍ଲୀରୁ ରାୟପୁର ଦେଇ ଆସି ପୂର୍ବାହ୍ନ ୧୦ଟାରେ ଛତିଶଗଡ ସୀମାନ୍ତ ଖରିଆରରୋଡ ସହରରେ ପହଞ୍ଚି ଥିଲେ। ସହର ମଧ୍ୟସ୍ଥ ଡାଗା



କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି ।

ଚୌକ ନିକଟରେ ଭାଜପା ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ବାଣ ବାଜା ସହ ପାଛୋଟି ଆଣିଥିଲେ ଶତାଧିକ ଭାଜପା କର୍ମୀ। ସମ୍ବର୍ଦ୍ଧନା ମଞ୍ଚରେ ମନ୍ତ୍ରୀ ଜିଲାବାସୀଙ୍କୁ ସମ୍ବୋଧିତ କରିଥିଲେ । ଏହି ଅବସରରେ ଜିଲା ସଦର ମହକୁମାଠାରେ ଚାଲିଥିବା କେନ୍ଦ୍ରୀୟ ବିଦ୍ୟାଳୟରେ ଯୁକ୍ତ ଦୁଇ ଖୋଲିବା, ଜାତୀୟ ରାଜପଥ କାମକୁ ତ୍ୱରାନ୍ୱିତ କରିବା, ଆଗାମୀ ଦୀପାବଳୀରେ ପଲିଥିନ ମୁକ୍ତ କରି ଘର ଅଗଣାକୁ ସ୍ୱଚ୍ଛ ରଖିବା ଉପରେ ଗୁରୁତ୍ୱ ଦେଇଥିଲେ । ଏଠିକାର ବିକାଶର ଦାୟିତ୍ୱ ତାଙ୍କ ହାତରେ ରହିଛି । ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଉପସଭାପତି ପ୍ରସନ୍ନ କୁମାର ପାଢୀ, ଗୋଲଡି ଅଗ୍ରୱାଲ, ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ଉପସଭାପତି ସମରଜିତ ପାତ୍ର, ଅଳ୍ପ ସଂଖ୍ୟକ ମୋର୍ଚ୍ଚା ରାଜ୍ୟ ସଭାପତି ଶେଖ ମହତାବ, କମଳେଶ ଦିକ୍ଷୀତ, ଚତୁର୍ଭୁଜ ଶର୍ମା, ଦୃଷ୍ଟି ଚନ୍ଦ୍ର ମାଝି, ରାକେଶ ଜୈନ, ସୁଶାନ୍ତ ପତି, ମନିଜର ଆର୍ଯ୍ୟ, ଦିନେଶ ଚନ୍ଦ୍ରକାର, ରିଙ୍କୁ ବଗର୍ତ୍ତି ପ୍ରମୁଖ ଯୋଗଦେଇଥିଲେ। ଏହା ପରେ ମନ୍ତ୍ରୀ ପଦ୍ମପୁର ଦେଇ ବିଜେପୁର ଗସ୍ତ କରିଥିଲେ ।


CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
9736683901
8859983504

ଧମାକା ! ଦୀପାବଳି ଧମାକା !
Hindustan Finance
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କସିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

ଦୀପାବଳି ଧମାକା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
2% ସୁଧ - 40% ଛାଡ଼
ଆଦର୍ଶ ଫାଇନାନ୍ସ
7289948952
7289999543
8929619951

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
9911473748
Add.: 41/14, Sec 1 Pushp Vihar Delhi

SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ
2% ସୁଧ, 35% ସବ୍‌ସିଡି ।
HELPLINE NUMBERS:
8287945007
8287944977
KHAMANI SAHI, NAYAGARH

1988ରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD.
2% ସୁଧ 40% ରିହାତି
9499135756
B-347 A Block Vijay Enclave Burari, New Delhi

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ମହିଳା / ପୁରୁଷ / ବେକାରୀ
8586970773
9717483267
Add: 22/14, Sec 1, Andheri, Mumbai

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନଙ୍କ ଖୋଲା ଘୋଷଣା
A to Z ସମସ୍ୟାର ସମାଧାନ ଘରେ ବସି
ବାବା ଆମିର ସୁଫି
9540938429
9903852257

ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୂଠକରଣୀ ସ୍ପେଶାଲିଷ୍ଟ
9911786155
9911786154

BUSINESS

Telnet Towers Co.
ଡିଜିଟାଲ
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

DHARITRI Career appointment Every Wednesday and Saturday

GTL Telecom Network Company
9348700276
8676907143

Tower Vision Network Company
9452940480
9813608775

All India Tower
7838639856

Hi-Tech Tower Company
ଦ୍ୱାରା ଖାଲି ଜମି, ଛାତ, ଫାଶଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ଚାକିରି।
08965940902
07354640679

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287945770

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୧୨ ଅକ୍ଟୋବର, ୨୦୧୯



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ। -ଆଇନଷ୍ଟାଇନ



## ସଂକ୍ଷେପରେ

### ଫସଲରେ ରୋଗ ପୋକ: ଚିନ୍ତାରେ ଚାଷୀ

**ଟିକ୍ରାପଡ଼ା,୧୧।୧୦(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଟିକ୍ରାପଡ଼ା, ଜୁରାବନ୍ଧ, ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଞ୍ଚଳରେ ହୋଇଥିବା ବିଭିନ୍ନ ଫସଲରେ ରୋଗପୋକ ବ୍ୟାପିବାରେ ଲାଗିଛି। ଏନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ବିଶେଷ କରି ଧାନ ଫସଲରେ ବଙ୍କି, ଚକଡା ପୋକ ଲାଗି ଚାଷ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଫଳରେ ଫସଲ ଅମଳ କମ ହେବା ଆଶଙ୍କା ଦେଖାଦେଇଛି। ଏନେଇ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଚାଷୀଙ୍କୁ ଉପଯୁକ୍ତ ପରାମର୍ଶ ଦେବାକୁ ସାଧାରଣରେ ଦାବି ହୋଇଛି।



### କର୍କଟ ରୋଗୀଙ୍କୁ ଆର୍ଥିକ ସହାୟତା ପ୍ରଦାନ

**ଲୋଇସିଂହା,୧୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଲକ୍ଷ୍ମଣପାଲି ଗାଁର ମହିଳା ଛଇଲ ବରିହା(୫୦)। ସେ ମୁଖ କର୍କଟ ରୋଗରେ ପୀଡିତା। ତାଙ୍କ ଉଚ୍ଚସ୍ତରୀୟ ଚିକିତ୍ସା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଆଗଲପୁର ବିଡିଓ ସୁଦର୍ଶନ ସେ ଗୁରୁବାର ଛଇଲଙ୍କୁ ୨୦ ହଜାର ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଆଗଲପୁର ବ୍ଲକ ନୂନିଆଁପାଲି ଗାଁର ଈଶ୍ୱର ବରିହାଙ୍କ ସ୍ତ୍ରୀ ଛଇଲ ବରିହା। ସେ ବର୍ଷେ ହେଲା ମୁଖ କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପରିବାର ଲୋକେ ବହୁ କଷ୍ଟରେ ଧାରଉଧାର କରି ଚିକିତ୍ସା କରୁଛନ୍ତି। ହେଲେ ବର୍ତ୍ତମାନ ପରିବାର ଲୋକେ ସର୍ବସ୍ୱାନ୍ତ ହୋଇପଡିଥିବା ବେଳେ ଛଇଲଙ୍କ ରୋଗ ଉପଶମ ହୋଇପାରୁ ନାହିଁ। ଏନେଇ ପରିବାର ଲୋକେ ଚିନ୍ତିତ ଅବସ୍ଥାରେ ରହିଛନ୍ତି। ଏହା ଜାଣି ଜେନୈକ ସମାଜିକ କର୍ମୀ ଟୁଇଟ କରି ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଛଇଲଙ୍କ ଚିକିତ୍ସା ସହାୟତା ନେଇ ନିବେଦନ କରିଥିଲେ। ଏନେଇ ଆଗଲପୁର ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଛଇଲଙ୍କ ଘରେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ କଟକ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରକୁ ପଠାଇଥିଲେ।

### ସରକାରୀ ନିୟମକୁ ବେଖାତିର

# ବେଧଡ଼କ ଚାଲିଛି ପଲିଥିନ ବ୍ୟବହାର

**ବଲାଙ୍ଗୀର ଅଫିସ,୧୧।୧୦**

ପଲିଥିନ, ପ୍ଲାଷ୍ଟିକ ବ୍ୟବହାର ଯୋଗୁ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ଏନେଇ ସରକାର ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ହେଲେ ବଲାଙ୍ଗୀର ସହରରେ ଏହାର କୌଣସି ପ୍ରଭାବ ପଡୁ ନ ଥିବା ଲକ୍ଷ୍ୟ କରାଯାଉଛି। ବଲାଙ୍ଗୀର ବସଷ୍ଟାଣ୍ଡରୁ ଆରମ୍ଭ କରି ରେଲଷ୍ଟେଶନ, କଲେଜ ଛକ, ଡେଲିମାର୍କେଟ, ସର୍କିଟ ହାଉସ୍ ରୋଡ, ସିନେମାହଲ ରୋଡ, ରାଣୀ ବନ୍ଧ, କୋଶଳ କଳାମଣ୍ଡଳ ପଡ଼ିଆ ଅଞ୍ଚଳରେ ଗଦାଗଦା ମଇଳା ସହ ପଲିଥିନ, ପ୍ଲାଷ୍ଟିକ ପଡିରହୁଥିବା ଦେଖିବାକୁ ମିଳୁଛି। ଏପରି କି ସହରରେ ପାନ ଦୋକାନୀଙ୍କଠାରୁ ଆରମ୍ଭ କରି ହୋଟେଲ, କିରାନୀ ଦୋକାନ, ଫଳ ବିକାଳି ଓ କପଡ଼ା ଦୋକାନ, ମାଂସ ଦୋକାନ, ମାଛ ବଜାର, ଫଳ ମାର୍କେଟ ସମେତ ବଡବଡ ବ୍ୟବସାୟୀ ପ୍ରତିଷ୍ଠାନଗୁଡିକରେ ଖୋଲାଖୋଲି ଭାବେ ପଲିଥିନ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ସହରର ଡ୍ରେନଗୁଡିକରେ ପଲିଥିନ ସହ ଅଳିଆ ଆବର୍ଜନା ପଡି ରହୁଥିବା ବେଳେ ପୌର ପରିଷଦ ପକ୍ଷରୁ ଠିକ୍ ଭାବେ ସଫା କରାଯାଉ ନାହିଁ। ଫଳରେ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହି ଦିଗରେ ଜନସାଧାରଣ ଯତ୍ନବାନ ହେଲେ ବଲାଙ୍ଗୀର ସହର ସମ୍ପୂର୍ଣ୍ଣ ପଲିଥିନ ମୁକ୍ତ ହେବ ବୋଲି ସାଧରଣରେ ମତ ପ୍ରକାଶ ପାଇଛି। ଏନେଇ ମ୍ୟୁନିସିପାଲିଟି ଏକଜିକ୍ୟୁଟିଭ ଅଫିସର ବିପିନ ଦୀପଙ୍କୁ ପଚାରିବାରୁ ମ୍ୟୁନିସିପାଲଟି ପକ୍ଷରୁ ପଲିଥିନ ବ୍ୟବହାର ନ କରିବା ନେଇ ଲୋକଙ୍କୁ ସଚେତନ କରାଯାଉଛି। ଏପରି କି ଆଇନ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ବିଭିନ୍ନ ସ୍ଥାନରେ ଚଢାଉ ମଧ୍ୟ ଜାରି ରହିଛି। ପଲିଥିନ ବ୍ୟବହାରକୁ କିପରି ସମ୍ପୂର୍ଣ୍ଣ ବନ୍ଦ କରାଯିବ ସେନେଇ ଉଦ୍ୟମ ଜାରି ରହିଥିବା ସେ କହିଥିଲେ।



ବଲାଙ୍ଗୀର ମହାରାଣୀ ସାଗର ରାସ୍ତା କଡରେ ଥିବା ନାଳରେ ପଡି ରହିଥିବା ପଲିଥିନ ଓ ଅଳିଆ ଆବର୍ଜନା।

### ଟିକ୍ରାପଡ଼ାରେ ନାଗବାଚା ଯାତ୍ରା

**ଟିକ୍ରାପଡ଼ା,୧୧।୧୦(ଡି.ଏନ୍.ଏ.)**

ସଇଁତଲା ବ୍ଲକ ଟିକ୍ରାପଡ଼ାଠାରେ ୨ ଦିନ ଧରି ଚାଲିଥିବା ନାଗବାଚା ଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ଗୁରୁ ରୁଦ୍ରମଣି ରାଜପଲିଆ, ବିଜୟ ରାଜପଲିଆଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶଙ୍କର ରାଜପଲିଆ, ବିରଞ୍ଚି ପୁଟେଲ ପୂଜକ ଦାୟିତ୍ୱ ତୁଲାଇଥିଲେ। ବରୁଆଙ୍କ ଦେହରେ ଲାଲ୍ଲବୁଢା, ଚଣ୍ଡି, ସମଲାଇ, ସାତବହନି, ବନଦୁର୍ଗା, ମହାଦେବ, ହନୁମାନ ଆଦି ଦେବଦେବୀଙ୍କ କାଳିଶିଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। ଶ୍ରଦ୍ଧାଳୁମାନେ ଦେବଦେବୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିଥିଲେ। କମିଟି ସଭାପତି ଲୋକନାଥ ପୁଟେଲ, ଉପସଭାପତି ବାବୁଲାଲ ରାଜପଲିଆ, ସଦସ୍ୟ ସିଦ୍ଧେଶ୍ୱର ବୁଡେକ, ଚନ୍ଦ୍ର ପୁଟେଲ, ସୁବୋଧ ରାଜପଲିଆ, ଯୋଗେନ୍ଦ୍ର ଚନ୍ଦନ, ପଞ୍ଚା ବର୍ଗତ୍ତି, ବସନ୍ତ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କନ୍ଧେନବୁଢ଼ା, କନ୍ଧେନବୁଢ଼ୀ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ମୁରିବାହାଲ, ୧୧।୧୦ (ଡି.ଏନ.ଏ,)**

ବଲାଙ୍ଗୀର ଜିଲା ମୁରିବାହାଲ ସଦର ମହକୁମାଠାରେ ଥିବା ମା' ମାହେଶ୍ୱରୀ ପୀଠରେ ନବନିର୍ମିତ କନ୍ଧେନବୁଢ଼ୀ ଓ କନ୍ଧେନବୁଢ଼ା ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସମ୍ପନ୍ନ ହୋଇଛି। ମୁରିବାହାଲ ଓ ଘଣ୍ଟବାହାଲ ଡୁମାଳ ସମାଜ ପକ୍ଷରୁ ଏହି ମନ୍ଦିର ନିର୍ମିତ ହୋଇଛି। ପ୍ରତିଷ୍ଠା ଉତ୍ସବ ପୂର୍ବରୁ ଖଜୁରୀବନ୍ଧରୁ ୧୦୮ପୂର୍ଣ୍ଣ ଜଳକଳସ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। କର୍ତ୍ତା ଭାବେ ତୀରସିଂ ବଘାର ଓ ଟଙ୍କଧର ବଘାର ବରୁଆ କାର୍ଯ୍ୟ ତୁଲାଇଥିଲେ। ପରେ ରୀତିନୀତିରେ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିଲା। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଶ୍ରୀବସ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।



ମନ୍ଦିର ପ୍ରତିଷ୍ଠା ଅବସରରେ ବାହାରିଥିବା ଶୋଭାଯାତ୍ରାରେ ବରୁଆ ଓ ଅନ୍ୟମାନେ।

## ମୁରିବାହାଲ ପଞ୍ଚାୟତ ସମିତି ବୈଠକ

**ମୁରିବାହାଲ, ୧୧।୧୦ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ପଞ୍ଚାୟତ ସମିତିର ୬ଷ୍ଠ ଦ୍ୱିମାସିକ ବୈଠକ ଶୁକ୍ରବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ହଂସରାଜ ଜୈନ ବୈଠକରେ ସଭାପତିତ୍ୱ କରିଥିଲେ। କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ଗ୍ରାମ ପଞ୍ଚାୟତ ଅଧିକାରୀ ନୀଳକଣ୍ଠ କାଲସାଏ ବିବରଣୀ ପାଠ କରିଥିଲେ। ଗତ ୫ ଜାନୁୟାରୀରେ ବୈଠକ ବସିଥିବା ବେଳେ ୯ ମାସ ବ୍ୟବଧାନରେ ଦ୍ୱିମାସିକ ବୈଠକ କେଉଁ ଆଧାରରେ କରାଯାଇ ନାହିଁ ବୋଲି ବିଧାୟକ ସାଲୁଜା ବିଡିଓ ଶିପକ କୁମାର ପାତ୍ରଙ୍କୁ ପ୍ରଶ୍ନ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗ ଆଲୋଚନା କାଳରେ ସିଡିପିଓ ସରସି ପଣ୍ଡା କହିଥିଲେ ଯେ, ବ୍ଲକରେ ଥିବା ୨୦୨ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୧୭୦ଟିର ଗୃହ ରହିଛି। ଅବଶିଷ୍ଟ କେନ୍ଦ୍ରଗୁଡିକର ଗୃହନାହିଁ। ଏଥିରେ ବଡସାଇମରା ପଞ୍ଚାୟତ ଅନ୍ତର୍ଗତ ଖଲିଆପାଲି ଅଙ୍ଗନୱାଡି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଦୀର୍ଘ ୨୨ ବର୍ଷଧରି ଚାଲିଥିଲେ ବି କାହିଁକି କାର୍ଯ୍ୟ ଶେଷ ହୋଇନାହିଁ ବୋଲି ଜିଲା ପରିଷଦ ସଭ୍ୟା ସ୍ମୃତିଧାରା ମହାପାତ୍ର ପ୍ରଶ୍ନ ପଚାରିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଜଗନ୍ନାଥ ଧରୁଆ ତାଙ୍କ ବିଭାଗର ଆଲୋଚନା କାଳରେ କହିଥିଲେ ଯେ, ବ୍ଲକରେ ୧୦୬ ଗୋଟି ଶିକ୍ଷକ ପଦବୀ ଖାଲି ପଡିଛି। ୨୨ଟି ପଞ୍ଚାୟତରେ ଥିବା ୧୮୪ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଧ୍ୟରୁ ଅଧିକାଂଶ ବିଦ୍ୟାଳୟର ଗୃହ ଅବସ୍ଥା ଠିକ୍ ନାହିଁ। ଏଗୁଡିକର ତୁରନ୍ତ ମରାମତି କରିବାକୁ ବଲାଙ୍ଗୀର ଏମପିଙ୍କ ବ୍ଲକ ପ୍ରତିନିଧି ଶ୍ରୀବସ୍ତ ବେହେରା ମତ ରଖିଥିଲେ। ଏହି ବିଭାଗର ଆଲୋଚନାରେ ବଡସାଇମରା ସରପଞ୍ଚ ଅମିତ କୁମାର ପାତ୍ର, ହଳଦୀ ସମିତି ସଭ୍ୟ ହଳଦୀ ମଧୁସୂଦନ ମହାନନ୍ଦ ଅଂଶଗ୍ରହଣ କରିଥିଲେ। ଜଙ୍ଗଲ, ଗ୍ରାମ୍ୟ ଉନ୍ନୟନ, ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ପରିମଳ, ଉଦ୍ୟାନ, ମତ୍ସ୍ୟ ବିଭାଗର କୌଣସି ଅଧିକାରୀ ବୈଠକରେ ଯୋଗ ଦେଇ ନ ଥିବାରୁ ବୈଠକରେ ସଭ୍ୟାସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ହଳଦୀ ସରପଞ୍ଚ ଗୋପୀନାଥ ପାଣିଗ୍ରାହୀ ନିର୍ବାଚିତ ପ୍ରତିନିଧି ଓ ସର୍ବସାଧାରଣଙ୍କ ପାଇଁ ବ୍ଲକ ପରିସରରେ ଏକ ବିଶ୍ରାମ ଗୃହ, ସୁଲଭ ଶୌଚାଳୟ ନିର୍ମାଣ ପାଇଁ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୈନ ଯଥାଶୀଘ୍ର ଏ ଦିଗରେ ପଦକ୍ଷେପ ନେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଆମଗାଁ ଆମ ବିକାଶ ଯୋଜନାର ୨ଲକ୍ଷ ଟଙ୍କାରେ ତୁମ୍ବେରପଡା ଗ୍ରାମରେ ନିର୍ମାଣ କରାଯାଇଥିବା ପ୍ରହର ମଣ୍ଡପ ଏଷ୍ଟିମେଟ ଅନୁଯାୟୀ ନିର୍ମାଣ କରାଯାଇ ନାହିଁ ବୋଲି ବିଧାୟକ ସାଲୁଜା କନିଷ୍ଠ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଥିଲେ। ବ୍ଲକ ଉପାଧ୍ୟକ୍ଷ ସୁନ୍ଦରମତୀ ବାଗ ଏଥିରେ ହସ୍ତକ୍ଷେପ କରିବାରୁ ଏହାକୁ ନେଇ ତାଙ୍କର ବିଧାୟକଙ୍କ ସହ ଯୁକ୍ତିତର୍କ ହୋଇଥିଲା। ବୈଠକରେ ସରପଞ୍ଚ ମିଥିଲା ମାଝି, ଅଗସ୍ତି ବାଗ, ଦିବ୍ୟଲୋଚନ ବୁଡେକ, ଲତା ହେର୍ଣ୍ଣା, ତୋଳାମଣୀ ବାଗ, ଅଞ୍ଜନା ବୈଠାରୁ, ନମିତା ଭରାସଗରିଆ, ସମିତି ସଭ୍ୟ ହରି ମେହେର, ଅନିଲ କୁମାର ଜୈନ, ଜିତେନ ହାତୀ ପ୍ରମୁଖ ଉପସ୍ଥିତ ଥିଲେ।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଜନ ପ୍ରତିନିଧି ଓ ଅଧିକାରୀ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ

**ବଲାଙ୍ଗୀର ଅଫିସ,୧୧।୧୦**

ବଲାଙ୍ଗୀରସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ (ନିରତାର) ସଂଯୁକ୍ତ ଆଞ୍ଚଳିକ କେନ୍ଦ୍ରଠାରେ ଶୁକ୍ରବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ସପ୍ତାହ ପାଳିତ ହୋଇଯାଇଛି। ସେଣ୍ଟର ଅଫିସ ଇନ୍‌ଚାର୍ଜ ଫିଜିଓଥେରାପିଷ୍ଟ ଡା. ସୁରଜ କୁମାର ବଡଜେନାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସହକାରୀ ଜିଲାପାଳ ଯୁଗଳ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆୟୁର୍ବେଦିକ କଲେଜ ପ୍ରଫେସର ରାଧାମୋହନ ବାଗ, ଡିଏନ୍‌ବି ସାଇକେଟ୍ରିକ୍ସ ଚିତ୍ତରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ଚଳିତ ବର୍ଷ ଆତ୍ମହତ୍ୟା ନିରାକରଣ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟ କହିଲେ ଶାରୀରିକ, ମାନସିକ, ସମାଜିକ ସୁସ୍ଥତାକୁ ବୁଝାଇଥାଏ ବୋଲି ଆଲୋଚକମାନେ ପ୍ରକାଶ କରିଥିଲେ। ଏପରି କି ଆତ୍ମହତ୍ୟା କରୁଥିବା ବ୍ୟକ୍ତି ନିଜ ସହ ପରିବାର, ଦେଶ ତଥା ସମାଜର କ୍ଷତି କରିଥାଏ ବୋଲି ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବିରଞ୍ଚି ନାରାୟଣ ସାହୁ, ଶିକ୍ଷକ ରାମନାରାୟଣ ଦାଶ, ରଞ୍ଜିତା ପଣ୍ଡା, ସୌମ୍ୟରଞ୍ଜନ ମିଶ୍ର, ରିଙ୍କୁ ବାରିକ, ଠାକୁର ଜଗଦିଶ ସିଂ, ବାବୁଲାଲ ସୁନା ସହଯୋଗ କରିଥିଲେ। ଅମିତ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଙ୍କଜ ରାଉତ ଧନ୍ୟବାଦ ଦେଇଥିଲେ।

### ୧୨ରୁ ହରଗୌରୀ ଯାତ୍ରା

**ସୋନପୁର, ୧୧।୧୦ (ନି.ପ୍ର.)**

ହରଗୌରୀ ଯାତ୍ରା କମିଟି ଓ ବୁଢ଼ୀମା ଯୁବକ ସଂଘ ଢ଼େରାପଡା ପକ୍ଷରୁ ସୁବର୍ଣ୍ଣପୁରର ପ୍ରସିଦ୍ଧ ହରଗୌରୀ ଯାତ୍ରା ଆସନ୍ତା ୧୨ ତାରିଖରୁ ଆରମ୍ଭ ହେବ। ୨୦ରେ ଏହି ଯାତ୍ରା ସରିବ ବୋଲି କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଶନିବାର ରାତିରେ ଗୌରୀ ନିମନ୍ତ୍ରଣ କାର୍ଯ୍ୟକ୍ରମ ରହିଛି । ସୋମବାର ସନ୍ଧ୍ୟାରେ ହର ନିମନ୍ତ୍ରଣ ଓ ବୁଧବାରଠାରୁ ଶନିବାର ପର୍ଯ୍ୟନ୍ତ ଶିବ ସହସ୍ରାନାମ, ରୁଦ୍ରାଭିଷେକ ଓ ମହାପୂଜା, କୁମକୁମ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହେବ।

## ଯୋଗ ଶିବିର ଉଦ୍‌ଯାପିତ

**ଦେଓଗାଁ,୧୧।୧୦(ଡି.ଏନ.ଏ)**

ବଲାଙ୍ଗୀର ଜିଲଶ ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ କରୁଆଁଝରଠାରେ ୫ ଦିନ ଧରି ଚାଲିଥିବା ପଞ୍ଚଦିବସୀୟ ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଜଗଦୀଶ ପଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରରେ ଯୋଗ ପ୍ରଶିକ୍ଷକ ଅଚ୍ୟୁତ କୁମାର ସାହୁ ଯୋଗଦେଇ ପ୍ରତ୍ୟେକ ଦିନ ପ୍ରାତଃସମୟରେ ଲୋକଙ୍କୁ ଯୋଗ ଶିକ୍ଷା ଦେଇଥିଲେ। ଉଦ୍‌ଯାପନୀ ଦିବସରେ ଜିଲା ଯୋଗ ସମିତି ସଭାପତି ଅଶୋକ କୁମାର ଅଗ୍ରୱାଲ, ଉପସଭାପତି ପ୍ରମୋଦ କୁମାର ଲେଙ୍କା, ଭାରତ ସ୍ୱାଭିମାନ ସଂଘର ସଭାପତି ରଘୁନାଥ ଷଡଙ୍ଗୀ, ଉପ ସଭାପତି ଶିବରାମ ମିଶ୍ର, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭେଇ ପ୍ରମୁଖ ଯୋଗ ଦେଇଥିଲେ।




କରୁଆଁଝରରେ ଯୋଗଶିବିର ଉଦ୍‌ଯାପନୀ ଦିବସରେ ମଞ୍ଚାସୀନ ଅତିଥିବୃନ୍ଦ।

## ଗୋଲାପୀ, ରଇବାରୀଙ୍କର ଦୁଃଖ୍ ଶୁନ୍‌ଲା ପରଶାସନ

**ଲୋଇସିଂହା,୧୧।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପତ୍ରାପାଲି ଗାଁର ବିଧବା ମହିଲା ଗୋଲାପୀ ପଧାନ ଆର ନିସାହା ରଇବାରୀ ପଧାନଙ୍କର ଦୁଃଖ୍ ଜିଲା ପରଶାସନ ଶୁନିଛେ। ଚଲତି ମାସ ୧୫ ତାରିଖ୍ ଉଭଏ ଭତା ପାଏବାର ସଂଗେ ଝନ୍‌କୁ ଘର ଯୁଗେଇ ଦିଆଯିବା ବଲି ଜିଲାପାଳ ଅରିନ୍ଦମ ଡାକୁଆ ଜନେଇଛନ୍। ସୂଚନା ହିସାବେ, ଲୋଇସିଂହା ସଦର ପଁଚେତ୍ ଅଧୀନ ପତ୍ରାପାଲି ଗାଁର ବିଧବା ମହିଲା ଗୋଲାପୀ ପଧାନ(୪୯)। ସ୍ୱାମୀ କୃଷ୍ଣ ପଧାନ କିଡ୍‌ନୀ ରୋଗରେ ପଡ଼ି ଗଲା ବଛର ଆରପାରକେ ଚାଲିଯାଇଛନ୍। ଗୋଲାପୀଙ୍କର ୩ ପୁଓ ଭିତ୍‌ରୁ ବଡ଼ପୁଓ ବିହାତୁରା ହେଇ ପରିବାର ସଂଗେ ଅଲଗେ ରହୁଛନ୍। ଗୋଲାପୀ ମଝିଆଁ ଆର ସାନପୁଓକେ ଧରି ବଡ଼ା ଗୁଲ୍‌ଗୁଲାରେ ରହୁଛନ୍। ହେଲେ ଆପ୍‌ନେ ଚାଲିଯିବାର ବଛରେ ବିତିଯାଇଥିଲେ ବି ଗୋଲାପୀ ବିଧବା ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଭତାର ଲାଗି ଗୋଲାପୀ ଥାନୀଅ ଜନପରତିନିଧିମାନକୁ ଗୁହାରି କରି ନିରାଶ ହେଇଥିଲେ। ସେନ୍‌ତା ଇ ଗାଁର ଆର ଝନେ ନିସାହା ବୁରୁଧ ରଇବାରି ପଧାନ(୬୯)। ସେ ବି ଅନେକ ଥର ପଁଚେତ୍‌ରେ ବୁଢ଼ାବୁଢ଼ି ଭତାର ଲାଗି ଆବେଦନ କରି ନିରାଶ ହେଇଥିଲେ। ଆପ୍‌ନେ ଶଙ୍କର ପଧାନ ଅନେକ ଦିନ୍ ହେଲା ରୋଗ୍ ପରଭାବରେ ଖଟେ ପଡ଼ି ରହିଛନ୍। ଟଁକା ପଏସା ଅଭାବୁ ତାକର ଚିକିଛା ବି ହେଇ ନାଇଁ ପାରବାର। ଏନ୍‌ତା ପରିସ୍ଥିତିରେ ଗଲା ଅଗଷ୍ଟ ମାସେ ହେଇଥିବାର ବରଷାରେ ତାକର ଘରଟା ବି ଭାଂଗି ଯାଇଛେ। ଇ ବାବ୍‌ଦେ ଗଲା ୪ ତାରିଖ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ ଖବର ବାହାରିଥିଲା। ଇ ଖବରକେ ସାମାଜିକ କରମୀ ଦିବସ ସାହୁ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଟୁକୁନି ସାହୁ ଆର ଜିଲାପାଳଙ୍କୁଁ ଟୁଇଟ କରି ସମସିଆର ସମାଧାନ ଲାଗି ନିବେଦନ କରିଥିଲେ। ଇତାର ଉତରରେ ଜିଲାପାଳ ଅରିନ୍ଦମ ଡାକୁଆ ଉଭଏ ନିସାହା ମହିଲାଙ୍କୁଁ ଆଏବାର ୧୫ ତାରିଖରେ ଭତା ଦିଆଯିବା ଆର ଖାସ୍‌କରି ରଇବାରୀଙ୍କର ନାଁରେ ବିପିଜିୱାରେ ଘର ମଂଜୁର କରାଯାଇଥିବାର ସେ କହିଛନ୍।




ଜିଲାପାଳ ସାମାଜିକ କରମୀଙ୍କର ଟୁଇଟ୍‌ର ଉତର ଦେଇଥିବାର ଫଟୋ।

## ଜରାସିଂହା ପାଟଖଣ୍ଡା ଯାତ୍ରା ସମ୍ପନ୍ନ

**ଦେଓଗାଁ,୧୧।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହାରେ ବିଜୟା ଦଶମୀରୁ ୫ ଦିନ ଧରି ଚାଲିଥିବା ମା' ପାଟଖଣ୍ଡା ଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ଅପରାହ୍ନରେ ପାଟଖଣ୍ଡାଙ୍କ କାଳିଶି ବରୁଆଙ୍କ ଦେହରେ ଲାଗି ସ୍ୱତନ୍ତ୍ର ବାଦ୍ୟର ତାଳେ ତାଳେ ବିଭିନ୍ନ ଭଙ୍ଗିରେ ନୃତ୍ୟ କରି ମାନସିକକଧାରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏପରି କି ରାଜ ନଅର ପରିକ୍ରମା କରି ଭକ୍ତଙ୍କ ଦର୍ଶନ ଦେଇଥିଲେ। ଏହି ଅବସରରେ ଛେଳି, ମେଣ୍ଢା ଆଦି ବଳି ପ୍ରଦାନ କରାଯାଇଥିଲା। ପୂଜାର୍ଚ୍ଚନା ପରେ ଭକ୍ତଙ୍କୁ ଶେଷ ଦର୍ଶନ ସହ ଆଶୀର୍ବାଦ ପ୍ରଦାନ କରି ଦେବତା ସ୍ୱସ୍ଥାନ ଦେଝାର ଜଙ୍ଗଲକୁ ପ୍ରତ୍ୟାବର୍ତ୍ତନ ପରେ ଯାତ୍ରା ସମ୍ପନ୍ନ ହୋଇଥିଲା। ଗୁରୁବାର ପାହାନ୍ତାରେ ମାନସିକ ରୋଗୀଙ୍କ ସହ ବିଭିନ୍ନ ରୋଗୀଙ୍କୁ ଦେବତା ଲୁହାର ଏକ ଶିକୁଳି ସ୍ପର୍ଶ କରି ରୋଗ ଛଡାଇବାର କାର୍ଯ୍ୟକ୍ରମ ହୋଇଥିଲା। ରାତିରେ ଅନୁଷ୍ଠିତ ନିଶିଗୁଡି ଯାତ୍ରାରେ ଶତାଧିକ ମାନସିକଧାରୀ ମା'ଙ୍କ ନିକଟରେ ଗୁହାରି କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏପରି କି ଅପୁତ୍ରିକଙ୍କୁ ପୁତ୍ର ପ୍ରାପ୍ତି ନିମନ୍ତେ ଫଳ ପ୍ରଦାନ କାର୍ଯ୍ୟକ୍ରମ ହୋଇଥିଲା । ଅଧିଆ ପଡିଥିବା ଅପୁତ୍ରିକ ମାନସିକଧାରୀଙ୍କ ଉପରେ ନୃତ୍ୟରତ ଅବସ୍ଥାରେ ଦେବତା ଛିଡା ହୋଇ ବରପ୍ରଦାନ କାର୍ଯ୍ୟକ୍ରମ ଏଠାରେ ସମ୍ପୂର୍ଣ୍ଣ ନିଆରା। ଯାତ୍ରାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦଣ୍ଡନୃତ୍ୟ ଅନୁଷ୍ଠିତ ହୋଇଥିଲା । ମା' ପାଟଖଣ୍ଡା ଦେବୀଙ୍କ ଉପରେ ମାନସୀକଧାରୀଙ୍କ ଆସ୍ଥା ରହିଥିବାରୁ ପ୍ରତିବର୍ଷ ଶ୍ରଦ୍ଧାଳୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଚଳିତ ବର୍ଷ ମଧ ଯାତ୍ରାରେ ଜିଲା ତଥା ଜିଲା ବାହାରରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଯାତ୍ରାରେ ମିନା ବଜାର, ଦୋଳି ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ରହିଥିଲା। ମୁଖ୍ୟ ସେବାୟତ ସନ୍ତୋଷ ଥନାପତି, ମୁଖ୍ୟ ସେବକ ସାମନ୍ତ ଦୁର୍ଗାପ୍ରସାଦ ସିଂ ଦେଓ, ପଣ୍ଡିତ ଅସିତ କୁମାର ତ୍ରିପାଠୀ, ଆଲୋକ ତ୍ରିପାଠୀ, ଉଜ୍ଜ୍ୱଳ ଝାଙ୍କର, ଡା.ସରୋଜ କୁମାର ସାହୁ, ବିଏନ୍‌ଏଏ ସଭାପତି ସୁନ୍ଦରମଣି ଦଣ୍ଡସେନା, ୩୨ ଦେହୁଲି ଗଣ, ବିଏନ୍‌ଏଏ ଯୁବକ ସଂଘ ଏବଂ ଜରାସିଂହା ଗ୍ରାମବାସୀ ଯାତ୍ରାରେ ସହଯୋଗ କରିଥିଲେ।



ଜରାସିଂହା ପାଟଖଣ୍ଡାଯାତ୍ରା ବାହୁଡ଼ା ବିଜୟ ଅବସରରେ କାଳିଶି ପାରମ୍ପରିକ ବାଦ୍ୟରେ ନୃତ୍ୟ କରୁଛନ୍ତି।



ଆଜିର କାମ ଆସନ୍ତା କାଲିକୁ ବାକି ରଖି ନ ଥିବା ଲୋକ ଜୀବନରେ ସବୁବେଳେ ଆଗରେ ଥାଏ ଏବଂ ଏକ ଉଜ୍ଜ୍ୱଳମୟ ଭବିଷ୍ୟତ ସେହି କର୍ମବୀର ପାଇଁ ଅପେକ୍ଷା କରିଥାଏ।
- ଟମାସ କାର୍ଲାଇଲ୍



## ସଂକ୍ଷେପରେ

### ବ୍ଲକସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଭବାନୀପାଟଣା,୧୧।୧୦ (ଡି.ଏନ.ଏ.)- ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଦାଦପୁର ବୁଢାରଜା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚାଲିଥିବା ବ୍ଲକସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜାଜଲ୍ୟ ଦେଇପୁର ପେନାଲଟି ଯୋଗେ ୧-୦ ଗୋଲରେ ଦଦେପୁରକୁ ହରାଇ ଦଳଗତ ଚାମ୍ପିୟନ ହୋଇଥିଲା। ରେଫରୀ ଉପେନ୍ଦ୍ର ଶବର, ମୁକେଶ ରାଉତ, ବାଜି ହେମ୍ବ୍ରମ ଖେଳ ପରିଚାଳନା କରିଥିଲେ। ଅନୁଷ୍ଠାନର ସଭାପତି ପରମେଶ୍ୱର ଝାଙ୍କରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣି ଉତ୍ସବରେ ମୁଖ୍ୟଅତିଥି ରାଜ୍ୟ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ସମ୍ମାନିତ ଅତିଥି ଜଗଦୀଶ ଚନ୍ଦ୍ର ପ୍ରଧାନ, ଦୟାନିଧି ନାଏକ, ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟ ଅଧକ୍ଷ ଛବିଲାଲ ସାହୁ, ଦେବାର୍ଚ୍ଚନ ପ୍ରଧାନ, ବୈକୁଣ୍ଠ ବାଣୁଆ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ସନ୍ତୋଷ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ମୁରଲୀ ପଶାୟତ, ଚନ୍ଦ୍ରମଣି ଝାଙ୍କର, ସୁନୀଲ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିନା ସୂଚନା ଫଳକରେ ନିର୍ମାଣ ଚାଲିଛି ଆଦିବାସୀ ଛାତ୍ରୀ ନିବାସ

# ନିମ୍ନମାନର କାମ ନେଇ ଅଭିଯୋଗ

କେସିଙ୍ଗା,୧୧।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପରଲସିଙ୍ଗା ଗ୍ରାମପଞ୍ଚାୟତରେ ନିମାଣାଧୀନ ଆଦିବାସୀ ଛାତ୍ରୀ ନିବାସ ନିମ୍ନମାନର କାମ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ଶ୍ରମ ଅଫିସରଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ବିନାସୂଚନା ଫଳକରେ କାମ ଚାଲିଥିବା ଜଣାପଡ଼ିଛି। ଏଥିସହ ଏହି କାମରେ ଶିଶୁ ଶ୍ରମିକ ନିୟୋଜିତ ଥିବା ମଧ୍ୟ ଅଭିଯୋଗ ହେଉଛି। ଉକ୍ତ ଗ୍ରାମପଞ୍ଚାୟତ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବାରୁ ପରଲସିଙ୍ଗାସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ନିକଟରେ ଗତ ଫେବୃୟାରୀଠାରୁ ନିର୍ମାଣ କରାଯାଉଛି । ଫାଉଣ୍ଡେସନ ଖୋଳାଠାରୁ ଦୁଇ ମହିଳା ଆଦିବାସୀ ଛାତ୍ରୀ ନିବାସ ସରିବାକୁ ବସିଲାଣି



ପରଲସିଙ୍ଗାରେ ଆବାସିକ ଆଦିବାସୀ ଛାତ୍ରୀ ନିବାସ ବିନା ସୂଚନା ଫଳକରେ ନିର୍ମାଣ ଚାଲିଛି ।

**କେସିଙ୍ଗା ବ୍ଲକ**
- ଶିଶୁ ଶ୍ରମିକ ନିୟୋଜିତ

ହେଲେ ସୂଚନା ଫଳକ ନାହିଁ । ଫଳରେ ଆଦିବାସୀ ଛାତ୍ରୀ ନିବାସ କେଉଁ ବିଭାଗ ଦ୍ୱାରା, କେତେ ଟଙ୍କା, କାର୍ଯ୍ୟ ଆରମ୍ଭ, କାର୍ଯ୍ୟ ଶେଷ ତାରିଖ କୌଣସି ସୂଚନା ଲୋକେ ଜାଣିପାରୁ ନାହାନ୍ତି । ଛାତ୍ରୀ ନିବାସର ପ୍ରଥମ କୋଠାରେ ୪ଟି ହଲ ଓ ଶୌଚାଳୟ ରହିଛି । ସେହିପରି ଉପର ମହଲା ଘର ମଧ୍ୟ ୪ଟି ହଲ ଓ ଶୌଚାଳୟ ରହିଛି। ଅତିନିମ୍ନମାନ ଭାବେ ଫାଉଣ୍ଡେସନ କାମ ହୋଇଛି। ଉକ୍ତ ବିଲ୍ଡିଂର ଫାଉଣ୍ଡେଶନ, ସ୍ଲାପ, କଲମରେ ନିମ୍ନମାନର ଲୁହାଛଡ ଲଗାଯାଇଥିବା ଅଭିଯୋଗ ହୋଇଛି। ଏହି ଆଦିବାସୀ ଛାତ୍ରୀନିବାସ ନିର୍ମାଣରେ ଆଖପାଖ ଅଞ୍ଚଳର ଶିଶୁ ଶ୍ରମିକମାନଙ୍କୁ ନିୟୋଜିତ କରାଯାଇ କାମ କରାଯାଉଛି। ମହିଳା ଓ ଶିଶୁ ଶ୍ରମିକମାନଙ୍କୁ ଦୈନିକ ୧୭୦ ଟଙ୍କା ହିସାବରେ ନିୟୋଜିତ କରାଇ କାମ କରାଯାଉଛି । ଶ୍ରମିକମାନଙ୍କୁ ଠିକ ଭାବେ ପାରିଶ୍ରମିକ ମଧ୍ୟ ଦିଆ ଯାଉନାହିଁ। ବିଭାଗୀୟ ଅଧିକାରୀମାନେ ମଧ୍ୟ ଏହି କାମ ତଦାରଖ କରୁନାହାନ୍ତି। ମାସ ଶେଷରେ ମଧ୍ୟ ଶ୍ରମିକମାନଙ୍କୁ ପାରିଶ୍ରମିକ ବାବଦକୁ ସମ୍ପୂର୍ଣ୍ଣ ଟଙ୍କା ଦିଆଯାଉନି । କାହାକୁ ୫୦୦ ଟଙ୍କା ତ କାହାକୁ ୬୦୦ ଟଙ୍କା ଦେଇ କାମ କରାଯାଉଛି । ରାଜ୍ୟ ସରକାର ଶ୍ରମିକମାନଙ୍କୁ ୨୭୫ ଟଙ୍କାରୁ ଆରମ୍ଭ ହୋଇ କୁଶଳୀ, ଅର୍ଦ୍ଧକୁଶଳି ଓ ମିସ୍ତ୍ରୀମାନଙ୍କୁ ୫୦୦ ଟଙ୍କା ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିଲେ ସୁଦ୍ଧା ଠିକାଦାର ଜଣକ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରି କମ ଟଙ୍କା ଦେଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜିଲା ସହକାରୀ ଶ୍ରମ ଅଧିକାରୀ ସଂଗ୍ରାମ ଦଲାଇଙ୍କୁ ପଚାରିବାରୁ ଶିଶୁ ଶ୍ରମିକ ନିୟୋଜିତ ନ ହେବା କଥା, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ରେତ୍ ନଦୀରେ ଭାସି ବାଳକ ମୃତ, ୨ ଦିନ ପରେ ମୃତଦେହ ଉଦ୍ଧାର

ଭବାନୀପାଟଣା,୧୧।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବୋରିଆ ପଞ୍ଚାୟତର ଗାଇଦର ଗାଁ ନିକଟ ରେତ ନଦୀରେ ଭାସି ଜଣେ ବାଳକଙ୍କ ମୃତ୍ୟୁ ହୋଇଛି। ମୃତ ନାବାଳକ ଜଣକ ହେଲେ ନର୍ଲା ଥାନା ଭୀମକେଲା ପଞ୍ଚାୟତ ପଲସାପଡା ଗାଁର ରୁଦ୍ର ମାଝିଙ୍କ ପୁଅ କାଶୀ (୧୨)। ଦୁଇଦିନ ତଳେ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ସେ ନିଖୋଜ ହୋଇ ଯାଇଥିଲେ। କାଶୀ ନିଜ ମାମୁଁ ଘର ଗାଇଦର ଗ୍ରାମରେ ସୁରେଶ ଚନ୍ଦ୍ର ଭୋଇଙ୍କ ଘରେ ରହି ପାଠ ପଢୁଥିଲେ। ଗତ ୪ ତାରିଖ ମଧ୍ୟାହ୍ନରେ ସେ ସାଙ୍ଗମାନଙ୍କ ସହ ନିକଟସ୍ଥ ରେତ୍ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ହଠାତ ନଦୀର ପ୍ରଖର ସ୍ରୋତରେ ଭାସି ଯାଇଥିଲେ। ଏହା ଦେଖି ସାଙ୍ଗମାନେ ପଳେଇ ଆସି ଘରେ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ କେସିଙ୍ଗା ପୋଲିସ ଓ ଦମକଳ ବାହିନୀ ପହଞ୍ଚି ଖୋଜାଖୋଜି କରିଥିଲେ। କୌଣସି ପତ୍ତା ପାଇ ନ ଥିବା ବେଳେ ନଦୀ ତୁଠରୁ ବାଳକର ପିନ୍ଧା ବସ୍ତ୍ର ଓ ସାଇକେଲକୁ ପୋଲିସ ଉଦ୍ଧାର କରିଥିଲା। ଘଟଣାର ଦୁଇ ଦିନ ପରେ ୬ ତାରିଖ ସନ୍ଧ୍ୟାରେ କାଶୀର ମୃତହେଦ ସିମଲଦୋରା ଘାଟରୁ ଉଦ୍ଧାର କରିଥିଲେ। ପରେ ବ୍ୟବଚ୍ଛେଦ ପାଇଁ ପୋଲିସ କେସିଙ୍ଗା ସରକାରୀ ଡାକ୍ତରଖାନାକୁ ପଠାଇ ଦେଇଛି। ୭ ତାରିଖରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଅସହାୟ ପରିବାରକୁ ଯାଦବ ସମାଜର ସହାୟତା ପ୍ରଦାନ

ଭବାନୀପାଟଣା,୧୧।୧୦ (ଡି.ଏନ.ଏ.)

ପ୍ରଥମେ ମା' ଚାଲିଗଲେ। ଏବେ ବାପା ମଧ୍ୟ ଆରପାରିକୁ ଚାଲିଗଲେ। ମା'ବାପାଙ୍କ ମୃତ୍ୟୁ ପରେ ପିଲାମାନେ ନିଃସହାୟ ଭାବେ ଜୀବନ ଜିଉଁଛନ୍ତି। ଗରିବ ହୋଇଥିବାରୁ ବାପାଙ୍କ ଦଶାହ କାର୍ଯ୍ୟ ମଧ୍ୟ କରିପାରି ନାହାନ୍ତି। ଏଭଳି ଏକ ଦୁଃଖ ଘଟଣା ଧର୍ମଗଡ ବ୍ଲକ ଅନ୍ତର୍ଗତ ଜୟନ୍ତପୁର ପଞ୍ଚାୟତ ବାରିକପଡାରେ ଘଟିଛି । ଜୟନ୍ତପୁର ପଞ୍ଚାୟତ ବାରିକପଡାର ସୁନିତା ବାରିକ (୧୭), ଭାଉଣୀ ବନିତା (୧୫) ଓ ଭାଇ ତୁଷାର (୧୧)ଙ୍କ ପାଇଁ ସରକାରୀ ସହାୟତା ସ୍ୱପ୍ନ ପାଲଟିଥିବା ବେଳେ ଏହି ଅନାଥ ୩ ପିଲାଙ୍କୁ ସହାୟତାର ହାତ ବଢାଇଛି ନର୍ଲା ଆଞ୍ଚଳିକ ଯାଦବ ସମିତି।

ଏହି ପଡାର ସ୍ୱର୍ଗତ ଲକ୍ଷ୍ମୀକାନ୍ତ ବାରିକଙ୍କ ସ୍ତ୍ରୀ ବିମଳାଙ୍କ ମୃତ୍ୟୁ ହୋଇଥିଲା। ଦୁଃଖ କଷ୍ଟ ଲକ୍ଷ୍ମୀକାନ୍ତ ମୂଲ ଲାଗି ପରିବାର ଚଳାଇ ନେଉଥିଲେ। ହଠାତ୍ ଗତ ୧ ତାରିଖରେ ଲକ୍ଷ୍ମୀକାନ୍ତଙ୍କ ମୃତ୍ୟୁ ଘଟିଛି। ଏହି ଅର୍ଥକ ଅନଟନ ଯୋଗୁ ବାପାଙ୍କ ଶୁଦ୍ଧିକ୍ରିୟା କରିପାରିନାହାନ୍ତି। ଏଭଳି ଦୁଃଖ ସମୟରେ ୩ ଅନାଥ ଭାଇଭଉଣୀଙ୍କୁ ସହାୟତାର ହାତ ବଢାଇଛି ନର୍ଲା ଆଞ୍ଚଳିକ ଯାଦବ ସମିତି। ସମିତିର ସଭାପତି ଚିତ୍ରସେନ ଗୋପାଳ, ସମ୍ପାଦକ ଗଣେଶ ଗୋପାଳ, ଧର୍ମଗଡ ବ୍ଲକ ଉତ୍କଳ ଯାଦବ ମହାସଭା ସଭାପତି ଶଙ୍କର ଯୁଏଡ, ଯୁବ ଯାଦବ ସମ୍ପାଦକ କାର୍ତ୍ତିକ ଛତ୍ରିୟା ପ୍ରମୁଖ ଅନାଥ ଭାଇ ଭାଉଣୀଙ୍କୁ ଭେଟି ଶାନ୍ତ୍ୱନା ଦେବା ସହ ସତ୍କାରରେ ରିଖିରାମ ବାରିକ, କୃଷ୍ଣ ବାରିକ ଓ ଗ୍ରାମବାସୀ ସହଯୋଗ କରିଥିଲେ। ଏହି ଗରିବ ପିଲାଙ୍କୁ ଦୁଃଖ ସମୟରେ ସରକାରୀ ସହାୟତା ଅପରିହାର୍ଯ୍ୟ ହୋଇପଡିଛି। ଜିଲାପାଳ ଏ ଦିଗରେ ଦୃଷ୍ଟି ଦେଇ ନାବାଳକ ଭାଇ ଭଉଣୀଙ୍କୁ ଥଇଥାନ କରିବାକୁ ଯାଦବ ସମିତି ପକ୍ଷରୁ ରାଜକିଶୋର ବାଗ, ପୀତବାସ ଗୋପାଳ, ଚମ୍ପେଶ୍ୱର ଗୋପାଳ, ଧନୀରାମ ଗୋପାଳ, ବିପିନ ଗୋପାଳ, ଦୈତାରୀ ବାଗ ଓ ଅନ୍ୟମାନେ ଦାବି କରିଛନ୍ତି।

କୁନ୍ତୀ ହତ୍ୟା ମାମଲାର ନିରପେକ୍ଷ ତଦନ୍ତ ଦାବି

# ବଳାତ୍କାର ପରେ ହତ୍ୟା ସନ୍ଦେହ

ଭବାନୀପାଟଣା,୧୧।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲାର ଜୟପାଟଣା ବ୍ଲକ୍ ସର୍ଗିଗୁଡ଼ା ଗ୍ରାମପଞ୍ଚାୟତ ଘୁଟୃନାଗଫେଣି ଗ୍ରାମର କୁନ୍ତୀ ରାଉତ (୨୬)ଙ୍କ ମୃତଦେହ ସୋମବାର ଘୁଟୃନାଗଫେଣୀ ଗ୍ରାମର ମକରନ୍ଦ ମାଝିଙ୍କ ଚାଷ ଜମିର ଏକ ଗଛ ଉପରୁ ଉଦ୍ଧାର କରାଯାଇଛି। କୁନ୍ତୀଙ୍କୁ ହତ୍ୟା କରି ଗଛ ଉପରେ ରଖା ଯାଇଥିବା କୁନ୍ତୀଙ୍କ ବାପା ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘୁଟୃନାଗଫେଣି ଗ୍ରାମରେ ରବିବାର ରାତିରେ ଜହ୍ନି ଓଷା ଅବସରରେ ଏକ ନାଟକ ଅନୁଷ୍ଠିତ ହୋଇଥିଲା । ଏହି ନାଟକ ପ୍ରାୟ ରାତି ୧୦ଟାରେ ଆରମ୍ଭ ହୋଇଥିଲା । କୁନ୍ତୀ ଏବଂ ତାଙ୍କ ସ୍ୱାମୀ ବଳରାମ ରାଉତ ନାଟକ ଦେଖିବାକୁ ଯାଇ ନ ଥିଲେ। ନାଟକ ଆରମ୍ଭର କିଛି ସମୟ ପରେ କୁନ୍ତୀ ସ୍ୱାମୀଙ୍କୁ ନାଟକ ସ୍ଥଳରେ ବେଲୁନ୍ ବିକ୍ରି ହେଉଛି ଏବଂ ବେଲୁନ୍ ତାଙ୍କ ଝିଅ ପାଇଁ ଆଣିବାକୁ କହିଥିଲେ । ବଳରାମ ବେଲୁନ୍ କିଣି କିଛି ସମୟ ନାଟକ ଦେଖିବା ପରେ ଘରକୁ ଫେରିବା ପରେ ଦେଖିଲେ ଯେ ଝିଅ କାନ୍ଦୁଛି ଏବଂ ପାଖରେ ମା' ନାହିଁ । କୁନ୍ତୀ ଶୌଚ ପାଇଁ ବାହାରକୁ ଯାଇଥିବା ଭାବି କିଛି ସମୟ ଅପେକ୍ଷା କରିଥିଲେ। କିନ୍ତୁ ଦୀର୍ଘ ସମୟ ପରେ ସେ ନ ଫେରିବାରୁ ଗାଁର କିଛି ଲୋକଙ୍କ ସହାୟତରେ କୁନ୍ତୀଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ମିଳି ନ ଥିଲେ । ସକାଳେ ମକରନ୍ଦ ମାଝିଙ୍କ ଚାଷ ଜମିର ଏକ ଗଛ ଉପରେ ଦୁଇ ଡ଼ାଳ ସନ୍ଧିରେ କୁନ୍ତୀ ବସିଥିବା ଦେଖାଯାଇଥିଲା। ଶାଢ଼ୀର ଗୋଟିଏ ପାର୍ଶ୍ୱ ବେକରେ ବନ୍ଧା ହୋଇଥିବା ବେଳେ ଅନ୍ୟ ପାର୍ଶ୍ୱ ଗଛ ଡାଳରେ ବନ୍ଧା ହୋଇଥିଲା। ଜୟପାଟଣା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର ପାଇଁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକେ ସାଇନ୍‌ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଆସିବା ପରେ ଉଦ୍ଧାର ପାଇଁ ଦାବି କରିଥିଲେ । ସାଇନ୍‌ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ଆସିବା ପରେ ମୃତଦେହ ଉଦ୍ଧାର କରାଯାଇଥିଲା । ମଙ୍ଗଳବାର ଜୟପାଟଣା ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ୍ କରାଯାଇଥିଲା । କୁନ୍ତୀଙ୍କୁ ବଳାତ୍କାର କରାଯାଇ ହତ୍ୟା କରାଯାଇଥିବା ନେଇ ଗ୍ରାମରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଜୟପାଟଣା ପୋଲିସ ୪ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି । ରବିବାର ରାତିରେ କୁନ୍ତୀଙ୍କ ବାପ ଘର ଲୋକ ସହିତ ଅନ୍ୟ ଦୁଇ ଜଣ ବ୍ୟକ୍ତି ରାତ୍ରିଭୋଜନ କରିଥିଲେ । ବଳରାମଙ୍କ ଅନୁପସ୍ଥିତି ପରେ କୁନ୍ତୀ ଘରେ ନ ଥିବା ଏବଂ ମୃତଦେହ ଗଛ ଉପରେ ଥିବା ଘଟଣା ଏହା ଏକ ଯୋଜନାବଦ୍ଧ ହତ୍ୟା ବୋଲି ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି । କୁନ୍ତୀ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ନେଇ ଜୟପାଟଣା ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ. ୨୫୮/୧୯) ରୁଜୁ ହୋଇ ତଦନ୍ତ ଜାରି ରହିଛି ।



ଅଟକ ବନ କର୍ମଚାରୀଙ୍କୁ ଉଦ୍ଧାର ପାଇଁ ଯାଇଥିବା ପୋଲିସ ଲୋକଙ୍କ ସହ ଆଲୋଚନା କରୁଛନ୍ତି ।

# ଗ୍ରାମବାସୀଙ୍କ ଦ୍ୱାରା ଫରେଷ୍ଟ ଗାର୍ଡଙ୍କ ସମେତ ୨ ଅଟକ

କୋକସରା,୧୧।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ସିର୍ଲିଗୁଡା ଗ୍ରାମରେ ଶୁକ୍ରବାର ଭୋରେ ଧର୍ମଗଡ ଦକ୍ଷିଣ ବନାଞ୍ଚଳ କର୍ମଚାରୀ କାଠ ଚୋରଙ୍କୁ ଧରିବାକୁ ଯାଇ ଗ୍ରାମବାସୀଙ୍କ ଦ୍ୱାରା ଫରେଷ୍ଟ ଗାର୍ଡଙ୍କ ସମେତ ୨ ଅଟକ ଥିବା ଜଣାପଡ଼ିଛି। କାଠମାଫିଆମାନଙ୍କୁ ଛାଡି ଦେଉଥିବାବେଳେ ଜାଳେଣି ପାଇଁ ଅଳ୍ପ କାଠ ସଂଗ୍ରହ କରୁଥିବା ନିରିହ ଲୋକଙ୍କୁ ହଇରାଣ କରୁଥିବା ଅଭିଯୋଗରେ ବନ ବିଭାଗ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ଘଟଣାସ୍ଥଳରେ କୋକସରା ପୋଲିସ ଓ ଆମପାଣି ଫରେଷ୍ଟର ନରେନ୍ଦ୍ର ବିଶି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ସେମାନଙ୍କୁ ଛାଡିଦେଇଥିବା ବେଳେ ପୋଲିସ ଗାଡି ଜବତ କରି ଥାନାକୁ ଆଣି ତଦନ୍ତ ଜାରି ରଖିଛି । ଧର୍ମଗଡ ଦକ୍ଷିଣ ବନାଞ୍ଚଳ ଅନ୍ତର୍ଗତ ବେହେରା ସେକସନ ଫରେଷ୍ଟ ଗାର୍ଡ ବୈଷ୍ଣବ ଚରଣ ପତ୍ରୀ, ଜଗୁଆଳି ଶିବ ଗୋପାଲ ଓ ଡ୍ରାଇଭର ଜୟରାମ ବିଶି ପାଟ୍ରୋଲିଂ କରୁଥିଲେ । ନେଗିଗୁଡା, ସିର୍ଲିଗୁଡା ରାସ୍ତାରେ କେତେକ ଲୋକ ଜଙ୍ଗଲରୁ କାଠ ଆଣୁଥିବା ଖବର ପାଇଥିଲେ। ବନ ବିଭାଗ ଏକ ଗାଡି (ନଂ.ଓଆର୦୨ଏଜେ ୫୨୬୮)ରେ ପିଛା କରୁଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାକଡ ଏକ ଚାଷ ଜମିରେ ଓଲଟି ପଡିଥିଲା। ଦୁର୍ଘଟଣାରୁ ଜଙ୍ଗଲ ବିଭାଗ କର୍ମଚାରୀମାନେ ଅଳ୍ପକେ ରକ୍ଷା ପାଇଯାଇଥିବା ବେଳେ ସିର୍ଲିଗୁଡା ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇଥିଲେ। ଜଙ୍ଗଲ ମାଫିଆମାନଙ୍କୁ କର୍ମଚାରୀମାନେ ଘଣ୍ଟଘୋଡାଇ ନୀରିହ ଗରିବ ଯେଉଁମାନେ ଜଙ୍ଗଲରୁ ଜାଳେଣି ପାଇଁ ଅଳ୍ପ କାଠ ସଂଗ୍ରହ କରି ଆଣୁଥିବା ବେଳେ ସେମାନଙ୍କ ଉପରେ ସେମାନେ ଦାଉ ସାଧୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରି ଅଟକ ରଖିଥିଲେ । ଏ ନେଇ ଗ୍ରାମବାସୀ କିମ୍ବା ବନ ବିଭାଗ ପକ୍ଷରୁ ଥାନାରେ ଏତଲା ହୋଇ ନ ଥିବା ତଦନ୍ତକାରୀ ଅଧିକାରୀ ବୁଲୁ ସେଠୀ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ବେହେରା ଫରେଷ୍ଟର ସୁରେଶ ରାଉତଙ୍କୁ ପଚାରିବାରୁ ସେ ମେଡିକାଲ କାମରେ ବହାରକୁ ଯାଇଥିବା କହିଥିଲେ। ଘଟଣା ସମ୍ପର୍କରେ ଧର୍ମଗଡ ରେଞ୍ଜର ପ୍ରଦୀପ ଭୋଇଙ୍କୁ ପଚାରିବାରୁ ଗ୍ରାମବାସୀଙ୍କ ଅଭିଯୋଗ ଭିତ୍ତିହିନ ବୋଲି କହିଥିଲେ।

# ହାତୀ ଆକ୍ରମଣରେ ମହିଳା ଗୁରୁତର

ଭବାନୀପାଟଣା,୧୧।୧୦(ଡି.ଏନ.ଏ.)

ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର ପଞ୍ଚାୟତର ବେଲାଙ୍ଗ ବୁନ୍ଦେଲ ଗାଁର ବୃନ୍ଦାବନ ଗଉଡଙ୍କ ସ୍ତ୍ରୀ ଜାନକୀ ଗଉଡ (୪୫)ଙ୍କୁ ବୁଧବାର ହତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଲାଞ୍ଜିଗଡ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ଗତ ୯ ତାରିଖ ଅପରାହ୍ନ ଗୋଟାଏରେ ଜାନକୀ ନିଜ ନାତୁଣୀ ରତିକା (୫)ଙ୍କ ସହ ଖାଇ ବସିଥିବା ସମୟରେ ଘର ଦୁଆର ସାମ୍ନାରେ ହାତୀ ଛୁଆକୁ ଦେଖି କବାଟ ବନ୍ଦ କରି ଦେଇଥିଲେ। କିନ୍ତୁ ହାତୀ ଛୁଆ କବାଟ ଭାଙ୍ଗି ଜାନକୀଙ୍କୁ ଠେଲି ଦେଇଥିଲା। ଫଳରେ ଜାନକୀଙ୍କ ପଛ ପଟେ ସାମାନ୍ୟ ଆଘାତ ଲାଗିଥିବା ସହ ଛାତିରେ ମଧ୍ୟ ଆଘାତ ଲାଗିଛି। ପରିବାର ଲୋକେ ତାଙ୍କୁ ଲାଞ୍ଜିଗଡ ମେଡିକାଲରେ ଭର୍ତ୍ତି କରିଛନ୍ତି। ଲାଞ୍ଜିଗଡ ବନ ବିଭାଗ ଡାକ୍ତରଖାନାରେ ପହଞ୍ଚିଥିଲେ।

ସମ୍ପର୍କୀୟା ଭଉଣୀ ଘରେ ନାବାଳିକାଙ୍କ ମୃତଦେହ ଉଦ୍ଧାର ଘଟଣା

# ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ

କୁନାଗଡ଼,୧୧।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଭଇଁରୀଗୁଡାରେ ଗତ ସେପ୍ଟେମ୍ବର ୧୪ ତାରିଖରେ ସମ୍ପର୍କିୟ ଭଉଣିଙ୍କ ଘରେ ଜଣେ ନାବାଳିକାଙ୍କ ମୃତଦେହ ପୋଲିସ ଉଦ୍ଧାର କରିଥିଲା। ମୃତା ନାବାଳିକା ଜଣକ ଜୁନାଗଡ ମଦଭାଟିପଡାର କୁପରଚନ ନାଏକଙ୍କ ଝିଅ ବବିତା ନାଏକ (୧୭) ବୋଲି ଜଣାପଡିଥିଲା। ଉକ୍ତ ଦିନ ମୃତକାଙ୍କ ଭାଇ ଦେବରାଜ ନାଏକ ଏହା ଆତ୍ମହତ୍ୟା ନୁହେଁ ବରଂ ହତ୍ୟା କରାଯାଇ ଆତ୍ମହତ୍ୟାର ରୁପ ଦିଆଯାଇଥିବା ଓ ଏଥିରେ ସମ୍ପର୍କିୟ ଭଉଣି ଓ ତାଙ୍କ ଝିଅ ସାମିଲ ଥିବା ଦର୍ଶାଇ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ହେବାର ଦୀର୍ଘଦିନ ପରେ ବି ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଏହାର ପ୍ରତିବାଦରେ ଶୁକ୍ରବାର ଅପରାହ୍ନ ୨.୪୫ରେ ଜୁନାଗଡ ଥାନା ସମ୍ମୁଖରେ ମୃତକାଙ୍କ ପରିବାର ଓ ସମ୍ପର୍କିୟ ଲୋକେ ନ୍ୟାୟ ଦାବିରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଖବର ପାଇ କଳାହାଣ୍ଡି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ



ଏଏସ୍‌ପି ଗୋପୀନାଥ ମଣିପାତ୍ର ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଉଛନ୍ତି।

- ନ୍ୟାୟ ଦାବିରେ ଥାନା ସମ୍ମୁଖରେ ସମ୍ପର୍କୀୟଙ୍କ ରାସ୍ତାରୋକୋ
- ଏଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା

(ଏଏସ୍‌ପି) ଗୋପୀନାଥ ମଣିପାତ୍ର, ଧମଗର୍ଡ ଏସଡିପିଓ ଲକ୍ଷ୍ମୀନାରାୟଣ ପଣ୍ଡା, ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏହା ପରେ ଏଏସ୍‌ପି ମଣିପାତ୍ର ଶୀଘ୍ର ଏହି ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୫ଟାରେ ରାସ୍ତାରୋକୋ ହଟିଥିଲା। ରାସ୍ତାରୋକୋ ଯୋଗୁ ୨୬ ନଂ. ଜାତୀୟ ରାଜପଥରେ ଦୀର୍ଘ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସୂଚନାଯୋଗ୍ୟ ଯେ, ନାବାଳିକା ଜଣକ ଭଇଁରୀଗୁଡାସ୍ଥିତ ନିଜ ମାଉସୀଙ୍କ ଝିଅ ପିଆଜ ଦୁର୍ଗାଙ୍କ ଘରେ ଗତ କିଛିଦିନ ହେବ ରହୁଥିଲେ। ସେପ୍ଟେମ୍ବର ୧୪ ତାରିଖରେ ନାବାଳିକାଙ୍କ ମୃତଦେହ ଘରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଜୁନାଗଡ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିଲା।

# ଭବାନୀପାଟଣାରେ ବିଶ୍ୱ ଅଣ୍ଡା ଦିବସ ପାଳିତ

ଭବାନୀପାଟଣା,୧୧।୧୦ (ଡି.ଏନ.ଏ.)

ଶୁକ୍ରବାର ଭବାନୀପାଟଣାସ୍ଥିତ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଜିଲା ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଚୈତନ୍ୟ ଚରଣ ସେଠୀଙ୍କ ଅଧକ୍ଷତାରେ ବିଶ୍ୱ ଅଣ୍ଡା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ବୀର କିଶୋର ପରିଡା, ଅଗ୍ରଣୀ ଚାଷୀ ଶାନ୍ତନୁ କୁମାର ବେହେରା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିମାଇଁ ଚରଣ ପଟ୍ଟନାୟକ, ଇନ୍‌ଟାସ୍ ମେଡିସିନ୍ କମ୍ପାନୀର ଏରିଆ ମ୍ୟାନେଜର ରାକେଶ ଗୌତମ୍, ବ୍ଲଡ ବ୍ୟାଙ୍କର ଚିପ୍ ମୋଟିଭେଟର ସୁନିଲ ଶତ୍‌ପଥି ପ୍ରମୁଖ ଯୋଗଦେଇଥିଲେ। ଅଧକ୍ଷ ଡା. ସେଠୀ ଅଣ୍ଡା ଦିବସର ତାପର୍ଯ୍ୟ, କୁକୁଡା ପାଳନ ସକାଶେ ଯୋଗାଇ ଦିଆଯାଉଥିବା ସରକାରୀ ସହାୟତା, ଘର ଅଗଣାରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହାୟତାରେ ଅଣ୍ଡା ଦିଆ କୁକୁଡା ପାଳନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଓ ମୁଖ୍ୟ ଆଲୋଚକ ଭାବେ ଡା. ପରିଡା ଅଣ୍ଡାର ପୋଷ୍ଟିକତା ଉପରେ ଗୁରୁତ୍ୱାରୋପ କରିବା ସହ ଅଣ୍ଡାରେ ଥିବା ପୁଷ୍ଟିସାର ଓ ଲୌହ ଶରୀର ଗଠନ ଏବଂ ରକ୍ତ ପ୍ରସ୍ତୁତିରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ କରିଥିଲେ। ଏହି ଅବସରରେ ଉପସ୍ଥିତ ଥିବା ଅନ୍ୟତମ ଅତିଥିମାନେ ଆମ ଶରୀର ଗଠନରେ ଅଣ୍ଡାର ଗୁରୁତ୍ୱ ଭୂମିକା ରହିଛି ଏବଂ ଅଣ୍ଡାରେ ଶରୀର ଆବଶ୍ୟକ କରୁଥିବା ସମସ୍ତ ପୌଷ୍ଟିକତତ୍ତ୍ୱ ଭରି ରହିଛି ବୋଲି ପ୍ରକାଶ କରି କମ୍ ଖର୍ଚ୍ଚରେ ଶରୀର ପାଇଁ ଆବଶ୍ୟକ ପୁଷ୍ଟିସାର ମିଳିପାରିବ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପ୍ରଶିକ୍ଷଣ ସଂଯୋଜକ ତଥା ନୋଡାଲ ଅଫିସର ଡା. କେଦାରନାଥ ଖମାରୀ ସଂଯୋଜନା କରିଥିବା ବେଳେ ପ୍ରାଣୀ ଧନ ନିରୀକ୍ଷକ ସନ୍ତୋଷ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା, ଇନ୍‌ଟାସ୍ ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ ବିଶ୍ୱ ରଞ୍ଜନ ପ୍ରଶାୟତ୍, ପ୍ରାଣୀ ଚିକିତ୍ସା ବିଭାଗ କର୍ମଚାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଅଣ୍ଡା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୨ ଅକ୍ଟୋବର, ୨୦୧୯

ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା, ହିଂସା ଓ କୁପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ



## ସଂକ୍ଷେପରେ

### ଲଇକେରାରେ ମା' ଦୁର୍ଗାଙ୍କ ଭସାଣି ସମ୍ପନ୍ନ

ଲଇକେରା, ୧୧।୧୦(ଡି.ଏନ୍.ଏ.)- ଝାରସୁଗୁଡ଼ା ଜିଲା ଲଇକେରାରେ ଶୁକ୍ରବାର ଦୁର୍ଗାଦେବୀଙ୍କ ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ଏକ ସାଂସ୍କୃତିକ ଶୋଭାଯାତ୍ରାରେ ପଞ୍ଚବାଦ୍ୟ ଦୁଲଦୁଲି, ଖୋହଲ ଭରଣି ବାଜା, ବାଣ ଫୁଟାଇ ପୂଜା କମିଟି କର୍ମକର୍ତ୍ତା, ଗ୍ରାମବାସୀ ମା'ଙ୍କୁ ବିଦାୟ ଦେଇଛନ୍ତି। ଏହି ଅବସରରେ ମା' ଦୁର୍ଗା ଏବଂ ପାର୍ଶ୍ୱ ଦେବଦେବୀଙ୍କୁ ଏକ ସୁସଜ୍ଜିତ ଗାଡ଼ିରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶେଷରେ ମା'ଙ୍କୁ କିଆକଟା ଘାଟଠାରେ ବିସର୍ଜନ କରାଯାଇଛି। ଏହି ଭସାଣି ଶୋଭାଯାତ୍ରାରେ ଗ୍ରାମ ମୁଖିଆ ଟଙ୍କଧର ନାଏକ, ସମ୍ପାଦକ ଦେଓକରଣ ଅଗ୍ରୱାଲଙ୍କ ସହ କମିଟିର କର୍ମକର୍ତ୍ତା ସାମିଲ। ସେହିପରି ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପୋଲିସ ବାହିନୀ ଉପସ୍ଥିତ ଥିଲେ।

### ସମାସିଂହା-ଭୋଗରାପାଲିରେ ହାତୀ ଆତଙ୍କ

କୋଲାବିରା,୧୧।୧୦(ଡି.ଏନ୍.ଏ.)- କୋଲାବିରା ବ୍ଲକ ସମାସିଂହା ଭୋଗରାପାଲି ଅଞ୍ଚଳରେ ଗତ ରାତିରେ ହାତୀ ଉପଦ୍ରବର ସୂଚନା ମିଳିଛି। କିଛି ମାସ ପୂର୍ବେ ୧୫ରୁ ୨୦ଟି ହାତୀ ଦଳବଦ୍ଧ ଭାବେ ଅଞ୍ଚଳର ଚାଷୀଙ୍କ ବ୍ୟାପକ ଧାନ ଫସଲ ନଷ୍ଟ କରିବା ସହ ୨ ଜଣଙ୍କ ଜୀବନ ନେଇଥିଲେ। ସୂଚନାନୁସାରେ ଗତକାଲି ରାତିରେ ସମାସିଂହା ଗ୍ରାମକୁ ଏକ ଦନ୍ତାହାତୀ ପଶି କରୁଣାକର ସେଠ୍‌ଙ୍କ ଘର ଭାଙ୍ଗିବା ସହ ଗଚ୍ଛିତ ଧାନ ଖାଇଦେଇଛି। ହାତୀ ଘରୁ ଧାନ ବାହାର କରିବା ସମୟରେ ଘରର ତିନୋଟି କାନ୍ଥ ଭାଙ୍ଗି ଦେଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଉକ୍ତ ଦନ୍ତାହାତୀଟି ଆଖପାଖ ଜଙ୍ଗଲରେ ରହୁଥିବାବେଳେ ସନ୍ଧ୍ୟା ହେଲେ ଗାଁମାନଙ୍କରେ ପଶି ବ୍ୟାପକ ଧାନ ଫସଲ ନଷ୍ଟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। କୋଲାବିରା ବନାଞ୍ଚଳ ଅଧିକାରୀ ଓ ତହସିଲଦାରଙ୍କଠାରେ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ସହାୟତା ରାଶି ପାଇଁ ଦାବି କରିଛନ୍ତି।

# ସାପ କାମୁଡ଼ାରେ ଲୋଡର ଅପରେଟରଙ୍କ ମୃତ୍ୟୁ

ବ୍ରଜରାଜନଗର/ଲଖନପୁର, ୧୧।୧୦(ଡି.ଏନ୍.ଏ.)


ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସାଥୀ ଶ୍ରମିକମାନେ ଆନ୍ଦୋଳନ କରୁଛନ୍ତି।

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ଏମ୍‌ସିଏଲ୍ ଚିଙ୍ଗିଡ଼ିଗୁଡ଼ା କୋଲ୍ ସାଇଡିଂରେ କାର୍ଯ୍ୟରତ ଲୋଡର୍ ଅପରେଟର ରାଧେ ଯାଦବ(୨୯)ଙ୍କ ସାପ କାମୁଡ଼ାରେ ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲା ବଡ଼ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ଖବରପାଇ ବୁର୍ଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏ ନେଇ ରାମପୁର ଫାଣ୍ଡି ପୋଲିସ ମଧ୍ୟ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଅପରେଟର୍‌ଙ୍କ ମୃତ୍ୟୁ ଖବର ପ୍ରଚାର ହେବାପରେ ଶ୍ରମିକ ମହଲରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦାବିରେ ସାଥୀ ଶ୍ରମିକମାନେ ସାଇଡିଂରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଖବରପାଇ ଆଇବିଟି ଠିକାସଂସ୍ଥାର ମାଲିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ଶ୍ରମିକଙ୍କ ସହ ଆଲୋଚନା କରିଥିଲେ। ସେ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଯୋଗାଇଦେବାର ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ସୂଚନାନୁସାରେ ଏମ୍‌ସିଏଲ୍ ରେଲୱେ ସାଇଡିଂରେ ମାଲବାହୀ ଟ୍ରେନ୍‌ରେ କୋଇଲା ବୋଝେଇ କରିବା ପାଇଁ ଆଇବିଟି ନାମକ ଏକ ଘରୋଇ ଠିକାସଂସ୍ଥା ନିଯୁକ୍ତ ହୋଇଛି। ଏହି ଠିକାସଂସ୍ଥା ଅଧୀନରେ ମୃତ ଯୁବକ ଜଣକ ଲୋଡର୍ ଅପରେଟର୍ ଭାବେ କାର୍ଯ୍ୟ କରୁଥିଲେ। ଗୁରୁବାର ରାତିରେ ଅପରେଟର୍ ଜଣକ ସାଇଡିଂରେ ଥିବା ବିଶ୍ରାମାଗାରରେ ଶୋଇଥିବାବେଳେ ଅନ୍ୟଜଣେ ସାଥୀ ଶ୍ରମିକ ଡ୍ୟୁଟି ଯିବା ପାଇଁ ତାଙ୍କୁ ଡାକିବାକୁ ଯାଇଥିଲେ। ସେଠାରେ ସେ ରାଧେଙ୍କ ଶରୀରରେ ଏକ ସାପ ଚଢ଼ିଥିବା ଦେଖି ତାଙ୍କୁ ନିଦରୁ ଉଠାଇଥିଲେ। ରାଧେ ଉଠିବା ପରେ ଉଭୟ ମିଶି ସାପଟିକୁ ମାରି ଦେଇଥିଲେ। ପରେ ରାଧେ ଡ୍ୟୁଟିକୁ ଯାଇ ଲୋଡର୍ ମେଶିନ୍ ଚଳାଇଥିଲେ। ହେଲେ କିଛି ସମୟପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସାଥୀ ଶ୍ରମିକମାନେ ପ୍ରଥମେ ବେଲପାହାଡ଼ ଟାଟାକ୍ରୋସାକୀ ହସ୍‌ପିଟାଲ୍, ପରେ ଝାରସୁଗୁଡା ଓ ବୁର୍ଲା ବଡ଼ ମେଡିକାଲ୍‌କୁ ଚିକିତ୍ସା ପାଇଁ ନେଇଥିଲେ। ବୁର୍ଲା ବଡ଼ ମେଡିକାଲ୍‌ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। କାର୍ଯ୍ୟରତ ଠିକାଶ୍ରମିକ କୌଣସି କାରଣ ବସତଃ ମୃତ୍ୟୁବରଣ କଲେ କମ୍ପାନୀ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦେବା ବ୍ୟବସ୍ଥା ରହିଛି। ଏହି ଆଧାରରେ ମୃତ ଅପରେଟରଙ୍କ ପରିବାରକୁ କମ୍ପାନୀ ପକ୍ଷରୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଓସିଏମ୍‌ଏସ୍, ଏଆଇଟିୟୁସି ଆଦି ଶ୍ରମିକ ସଂଗଠନମାନେ କୋଲ୍ ସାଇଡିଂରେ ଅପରେଟରଙ୍କ ମୃତ ଦେହ ରଖି ଆନ୍ଦୋଳନ ଚଳାଇଛନ୍ତି। ଏମ୍‌ସିଏଲ୍ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ଆନ୍ଦୋଳନରତ ଶ୍ରମିକଙ୍କ ସହ ଆଲୋଚନା କରୁଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇପାରି ନାହିଁ।

# ଦ୍ୱାଦଶୀ ବଏଲଯାତ୍ରା ସମ୍ପନ୍ନ

କୋଲାବିରା,୧୧।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା କୋଲାବିରାର ରଘୁନାଥପାଲିର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଦ୍ୱାଦଶୀ ବଏଲ ଯାତ୍ରା ଶୁକ୍ରବାର ସମ୍ପନ୍ନ ହୋଇଛି। ବଏଲ ଯାତ୍ରା ପୂର୍ବରୁ ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦାଠାରୁ ୯ଦିନ ବ୍ୟାପୀ ସମଲେଶ୍ୱରୀ ମନ୍ଦିରରେ ଅଖଣ୍ଡଦୀପ ପ୍ରଜ୍ୱଳନ, ସପ୍ତମୀରେ ପାଟଖଣ୍ଡା ସ୍ଥାପନ, ନିଶାପୂଜା, ଅଷ୍ଟମୀରେ ଖୋହଲ ଖଣ୍ଡା ସ୍ଥାପନ ସହିତ ବଏଲ


ରଘୁନାଥପାଲିରେ ଅନୁଷ୍ଠିତ ହୋଇଯାଇଥିବା ବଏଲଯାତ୍ରା।

ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ରାତିରେ ଗଣ୍ଡ ସଂପ୍ରଦାୟର ଜଣେ ବ୍ୟକ୍ତିଙ୍କ ଦେହରେ ପୁରୋହିତ ମନ୍ତ୍ରତନ୍ତ୍ର ପ୍ରୟୋଗ କରି ଦୈବୀଶକ୍ତି ପ୍ରବେଶ କରାଇଥିଲେ। ଖୋହଲ ଭରଣି ବାଦ୍ୟର ତାଳେ ତାଳେ ବରୁଆ ପୀଠରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ। ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ ସମୟରେ ବରୁଆ ଦେହରୁ ଦୈବୀଶକ୍ତି ଅପସାରି ଯାଇଥିଲା। ଏହି ବଏଲ ଯାତ୍ରା ଦେଖିବାକୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା।

# ସମସ୍ତ ମଣ୍ଡପରୁ ମେଲାଣି ନେଲେ ମା' ଦୁର୍ଗା


ବେଲପାହାଡ଼,୧୧।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରାଞ୍ଚଳସ୍ଥିତ ସମସ୍ତ ପୂଜାମଣ୍ଡପରୁ ମା'ଦୁର୍ଗା ମେଲାଣି ନେଇଛନ୍ତି। ଗତ ବୁଧବାର ପୂର୍ବାହ୍ନରେ ଗୁମାଡ଼େରା ସାର୍ବଜନୀନ ଦୁର୍ଗାପୂଜା କମିଟି ଓ ସକାଳେ ଟିଆର୍‌ଏଲ୍ ଏମ୍ପ୍ଲଇଜ ପୂଜା କମିଟିର ଭସାଣି ଯାତ୍ରା ଆରମ୍ଭ ହୋଇଥିଲା। ଅପରାହ୍ନ ୫ଟାରେ ଉଭୟ ସ୍ଥାନର ମୃଣ୍ମୟୀ ପ୍ରତିମାକୁ ଲିଲାରିନାଳାସ୍ଥିତ କୃତ୍ରିମ ଜଳାଶୟରେ ବିସର୍ଜନ କରାଯାଇଥିଲା। ହେଲେ ସେହିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଥିବାରୁ ଫାଟକ ଓ ଷ୍ଟେଶନ ଦୁର୍ଗାପୂଜା କମିଟିର ମୂର୍ତ୍ତି ବିସର୍ଜନ ହୋଇ ନ ଥିଲା। ଶୁକ୍ରବାର ୩ଟାରେ ଫାଟକ ପୂଜା କମିଟି ପକ୍ଷରୁ ଭସାଣିଯାତ୍ରା ଆରମ୍ଭ ହୋଇଥିଲା। ଭସାଣି ଯାତ୍ରାରେ ପୂଜା କମିଟିର ସଭାପତି ଶୈଳେଶ ବହିଦାର, ସମ୍ପାଦକ ପ୍ରଫୁଲ୍ଲ ରଥ ଓ ପୂଜା କମିଟିର ବରିଷ୍ଠ ସଦସ୍ୟ ରମା ଭୋଳ, ମକରଧ୍ୱଜ ଖମାରୀ, ଲିଙ୍ଗରାଜ ବେହେରା, ଲିଙ୍ଗରାଜ ନାୟକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସେହିପରି ଷ୍ଟେଶନ ଦୁର୍ଗା ପୂଜା କମିଟିର ଭସାଣି ଶୋଭାଯାତ୍ରା ମଧ୍ୟ ଅପରାହ୍ନ ୩ଟାରୁ ଆରମ୍ଭ ହୋଇଥିଲା। ଏଥିରେ ପୂଜା କମିଟିର କାର୍ଯ୍ୟକାରୀ ସଭାପତି ଶମ୍ଭୁ ମହାନ୍ତି, ସମ୍ପାଦକ ବିଶ୍ୱନାଥ ଅଗ୍ରୱାଲଙ୍କ ସମେତ ବରିଷ୍ଠ ସଦସ୍ୟ ହିତେଶ ଠକ୍କର, ମନୁ ଜୟସ୍ୱାଲ, ମୋହନ ସକସେରିଆ, ରମୁ ଜୟସ୍ୱାଲ, କେଦାର ସାହୁ, କୈଳାସ ମହାନ୍ତିଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ଉଭୟ ପୂଜା କମିଟିର ମେଢ଼ ବିଭିନ୍ନ ବାଦ୍ୟନୃତ୍ୟ ସହିତ ଗାଁର ବିଭିନ୍ନ ପଡ଼ା ପରିକ୍ରମା କରୁଥିବାବେଳେ ଲୋକେ ମା'ଦୁର୍ଗାଙ୍କୁ ଘର ଅଗଣାରେ ଛିଡ଼ା ହୋଇ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଲିଲାରିନାଳାସ୍ଥିତ କୃତ୍ରିମ ଜଳାଶୟରେ ଉଭୟ ମେଢ଼କୁ ବିସର୍ଜନ କରାଯାଇଥିଲା।

# ଟ୍ରେନ୍ ଲାଇନ୍‌ରୁ ଯୁବକଙ୍କ ମୃତଦେହ ଉଦ୍ଧାର

ବ୍ରଜରାଜନଗର/ଲଖନପୁର, ୧୧।୧୦(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ଅଧୀନ ଏମ୍‌ସିଏଲ୍ ଲଜକୁରା କୋଇଲା ସାଇଡିଂ ଟ୍ରେନ୍‌ଲାଇନ୍‌ରୁ ଶୁକ୍ରବାର ପୋଲିସ ସ୍ଥାନୀୟ ଗଙ୍ଗାନଗର ତେଲିପଡ଼ାର ଛୋଟୁ ସିଂହ(୨୬)ଙ୍କ ମୃତଦେହ ଉଦ୍ଧାର କରିଛି। ଟ୍ରେନ୍‌ରେ କଟିଯିବା ଫଳରେ ଯୁବକଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇଯାଇଛି। ରାମପୁର ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ବ୍ରଜରାଜନଗର ଥାନାରେ କେସ୍ ନଂ୨୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନାନୁସାରେ ମୃତ ଯୁବକ ଜଣକ ଗତ ୨ ମାସ ତଳେ ଦୁର୍ଘଟଣାରେ ଆହତ ହୋଇଥିଲେ। ଯୁବକ ଜଣଙ୍କ ଶୁକ୍ରବାର ସକାଳେ ଗଙ୍ଗାନଗର ଅଞ୍ଚଳରେ ବୁଲାବୁଲି କରୁଥିବା ଲୋକେ ଦେଖିଥିବା କହିଛନ୍ତି। ଏହାର କିଛି ସମୟପରେ ନିକଟସ୍ଥ ଲଜକୁରା ରେଲୱେ ସାଇଡିଂରେ ଏକ ମୃତଦେହ ପଡ଼ିଥିବା ଲୋକେ ଦେଖିବାକୁ ପାଇଥିଲେ। ଖବର ପ୍ରଚାର ହେବାପରେ ଯୁବକଙ୍କ ପରିବାର ଲୋକେ ସେଠାରେ ପହଞ୍ଚି ମୃତଦେହ ଛୋଟୁର ବୋଲି ଚିହ୍ନଟ କରିଥିଲେ। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଫାଣ୍ଡି ଅଧିକାରୀ ରବି ଶଙ୍କର ଭଇଁସାଲ କହିଛନ୍ତି।


ଲଜ୍‌କୁରା ସାଇଡିଂରେ ପୋଲିସ ତଦନ୍ତ କରୁଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାନ୍ସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901
8859983504

ଧମାକା! ଦୀପାବଳି ଧମାକା!
Hindustan Finance (ରେଜି.)
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା 1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
B-34/7 A Block Vijay Enclave Burari, New Delhi

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ଅଷ୍ଟମ / ଦଶମ ପାସ୍
ମହିଳା / ପୁରୁଷ / ଦୋକାନୀ
୨ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନିଅନ୍ତୁ
୧% ସୁଧ ୨୫% ରିହାତି
୧୦ ବର୍ଷରେ ଫେରସ୍ତ
8586970773
9717483267
Add: 22/14, Sec.1, Andheri, Mumbai

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS BUSINESS

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

DHARITRI Career appointment Every Wednesday and Saturday

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡ଼ା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱର ବସାଇ ଅଗ୍ରୀମ 70,000,00/-, ଭଡ଼ା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

All India Tower
ଗ୍ରୁପ୍ 20 ବର୍ଷ ଧରି ଆପଣଙ୍କ ସେବାରେ । ସବୁ କମ୍ପାନୀର ଡିଜିଟାଲ ଟାୱାର୍ ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। ଆମକୁ ସାରା ଓଡ଼ିଶାରେ 750 ଟାୱାର୍ ଲଗାଇବାର ଅଛି। ଶୀଘ୍ର ଯୋଗାଯୋଗ କରନ୍ତୁ।
7838639856

Hi-Tech Tower Company
(୧୯୪୦ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679

Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287945770

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra




> ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା, ହିଂସା ଓ କୃପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
> - ସାମବେଦ



## ସଂକ୍ଷେପରେ



### ସିନିୟର ଟି ୨୦ ଲିଗ୍ ଖେଳିବେ ଡି. ଜାନକୀ ବେଦୀ

ରାଉରକେଲା ଅଫିସ ୧୧।୧୦

ଭାରତୀୟ ମହିଳା ସିନିୟର ଟି ଟ୍ୱେଣ୍ଟି ଲିଗ୍‌ରେ ଖେଳିବା ପାଇଁ ରାଜ୍ୟ ସିନିୟର ମହିଳା ଦଳରେ ଡି. ଜାନକୀ ବେଦୀ ମନୋନୀତ ହୋଇଛନ୍ତି। ଓଡିଶା କ୍ରିକେଟ ଆସୋସିଏଶନ ଦ୍ୱାରା ଘୋଷିତ ୧୫ଜଣିଆ ଦଳରେ ଜାନକୀ ସ୍ଥାନ ପାଇଛନ୍ତି। ଏହି ଟୁର୍ନାମେଣ୍ଟ ଆସନ୍ତା ୧୪ରୁ ୨୪ ତାରିଖ ପର୍ଯ୍ୟନ୍ତ ନାଗପୁରରେ ଖେଳାଯିବ। ଓଡିଶା ଦଳ ଏହି ପ୍ରତିଯୋଗିତାରେ ୬ଟି ମ୍ୟାଚରୁ ପ୍ରଥମ ମ୍ୟାଚ ଚଳିତମାସ ୧୫ ତାରିଖରେ ହରିଆଣା ସହିତ ଏବଂ ଶେଷ ମ୍ୟାଚ ୨୪ ତାରିଖରେ ବିର୍ଦଭ ସହିତ ଖେଳିବ। ଗ୍ରୁପ-ବିରେ ସ୍ଥାନ ପାଇଥିବା ଓଡିଶା ଦଳ ସମେତ ଏଥିରେ ରାଜସ୍ଥାନ, ରେଳବାଇ, ଜାମ୍ମୁ ଓ କାଶ୍ମୀର ଏବଂ ସିକିମ ସ୍ଥାନ ପାଇଛି। ଆର୍‌ଏସ୍‌ପିର ସହର ଇଂଜିନିୟରିଂ ବିଭାଗରେ କାର୍ଯ୍ୟ କରୁଥିବା ଡିଏମ. ଚନ୍ଦ୍ର ରେଡ୍ଡୀ ଓ ଡି ସୁନା ରେଡ୍ଡୀଙ୍କ ଝିଅ। ୨୦୧୫ରେ ଜାନକୀ ଓଡିଶା ମହିଳା ଟି ଟ୍ୱେଣ୍ଟି ଦଳରେ ପ୍ରଥମ ପଦାର୍ପଣ କରିଥିଲେ। ଏଥିରେ ଓଡିଶା ଚାମ୍ପିୟନ ହେବା ସହ ଜାନକୀ ଉକ୍ତ ଟୁର୍ନାମେଣ୍ଟରେ ୬ଟି ୱିକେଟ ଅକ୍ତିଆର କରିଥିଲେ। ଜାତୀୟ ଦଳରେ ସ୍ଥାନ ପାଇବା ପାଇଁ ଜାନକୀ ଆର୍‌ଏସ୍‌ପିର କ୍ରିକେଟ କୋଚ ସୁବାସ ମହାନ୍ତି ଓ ଅଲେଖ ବାରିକଙ୍କଠାରୁ ପ୍ରଶିକ୍ଷଣ ଲାଭ କରିଥିଲେ।

> ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ଜାତୀୟ ରାଜପଥ ସମ୍ପ୍ରସାରଣ ନେଇ ବସ୍ତି ବାସିନ୍ଦା ଆଶଙ୍କାରେ

# ଲାଠିକଟା ତହସିଲ ଅଫିସ ସମ୍ମୁଖରେ ଧାରଣା

ରାଉରକେଲା ଅଫିସ, ୧୧।୧୦

୧୪୩ ନଂ ଜାତୀୟ ରାଜପଥ ସଂପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ଏହାକୁ ନେଇ ଜଲଦା, ଦେଓଗାଁ ଓ ତର୍କରା ଆଦି ଅଞ୍ଚଳବାସୀ ଭୟଭୀତ ହୋଇ ପଡିଛନ୍ତି। ଦୀର୍ଘ ୫୦ ବର୍ଷ ଧରି ଏମାନେ ଏଠାରେ ବସବାସ କରୁଛନ୍ତି। ଏବେ କିନ୍ତୁ ଏମାନେ ବାସହରା ହେବା ଆଶଙ୍କା ରହିଛି। ଏଣୁ ଏମାନେ ଚିନ୍ତାରେ ପଡିଛନ୍ତି। ଶୁକ୍ରବାର ସମ୍ପୃକ୍ତ ଅଞ୍ଚଳବାସୀ ଲାଠିକଟା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ କ୍ଷତିପୂରଣ ସହ ଥଇଥାନ ଦାବି କରିଛନ୍ତି। ପୂର୍ବାହ୍ନ ୧୦ଟାରେ ଲାଠିକଟା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବସ୍ତି ବାସିନ୍ଦା ମହାସଂଘ ଜିଲା ଆବାହକ ଅଜୟ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଧାରଣା ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜାରି ରହିଥିଲା। ଏଥିରେ ଦୁଲାଲ ମହାନ୍ତ, ଗଣେଶ ରାଉତ, ଚନ୍ଦ୍ରି ବାରୁଆ, ରଞ୍ଜିତ ସାହୁ, ଦୀପେଶ ସାହୁ, ନୀରଜ ଦାସ ପ୍ରମୁଖ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହି ଧାରଣାକୁ ସମର୍ଥନ କରି ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଶ୍ରମିକ ନେତା ବନମାଳୀ ଧୂପାଳ, ବିମାନ ମାଇତି, ପ୍ରମୋଦ ସାମଲ, ଚନ୍ଦ୍ରଭାନୁ ଦାସ, କବି ପ୍ରସାଦ ପ୍ରଧାନ, ବିଶ୍ୱଜିତ ମାଝି, ବସନ୍ତ ତୋରିଆ, ଅରୁ ଦାସ, ଅମିତେଶ ସିଂ, ଉମେଶ ନାୟକ ଓ ତପନ ବାଙ୍କରା ପ୍ରମୁଖ ଜିଲା ପ୍ରଶାସନର ଏଭଳି ପଦକ୍ଷେପକୁ ଦୃଢ ନିନ୍ଦା କରିଛନ୍ତି। ବିନା ଥଇଥାନରେ ବସ୍ତିବାସିନ୍ଦାଙ୍କ ଘର ଉଜାଡିବା ଆଦୌ ସମୀଚୀନ ନୁହେଁ। ଜାତୀୟ ରାଜପଥ ପାର୍ଶ୍ୱରେ ଗରିବ ଆଦିବାସୀ ପରିବାର ଦୀର୍ଘ ବର୍ଷ ହେବ ବସବାସ କରି ଆସୁଛନ୍ତି। ଉଚ୍ଛେଦ ପରେ ଏମାନେ କୁଆଡେ ଯିବେ। ବିସ୍ଥାପିତଙ୍କ ମଧ୍ୟରେ ଅନେକ ଭୂମିହୀନ ପରିବାର ରହିଛନ୍ତି। ବିସ୍ଥାପନ ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ସ୍ତରରେ ଉଦ୍ୟମ ହେଉ ନ ଥିବାରୁ ଉପସ୍ଥିତ ବାମପନ୍ଥୀ ନେତୃମଣ୍ଡଳ ଉଦ୍‌ବେଗ ପ୍ରକାଶ କରିଥିଲେ। କ୍ଷତିପୂରଣ ସହ ଥଇଥାନ ଦାବି କରାଯାଇଛି। ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ବସ୍ତି ବାସିନ୍ଦା ମହାସଂଘ ନେତୃମଣ୍ଡଳୀ ଲାଠିକଟା ତହସିଲଦାରଙ୍କୁ ଭେଟି ଆଲୋଚନା କରିଥିଲେ। ଏହା ପୂର୍ବରୁ ଏକ ପ୍ରତିନିଧି ମଣ୍ଡଳୀ କୋଏଲନଗରଠାରେ ରହିଥିବା ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ଭେଟି ଦାବିପତ୍ର ଦେଇଥିଲେ।



ଜାତୀୟ ରାଜପଥ ସମ୍ପ୍ରସାରଣରେ ବିସ୍ଥାପିତ ହେବାକୁଥିବା ବସ୍ତି ବାସିନ୍ଦା ଲାଠିକଟା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।


ରାସ୍ତାକଡ଼ରୁ ଉଦ୍ଧାର ବୃଦ୍ଧଙ୍କୁ ଡାକ୍ତରଖାନା ନିଆଯାଉଛି।

## ରାସ୍ତାକଡ଼ରୁ ଅସହାୟ ବୃଦ୍ଧ ଉଦ୍ଧାର

ରାଉରକେଲା ଅଫିସ, ୧୧।୧୦

ସେକ୍ଟର-୧୯ ଇସ୍ପାତ ସେଣ୍ଟ୍ରାଲ ମାର୍କେଟ ଆମ୍ବାଗାନ ନିକଟସ୍ଥ ମୁଖ୍ୟ ମାର୍ଗ ରାସ୍ତା ପାର୍ଶ୍ୱରେ ଦୀର୍ଘ ବର୍ଷ ହେବ ପଡି ରହିଥିବା ଜଣେ ଅଜଣା ବୃଦ୍ଧଙ୍କୁ ସାମାଜିକ କର୍ମୀ ପ୍ରକାଶ ପାଶ୍ୱାନ ଆରଜିଏଚ୍‌ରେ ଭର୍ତ୍ତି କରିଛନ୍ତି। ଏବେ ତାଙ୍କ ଚିକିତ୍ସା ଜାରି ରହିଛି। ସେ ସୁସ୍ଥ ହେବା ପରେ ତାଙ୍କୁ ଶାନ୍ତିଭବନ ଆଶ୍ରମକୁ ପଠା ଯିବ ବୋଲି ପାଶ୍ୱାନ ସୂଚନା ପ୍ରଦାନ କରିଛନ୍ତି। ଏଭଳି ମହତ କାମରେ ରତିକାନ୍ତ ଆଚାର୍ଯ୍ୟ, ଅଶୋକ ପଣ୍ଡା, ସପନ କଂସାରୀ, ତରୁଣ ଜୟସ୍ୱାଲ, ଡିକେ ଆନନ୍ଦ, ରୋଷନଲାଲା ପ୍ରମୁଖ ସହଯୋଗ କରିଥିଲେ। ଭିକ୍ଷା ବୃତ୍ତି କରି ଚଳୁଥିବା ଏହି ବୃଦ୍ଧ ଜଣକ ଖରା, ବର୍ଷା, ଶୀତରେ ଗଛ ମୂଳକୁ ଆଶ୍ରା କରି ବଞ୍ଚୁଥିଲେ। ଗତ କିଛ ଦିନ ପୂର୍ବେ ତାଙ୍କ ଦୁଇ ପାଦ ଅଙ୍ଗୁଳିରେ କ୍ଷତ ସୃଷ୍ଟି ହେବାରୁ ସେ ଦୁର୍ବଳତାର ଶିକାର ହୋଇଥିଲେ। ଏହି କ୍ଷତ ଦିନକୁ ଦିନ ସାଂଘାତିକ ହେବାରୁ ସେ ଆଉ ଚଲାବୁଲା କରିପାରୁ ନ ଥିଲେ। ଦୁଇ ଗୋଡ ସଂକ୍ରମଣ ହେବାରୁ ସେ ଗୋଟିଏ ସ୍ଥାନରେ ପଡି ରହିଥିଲେ। କାହା ବାରଣ୍ଡାରେ ମୁଣ୍ଡ ଗୁଞ୍ଜିବାକୁ ଚାହିଁଲେ ଲୋକେ ଘଉଡାଇ ଦେଉଥିଲେ। ସ୍ଥାନୀୟ ଯୁବ ବ୍ୟବସାୟୀ ବିକାଶ ଦାସ ଏହା ଦେଖି ବୃଦ୍ଧଙ୍କ ଚିକିତ୍ସା ପାଇଁ ସାମାଜିକ କର୍ମୀ ପାଶ୍ୱାନଙ୍କ ସହଯୋଗ ଲୋଡିଥିଲେ।

## ଭଞ୍ଜଭବନରେ ୧୩ରେ କୁମାରୋତ୍ସବ

ରାଉରକେଲା ଅଫିସ, ୧୧।୧୦

ଭଞ୍ଜ ସାଂସ୍କୃତିକ ନ୍ୟାସ ଓ ଆଦର୍ଶ ପାଠାଗାର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୩ ସନ୍ଧ୍ୟାରେ କୁମାର ଉତ୍ସବ-୨୦୧୯ ଆୟୋଜିତ ହେବ। ସେକ୍ଟର-୫ ଭଞ୍ଜ ଭବନ ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଉରକେଲା ଇସ୍ପାତ କାରଖାନାର ମୁଖ୍ୟ ନିର୍ବାହୀ ନିର୍ଦ୍ଦେଶକ ଦୀପକ ଚଟରାଜ ମୁଖ୍ୟ ଅତିଥି ରୂପେ ଯୋଗ ଦେବେ। ପ୍ରତି ବର୍ଷ ଭଳି ଏଥର ମଧ ଓଡିଶାର ସୁନାମଧନ୍ୟ କଳାକାରଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯିବ। ଏଥିସହ କାର୍ଯ୍ୟକ୍ରମରେ 'କୁଆଁର ପୁନେଇଁ ଜହ୍ନ ଗୋ' ମୁଖ୍ୟ ଆକର୍ଷଣ ସାଜିବ। ଶୁକ୍ରବାର ଆୟୋଜକ ଏହି ସୂଚନା ପ୍ରଦାନ କରିଛନ୍ତି। ଆୟୋଜିତ ଖବରଦାତା ସମ୍ମିଳନୀରେ ଭଞ୍ଜ ସାଂସ୍କୃତିକ ନ୍ୟାସ ସମ୍ପାଦକ ପ୍ରମୋଦ ଶତପଥୀଙ୍କ ସମେତ କର୍ମକର୍ତ୍ତା ଜୀବନବଲ୍ଲଭ ପଟ୍ଟନାୟକ, ସୁକାନ୍ତ ଖୁଣ୍ଟିଆ, ରାଧାକାନ୍ତ ମିଶ୍ର, ବାଉରୀବନ୍ଧୁ ସାହୁ, ଗୋପୀନାଥ ପଟ୍ଟନାୟକ, ମିନାକ୍ଷୀ ଧର, ସ୍ମିତା ମିଶ୍ର, ଡା. ଜୟନ୍ତୀ ପାଢୀ, ଡା. ବସନ୍ତ ଦାସ, ଅଶୋକ ବଳ, ଅଟମ ରଥ, ପ୍ରଦୀପ ପଟ୍ଟନାୟକ, ବିଜୟ ପାତ୍ର, ଦୀନବନ୍ଧୁ ରଥ ଓ କୁଞ୍ଜବିହାରୀ ରାଉତ ପମୁଖ ପଉସ୍ଥିତ ଥିଲେ।

## ଆର୍‌ଏସ୍‌ପି ପାଇପ ପ୍ଲାଣ୍ଟ ବିଭାଗର ଉଦ୍ୟୋଗୀ ପ୍ରୟାସ ଦ୍ୱାରା ଉତ୍ପାଦନ, ଉତ୍ପାଦକତାରେ ବୃଦ୍ଧି

ରାଉରକେଲା ଅଫିସ ୧୧।୧୦

ଆର୍‌ଏସ୍‌ପି ପାଇପ ପ୍ଲାଣ୍ଟ ବିଭାଗର ଫୋଏନିକ୍ସ ଗୁଣବତ୍ତା ମଣ୍ଡଳୀର ଉଦ୍ୟୋଗୀ ପ୍ରୟାସ ଯୋଗୁ ଉତ୍ପାଦନ ଓ ଉତ୍ପାଦକତାରେ ପ୍ରମୁଖ ଉନ୍ନତି ହୋଇଛି। ଏହି ପ୍ରୟାସ ଫଳରେ ଇଣ୍ଟର୍ନାଲ ଟ୍ରିମିଂ ଜନିତ ଅନ୍‌ଟ୍ରିମ୍‌ଡ ପାଇପ ସୃଷ୍ଟି ରୋକ ଯାଇପାରିଛି। ପାଇପ ନିର୍ମାଣରେ ଇଣ୍ଟର୍ନାଲ ଟ୍ରିମିଂ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଏବଂ ଜଟିଳ ପ୍ରକ୍ରିୟା। ବିଭାଗର ଇଣ୍ଟର୍ନାଲ ଟ୍ରିମ୍‌ରରେ ୮ଇଞ୍ଚ ବିଶିଷ୍ଟ ପାଇପ ପ୍ରସ୍ତୁତିରେ ବାରମ୍ବାର ବ୍ରେକ୍ ଡାଉନ୍ ପରିଲକ୍ଷିତ ହେଉଥିଲା। ଫଳରେ ଉତ୍ପାଦକତା, ଗୁଣବତ୍ତା ଓ ଯନ୍ତ୍ରପାତିକୁ ପ୍ରଭାବିତ କରୁଥିଲା। ଏହି ସମସ୍ୟା ଯୋଗୁ ମାସକୁ ୩ଘଣ୍ଟା ଉତ୍ପାଦନ ବାଧାପ୍ରାପ୍ତ ହେବା ଫଳରେ କାରଖାନାର ଆର୍ଥିକ କ୍ଷତି ହେଉଥିଲା। ବିଭାଗର ସିନିୟର ଟେକନିସଆନ ଏସ.କେ.ମିଶ୍ର, କେ.ମହାରଣା, ଏସ.କେ.ଦାସ, ଏସ.କେ.ପଣ୍ଡା ଏବଂ ଏମ.ପ୍ରଧାନଙ୍କ ନେଇ ଗଠିତ ଦଳ ଉକ୍ତ ସମସ୍ୟାର ସମାଧାନ ପାଇଁ ଏହାର ମୂଳ କାରଣ ଖୋଜିଥିଲେ। ଏଥିରେ ପାଇପ ଓ ଇମ୍ପେଡର ମଧ୍ୟରେ ଯଥେଷ୍ଟ ବ୍ୟବଧାନ ନ ଥିବା ଯୋଗୁ କଟିଂ ଟୁଲ୍ ଉପରେ ମ୍ୟାଟେରିଆଲ ସ୍କେଲ୍ ଜମାଟ ହୋଇ ରହୁଥିଲା। ଏହାର ସମାଧାନ ପାଇଁ ଦଳ ଏକ ଦୀର୍ଘ ଦୈର୍ଘ୍ୟର କୁଲେଣ୍ଟ ପାଇପ ବ୍ୟବହାର କରି ଇମ୍ପେଡରର ମେସିନିଂ ନିଜସ୍ୱ ରୂପେ ସମ୍ପାଦନ କରିଥିଲେ। ଦଳର ଏହି ପ୍ରୟାସ ସଫଳ ହେବା ସହିତ କାରଖାନା ପାଇଁ ସଞ୍ଚୟ ଆଣି ଦେଇଛି। ଏଥିପାଇଁ ନିକଟରେ ଅନୁଷ୍ଠିତ ଚାପ୍ଟରସ୍ତରୀୟ ସିସିକ୍ୟୁସି କନଭେନସନରେ ଉକ୍ତ ଦଳ ଏହି ପ୍ରକଳ୍ପ ଉପସ୍ଥାପିତ କରି ପୁରସ୍କୃତ ହୋଇଛି।



ଚାପ୍ଟର କନଭେନଶନରେ ସ୍ୱର୍ଣ୍ଣ ପୁରସ୍କାର ବିଜେତା ପାଇପ ପ୍ଲାଣ୍ଟ ବିଭାଗର କର୍ମଚାରୀ


# CLASSIFIED DISPLAY

## ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

FINANCE COMPANY
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901
8859983504

ଧମାକା ! ଦୀପାବଳି ଧମାକା !
Hindustan Finance (ରେଜି.)
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

ଦୀପାବଳି ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ଛାଡ଼
ଠକମାନଙ୍କ ପ୍ରତି ସାବଧାନ
ଆଦର୍ଶ ଫାଇନାନ୍ସ
7289948952
7289999543
8929619951
SCO-106, Second Floor, Vishal Tower, Cannaught Place, Delhi.

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ନୋ ଫାଇଲ୍ ଚାର୍ଜ, ନୋ ଗ୍ୟାରେଣ୍ଟର
SHREERAM FINANCE
24 ଘଣ୍ଟାରେ ସବୁ ପ୍ରକାର ଋଣ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ, ବେରୋଜଗାର ଋଣ, ମହିଳାଙ୍କ ପାଇଁ ଋଣ 2% ସୁଧ, 35% ସବ୍‌ସିଡି।
HELPLINE NUMBERS:
8287945007
8287944977
KHAMARI SAHI, NAYAGARH

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
B-34/7 A Block Vijay Enclave Burari, New Delhi

!!ଋଣ ଋଣ!!
ଆଦିତ୍ୟ ଫାଇନାନ୍ସ
ବିନା ଗ୍ୟାରେଣ୍ଟରରେ ମୁଦ୍ରା ଋଣ
ଅଷ୍ଟମ / ଦଶମ ପାସ୍
ମହିଳା / ପୁରୁଷ / ଦୋକାନୀ
୨ରୁ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ ନିଅନ୍ତୁ
୧% ସୁଧ ୨୫% ରିହାତି
୧୦ ବର୍ଷରେ ଫେରସ୍ତ
8586970773
9717483267
Add: 22/14, Sec.1, Andheri, Mumbai

ASTROLOGY ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS BUSINESS

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ
ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)



DHARITRI Career appointment Every Wednesday and Saturday

GTL Telecom Network Company
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୪୮ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8676907143

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

All India Tower
ଗ୍ରୁପ୍ 20 ବର୍ଷ ଧରି ଆପଣଙ୍କ ସେବାରେ । ସବୁ କମ୍ପାନୀର ଡିଜିଟାଲ ଟାୱାର୍ ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। ଆମକୁ ସାରା ଓଡ଼ିଶାରେ 750 ଟାୱାର୍ ଲଗାଇବାର ଅଛି। ଶୀଘ୍ର ଯୋଗାଯୋଗ କରନ୍ତୁ।
7838639856

Hi-Tech Tower Company
(୧୨୪୦ରୁ ଆପଣଙ୍କ ସେବାରେ)
ଦ୍ୱାରା ଖାଲି ଜମି, ଛାତ, ଚାଷଜମି ଉପରେ ସବୁ କମ୍ପାନୀର ଡିଜିଟାଲ ଟାୱାର ଲଗାନ୍ତୁ/ପାଆନ୍ତୁ ଅଗ୍ରିମ 60,00,000/- + ଭଡ଼ା 40,000/- + 20,000ର ଅନ୍ୟାନ୍ୟ ସୁବିଧା + ବାଇକ୍।
08965940902
07354640679


Indus Tower
ସରକାରଙ୍କ ଦ୍ୱାରା ମାନ୍ୟତାପ୍ରାପ୍ତ ନିଜର ଖାଲି ଥିବା ଜମି, ଛାତ, ଘର, ଦୋକାନ ଛାତରେ ଡିଜିଟାଲ ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 50,000/-।
----- CALL NOW -----
8287944524
8287945770

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।

- ଜର୍ଜ ବର୍ଣ୍ଣାଡ ଶ'

## ସଂକ୍ଷେପରେ

### ପୂର୍ତ୍ତ ବିଭାଗ ରାସ୍ତା ଖାଲଖମା

ପଦ୍ମପୁର, ୧୧।୧୦ (ଡି.ଏନ.ଏ) ପଦ୍ମପୁର ସହରର ବିଦ୍ୟୁତ ବିଭାଗ ଅଫିସ, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, କ୍ଷୁଦ୍ର ଜଳସେଚନ ଯୋଜନା ଡିଭିଜନ କାର୍ଯ୍ୟାଳୟ ସଂଲଗ୍ନ ରାସ୍ତାଗୁଡିକ ନିମ୍ନମାନର ତିଆରି ହୋଇଥିବାରୁ ଖାଲଖମା ହୋଇଗଲାଣି । ରାସ୍ତା ପାର୍ଶ୍ୱରେ ଲାଗିଥିବା ପ୍ଲେଟ ଗୁଡିକ ଉଠିଗଲାଣି । ଭେଉଁରିଆ ଛକରୁ ଥାନା ଛକ ଓ ପିଏଚଡି ଅଫିସ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ଦାବି ହେଉଛି ।

### ନାଟକ ମଞ୍ଚସ୍ଥ, ଭସାଣି ଉତ୍ସବ ସମ୍ପନ୍ନ

ମନମୁଣ୍ଡା, ୧୧।୧୦ (ଡି.ଏନ.ଏ) ଦୁର୍ଗାପୂଜା ଅବସରରେ ବୌଦ୍ଧ ଜିଲା ଆଦିବାସୀ ଅଧୁଷିତ ଶଗଡାରେ ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦ ତରଫରୁ ଗୁରୁବାର ରାତିରେ 'ଦ୍ରୌପଦୀ ଲେଖୁଛି ମହାଭାରତ' ନାଟକ ମଞ୍ଚସ୍ଥ ହୋଇଛି। ଦିଲୀପ ବିଶ୍ୱାଳଙ୍କ ରଚିତ ଏବଂ ହରିଶ କୁମାର ନାୟକଙ୍କ ନିର୍ଦ୍ଦେଶନାରେ ଏହି ସାମାଜିକ ନାଟକରେ ସ୍ଥାନୀୟ ସୌଖିନ କଳାକାରମାନେ ନିଖୁଣ ଅଭିନୟ କରିଥିଲେ । ସେହିପରି ସନ୍ଧ୍ୟା ସମୟରେ ଦେବୀ ଦୁର୍ଗାଙ୍କ ମେଢ଼କୁ ଏକ ଶୋଭାଯାତ୍ରାରେ ନେଇ ବାଘ ବ୍ୟାରେଜରେ ବିସର୍ଜନ କରାଯାଇଥିଲା ।



### ୩ ବର୍ଷ ହେଲା ନଳକୂଅ ଚାନ୍ଦିନି ନାହିଁ

ଘଣ୍ଟାପଡା, ୧୧।୧୦ (ଡି.ଏନ.ଏ) କନ୍ଧମାଳ ବ୍ଲକ ଉମା ପଞ୍ଚାୟତର ଟୁଡିବାହାଲି ଗ୍ରାମର ମୁଖ୍ୟପଡାରେ ୧୪ଟି ପରିବାରର ୫୦ଜଣ ଲୋକ ରହୁଛନ୍ତି । ତିନିବର୍ଷ ହେବ ପଡାରେ ନଳକୂଅଟିଏ ଖୋଳା ଯାଇଛି । କିନ୍ତୁ ଏପର୍ଯ୍ୟନ୍ତ ଚାନ୍ଦିନୀ ନିର୍ମାଣ ହୋଇପାରିନି । ନଳକୂଅ ଚାରିପଟେ ଅନାବନା ଗଛଲତା ଭରି ରହିଛି । ପାଖ ଜମିରୁ ମଇଳା ପାଣି ଆସି ନଳକୂଅକୁ ଘେରି ରହୁଛି । ଏପରି ଅସ୍ୱାସ୍ଥ୍ୟକର ପରିବେଶରେ ଥିବା ନଳକୂଅର ଚାନ୍ଦିନୀ ନିର୍ମାଣ କରିବା ନେଇ ଗ୍ରାମବାସୀ ଦାବି କରିଛନ୍ତି ।

### ବନବାସୀ କଲ୍ୟାଣ ଆଶ୍ରମର ବୈଠକ

ଘଣ୍ଟାପଡା, ୧୧।୧୦ (ଡି.ଏନ.ଏ) କନ୍ଧମାଳ ବ୍ଲକ ଘଣ୍ଟାପଡା ସ୍ଥିତ ଶିବ ମନ୍ଦିର ପରିସରରେ ଶୁକ୍ରବାର ବନବାସୀ କଲ୍ୟାଣ ଆଶ୍ରମ ବୌଦ୍ଧ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆସନ୍ତା ୨୭ ତାରିଖରେ ବାର୍ଷିକ ଖେଳ ପ୍ରତିଯୋଗିତା ଆୟୋଜନ କରିବା ପାଇଁ ଆଲୋଚନା ହୋଇଥିଲା। ଜଳନ୍ଧର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲ୍ୟାଣ ଆଶ୍ରମର ମିଟକୁ ମଲିକ, ବିକ୍ରମ ସିଂ କହଁର, ସୁଦାମ ଦେହୁରୀ, ଯାଦବ ସାହୁ, ସୁଶାନ୍ତ ସାହୁ, ବିଷ୍ଣୁଚରଣ ଦାସ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁଶାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ତେଜାଗୋଲା ଛାତ୍ରାବାସକୁ ସହାୟତା

ବରଗଡ଼ ଅଫିସ୍/ଭଟଲି,୧୧।୧୦ ହାଇଦ୍ରାବାଦସ୍ଥିତ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ଅଗ୍ରଣୀ ସଙ୍ଗଠନ ପଶ୍ଚିମ ଓଡ଼ିଶା ସାମାଜିକ, ସାଂସ୍କୃତିକ ଅନୁଷ୍ଠାନ (ଓସାକା)ର କର୍ମକର୍ତ୍ତାମାନେ ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ତେଜାଗୋଲାର ବରଗଡ଼ ଏଜୁକେଶନାଲ ହଷ୍ଟେଲ ପରିଦର୍ଶନ କରିଥିଲେ । ଚଳିତବର୍ଷ ଓସାକା ଅନୁଷ୍ଠାନ ପକ୍ଷରୁ ହାଇଦ୍ରାବାଦରେ ନୂଆଖାଇ ଭେଟ୍‌ଘାଟ୍ ଅବସରରେ ହୋଇଥିବା ପଶ୍ଚିମ ଓଡ଼ିଶାର ହାଟ୍ କାର୍ଯ୍ୟକ୍ରମର ଲାଭାଂଶକୁ ଏକ ଅନାଥାଶ୍ରମକୁ ଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି କ୍ରମରେ ଓସାକା ଅନୁଷ୍ଠାନର କେ. ତମନ୍ନା, ମନୋଜ ପ୍ରଧାନ, ଶିବାନୀ ପଣ୍ଡା ପ୍ରମୁଖ ସେବାଶ୍ରମକୁ ଯାଇ ୨ଟି ୱାଟର ପ୍ୟୁରିଫାୟର ଏବଂ ଅନ୍ୟ ଦୈନନ୍ଦିନ ଉପଯୋଗୀ ସାମଗ୍ରୀ ପ୍ରଦାନ କରିଥିଲେ ।

# ପର୍ଯ୍ୟଟନସ୍ଥଳୀର ବିକାଶ ଉପରେ ଗୁରୁତ୍ୱ

ଝାରସୁଗୁଡା ଅଫିସ୍/ଲଖନପୁର, ୧୧।୧୦(ଡି.ଏନ୍.ଏ.)




ଜିଲାପାଳ ସରୋଜ ସାମଲ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲା ପର୍ଯ୍ୟଟନ ବିଭାଗ ତରଫରୁ ଝାରସୁଗୁଡା ସଂସ୍କୃତି ଭବନରେ ଶୁକ୍ରବାର ଜିଲାସ୍ତରୀୟ ପର୍ଯ୍ୟଟନ ପର୍ବ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଜିଲାପାଳ ସରୋଜ କୁମାର ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଜିଲାପାଳ ସାମଲ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ପର୍ଯ୍ୟଟନସ୍ଥଳୀର ବିକାଶ ସହିତ ପରିବେଶର ସୁରକ୍ଷା ଓ ସ୍ୱଚ୍ଛତାପ୍ରତି ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। ପର୍ଯ୍ୟଟନସ୍ଥଳୀର ବିକାଶହେଲେ ଅଞ୍ଚଳର ଅର୍ଥିକ ଅଭିବୃଦ୍ଧି ହୋଇଥାଏ । ଏହା ସହିତ ଲୋକଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇଥାଏ । ଏଥିପାଇଁ ଜିଲାର ପର୍ଯ୍ୟଟନସ୍ଥଳୀକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବାପାଇଁ ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ଜିଲାପାଳ ସାମଲ କହିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ଅବନ୍ତିକା ରଜକ, ବୀଣାପାଣି ନାୟକ ଦ୍ୱିତୀୟ ଓ ଶ୍ରୀମନ୍ତ କୋଠିଆ ତୃତୀୟ ହୋଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଜିଲାପାଳ ସାମଲ ପୁରସ୍କୃତ କରିଥିଲେ । ପରେ ସୁରଙ୍ଗ ପ୍ରଧାନଙ୍କ ସଂଯୋଜନାରେ ମହିମା ସାଂସ୍କୃତିକ ପରିଷଦ ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଜିଲା ପର୍ଯ୍ୟଟନ ଅଧିକାରୀ ନିରଞ୍ଜନ ମହାପାତ୍ର ପରିଚାଳନା କରିଥିଲେ।

■ ଯୋଜନ ଦୂରରେ ମୋ ସରକାର ଯୋଜନା

# ଏତଲାର ୭ ଦିନ ପରେ ବି ପଞ୍ଜୀକରଣ ହୋଇନି

ଅମ୍ବାଭୋନା,୧୧।୧୦(ଡି.ଏନ.ଏ.)

ଓଡିଶାରେ ସ୍ୱଚ୍ଛ ଓ ନିର୍ମଳ ଶାସନ ଚାଲିଥିବା ରାଜ୍ୟ ସରକାର କହୁଥିବା ବେଳେ ବରଗଡ ଜିଲା ସୀମାନ୍ତ ଅମ୍ବାଭୋନା ଥାନାରେ ଯୋଜନ ଦୂରରେ ରହିଛି ମୋ ସରକାର ଯୋଜନା। ଅକ୍ଟୋବର ୪ରେ ହୋଇଥିବା ଏକ ଅଭିଯୋଗ ସପ୍ତାହ ପରେ ବି ପଞ୍ଜୀକରଣ ନ ହେବା ମୋ ସରକାର ଯୋଜନାର ବିଫଳତାକୁ ପଦାରେ ପକାଇ ଦେଇଛି। ସାନଦଲ୍ଲିପାଲି ଗାଆଁରେ ମଦ ବିକ୍ରିକୁ ପ୍ରତିବାଦ କରିବାରୁ ଅଭିଯୋଗକାରୀଙ୍କୁ ମାରିଦେବା ସହ ପେଟ୍ରୋଲ ଢ଼ାଳି ଘର ପୋଡି ଦେବାକୁ ଧମକ ଦିଆଯାଇଛି। ଏ ନେଇ ପଦ୍ମନ ଘୋସି ଅମ୍ବାଭୋନା ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ଏଯାଏ କୌଣସି ତଦନ୍ତ ହୋଇନାହିଁ । ଏ ନେଇ ଟୋଲ ଫ୍ରି ନଂ. ୧୪୫୪୫ରେ ଜଣାଇବାରୁ ଖୁବ ଶୀଘ୍ର ଅଭିଯୋଗ ପଞ୍ଜୀକରଣ ହେବ ବୋଲି ପ୍ରତିଶ୍ରୁତି ମିଳିଛି । ଏ ନେଇ ଅମ୍ବାଭୋନା ଥାନାଧିକାରୀ ଆଲୋକ ବେହେରାଙ୍କୁ ପଚରାଯିବାରୁ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହ କରାଯିବ ବୋଲି କହିଥିଲେ ।

## ମୂର୍ତ୍ତି ବିସର୍ଜନ ପରେ ସଫେଇ ଅଭିଯାନ

ବରଗଡ଼ ଅଫିସ୍,୧୧।୧୦

ଶାରଦୀୟ ଦୁର୍ଗାପୂଜା ସରିବା ପରେ ବିଭିନ୍ନ ମଣ୍ଡପରେ ପଡ଼ିଥିବା ମଇଳା, ଆବର୍ଜନା ସଫେଇ ପାଇଁ ବରଗଡ଼ ଜିଲା ଅମଲିପାଲିର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମଦର ଆଣ୍ଡ୍ ମଦର ଅଭିଯାନ ଆରମ୍ଭ କରିଛି । ଏହି କ୍ରମରେ ବରଗଡ଼ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାର ପୂଜା ମଣ୍ଡପ ଓ ପଡ଼ାର ବିଭିନ୍ନ ଗଳିରେ ରହିଥିବା ମଇଳା, ଆବର୍ଜନା ସଫା କରାଯାଇଛି । ଅନୁଷ୍ଠାନର ସମ୍ପାଦକ ଚନ୍ଦ୍ରକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଡ଼ାବାସୀ ସହଯୋଗ କରିଥିଲେ ।

## ଉପନିର୍ବାଚନ ପୂର୍ବରୁ ୧୯ଲକ୍ଷ ଜବତ

ବରଗଡ଼ ଅଫିସ/ବରପାଲି,୧୧।୧୦

ବରଗଡ଼ ଜିଲା ବିଜେପୁର ଉପ ନିର୍ବାଚନ ଆସନ୍ତା ୨୧ତାରିଖରେ ଅନୁଷ୍ଠିତ ହେବ। ନିର୍ବାଚନକୁ ଅବାଧ, ନିରପେକ୍ଷ ଭାବେ ସମାପନ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହାତକୁ ନିଆଯାଇଛି। ଏହି କ୍ରମରେ ଗୁରୁବାର ବିଳମ୍ବିତ ରାତ୍ରିରେ ବରପାଲି ନାକାପୋଷ୍ଟରେ ଗାଡ଼ିମୋଟର ଯାଞ୍ଚବେଳେ ଏକ କାର୍‌ରୁ ୧୯ଲକ୍ଷ ଟଙ୍କା ଜବତ ହୋଇଛି । କାର୍‌ଟି ଛତିଶଗଡ଼ର ଜଣେ ବ୍ୟବସାୟୀ ପରାଗ ଅଗ୍ରୱାଲଙ୍କ ବୋଲି ସୂଚନା ମିଳିଛି। ସେ ବ୍ୟବସାୟିକ କାମରେ ଟଙ୍କା ଧରି ଯାଉଥିଲେ ବୋଲି ପୋଲିସକୁ ବୟାନ ଦେଇଛନ୍ତି। ପୋଲିସ ସମ୍ପୃକ୍ତ ବ୍ୟବସାୟୀଙ୍କୁ କାର୍ ସହିତ ଛାଡ଼ି ଦେଇଥିବା ବେଳେ ଜବତ ଟଙ୍କାକୁ ବରପାଲି ବିଡ଼ିଓ ସତ୍ୟନାରାୟଣ ମେହେରଙ୍କ ଜିମା ଦେଇ ଅଧିକ ତଦନ୍ତ କରୁଛି ।

## କ୍ରିକେଟ: ଶିକ୍ଷକ ଏକାଦଶ ବିଜୟୀ

ପଦ୍ମପୁର, ୧୧।୧୦ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ସାପଲହର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଶିକ୍ଷକ ଏକାଦଶ ଓ କଦଳୀମୁଣ୍ଡା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି। ଶିକ୍ଷକ ଏକାଦଶ ପ୍ରଥମେ ବ୍ୟାଟିଂ କରି ୧୫ ଓଭର ୧୧୧ରନ କରିଥିଲା। ଜବାବରେ କଦଳୀମୁଣ୍ଡା ଏକାଦଶ ୯ ଓଭରରେ ମାତ୍ର ୪୯ ରନ କରି ପରାଜିତ ହୋଇଥିଲା । ଏମତି ସହୀର ୪୯ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିଞ୍ଜ ପ୍ରଧାନଙ୍କଠାରୁ ପୁରସ୍କୃତ ହୋଇଥିଲେ। ବରିଷ୍ଠ ଶିକ୍ଷକ ତଥା କ୍ରିକେଟ ଖେଳାଳି ଆଜିର ମ୍ୟାଚ ସହ ୧୦୦ଟି ମ୍ୟାଚ ଖେଳି ସାରିଥିବାରୁ ତାଙ୍କୁ ଶିକ୍ଷକ ନୃପରାଜ ବରିହା ସମ୍ମାନିତ କରିଥିଲେ । ବିନନ୍ଦ ମହାକୁର ଓ ଅଭିଷେକ ବୈକାର ଖେଳ ପରିଚାଳନା କରିଥିବା ବେଳେ ସଂଗ୍ରାମ ବରିହା ଓ ନାରାୟଣ ବରିହା ସ୍କୋରିଂ କରିଥିଲେ । ହୃଦାନନ୍ଦ ବଡ଼େଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭସାଣି ସହ ଶେଷ ହେଲା ଦୁର୍ଗାପୂଜା

କନ୍ଧମାଳ,୧୧।୧୦(ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳରେ ଶାରଦୀୟ ଦୁର୍ଗାପୂଜା ଭସାଣି ସହ ଶୁକ୍ରବାର ଶେଷ ହୋଇଛି। ବୁଧବାର ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟି ତରଫରୁ ଧୁମ୍‌ଧାମରେ ଭସାଣି ଶୋଭାଯାତ୍ରା କରାଯାଇଥିଲା। ବ୍ଲକଛକ ଦୁର୍ଗା ମଣ୍ଡପରେ ବୁଧବାର ଅଷ୍ଟପ୍ରହର ନାମଯଜ୍ଞ ହୋଇଥିଲା। ନାମଯଜ୍ଞରେ ଆଖପାଖ ଗାଁର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗୁରୁବାର ନାମଯଜ୍ଞ ପୂର୍ଣ୍ଣାହୁତି ହେବା ପରେ ଶୁକ୍ରବାର ଦୁର୍ଗାପୂଜା ମଣ୍ଡପରୁ ମାଁଙ୍କୁ ଭସାଣି ପାଇଁ ଶୋଭାଯାତ୍ରାରେ ନିଆଯାଇଥିଲା। ଭସାଣି ଶୋଭାଯାତ୍ରା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମା'ଙ୍କ ବିସର୍ଜନ ସହ ଷଷ୍ଠୀ ଠାରୁ ଦଶମୀ ପର୍ଯ୍ୟନ୍ତ ପୂଜା ମଣ୍ଡପରେ ଚାଲିଥିବା ରୀତିନୀତି ଓ ଭକ୍ତଙ୍କ ଗହଳି ଶେଷ ହୋଇଛି । ପୂଜା କମିଟି ସଭାପତି ସୁରେଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର ବିଶି, ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ପାଢୀ, ଦୃତିଆ ଚରଣ ସାହୁ, ଦୁଃଶାସନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



କନ୍ଧମାଳ ବସ୍‌ଷ୍ଟାଣ୍ଡରେ ନିର୍ମିତ ଦୁର୍ଗା ମୂର୍ତ୍ତିଙ୍କ ଭସାଣି ଶୋଭାଯାତ୍ରା ଚାଲିଛି ।

## ବିଜେପୁର ଉପନିର୍ବାଚନ: ମାଇକ୍ରୋ ଅବଜର୍ଭରଙ୍କୁ ପ୍ରଶିକ୍ଷଣ

ବରଗଡ଼ ଅଫିସ୍,୧୧।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ରାଜନେତାଙ୍କ ଭଳି ପ୍ରଶାସନିକସ୍ତରରେ ମଧ୍ୟ ସେଭଳି ତତ୍ପରତା ପରିଲକ୍ଷିତ ହୋଇଛି। ନିର୍ବାଚନକୁ ଶୃଙ୍ଖଳିତ, ଅବାଧ ଓ ନିରପେକ୍ଷ ଭାବେ ଶେଷ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ହାତକୁ ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଉପନିର୍ବାଚନରେ ନିୟୋଜିତ ହେବାକୁ ଥିବା ମାଇକ୍ରୋ ଅବଜର୍ଭରଙ୍କ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସାଧାରଣ ପର୍ଯ୍ୟବେକ୍ଷକ ଅବିନାଶ ଲାଭାନିଆ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତ ପ୍ରମୁଖ କର୍ମଶାଳାରେ ଉପସ୍ଥିତ ରହି ମାଇକ୍ରୋ ଅବଜର୍ଭରଙ୍କୁ ନିର୍ବାଚନ ପରିଚାଳନା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ ।



ପ୍ରଶିକ୍ଷଣ କର୍ମଶାଳାରେ ସାଧାରଣ ପର୍ଯ୍ୟବେକ୍ଷକ ଓ ଅନ୍ୟମାନେ ।

## ବେହାଲ ପତ୍ରାପାଲି-ଡୁଙ୍ଗୁରୀପାଲି ରାସ୍ତା

ଜାମଟିକ୍ରା, ୧୧।୧୦ (ଡି.ଏନ୍.ଏ.)

ଅତାବିରା ବ୍ଲକ ବୁଗବୁଗା ପଁଚେତ୍ ପତ୍ରାପାଲି ଛକରୁ ଭେଡ଼େନ ବ୍ଲକ ଡୁଙ୍ଗୁରିପାଲି ଛକକେ ସଂଯୋଗ କରୁଥିବାର ରାସ୍ତା ବହୁତ୍ ଦିନ ହେଲା ଖରାପ ଅବସ୍ତାରେ ପଡ଼ିରହିଛେ। ଇ ରାସ୍ତାରେ ଫିଦିନ ହଜାର ହଜାର ଲୋକ୍ ଯିବାର ଆଏବାର କରୁଛନ୍। ହେଲେ ମରାମତି ଅଭାବୁ ଅଲପ୍ ବରଷାରେ ବି ରାସ୍ତାରେ ପାଏନ୍ ଜମି ଆଁଠେ କାଦୋ ହେଉଛେ। ଯେନ୍‌ଥିରଲାଗି ସମିଆ ଅସମିଆରେ ଆମ୍ବୁଲାନ୍ସ, ନିଆଁଲିଭା ଗାଡ଼ି ଲେଖେଁ ଜରୁରୀ ସେବାରୁ ଅଂଚଲବାସୀ ବଁଚିତ୍ ହେଉଥିବାର ଅଭିଯୋଗ ହେଉଛେ। ଅଂଚଲବାସୀ ରାସ୍ତାର ମରାମତି ଲାଗି ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଇ ଦିଗେ ଜିଲା ପରଶାସନ ଆର ବିଭାଗୀୟ ଉଚ କତ୍ତୁରପକ୍ଷ ଦୁରୁଷ୍ଟି ଦେଇ ରାସ୍ତା ମରାମତି କରବାକେ ଅଂଚଲବାସୀ ଦାବି କରିଛନ୍।



କାଦୋ ସରସର ପତ୍ରାପାଲି-ଡୁଙ୍ଗୁରୀପାଲି ରାସ୍ତା।

## ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

ବରଗଡ଼ ଅଫିସ୍,୧୧।୧୦

ବରଗଡ଼ ଜିଲା ଶରଧାପାଲି ଗ୍ରାମରେ ଶୁକ୍ରବାର ଭାଲୁ ଆକ୍ରମଣରେ ଜଣେ ଚାଷୀ ଗୁରୁତର ଆହତ ହୋଇଛନ୍ତି। ଆହତ ଜଣକ ଉକ୍ତ ଗ୍ରାମର ମଧୁ ରୋହିଦାସ(୪୫)। ସେ ସକାଳୁ ଚାଷଜମିକୁ ପାଣି ମଡ଼ାଇବାକୁ ଯାଇଥିବା ବେଳେ ଗୋଟିଏ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଥିଲା । ଫଳରେ ତାଙ୍କ କାନ୍ଧ, ଜଙ୍ଘ ସମେତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ତାଙ୍କୁ ଭର୍ତ୍ତି କରାଯାଇଛି ।

# ଜମୁଛି ପ୍ରଚାର, ସଭା ସମିତିରେ ନେତାଏ ବ୍ୟସ୍ତ



ବିଜେପୁର ହର୍ଟିକଲଚର ପରିସରରେ ବିଜେଡିର ବୈଠକ ଚାଲିଛି ।



ମାଝୀପାଲିରେ ପଥପ୍ରାନ୍ତ ସଭାରେ କଂଗ୍ରେସ ପ୍ରାର୍ଥୀ ଆଲୋଚନା କରୁଛନ୍ତି ।

ବିଜେପୁର, ୧୧।୧୦ (ଡି.ଏନ.ଏ)

ବରଗଡ ଜିଲା ବିଜେପୁର ଉପନିର୍ବାଚନ ବାଜି ମାରିବାକୁ ତିନି ପ୍ରମୁଖ ଦଳ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି । ଏହି କ୍ରମରେ କଂଗ୍ରେସ ପ୍ରାର୍ଥୀ ଦିଲୀପ କୁମାର ପଣ୍ଡା ବିଜେପୁର ନିର୍ବାଚନ ମଣ୍ଡଳୀର ଗାଁ ଗାଁ ବୁଲି ମାରାଥନ ପ୍ରଚାର କରିଛନ୍ତି । ବିଜେପୁର ଏନଏସି ସଦର ମହକୁମାରୁ ବାହାରି ବରମୁଣ୍ଡା, ଏମ. ଶ୍ରୀଗିଡା, ତାଳପଦର, ପୁଞ୍ଜିପଥର, ମାଝୀପାଲି, ନୂଆଁପାଲି, କମଳପଦର, କୁଣ୍ଡାଖାଇ, ବୁରୋମୁଣ୍ଡା ଆଦି ବିଭିନ୍ନ ଗ୍ରାମରେ ପ୍ରାର୍ଥୀ ପଣ୍ଡା ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ । ଏହା ସହ ଗ୍ରାମର ବିଭିନ୍ନ ଛକରେ ମତଦାତାଙ୍କ ସହ ପଥପ୍ରାନ୍ତ ଆଲୋଚନା କରି ନିର୍ବାଚନରେ ଆଶୀର୍ବାଦ କରିବାକୁ ନିବେଦନ କରିଥିଲେ । ଜଗନ୍ନାଥ ପଧାନ, ମହେନ୍ଦ୍ର ବିଶ୍ୱାଳଙ୍କ ସମେତ ସ୍ଥାନୀୟ କର୍ମୀଗଣ ପ୍ରାର୍ଥୀଙ୍କ ସହ ସାମିଲ ହୋଇଥିଲେ । ସେହିପରି କଂଗ୍ରେସର ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଯଜ୍ଞେଶ୍ୱର ବାବୁ, ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଜିଲା ପରିଷଦ ଜୋନସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଯୁବ, ବରିଷ୍ଠ ମତଦାତାଙ୍କୁ ନେଇ ଆୟୋଜିତ ଏହି ବୈଠକରେ କଂଗ୍ରେସ ଦଳକୁ ମତଦାତାଙ୍କ ନିକଟତର ହେବାକୁ ବିଭିନ୍ନ ରଣକୌଶଳ ଉପରେ ଆଲୋଚନା କରାଯାଇଥିଲା। ବୁଥସ୍ତରରୁ କଂଗ୍ରେସ ଦଳକୁ ମଜଭୁତ କରିବା ପାଇଁ

**ବିଜେପୁର ଉପନିର୍ବାଚନ**

ବିଭିନ୍ନ ଆଲୋଚନା ହୋଇଥିଲା । ବିଜେପୁର ଏନଏସି ସମେତ ବୁଡାପାଲି, ସମଲାଇପଦର, ଜାରିଂ, ସୁରୁବାଲି, ଚାରପାଲି ଆଦି ୮ଟି ପଞ୍ଚାୟତର ମତଦାତା, କର୍ମୀ ବୈଠକରେ ଯୋଗ ଦେଇଥିଲେ । ସେହିପରି ବିଜେଡି ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଦଳୀୟ ନେତା, ବିଧାୟକ, ମନ୍ତ୍ରୀମାନଙ୍କୁ ବିଭିନ୍ନ ପଞ୍ଚାୟତ ସମେତ ବିଜେପୁର ଓ ବରପାଲି ଏନଏସି ଦାୟିତ୍ୱ ନ୍ୟସ୍ତ ହୋଇଛି । ସମ୍ପୃକ୍ତ ନେତାମାନେ ସେହି ପଞ୍ଚାୟତର କର୍ମୀମାନଙ୍କ ସହ ଆଲୋଚନା କରି ଘର ଘର ବୁଲି ଭୋଟ ଭିକ୍ଷା କରୁଛନ୍ତି । ଯୁବ ମତଦାତାଙ୍କ ଭୋଟ ହାତେଇବାକୁ ବିଭିନ୍ନ ସ୍ଥାନରେ ବୈଠକ ଚାଲିଛି । ଏହି କ୍ରମରେ ଶୁକ୍ରବାର ସ୍ଥାନୀୟ ହର୍ଟିକଲଚର ପରିସରରେ ଯୁବ ବିଜେଡିର ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ, ବିଧାୟକ ରୋହିତ ପୂଜାରୀ, ଜିଲା ଉପସଭାପତି ଜନାର୍ଦ୍ଦନ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଏମ. ଶ୍ରୀଗିଡାରେ ଶୁକ୍ରବାର ସନ୍ଧ୍ୟାରେ ପଞ୍ଚାୟତସ୍ତରୀୟ କର୍ମୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ସଞ୍ଜୟ ବାବୁଙ୍କ ନେତୃତ୍ୱରେ ଅର୍ଜୁନ ସା, ରବି ଜେନାଙ୍କ ସମେତ ଏମ. ଶ୍ରୀଗିଡା, ଝାଙ୍କର ଶ୍ରୀଗିଡା, ଝିଲ୍ଲୀ, ବଲଣ୍ଡା ଗ୍ରାମର ବହୁ କର୍ମୀ ସାମିଲ ହୋଇଥିଲେ ।

## ବୁର୍ଦ୍ଧାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ

ଭେଡ଼େନ,୧୧।୧୦ (ଡ଼ି.ଏନ.ଏ)

ଭେଡ଼େନ ବ୍ଲକ ବୁର୍ଦ୍ଧାଠାରେ ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂସ୍ଥା ତରଫରୁ ଗୁରୁବାର ସନ୍ଧ୍ୟାରେ ଷଷ୍ଠ ଦଶହରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସଂସ୍ଥାର ସଂଯୋଜକ ପଦ୍ମଲୋଚନ ଭୋସାଗରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭେଡ଼େନ ବିଡ଼ିଓ ମୁରଲିଧର ନାୟକ ମୁଖ୍ୟଅତିଥି, ଖବରଦାତା ନିର୍ମଳ କୁମାର ମେହେର, ବନମାଳି ଛୁରିଆ, ବିଜୟ ମଲିକ, ନକୁଳ ମହାନନ୍ଦ, କାର୍ତ୍ତିକ ମହାପାତ୍ର, ଗୌର ଖଣ୍ଡାୟତ, ଢୁଲେଶ୍ୱର ମଲିକ, ସୁରେନ୍ଦ୍ର ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାମାଜିକ କର୍ମୀ ରୋହିତ ମଲିକ, କାର୍ତ୍ତିକ ମହାପାତ୍ର, ଆଶା କର୍ମୀ କନକ ବର୍ଗେ, ମଞ୍ଜୁଳା ଜାମୁଡ଼ାଲିଆ ଓ ସାନ୍ତରା ମହାନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାତ୍ରିରେ ହୋଇଥିବା ନୃତ୍ୟ ପ୍ରତିଯୋଗିତାରେ ଜେମାନ ଭୋସାଗର, ବନମାଳି ଭୋସାଗର ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ । ବିଭିନ୍ନ ବିଭାଗରେ ସୁଶ୍ରୀ ଦାଶ, ଭବାନୀ ବାଗ, ରୀମା ବାଗ ଏବଂ ଗ୍ରୁପ ଡ୍ୟାନ୍ସରେ ବୀର ବଜରଙ୍ଗ ଗ୍ରୁପ, ଜୟ ସମଲେଇ ଗ୍ରୁପ ଏବଂ ବର୍ଷା ଓ ସାଲିନା ଗ୍ରୁପ ବିଜୟୀ ହୋଇ ପୁରସ୍କୃତ ହୋଇଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୨ ଅକ୍ଟୋବର, ୨୦୧୯



ପ୍ରତ୍ୟେକ ମହତ କାର୍ଯ୍ୟ ପ୍ରଥମେ ଅସମ୍ଭବ ବୋଲି ଜଣାପଡ଼େ।
- ବ୍ୟାସକବି ଫକୀରମୋହନ ସେନାପତି



## ସଂକ୍ଷେପରେ

### ୩ ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କୁତ୍ରା, ୧୧।୧୦ (ଡି.ଏନ.ଏ)- କୁତ୍ରା ବ୍ଲକ ବିରିଙ୍ଗାଟୋଲି ଗ୍ରାମ ପଞ୍ଚାୟତ ଅଧିନ ବୁଡାକଟା ଗ୍ରାମରେ ତିନି ଦିନିଆ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଫୁଟବଲ ଟୁର୍ନାମେଣ୍ଟ ପ୍ରତିବର୍ଷ ପରି ଏବର୍ଷ ତିନିଦିନ ଧରି ଚାଲିବାକୁ ଥିବାବେଳେ ଏହି ଖେଳରେ ସମୁଦାୟ ୧୬ଟି ଦଳ ପଞ୍ଜିକୃତ କରିଛନ୍ତି। ଶୁକ୍ରବାର ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଖବରଦାତା ପଙ୍କଜ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଫ୍ରେଣ୍ଡ-୨ କୁତ୍ରା ଓ ବିରତୋଲା ଗ୍ରାମ ମଧରେ ହୋଇଥିବା ପ୍ରଥମ ଖେଳର ଶୁଭାରମ୍ଭ କରିଥିବା ବେଳେ ସଞ୍ଜୟ କୁମାର ହୋତା, ବାସିଲ ଟପ୍ପୋ ଓ କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଟୁର୍ନାମେଣ୍ଟରେ କୁତ୍ରା, ବିଲତୋଲା, ଜ୍ଞାନପାଲି, ଫଟାଟାଙ୍ଗର, ପଞ୍ଚୁପଡା, ଗୀର୍ଜାଟୋଲି, ଲାଇଙ୍ଗ, କର୍ମୀବାହାଲ, ନକଟି, ଗଙ୍ଗାଜଳ, ବୁଡାକଟା, ଦାନପଡା, ଲକ୍ଷ୍ମୀପୋଷ, ମିକ୍ସଚର କ୍ଲବ, ଗଣ୍ଡୁପଡା ଫୁଟବଲ ଦଳ ଯୋଗଦେଇଥିଲେ। ୧୩ ତାରିଖ ଏହି ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ ପାଳନ କରାଯିବ ବୋଲି ବୁଡାକଟା ଯୁବକ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ଟୁର୍ନାମେଣ୍ଟକୁ ବୁଡାକଟା ଯୁବକ ସଂଘର ସଭାପତି ଟଙ୍କଧର ବରିହାଙ୍କ ନେତୃତ୍ୱରେ ପରିଚାଳିତ କରାଯାଇଥିବା ବେଳେ ଯୁବକ ସଂଘର ସଭ୍ୟ କରମ ସିଂ ସାଗର, କମଳ ପାଡୁନେର, କିଶୋର ବେହେରା, ରୋହିତ କୁମରା, ଯଶୋବନ୍ତ ବରିହା, ଅଜିତ ବେହେରା ପ୍ରମୁଖ ଉପସ୍ଥିତ ରହିଥିବା ଜଣାପଡିଛି।

## ■ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ

# କନ୍ୟାସନ୍ତାନ ସୁରକ୍ଷା ନେଇ ଶୋଭାଯାତ୍ରା

ସୁନ୍ଦରଗଡ,୧୧।୧୦ (ଡି.ଏନ.ଏ )

ସୁନ୍ଦରଗଡ଼ ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଏନ୍‌ଏମ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପଙ୍କଜ କୁମାର ପଟେଲ ଏହି ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହା ପରେ ଏକ ଶପଥଗ୍ରହଣ କାର୍ଯ୍ୟକ୍ରମ ମାଧ୍ୟମରେ କନ୍ୟାସନ୍ତାନଙ୍କ ସୁରକ୍ଷା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜରୁ ଲିଙ୍ଗଗତ ବୈଷମକୁ ଦୂର କରିବା କନ୍ୟା ସନ୍ତାନଙ୍କ ସୁରକ୍ଷା ତଥା ସମାଜରେ ସେମାନଙ୍କ ସଂଖ୍ୟା ଅଭିବୃଦ୍ଧି କରିବା ପାଇଁ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଏହି ସଚେତନତା ଶୋଭାଯାତ୍ରା ମାଧ୍ୟମରେ ଲିଙ୍ଗନିରୂପଣ ନିଷିଦ୍ଧ ଆଇନର କାର୍ଯ୍ୟକାରିତା ଏବଂ ଗର୍ଭସ୍ଥ ଭ୍ରୁଣର ଲିଙ୍ଗ ନିରୂପଣ ଭଳି କୁତ୍ସିତ ଅପରାଧରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ଜିଲାର ସମସ୍ତ ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ ସମିତି ଗୁଡିକରେ ମଧ୍ୟ ଶୋଭାଯାତ୍ରା ମାଧ୍ୟମରେ ଜନସଚେତନତା ସୃଷ୍ଟି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନାଏକ, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳକ ଦୀପକ କୁମାର ମହାନ୍ତି, ମହେନ୍ଦ୍ର ବାଗ, ବୁଧରଞ୍ଜନ ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ଜିଏନ୍‌ଏମ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ କିକ୍ ବକ୍ସିଂ ଚାମ୍ପିୟନଶିପ

# ୧୩ ଜିଲାର ୪୩୦ ପ୍ରତିଯୋଗୀ ଭାଗନେଲେ

ରାଉରକେଲା ଅଫିସ,୧୧।୧୦

ବଲାଙ୍ଗୀର ଜିଲା ଟିଟିଲାଗଡ ମହାବୀର କଳିଙ୍ଗ ପଞ୍ଚାୟତ ଧର୍ମଶାଳାରେ ୧୨ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଓ କିକ୍ ବକ୍ସିଂ ଚାମ୍ପିୟନଶିପ ଆୟୋଜିତ ହୋଇଯାଇଛି। ଏହିଚାମ୍ପିୟନଶିପରେ ୧୩ଟିଜିଲାରୁମୋଟ ୪୩୦ ପ୍ରତିଯୋଗୀ ଭାଗ ନେଇଥିଲେ। ଉଦ୍‌ଯାପନୀ ଦିବସରେ ମନ୍ତ୍ରୀ ଟୁକୁନି ସାହୁ ଓ ଟାଏକୋଣ୍ଡୋ ଆସୋସିଏଶନ ସଭାପତି ଅଜୟ ରାଠୋର ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ମେଡାଲ ପ୍ରଦାନ କରିଥିଲେ।

କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନ ଓଡିଶା ମୁଖ୍ୟ ସଚ୍ଚିଦାନନ୍ଦ ବିଶ୍ୱାଳ, ଟିଟିଲାଗଡ କୋଚ୍ ରାଜେଶ ଛୁରା, ରାଉରକେଲା କୋଚ୍ ଗୋଲକ ବେହେରା, ଟେନସା କୋଚ୍ ଦେବେନ୍ଦ୍ର ପ୍ରଧାନ, ବଡମାଲରୁ ଦେବାନନ୍ଦ, ଲେଡି କୋଚ୍ ଦିବ୍ୟା ଛଞ୍ଚାଣ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ବଣାଇଁ କୋଚ୍ ବିଶ୍ୱଜିତ ବାରିକ, ରାଉରକେଲା କରାଟେ କୋଚ୍ ଧର୍ମେନ୍ଦ୍ର ସିଂ, ଶିବ ପ୍ରସାଦ, ବରଗଡର କାବୁଲି ପଟ୍ଟନାୟକ, ଝାରସୁଗୁଡା କୋଚ୍ ଜୋହନ ତିର୍କୀ ପ୍ରମୁଖ ବିଭିନ୍ନ ଇଭେଣ୍ଟ ଖେଳିବାରେ ସହଯୋଗ କରିଥିଲେ। କେନ୍ଦୁଝର କିକ ବକ୍ସିଂ ଆସୋସିଏଶନ କୋଚ୍ ମନଜିନ ସିଂ, ସମ୍ବଲପୁର କୋଚ୍ ନାରାୟଣ ବାରିକ କିକ୍ ବକ୍ସିଂ ଇଭେଣ୍ଟ ପରିଚାଳନା କରିଥିଲେ। ଶେଷରେ ରାଜେଶ ଛୁରା ଧନ୍ୟବାଦ ପ୍ରଦାନ କରିଥିଲେ। ରାଉରକେଲା କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ ଓ ଟିଟିଲାଗଡ ଟାଏକୋଣ୍ଡୋ ଆସୋସିଏଶନ ସହଯୋଗରେ ଏହା ଆୟୋଜିତ ହୋଇଥିଲା।



ରାଜ୍ୟସ୍ତରୀୟ ଟାଏକୋଣ୍ଡୋ, କିକ୍ ବକ୍ସିଂ ଚାମ୍ପିୟନଶିପରେ ଭାଗ ନେଇଥିବା ପ୍ରତିଯୋଗୀ।





ସୁନ୍ଦରଗଡ଼ ଦୟା ଧର୍ମଶାଳା ପୂଜା କମିଟି ପକ୍ଷରୁ ଶୁକ୍ରବାର ମା'ଙ୍କ ଭସାଣି ଶୋଭାଯାତ୍ରା।

# ଖୁଣ୍ଟଗାଁଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଲହୁଣୀପଡା, ୧୧।୧୦ (ଡି.ଏନ.ଏ)

ଲହୁଣୀପଡା ବ୍ଲକ ଖୁଣ୍ଟଗାଁ ଏବଂ ହଳଦୀକୁଦର ପଞ୍ଚାୟତରେ ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ ଏବଂ ଲହୁଣୀପଡା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଗୁରୁଚରଣ ସ୍ୱାଇଁଙ୍କ ନେତୃତ୍ୱରେ ଏହି ଜନସମ୍ପର୍କ ପଦଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରାଯାଇଛି। ଖୁଣ୍ଟଗାଁ ସ୍ଥିତ ନୂଆଡିହିଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନବୀନ ପଟ୍ଟନାୟକ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ତାହାର କାର୍ଯ୍ୟକାରିତା ଉପରେ ସଚେତନତା ସୃଷ୍ଟି କରିବା ଏବଂ ବିଭିନ୍ନ ଯୋଜନାର ଅନ୍ତର୍ଭୁକ୍ତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ କିଭଳି ସାମିଲ କରାଯିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଜନସମ୍ପର୍କ ପଦଯାତ୍ରା ଖୁଣ୍ଟଗାଁ ପଞ୍ଚାୟତର ସୁଆରପାଲି ଗ୍ରାମରୁ ଆରମ୍ଭ କରାଯାଇଥିଲା। ହଳଦୀକୁଦର ପଞ୍ଚାୟତରେ ମଧ୍ୟ ଅନୁରୂପ ଭାବେ ପଦଯାତ୍ରା କରାଯାଇଥିଲା। ବିଭିନ୍ନ ୱାର୍ଡର ଗାଁଗାଁ ବୁଲି ଲୋକଙ୍କୁ ସଚେତନ କରିବା ସହିତ ଲିଫଲେଟ ବାଣ୍ଟିଥିଲେ। ବିଜୁଜନତା ଦଳରେ ସଦସ୍ୟତା ଗ୍ରହଣ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ ଖୁଣ୍ଟଗାଁ ପଞ୍ଚାୟତ ସମିତି ସଭ୍ୟ ଟିକେଶ୍ୱର କିଶାନ, ପଞ୍ଚାୟତ ସଭାପତି ସୋନୁ ପ୍ରଧାନ, ମଧୁସୂଦନ ମୁଣ୍ଡାଙ୍କ ସମେତ ମିତ୍ରଭାନୁ ସାହୁ, ସୁର ଭୋଇ, ବସନ୍ତ ବଗର୍ତ୍ତି, ସାଧବ ମୁଣ୍ଡା, ରେବତୀକାନ୍ତ ମହାପାତ୍ର, ଗୋବିନ୍ଦ ନାଏକ, ରମେଶ ମାଝି, ବିର୍ସା ମୁଣ୍ଡା, ହେମନ୍ତ ସେଠ, ସନାତନ ନାଏକ, ଆଲୋକ ଦ୍ୱିବେଦୀ ସମେତ ବହୁ ବିଜେଡି କର୍ମକର୍ତ୍ତା ସାମିଲ ହୋଇଥିଲେ।





ହଳଦୀକୁଦର ପଞ୍ଚାୟତରେ ବିଜେଡ଼ି କର୍ମକର୍ତ୍ତା ପଦଯାତ୍ରାରେ ଯାଉଛନ୍ତି।

# ଡାଲମିଆ ସିମେଣ୍ଟ ଦ୍ୱାରା କୌଶଳ ପ୍ରଶିକ୍ଷଣ ଶିବିର

ରାଜଗାଙ୍ଗପୁର, ୧୧।୧୦ (ଡି.ଏନ.ଏ)

ଆଇଏଲ ଓ ଏଫ୍‌ଏସ୍ ସହଭାଗିତାରେ ଦିନିକିଆ କୌଶଳ ପ୍ରଶିକ୍ଷଣ ଶିବିର ଡାଲମିଆ ସିମେଣ୍ଟ ଦ୍ୱାରା ସ୍ଥାନୀୟ ଡାଲମିଆ ସିମେଣ୍ଟ ଅଡିଟୋରିୟମରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କମ୍ପାନୀର ଲାଞ୍ଜିବେର୍ଣ୍ଣା ଚୁନ ପଥର ଖଣି ଆଖପାଖ ବସବାସ କରୁଥିବା ଗ୍ରାମବାସୀଙ୍କ ପାଇଁ ଆୟୋଜିତ କରାଯାଇଥିଲା। ଏହି ଶିବିରର ଏକମାତ୍ର ଉଦ୍ଦେଶ୍ୟ ଥିଲା ସ୍ଥାନୀୟ ସମୁଦାୟର ବେକାରୀ ଯୁବକଙ୍କୁ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମକେଭିୱାଇ) ଅନ୍ତର୍ଗତ ବିଭିନ୍ନ କୌଶଳ ପ୍ରଶିକ୍ଷଣ ବିଷୟରେ ଅବଗତ କରାଇବା। ଏହି ଆୟୋଜନରେ ଭାଗ ନେଇ ଡାଲମିଆ ସିମେଣ୍ଟ ଲୋକ ସମ୍ପର୍କ ବିଭାଗର ଏଇଡି ବିଶାଳ ଶର୍ମା କହିଲେ, କୌଶଳ ବିକାଶ ମିଶନ ଅନ୍ତର୍ଗତ ଯୁବକଙ୍କ ପାଇଁ ଯଥେଷ୍ଟ ସୁଯୋଗ ଅଛି। ଯେତେବେଳେ ସେମାନେ କୌଶଳ ପ୍ରଶିକ୍ଷଣ ଏବଂ ପରୀକ୍ଷା ପାସ କରିସାରନ୍ତି, ତାଙ୍କୁ ନା କେବଳ ପାସ ହେବାର ପ୍ରମାଣ ପତ୍ର ମିଳେ ତା ସହିତ ନିଯୁକ୍ତି ସୁଯୋଗ, କିଛି ପୁରସ୍କାର ରାଶି ଏବଂ ୨ ଲକ୍ଷ ଟଙ୍କାର ଜୀବନ ବୀମା ମଧ୍ୟ ମିଳେ। ଯୁବତୀ, ଯୁବକ ଯିଏ ନିଜର କିଛି ଉଦ୍ୟମ ଆରମ୍ଭ କରିବାକୁ ଚାହାନ୍ତି ତାଙ୍କୁ ମଧ୍ୟ କୌଶଳ ପ୍ରମାଣ ପତ୍ର, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ଅନ୍ତର୍ଗତ ସହାୟତା ମିଳିପାରିବ । କୁଶଳୀ ହେବା କାରଣରୁ ଯୁବକଙ୍କୁ ନୂଆ କ୍ଷେତ୍ରରେ ସଫଳତା ହାସଲ କରିବାରେ ସହାୟତା ମିଳିବ। ସେଥିପାଇଁ ବେକାରୀ ଯୁବକଙ୍କୁ ଏହି ସୁଯୋଗକୁ ହାସଲ କରିବା ପାଇଁ ଆଗକୁ ଆସିବାକୁ ହେବ ଏବଂ ନିଜ ସମୁଦାୟଙ୍କ ପାଇଁ ଏକ ଆଦର୍ଶ ହେବାକୁ ହେବ । ଏହି ଶିବିରରେ ମୋଟାମୋଟି ୧୦୦ ଯୁବକ ଏବଂ ଅଭିଭାବକ ଯୋଗଦେଇଥିଲେ। ଯାହାକୁ ଶାନ୍ତନୁ ଷଡଙ୍ଗୀ, ଆଞ୍ଚଳିକ ଅଧିକାରୀ, ଆଇଏଲ ଆଣ୍ଡ ଏଫଏସ ଦ୍ୱାରା କୌଶଳ ବିକାଶ ମାଧ୍ୟମରେ ଚାଲୁଥିବା ବିଭିନ୍ନ ଯୋଜନା ବିଷୟରେ ଜଣାଇଥିଲେ। ଡାଲମିଆ ସିମେଣ୍ଟ ଲାଞ୍ଜିବେର୍ଣ୍ଣା ସିଏସଆର ବିଭାଗର ବରିଷ୍ଠ ପ୍ରବନ୍ଧକ ତପନ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଲୋକ ସମ୍ପର୍କ ବିଭାଗର ଜିଏମ ଗୁରୁ ପ୍ରସାଦ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।



କୌଶଳ ପ୍ରଶିକ୍ଷଣ ଶିବିରରେ ଯୁବତୀ, ଯୁବକ ଓ ଡାଲମିଆ ସିମେଣ୍ଟର ଅଧିକାରୀ।

# ବ୍ରାହ୍ମଣୀ ନଦୀରେ ଅଚିହ୍ନା ଯୁବତୀଙ୍କ ମୃତଦେହ ଠାବ

ବଣାଇ, ୧୧।୧୦(ସ୍ୱ.ପ୍ର.)-ବଣାଇ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀ ନରେନ୍ଦ୍ର ବାଲୁଘାଟରେ ଜଣେ ଯୁବତୀଙ୍କ ମୃତଦେହ ଲାଗିଥିବା ଦେଖିବାକୁ ମିଳିଛି। ଶୁକ୍ରବାର ମୃତଦେହ ଲାଗିଥିବା ଦେଖି ବାଲୁଘାଟର କର୍ମଚାରୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜଗିଛି। ଯୁବତୀଙ୍କ ପରିଚୟ ମିଳିନାହିଁ। ତାଙ୍କ ମୁହଁ ରୁମାଲରେ ବନ୍ଧା ହୋଇଥିବାବେଳେ ସେ ଜିନ୍ସ ପେଣ୍ଟ ପରିଧାନ କରିଛନ୍ତି। ଶନିବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ଉଦ୍ଧାର କରାଯିବ।

# ବାଲିଶଙ୍କରା ପଞ୍ଚାୟତ ସମିତି ବୈଠକ

ବାଲିଶଙ୍କରା, ୧୧।୧୦ (ଡି.ଏନ.ଏ)

ବାଲିଶଙ୍କରା ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ବାଲିଶଙ୍କରା ବିଡିଓ ଅଭିମନ୍ୟୁ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ପରିଚାଳନା କରିଥିଲେ ଜିପିଓ ନଗେନ୍ଦ୍ରନାଥ ପଟେଲ। ସଭା ପରିଚାଳନା କରିଥିଲେ କୁଞ୍ଜବନ ପଟେଲ। ସଭାପତିତ୍ୱ କରିଥିଲେ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ମାଝୀ। ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ବିଧାୟକ ଭବାନୀଶଙ୍କର ଭୋଇ। ସମ୍ମାନିତ ଅତିଥି ଭାବେ ଜିଲାପରିଷଦ (କ) ଶ୍ରଦ୍ଧାକର ସୁନାଏନ, ସାଂସଦ ପ୍ରତିନିଧି ପର୍ଶୁରାମ ପଟେଲ, ଉପାଧ୍ୟକ୍ଷ ପ୍ରଶାନ୍ତ ପଟେଲ ଓ ସମସ୍ତ ସମିତି ମେମ୍ବେର ସରପଞ୍ଚ ଉପସ୍ଥିତ ଥିଲେ। ପ୍ରଥମରେ ଆଗର ବୈଠକର ବିବରଣୀ ପଠନ କରାଯାଇଥିଲା । ବିଶେଷ କରି ୧୯ଟି ପଞ୍ଚାୟତରେ ପିଇବା ପାଣି ସମସ୍ୟା ଦୂର ହୋଇ ପାରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ ବିଧାୟକ। ଅଞ୍ଚଳରେ ମତ୍ସ୍ୟ ଅଧିକାରୀ ବ୍ଲକକୁ ଆସୁନଥିବାରୁ ମତ୍ସ୍ୟ ଚାଷୀମାନେ ମତ୍ସ୍ୟ ଚାଷରୁ ବଞ୍ଚିତ ରହୁଥିବା ମତପ୍ରକାଶ ପାଇଥିଲା। ବାଲିଶଙ୍କରା କୃଷି ଅଧିକାରୀଙ୍କ ଅଜଣାତରେ ଉପର ମହଲରୁ ନିଜ ନିଜ ଇଚ୍ଛାରେ ଚୟନ କରି ବିଭିନ୍ନ କୃଷି ଜନିତ ଜିନିଷ ଚୟନ କରିଥିବାରୁ ବୈଠକରେ ପ୍ରକାଶ କରିବାକୁ କୃଷି ଅଧିକାରୀଙ୍କୁ ତାଗିଦ କରିବାରୁ ଆମ ଅଜଣାତରେ ଏପରି ହେଉଛି ବୋଲି ପ୍ରକାଶ କରିଥିଲେ। ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟରେ ଠିକ୍ ସମୟରେ ହିତାଧିକାରୀଙ୍କ ଟଙ୍କା ମିଳୁନଥିବା ଉପସ୍ଥାପନ କରିଥିଲେ । ଏପରି ଅନେକ ଆଲୋଚନା ପରେ ଜିପିଓ ନଗେନ୍ଦ୍ରନାଥ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।



ବାଲିଶଙ୍କରା ପଞ୍ଚାୟତସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

## ■ ଗଙ୍ଗାଧର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଜୟ ମା' ଦୁର୍ଗା କ୍ରିକେଟ କ୍ଲବ ଚାମ୍ପିୟନ

ବଡ଼ଗାଁ, ୧୧।୧୦ (ଡି.ଏନ.ଏ)

ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ପଞ୍ଚାୟତର ଚେମଠାପଡା ଗ୍ରାମରେ ଗୁରୁବାର ଆରମ୍ଭ ହୋଇଥିବା ଗଙ୍ଗାଧର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଛି। ବଡ଼ଗାଁ ଅଞ୍ଚଳର ୧୦ଟି ଟିମ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଜୟ ମା' ଦୁର୍ଗା କ୍ରିକେଟ ଟିମ ଓ ଜଙ୍ଘା ବଡଦେଓ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା । ଏଥିରେ ଜଙ୍ଘାବଡଦେଓ କ୍ରିକେଟ କ୍ଲବକୁ ହରାଇ ଜୟ ମା' ଦୁର୍ଗା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବଡ଼ଗାଁ ବିଡିଓ କ୍ଷମାନିଧି ଭୋଇ ମୁଖ୍ୟଅତିଥି ଓ ଇଂ. ଅଜେକ ପ୍ରଦାନ, ଇଂ. ଅମୀୟ ପ୍ରଧାନ, କନିଷ୍ଠ ରାଜସ୍ୱ ସହାୟକ ଜିତେନ୍ଦ୍ର କୁମାର ବେହେରା, ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇଥିଲେ। ବିଡିଓ ଭୋଇ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇ ଖେଳକୁଦକୁ ଆଗେଇ ନେବା ପାଇଁ କହିଥିଲେ। ଇଂ. ପ୍ରଧାନ ଆଗାମୀ ବର୍ଷରେ ଅଞ୍ଚଳର ସମସ୍ତ କ୍ରିକେଟ ଟିମ ମଧ୍ୟରେ ମ୍ୟାଚ କରି ତନ୍ମଧ୍ୟରୁ ଗୋଟିଏ ଶକ୍ତିଶାଳୀ ଟିମ ଗଠନ କରାଯାଇ ସେମାନଙ୍କୁ ରାଉରକେଲାରେ ଖେଳିବାର ସୁଯୋଗ ଦିଆଯିବ ବୋଲି ସୂଚନା ଦେଇଥିଲେ। ଗଣମାଧ୍ୟମ ପ୍ରତିନିଧି ଷଡଙ୍ଗୀ, ଖେଳାଳିମାନେ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଦକ୍ଷତା ମ୍ୟାଚରେ ଦେଖାଇବାକୁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଟିମ୍‌ର ଖେଳାଳି ସଂଘବଦ୍ଧ ହୋଇ ପ୍ରତିବର୍ଷ ବର୍ଷାଋତୁରେ ସୁସ୍ଥ ପରିବେଶ ଗଠନ ପାଇଁ ଅନ୍ତତଃ ୫ଦିନ ବୃକ୍ଷରୋପଣ କରିବାକୁ ଆହ୍ୱାନ ଦେଇଥିଲେ। ଅତିଥିମାନେ ଚାମ୍ପିୟନ ଓ ରନର୍ସ ଟିମକୁ ପୁରସ୍କୃତ କଲାପରେ ଚାରା ପ୍ରସ୍ତୁତ କରିଥିବା ଇଂ. ପ୍ରଧାନ ସମସ୍ତ ଟିମକୁ ଗୋଟିଏ ଲେଖାଏଁ ଜାମୁ ବୃକ୍ଷଚାରାଦେଇ ତାର ଯତ୍ନ ନେବାକୁ ଅନୁରୋଧ କରିଥିଲେ। ଟୁର୍ନାମେଣ୍ଟରେ ପ୍ରଦୀପ ପ୍ରଧାନ, ଅରବିନ୍ଦ ପ୍ରଧାନ, ମଣ୍ଟୁ, ଠଣ, ବସନ୍ତ ଖେଳ ପରିଚାଳନା କରିଥିଲେ। ରାଜୁ ପ୍ରଧାନ, ପ୍ରଦୀପ ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ଶରତ କମାର ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ । ସୂଚନାଯୋଗ୍ୟ ଯେ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ପ୍ରଧାନଙ୍କ ସ୍ମୃତିରେ କ୍ରିକେଟ ଟୁର୍ନାମେଣ୍ଟ ହୋଇଆସୁଛି।



କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀରେ ଅତିଥିଙ୍କ ସହ ଖେଳାଳି।